# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

◆VOLUME- 41 ◆ISSUE-229 ◆BHUBANESWAR ◆TUESDAY ◆13 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୩ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




‘ମ୍ୟୁଜିକାଲ୍’ ହେବ ‘ହୀରାମଣ୍ଡି’

▶ପୃଷ୍ଠା ୧୨ ଦେଖନ୍ତୁ...

# ରାଜ୍ୟ କ୍ୟାବିନେଟରେ ବଡ଼ ନିଷ୍ପତ୍ତି | ୨୬ ପ୍ରସ୍ତାବକୁ ମଞ୍ଜୁରୀ





ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମିଳିବ ନଗଦ ୧୦୦୦ ଟଙ୍କା ସହିତ ୨ଟି ଝୋଟ ବ୍ୟାଗ୍



ଗ୍ରାମାଞ୍ଚଳ ଓ ସହରୀ ବେକାରୀଙ୍କ ପାଇଁ 'ସ୍ୱୟମ୍' ଯୋଜନା | ୧ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ବ୍ୟବସ୍ଥା



ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ ଅନୁମୋଦନ



| | | | | | | |
|---|---|---|---|---|---|---|
| ରାଜଧାନୀର ବିଭିନ୍ନ ଅନୁଷ୍ଠାନକୁ ମାଗଣା ଜମି | ୨୦୨୭-୨୮ ବର୍ଷ ଯାଏ ଜାରି ରହିବ 'ସମ୍ପୂର୍ଣ୍ଣା' ଯୋଜନା | ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ୨୦୨୬-୨୭ ଯାଏ ବୃଦ୍ଧି | ୨୦୨୪-୨୫ ବର୍ଷରେ ଜାରି ରହିବ ଏକାମ୍ର ଓ ସମଲେଇ ପ୍ରକଳ୍ପ କାର୍ଯ୍ୟ | ଓପିଏସ୍‌ସି କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଓ ସେବା ଆଇନ ୨୦୨୪ ପ୍ରଣୟନ | ୮ଟି ସ୍ଥାନରେ ଗ୍ରୀଡ୍ ସବ୍‌ଷ୍ଟେସନ୍ ପାଇଁ ୫୩୮ କୋଟିର ବରାଦ | ବୌଦ୍ଧ ଓ ସୋନପୁରକୁ ଯୋଡ଼ିବ ଦ୍ୱିତୀୟ ମହାନଦୀ ସେତୁ |

ରାଜ୍ୟରେ ଆରମ୍ଭ ହେଲା ଯୁଗାନ୍ତକାରୀ କାର୍ଯ୍ୟକ୍ରମ

## ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବ ‘ସ୍ୱୟମ୍’

■ ଭୁବନେଶ୍ୱର, ୧୨।୨ (ସମିସ): ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବସବାସ କରୁଥିବା ବେକାର ଯୁବକଯୁବତୀଙ୍କୁ ଆତ୍ମନିର୍ଭର ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ନେଇଛନ୍ତି ଯୁଗାନ୍ତକାରୀ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୭୨ତମ ବୈଠକରେ ରାଜ୍ୟର ଯୁବକଯୁବତୀମାନଙ୍କ ପାଇଁ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବର୍ତ୍ତମାନ ଆସିଥିବା ନୂଆ ଜାଗରଣରେ ଓଡ଼ିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଯୁବ ସମାଜକୁ ସାମିଲ କରିବା ପାଇଁ ଆଜି ରାଜ୍ୟ କ୍ୟାବିନେଟ 'ସ୍ୱୟମ୍' ନାମରେ ଏକ ନୂତନ ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନାରେ ଯୁବକଯୁବତୀମାନଙ୍କୁ ସ୍ୱାବଲମ୍ବୀ ହେବା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ବ୍ୟାଙ୍କ ଋଣ ପ୍ରଦାନ କରାଯିବ। ରାଜ୍ୟ ସରକାର ଋଣର ସମସ୍ତ ସୁଧ ଭାର

- ବିନା ସୁଧରେ ମିଳିବ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ
- ରାଜ୍ୟ ସରକାର ଖର୍ଚ୍ଚ କରିବେ ୬୭୨ କୋଟି ଟଙ୍କା
- ରାଜ୍ୟ ସରକାର ବହନ କରିବେ ଋଣର ସମସ୍ତ ସୁଧ ଭାର
- ଋଣ ପାଇଁ ଦେବାକୁ ପଡ଼ିବ ନାହିଁ କୌଣସି ବନ୍ଧକ ବା ଦେୟ
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲାଗସ୍ତ ବେଳେ ଥିଲା ଯୁବବର୍ଗଙ୍କ ପ୍ରସ୍ତାବ



ବହନ କରିବେ। ଏହାଦ୍ୱାରା ରାଜ୍ୟର ବ୍ୟାବସାୟିକ ବାତାବରଣ ଆହୁରି ଉଜ୍ଜ୍ୱଳ ହୋଇପାରିବ। ଏହାସହ ଆଜି କ୍ୟାବିନେଟ୍ ବୈଠକରେ ବିଭିନ୍ନ ବିଭାଗର ମୋଟ ୨୭ଟି ପ୍ରସ୍ତାବ ଆଗତ ହୋଇଥିବା ବେଳେ ୨୬ ପ୍ରସ୍ତାବକୁ ବୈଠକରେ ଅନୁମୋଦନ ମିଳିଛି।

କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି, 'ସ୍ୱୟମ୍'ର ଅର୍ଥ ହେଉଛି 'ସ୍ୱତନ୍ତ୍ର ଯୁବ ଉଦ୍ୟମୀ'। ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର ଯୁବକଯୁବତୀମାନଙ୍କୁ ବ୍ୟବସାୟ କରିବା ପାଇଁ ୧ ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ବିନା ସୁଧରେ ପ୍ରଦାନ କରାଯିବ। ଏହି ଯୋଜନାରେ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ଗ୍ରାମାଞ୍ଚଳର ୧ ଲକ୍ଷ ଯୋଗ୍ୟ ଯୁବକଯୁବତୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାର ନିଜ ▶ପୃଷ୍ଠା-୯

ବରିଷ୍ଠଙ୍କ ଉପରେ ବିଜେଡିର ଆସ୍ଥା; ନୂଆ ପିଢ଼ିକୁ ସୁଯୋଗ

## ଦେବାଶିଷ, ଶୁଭାଶିଷଙ୍କୁ ରାଜ୍ୟସଭା ଟିକଟ

■ ଭୁବନେଶ୍ୱର, ୧୨।୨ (ସମିସ): ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ଦଳର ଦୁଇ ରାଜ୍ୟସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବିଜେଡି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ରାଜ୍ୟସଭା ନିମନ୍ତେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପୁରୀ ଶ୍ରୀମନ୍ଦିର ସେବାୟତ ସମ୍ପ୍ରଦାୟର ଯୁବ ନେତା ତଥା ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନାମ ଦଳ ପକ୍ଷରୁ ଘୋଷଣା କରାଯାଇଛି। ଖୁବ୍ ଶୀଘ୍ର ତୃତୀୟ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।



ଦେବାଶିଷ ସାମନ୍ତରାୟ



ଶୁଭାଶିଷ ଖୁଣ୍ଟିଆ

ଦେବାଶିଷ ସାମନ୍ତରାୟ ଥରେ ତିର୍ତ୍ତୋଲ ଓ ଦୁଇଥର କଟକ ବାରବାଟୀ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଦଳର ଜଣେ ବରିଷ୍ଠ ସଦସ୍ୟ ଭାବରେ ତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଥିବା ସୂଚନା ମିଳିଛି। ସେହିପରି ଶୁଭାଶିଷ ଖୁଣ୍ଟିଆ ଛାତ୍ର ରାଜନୀତି ସହ ସମ୍ପୃକ୍ତ ଓ ପୁରୀ ଆଇନ ମହାବିଦ୍ୟାଳୟ ସଭାପତି ରହିଥିଲେ। ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ପରେ ସେ ସମ୍ପ୍ରତି ଯୁବ ବିଜେଡିର ଉପସଭାପତି ରହିଛନ୍ତି। ପୁରୀ ଜିଲ୍ଲାର ଜୀବନବିନ୍ଦୁ ଓ ଓଡ଼ିଶା ମୋ ପରିବାରର ସଂଯୋଜକ ଭାବରେ ସେ କାର୍ଯ୍ୟ କରିଛନ୍ତି। ଶ୍ରୀମନ୍ଦିର ସେବାୟତ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଶୁଭାଶିଷ ଦଳ ପ୍ରତି ▶ପୃଷ୍ଠା-୯

ପ୍ରତିଶ୍ରୁତି ରକ୍ଷାକଲେ ମୁଖ୍ୟମନ୍ତ୍ରୀ

## ମହିମା ଅଲେଖ, ଗୋଁଣ୍ଡ, ଅଘରିଆ, ମେହେର ସମାଜକୁ ମାଗଣା ଜମି

■ ଭୁବନେଶ୍ୱର, ୧୨।୨ (ସମିସ): ଦୀର୍ଘ ଦିନ ଧରି ଜନସାଧାରଣ ଭୋଗୁଥିବା ବିଭିନ୍ନ ଜମି ଜମା ସମସ୍ୟା ଦୂର ସହିତ ବିଭିନ୍ନ ସମାଜକୁ ପ୍ରଦାନ କରାଯାଇ ଥିବା ଜମି ଉପରୁ ଅର୍ଥ ଛାଡ଼ ପାଇଁ ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମହିମା ଧର୍ମର ପ୍ରଚାର ପ୍ରସାର ଓ ସମାଜର ହିତ ସାଧନ ନିମନ୍ତେ 'ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟ' ପ୍ରତିଷ୍ଠା

- ପ୍ରତିଷ୍ଠା ହେବ ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଭବନ
- ବିଡିଏ ଓ ହାଉସିଂ ବୋର୍ଡ ଜମିର କିସମ ପରିବର୍ତ୍ତନ ଦେୟ ହ୍ରାସ; ମସଜିଦ ଜମିରୁ ଅଧି ମୂଲ୍ୟ ଛାଡ଼

କରାଯିବ। ଏଥିପାଇଁ ଆବଣ୍ଟିତ ୫୦୦ ଡେସିମିଲ୍ ଜମିର ଅଧିମୂଲ୍ୟ ବାବଦକୁ ୩, ୩୦, ୦୦, ୦୦୦ ଟଙ୍କା ଛାଡ଼ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଭୁବନେଶ୍ୱରର ଡୁମୁଡୁମା ମୌଜାରେ ଟ୍ରଷ୍ଟ ପ୍ରତିଷ୍ଠା ପାଇଁ ସରକାର ଲିଜ୍ ସୂତ୍ରରେ ଜମି ଯୋଗାଇ ଦେଇଛନ୍ତି। ଅପରପକ୍ଷେ ଅଘରିଆ ସମାଜର କଲ୍ୟାଣ ଏବଂ ଭୁବନେଶ୍ୱରରେ ସଞ୍ଚାର ଉପଯୋଗିତା ନିମନ୍ତେ ରାଜ୍ୟ ସରକାର ବିନା ମୂଲ୍ୟରେ ୫୦୦ ଡେସିମିଲ ଜମି ▶ପୃଷ୍ଠା-୯

୯୫.୯ ଲକ୍ଷ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଉପହାର

## ପ୍ରତି ପରିବାରକୁ ୧୦୦୦ ଟଙ୍କା, ୨ଟି ଝୋଟ ବ୍ୟାଗ୍

■ ଭୁବନେଶ୍ୱର, ୧୨।୨ (ସମିସ): ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ଆଉ ଏକ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୯୫.୯୦ଲକ୍ଷ ହିତାଧିକାରୀ (ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ)ଙ୍କ ସୁଗମ ଜୀବିକା ନିର୍ବାହ ନିମନ୍ତେ ପ୍ରତ୍ୟେକ ପରିବାର ପାଇଁ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ଓ ହଜାରେ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

- ରାଜ୍ୟ ସରକାର ବହନ କରିବେ ୧୨୩୭.୭କୋଟି
- ପ୍ରକୃତ ଚାଷୀଙ୍କୁ ମିଳିବ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ



ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀ ପରିବାର ଲାଭାନ୍ୱିତ ହେବେ। ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ସାମଗ୍ରୀକୁ ନେବାଆଣିବା, ବଜାରରେ ଦରଦାମ ବୃଦ୍ଧି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ କରିବାରେ ଏହି ଅର୍ଥ ଏବଂ ବ୍ୟାଗ ସହାୟକ ହେବ। ୯୫.୯୦ଲକ୍ଷ ହିତାଧିକାରୀ ପରିବାରଙ୍କ ପାଇଁ ବଣ୍ଟନ ହେବାକୁ ଥିବା ମୋଟ ୧କୋଟି ୯୧ଲକ୍ଷ ୮୧ହଜାର ୫୨ ଝୋଟ ତିଆରି ବ୍ୟାଗର ଖର୍ଚ୍ଚ ବାବଦକୁ ୨୭୮.୬୯କୋଟି ଟଙ୍କା ଓ ହଜାରେ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଖର୍ଚ୍ଚବାବଦକୁ ୯୫୯.୦୫କୋଟି ଟଙ୍କା ଏଭଳି ମୋଟ ୧୨୩୭.୭୪କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରିବେ ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷେ ରାଜ୍ୟରେ ▶ପୃଷ୍ଠା-୯

## ଲୋକକଥା



କେତେ ହୋହାଲା ପରେ ବି ହୋଇଲା
ସରକାର ଆହା ଝୁଲା,
କେଇଦିନ ସତେ ଚାଲିବ କେଜାଣି
ନୱାଜ-ବିଲାୱ ପାଲା ॥
ସେନା ଯେବେ ଆଡ଼ ହେଲା,
ଗଡ଼ଗଡ଼ ହୋଇ ଭାଙ୍ଗିରୁଜି ଯିବ
ଯା'ଙ୍କ ଏ ମହଲ ଭଲା !!

## ଆଉ ୫ ଜିଲ୍ଲାରେ ଗଡ଼ିଲା ‘ଲକ୍ଷ୍ମୀ’

- ୫ ଜିଲ୍ଲାର ୧୩୪୦ ପଞ୍ଚାୟତରେ ୮୩ ଲକ୍ଷ ଲୋକ ଉପକୃତ ହେବେ
- ଫେବୃଆରୀ ସୁଦ୍ଧା ସାରା ରାଜ୍ୟରେ ଗଡ଼ିବ ୧୦୦୦ ଲକ୍ଷ୍ମୀ ବସ୍
- ସିଏମ୍‌ଓଙ୍କ ଜିଲ୍ଲା ଗସ୍ତ ସମୟରେ ଲୋକ ଜଣାଇଥିଲେ ଯୋଗାଯୋଗ ସମସ୍ୟା
- ଏହା ଆପଣମାନଙ୍କ ସମ୍ପତ୍ତି; ଏହାର ଯତ୍ନ ନିଅନ୍ତୁ: ପାଣ୍ଡିଆନ୍
- ମଧୁବାବୁ ପେନ୍‌ସନ୍ ବୃଦ୍ଧି ପାଇଁ ମା'ମାନେ ଅନୁରୋଧ କରିଥିଲେ, ମୁଖ୍ୟମନ୍ତ୍ରୀ ପାଳନ କଲେ

■ ଭୁବନେଶ୍ୱର, ୧୨।୨ (ସମିସ): ମୋ ସରକାର ହେଉଛି ଲୋକଙ୍କ ସରକାର। ଏଠି ଲୋକେ ଯାହା କହନ୍ତି, ସରକାର ତାହା କରନ୍ତି। ଆଜି ଗ୍ରାମାଞ୍ଚଳର ଲୋକଙ୍କୁ ଉତ୍ତମ ପରିବହନ ସେବା ପ୍ରଦାନ କରୁଥିବା ଲକ୍ଷ୍ମୀ ବସ୍ ସେବା ହେଉଛି ଆମ ଜନମତଭିତ୍ତିକ ସରକାରର ସବୁଠାରୁ ବଡ଼ ଉଦାହରଣ। ମଙ୍ଗଳବାର ବଲାଙ୍ଗିର, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଆଜିକୁ ମିଶାଇ ୧୪ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଗଡ଼ିଥିବା ବେଳେ ଆସନ୍ତା ୨୧ ତାରିଖ ସୁଦ୍ଧା ଅବଶିଷ୍ଟ ୧୬ ଜିଲ୍ଲାରେ ଲୋକଙ୍କୁ ଏହି ଆରାମଦାୟକ ଓ ସୁବିଧାଜନକ ବସ୍ ସେବା ମିଳିବ। ଏବେ ୫ଟି ଜିଲ୍ଲାର ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିଛି। ଏହାଦ୍ୱାରା ୮୩ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ। ସାରା ରାଜ୍ୟରେ ୧୦୦୦ରୁ ଅଧିକ ଲକ୍ଷ୍ମୀ ବସ୍ ଚାଲିବ। '୫-ଟି' ଉପକ୍ରମ ଅଧୀନରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ମିଶନ୍ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି।

ମୋ' ସରକାର ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛା ସରକାରଙ୍କ ଯୋଜନାରେ ପ୍ରତିଫଳିତ ହୁଏ: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଆମେ ଯୋଜନା କରୁ। ଲୋକେ ନିଜ ସୁବିଧା ଅସୁବିଧା ସରକାରଙ୍କୁ ଜଣାଉଛନ୍ତି ଆଉ ସେହି ମତ ଆଧାରରେ ହିଁ ଓଡ଼ିଶା ସରକାର ନିଷ୍ପତ୍ତି ଗ୍ରହଣ କରୁଛନ୍ତି। '୫-ଟି' ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜିଲ୍ଲା ଗସ୍ତ ପରେ ଲୋକଙ୍କ ଅସୁବିଧା ଅନୁଭବ କରିଥିଲେ। ଗ୍ରାମାଞ୍ଚଳର ଲୋକେ ଯିବା ଆସିବାରେ କେତେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହା ଲୋକେ ସରକାରଙ୍କୁ ଜଣାଇ ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ଗ୍ରାମାଞ୍ଚଳରେ ଗମନାଗମନର ବହୁ ସମସ୍ୟା ରହିଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଗମନାଗମନ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ କହିଥିଲେ ଯେ ଲକ୍ଷ୍ମୀ ବସ୍ ହେଉଛି ଆପଣମାନଙ୍କ ନିଜ ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର।

ମୁଖ୍ୟମନ୍ତ୍ରୀ କହିଥିଲେ ଲୋକଙ୍କ ମତ ଆଧାରରେ କାର୍ଯ୍ୟକାରୀ ହୋଇଥିବା ଲକ୍ଷ୍ମୀ ବସ୍ ଯୋଜନା ଆମ ଜୀବନକୁ ସହଜ କରିପାରିଛି। ଗାଁର ଅର୍ଥନୀତିକୁ ସୁଦୃଢ଼ କରିବାରେ ଲକ୍ଷ୍ମୀ ▶ପୃଷ୍ଠା-୯

## ସୌମ୍ୟା ବିଶ୍ୱନାଥନ୍‌ଙ୍କ ଦୋଷୀଙ୍କୁ ଜାମିନ

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ସାମ୍ବାଦିକା ସୌମ୍ୟା ବିଶ୍ୱନାଥାନଙ୍କ ୪ ହତ୍ୟାକାରୀଙ୍କୁ ଦିଲ୍ଲୀ ହାଇକୋର୍ଟ ସୋମବାର ଜାମିନ ପ୍ରଦାନ କରିଛନ୍ତି। ଆବେଦନର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଜଷ୍ଟିସ ସୁରେଶ କୁମାର କୈତ ଏବଂ ମନୋଜ ଜୈନଙ୍କ ଖଣ୍ଡପୀଠ ଦୋଷୀ ରବି କପୁର, ଅମିତ ଶୁକ୍ଳ, ବଲଜିତ ସିଂହ ମଲିକ ଏବଂ ଅଜୟ କୁମାରର ଦଣ୍ଡକୁ ନିଲମ୍ବନ କରିଦେଇଛନ୍ତି। ଦୋଷୀ ୧୪ ବର୍ଷ ହେଲା ହେପାଜତରେ ଅଛନ୍ତି ବୋଲି କୋର୍ଟ କହିଛନ୍ତି। ୨୦୦୮ ସେପ୍ଟେମ୍ବର ୨୩ ବଡ଼ି ଭୋରରେ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ସମୟରେ ଦକ୍ଷିଣ ଦିଲ୍ଲୀର ମାଣ୍ଡେଲା ମାର୍ଗରେ ସୌମ୍ୟାଙ୍କୁ ଗୁଳିମାରି ହତ୍ୟା କରାଯାଇଥିଲା। ଗତ ବର୍ଷ ନଭେମ୍ବର ୨୬ରେ ଏକ ସ୍ୱତନ୍ତ୍ର କୋର୍ଟ ମାମଲାର ୪ ଦୋଷୀଙ୍କୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ।

## ଲକ୍ଷେ ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ନିଯୁକ୍ତି ମେଳାରେ ଲକ୍ଷେରୁ ଅଧିକ ଲୋକଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଏମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହା କେନ୍ଦ୍ର ସରକାରଙ୍କ ଦ୍ୱାଦଶ ଏବଂ ଅନ୍ତିମ ନିଯୁକ୍ତି ମେଳା ଥିଲା। ପ୍ରଧାନମନ୍ତ୍ରୀ ଭର୍ଚୁଆଲ ଭାବେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି କହିଥିଲେ ଯେ ଏବେ ଯୁବ ବର୍ଗ କଠୋର ପରିଶ୍ରମ କରି ନିଜ ପାଇଁ ସ୍ଥାନ ସୃଷ୍ଟି କରିପାରିବେ। ୨୦୧୪ରୁ ଯୁବ ବର୍ଗଙ୍କୁ ବିକାଶରେ ସହଯୋଗୀ ବନାଇବାକୁ ପ୍ରୟାସ କରିଆସୁଛୁ। ପୂର୍ବ ସରକାର ତୁଳନାରେ ଏବେ ୧.୫ ପ୍ରତିଶତ ଅଧିକ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଥିଲା। ଏଥିଯୋଗୁଁ ଦୁର୍ନୀତି ହେଉଥିଲା। ଏବେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଅଣାଯାଇଛି।

## ଆଶା ପାରେଖଙ୍କୁ ସ୍ତନ କର୍କଟ

ମୁମ୍ବାଇ, ୧୨।୨ (ଏଜେନ୍ସି): ବର୍ଷୀୟାନ ଅଭିନେତ୍ରୀ ଆଶା ପାରେଖଙ୍କୁ ସ୍ତନ କର୍କଟ ହୋଇଛି। ରବିବାର ତାଙ୍କୁ ମୁମ୍ବାଇର କୋକିଳାବେନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଠାରେ ୮୧ ବର୍ଷୀୟ ଅଭିନେତ୍ରୀଙ୍କ ଅସ୍ତ୍ରୋପଚାର କରାଯାଇଛି। ଏହି ଅସ୍ତ୍ରୋପଚାର ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା ବୋଲି ସୂଚନା ମିଳିଛି। ୬୦-୭୦ ଦଶକର ସୁପ୍ରସିଦ୍ଧ ଅଭିନେତ୍ରୀ ଆଶାଙ୍କୁ ୨୦୨୨ ପାଇଁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲ୍‌କେ'ରେ ସମ୍ମାନିତ କରାଯାଇଥିଲା। ୬୮ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ସେ ୧୯୪୨ ଅକ୍ଟୋବର ୨ରେ ମୁମ୍ବାଇରେ ଜନ୍ମ ହୋଇଥିଲେ। ସେ ଏବେ ଡ୍ୟାନ୍ସ ଏକାଡେମୀ 'କାରା ଭବନ' ଏବଂ ମୁମ୍ବାଇରେ 'ବିସିଜି ହସ୍ପିଟାଲ ଆଣ୍ଡ ଆଶା ପାରେଖ ରିସର୍ଚ୍ଚ ସେଣ୍ଟର' ଚଳାଉଛନ୍ତି। ସେ ୧୦ ବର୍ଷ ବୟସରୁ ଅଭିନୟ ଜଗତରେ ପାଦ ଥାପି ଥିଲେ।



## ଦୁର୍ଘଟଣାରେ ୮ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଦେଶରେ ପୃଥକ ଦୁର୍ଘଟଣା ଘଟି ୮ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ସୋମବାର ସକାଳେ ମଥୁରାର ଯମୁନା ଏକ୍ସପ୍ରେସ-ୱେରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ବସ୍‌କୁ ଧକ୍କା ଦେଇଛି। ଏଥିଯୋଗୁଁ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଛି। ଦୁର୍ଘଟଣାରେ ସ୍ୱିଫ୍ଟ କାର୍‌ରେ ଯାଉଥିବା ୫ ଜଣ ଲୋକଙ୍କ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ନିଆଁ ଦ୍ରୁତଗତିରେ ବ୍ୟାପି ଯିବାରୁ ଲୋକ ଝରକା ବି ଖୋଲି ପାରି ନ ଥିଲେ। ସେହିପରି ବସ୍‌ଟି ବିହାର ଗୟାରୁ ଦିଲ୍ଲୀ ଯାଉଥିଲା। ଏହା ଅଚନାକ ରାସ୍ତା ବଦଳାଇବାରୁ ଦୁର୍ଘଟଣା ଘଟିଥିଲା। ଅନ୍ୟପକ୍ଷରେ ଜମ୍ମୁ-କାଶ୍ମୀର ରାମବନର ତଜନିହାନ ଗ୍ରାମରେ ଥିବା ତିନି ମହଲା କୋଠାରେ ସକାଳେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ନାବାଳିକାଙ୍କ ସମେତ ତିନି ଭଉଣୀଙ୍କ ମୃତ୍ୟୁ ହୋଇଛି। ଅଚାନକ ନିଆଁ ଲାଗିଯିବାରୁ କେହି ଘରୁ ବାହାରି ପାରି ନ ଥିଲେ।

## ବାହାଘର ପାଇଁ ସିସୋଦିଆଙ୍କୁ ଜାମିନ

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ବର୍ଷହେଲା ଜେଲ୍‌ରେ ଥିବା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଆଶ୍ୱସ୍ତି ମିଳିଛି। ସୋମବାର ରାଉଜ ଆଭିନ୍ୟୁ କୋର୍ଟ ତାଙ୍କୁ ତିନି ଦିନ (୧୩ରୁ ୧୫) ପାଇଁ ଜାମିନ ପ୍ରଦାନ କରିଛନ୍ତି। ଝିଆରୀ ବାହାଘର ପାଇଁ ଲକ୍ଷ୍ନୌ ଯିବାକୁ କୋର୍ଟ ତାଙ୍କୁ ଅନୁମତି ଦେଇଛନ୍ତି। ତେବେ ଇଡି ଏହାକୁ ବିରୋଧ କରିଥିଲା। ମାତ୍ର ସ୍ୱତନ୍ତ୍ର ବିଚାରପତି ଏମକେ ନାଗପାଲ ଏହାକୁ ଏଡ଼ାଇ ଦେଇଥିଲେ। ଦୁର୍ନୀତି ମାମଲାରେ ସିବିଆଇ ଗତ ବର୍ଷ ଫେବୃଆରୀ ୨୬ରେ ସିସୋଦିଆଙ୍କୁ ଗିରଫ କରିଥିଲା। ଏହା ପରେ ଇଡି ମଧ୍ୟ ତାଙ୍କୁ ବାନ୍ଧି ଥିଲା।

**ଭାରତର କୂଟନୀତିକ ବିଜୟ**

# ୮ ପୂର୍ବତନ ନୌସେନା ଅଧିକାରୀ ମୁକ୍ତ

ନୂଆଦିଲ୍ଲୀ,୧୨।୨(ଏଜେନ୍ସି)

କାତାରରେ ମୃତ୍ୟୁଦଣ୍ଡ ପାଇଥିବା ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କ ମାମଲାରେ ଭାରତ ବଡ଼ କୂଟନୀତିକ ବିଜୟ ହାସଲ କରିଛି। ଏହି ଅଧିକାରୀମାନଙ୍କ ଉପରୁ ଦଣ୍ଡ ପ୍ରତ୍ୟାହାର କରି ନିଆଯିବା ସହିତ ସେମାନେ ଜେଲରୁ ମୁକୁଳିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ସୋମବାର ସ୍ୱଦେଶ ଫେରି ଆସିଥିବା ବେଳେ ଏହି ସୁସମ୍ବାଦକୁ ନେଇ ବିଭିନ୍ନ ମହଲରେ ଖୁସିବ୍ୟକ୍ତ କରାଯାଇଛି। କାତାରରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଏହି ଅଧିକାରୀଙ୍କ ବିରୋଧରେ ଗୁଇନ୍ଦାଗିରି ଅଭିଯୋଗ ଆସିବା ପରେ ସେମାନଙ୍କୁ ପ୍ରଥମେ ୨୦୨୨ ଅଗଷ୍ଟରେ ଗିରଫ କରାଯାଇ ଜେଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ମାମଲା ବିଚାର କରାଯାଇ ସମସ୍ତ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସହିତ ୨୦୨୩ ଅକ୍ଟୋବରରେ କାତାର କୋର୍ଟ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। କିନ୍ତୁ ସେମାନଙ୍କ ପ୍ରକୃତ ଦୋଷ କ'ଣ ଥିଲା ତାହା କୋର୍ଟ ସ୍ପଷ୍ଟ କରି ନଥିବାରୁ ଭାରତରେ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ କରାଯାଇଥିଲା। ତେବେ ଏହି ପ୍ରସଙ୍ଗକୁ ଭାରତ ଗୁରୁତ୍ୱ ସହ ଗ୍ରହଣ କରିବା ସହିତ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ତୁରନ୍ତ କାତାର ପ୍ରତିପକ୍ଷଙ୍କ ସହ ସମନ୍ୱୟ ରଖାଯାଇ ସମାଧାନର ବାଟ ବାହାର କରିବାକୁ ଉଦ୍ୟମ କରାଯାଇଥିଲା। ବୈଦେଶିକ ମନ୍ତ୍ରାଳୟର ଉଦ୍ୟମ ଯୋଗୁଁ ଜେଲରେ ରହିଥିବା ଏହି ଅଧିକାରୀମାନଙ୍କୁ 'କନସୁଲାର ଆକ୍ସେସ୍'( ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ସହଯୋଗ) ମିଳିଥିଲା। ତେବେ ସେମାନଙ୍କୁ ଜେଲରୁ ମୁକ୍ତ କରିବାକୁ ଭାରତ ସରକାର ସବୁ ସ୍ତରରେ ଉଦ୍ୟମ କରିଥିଲା ବେଳେ ଦୁବାଇରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାତାର ଅମୀର ତମିମ ବିନ୍ ଅହମ୍ମଦ ଅଲ-ତାହନୀଙ୍କୁ ଭେଟିବା ବେଳେ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ ପରେ କାତାର କୋର୍ଟ ଏହି ୮ ଅଧିକାରୀଙ୍କ ମୃତ୍ୟୁଦଣ୍ଡ କୋହଳ କରିବା ସହିତ ସେମାନଙ୍କୁ ୩ ବର୍ଷରୁ ୨୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ କରିଥିଲେ। ଏହାର କିଛି ଦିନ ପରେ ଏବେ ସମସ୍ତ ଅଧିକାରୀଙ୍କୁ ମୁକ୍ତ କରାଯାଇଥିବା ଖବର ଆସିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ କାତାର ଗସ୍ତ ପୂର୍ବରୁ ସେଠାକାର ସରକାରଙ୍କ ଏଭଳି ପଦକ୍ଷେପ ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତାକାଲି ମୋଦୀ ଦୁଇ ଦିନିଆ ୟୁଏଇ ଗସ୍ତରେ ଯାଇ ଆବୁଧାବିରେ ପହଞ୍ଚିବେ। ସେଠାରେ ସେ ବୁଧବାର ଏକ ହିନ୍ଦୁ ମନ୍ଦିର ଉଦଘାଟନ କରିବା ପରେ ସେହି ଦିନ ଦୋହା ଅଭିମୁଖେ ଯାତ୍ରା କରିବେ।

**ମୋଦୀଙ୍କ କାତାର ଗସ୍ତ ପୂର୍ବରୁ ମିଳିଲା ଖୁସି ଖବର**

**କାତାରରୁ ସ୍ୱଦେଶ ଫେରିଲେ ୭ ଅଧିକାରୀ**



**ତେଜସ୍ୱୀଙ୍କ 'ଖେଲା ହବେ' ଚାଲ ବିଫଳ, ବାଜି ମାରିଲେ ନୀତୀଶ**

# ଆସ୍ଥା ଜିତିଲା ବିହାର ଏନ୍‌ଡିଏ ସରକାର



ପାଟନା,୧୨।୨(ଏଜେନ୍ସି)

ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ବିହାରର ଏନଡିଏ ସରକାର ସୋମବାର ଆସ୍ଥା ଭୋଟରେ ବିଜୟୀ ହୋଇଛି। ବିହାର ବିଧାନସଭାରେ ବହୁମତ ସାବ୍ୟସ୍ତ କରିବାକୁ ହୋଇଥିବା ଆସ୍ଥା ଭୋଟ୍‌ରେ ଏନ୍‌ଡିଏ ସପକ୍ଷରେ ୧୨୯ଟି ଭୋଟ୍ ପଡ଼ିଛି। ସେପଟେ ଆରଜେଡି ଏବଂ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳର ନେତାମାନେ ବିଧାନସଭା ଛାଡ଼ି ଚାଲିଯାଇଥିଲେ। ଆସ୍ଥା ଭୋଟ୍ ସମୟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆରଜେଡି ନେତା ତେଜସ୍ୱୀ ଯାଦବ କିଛି ଚାଲ କରି ନୀତୀଶଙ୍କୁ ଶିକ୍ଷା ଦେବାକୁ ଯୋଜନା କରିଥିଲେ। ହେଲେ ସେ ତାଙ୍କ ଯୋଜନାରେ ସଫଳ ହୋଇପାରିନାହାନ୍ତି। ବିଧାନସଭାରେ ବହୁମତ ସାବ୍ୟସ୍ତ କରିବା ପାଇଁ କୌଣସି ଦଳକୁ ୧୨୨ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି। ବିଜେପି ବିଧାୟକଙ୍କ ସଂଖ୍ୟା ୭୮ ଏବଂ ଜେଡିୟୁ ବିଧାୟକଙ୍କ ସଂଖ୍ୟା ୪୫ ରହିଥିବାରୁ ନୀତୀଶ ଅକ୍ଲେଶରେ ଆସ୍ଥା ଭୋଟରେ ବିଜୟୀ ହେବେ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଥିଲେ ହେଁ ଆରଜେଡି କିଛି ଜେଡିୟୁ ବିଧାୟକଙ୍କୁ ନିଜ ପଟକୁ ନେଇଯିବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇପାରି ନଥିଲା। ଘୋଡ଼ା ବେପାରକୁ ଭୟ କରି ଉଭୟ ଦଳ ନିଜ ନିଜର ବିଧାୟକଙ୍କୁ ଅଲଗା ରଖିଥିଲେ। ଆର୍‌ଜେଡି ଓ କଂଗ୍ରେସ ସମେତ ମହାମେଣ୍ଟର ସମସ୍ତ ବିଧାୟକଙ୍କୁ ପାଟନାରେ ତେଜସ୍ୱୀ ଯାଦବଙ୍କ ଘରେ ରଖାଯାଇଥିଲା। ସେପଟେ ବିଜେପି- ଜେଡିୟୁ ବିଧାୟକଙ୍କୁ ମଧ୍ୟ ପୃଥକ ଭାବେ ଏକ ହୋଟେଲରେ ରଖାଯାଇଥିଲା। କିନ୍ତୁ ତେଜସ୍ୱୀଙ୍କୁ ଯୋଜନା ବିଫଳ ହୋଇଛି। ବିହାର ବିଧାନସଭାର ମୋଟ ଆସନ ସଂଖ୍ୟା ୨୪୩ ରହିଥିଲା ବେଳେ ଏନ୍‌ଡିଏ ସମର୍ଥନରେ ୧୨୮ ସଦସ୍ୟଙ୍କ ସମର୍ଥନ ରହିଛି। ସେଥିମଧ୍ୟରୁ ବିଜେପିର ୭୮ , ଜେଡିୟୁର ୪୫ ବିଧାୟକଙ୍କ ବ୍ୟତୀତ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚାର ୪ ବିଧାୟକ ଏବଂ ସ୍ୱାଧୀନ ବିଧାୟକ ସୁମିତ ସିଂହଙ୍କ ସମର୍ଥନ ଏନ୍‌ଡିଏ ପ୍ରତି ରହିଛି। ଅନ୍ୟପଟେ ବିରୋଧୀଙ୍କ ନିକଟରେ ୧୧୪ ବିଧାୟକ ରହିଛନ୍ତି। ଏଥିରେ ଆର୍‌ଜେଡିର ୭୯ ବିଧାୟକଙ୍କ ସମେତ କଂଗ୍ରେସର ୧୯, ସିପିଆଇ(ଏମ୍‌ଏଲ୍)ର ୧୨, ସିପିଆଇ(ଏମ୍) ୨ ଏବଂ ସିପିଆଇର ୨ ବିଧାୟକ ରହିଛନ୍ତି। ଏନଡିଏ ସରକାର ଆସ୍ଥା ଭୋଟରେ ବିଜୟୀ ହେବା ପରେ ବାଚସ୍ପତି ଅବଧ ବିହାରୀ ଚୌଧୁରୀଙ୍କୁ ତାଙ୍କ ପଦବୀରୁ ହଟାଇ ଦିଆଯାଇଛି। ସେ ଆରଜେଡି ସଦସ୍ୟ ଥିଲେ।

**ବାଚସ୍ପତି ପଦରୁ ହଟିଲେ ଅବଧ ଚୌଧୁରୀ**

**କଂଗ୍ରେସକୁ ପୁଣି ଧକ୍କା**

# ଦଳ ଛାଡ଼ିଲେ ଅଶୋକ ଚୌହାନ



ମୁମ୍ବାଇ,୧୨।୨(ଏଜେନ୍ସି)

୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଗୋଟିଏ ପରେ ଗୋଟିଏ ଝଟକା ଲାଗିଚାଲିଛି। ଦୁଇ ତଳେ ଦଳର ବରିଷ୍ଠ ନେତା ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣମଙ୍କୁ ଦଳ ନିଲମ୍ବିତ କରିଥିଲା। ଏହାର କିଛି ଘଣ୍ଟା ପରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ରାଜନେତା ଅଶୋକ ଚୌହାନ ଦଳ ଛାଡିଛନ୍ତି। ସେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସୋମବାର ଘୋଷଣା କରିଛନ୍ତି। ଏହାପୂର୍ବରୁ ମହାରାଷ୍ଟ୍ର ସରକାରରେ ସାମିଲ ଥିବା ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକୀ କଂଗ୍ରେସ ସହ ୪୮ ବର୍ଷର ସମ୍ପର୍କକୁ ଛିନ୍ନ କରି ଦଳରୁ ଅଲଗା ହୋଇଥିଲେ। ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ରରେ କଂଗ୍ରେସ ନିଜର ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଦଳରୁ ଗୋଟିଏ ପରେ ଗୋଟିଏ ନେତା ହାତ ଛାଡିବା କଂଗ୍ରେସ ପାଇଁ ବଡ଼ ଝଟକା ହୋଇଛି। ଅଶୋକ କଂଗ୍ରେସ ଛାଡିଥିଲା ବେଳେ ସେ ଖୁବ ଶୀଘ୍ର ଅନ୍ୟ ତିନି ବିଧାୟକଙ୍କ ସହ ବିଜେପିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ବିଜେପି ଆଶୋକଙ୍କୁ ରାଜ୍ୟସଭା ପଠାଇପାରେ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଅଶୋକ ଚୌହାନ ୨୦୦୮ ରୁ ୨୦୧୦ ଯାଏ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ବାପା ଏସ ବି ଚୌହାନ ମଧ୍ୟ କେନ୍ଦ୍ରରେ ମନ୍ତ୍ରୀ ଥିଲେ । ଆଦର୍ଶ କୋ-ଅପୋରେଟିଭ୍ ହାଉସିଂ ସୋସାଇଟି ଘୋଟାଲା ପରେ ଅଶୋକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

**ତିନି ବିଧାୟକଙ୍କ ସହ ବିଜେପିରେ ସାମିଲ ହେବାକୁ ନେଇ ଚର୍ଚ୍ଚା**



**ଏନ୍‌ଡିଏରେ ସାମିଲ ହେବା ନେଇ ଜୟନ୍ତଙ୍କ ଘୋଷଣା**

ରାଷ୍ଟ୍ରୀୟ ଲୋକ ଦଳ (ଆରଏଲଡି) ପ୍ରମୁଖ ଜୟନ୍ତ ଚୌଧୁରୀ ସୋମବାର ଏନଡିଏରେ ସାମିଲ ହେବା ନେଇ ଘୋଷଣା କରିଛନ୍ତି। ସେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ସହ ସମ୍ପର୍କ ଛିନ୍ନ କରି ଏନଡିଏରେ ସାମିଲ ହେବାକୁ ଯାଉଛନ୍ତି ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା। ହେଲେ ଜୟନ୍ତ ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହି ବିଷୟ ସ୍ପଷ୍ଟ କରିଛନ୍ତି। ସେ ଦଳର ସମସ୍ତ ବିଧାୟକମାନଙ୍କ ସହ ଆଲୋଚନା କରିବା ପରେ ଏନଡିଏରେ ସାମିଲ ହେବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିବା କହିଛନ୍ତି। ଜୟନ୍ତଙ୍କ ଏହି ନିଷ୍ପତ୍ତି ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ପାଇଁ ଝଟକା ହୋଇପାରେ ବୋଲି କୁହାଯାଉଛି। କାରଣ ଏହି ତିନି ଦଳ ମେଣ୍ଟ କରି ବିଜେପି ବିରୋଧରେ ଲଢେଇ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା।

## ଜଣେ ଶିକ୍ଷକରେ ଚାଲିଛି ଗୁଜରାଟର ୧୬୦୬ ବିଦ୍ୟାଳୟ

ଗାନ୍ଧୀନଗର, ୧୨।୨ (ଏଜେନ୍ସି): ଗୁଜରାଟରୁ ପ୍ରାଥମିକ ଶିକ୍ଷାର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଏଥିରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ଯେଉଁ ବଡ଼ ବଡ଼ ଦାବି କରାଯାଉଥିଲା ତାହା ଧୂଆଁ ବାଣ ସାବ୍ୟସ୍ତ ହୋଇଛି। ବିଦ୍ୟାଳୟରେ ଘୋର ଶିକ୍ଷକ ସଙ୍କଟ ସୃଷ୍ଟି ହୋଇଛି। ୧,୬୦୬ ପ୍ରାଥମିକ ବିଦ୍ୟାଳୟ ଜଣିଏ ମାତ୍ର ଶିକ୍ଷକରେ ଚାଲିଛି। ଏହା ଗତ ୨ ବର୍ଷରେ ଦୁଇ ଗୁଣା ହୋଇଛି। ଖୋଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ସୋମବାର ଏହି ସୂଚନା ଦିଆଯାଇଛି। ଏଥିରୁ ସରକାରୀ ବିଦ୍ୟାଳୟରେ କେମିତି ପାଠପଢ଼ା ଯାଉଛି ତାହା ଜଣାପଡୁଛି। ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ରାଜ୍ୟ ସରକାର କେତେ ସମ୍ବେଦନଶୀଳ ତାହା ପ୍ରମାଣିତ ହେଉଛି। ସୋମବାର ପ୍ରଶ୍ନକାଳ ସମୟରେ କଂଗ୍ରେସ ବିଧାୟକ ଶୈଳେଶ ପରମାର ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଘେରିଥିଲେ। ସେ କହିଥିଲେ ଯେ ଗୁଜରାଟରେ ଶିକ୍ଷକ ସଙ୍କଟ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ୨୦୨୨ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୭୦୦ ପ୍ରାଥମିକ ବିଦ୍ୟାଳୟରେ ଜଣିଏ ମାତ୍ର ଶିକ୍ଷକ ଥିଲେ। ଏବେ ଏହା ୧,୬୦୬କୁ ବୃଦ୍ଧି ପାଇଛି। ଏବେ ରାଜ୍ୟରେ ୧୯ ହଜାର ଶିକ୍ଷକ ପଦବୀ ଖାଲି ରହିଛି। ରାଜ୍ୟ ସରକାର କ'ଣ କରୁଛନ୍ତି? .

**ମହାଆନ୍ଦୋଳନ ମୁହାଁ ଚାଷୀ**

# ସମାଗମ ପୂର୍ବରୁ ଲାଗିଲା ରୋକ୍; ଦିଲ୍ଲୀ ସୀମାରେ ହାଇଆଲର୍ଟ

ନୂଆଦିଲ୍ଲୀ,୧୨।୨(ଏଜେନ୍ସି)

ଏମଏସପି ଗ୍ୟାରେଣ୍ଟି ସହିତ ଅନ୍ୟାନ୍ୟ ୧୨ ଦଫା ଦାବିକୁ ନେଇ ଦିଲ୍ଲୀରେ ବିକ୍ଷୋଭ କରିବାକୁ ହଜାର ହଜାର ଚାଷୀ ଦିଲ୍ଲୀ ସୀମାରେ ପହଞ୍ଚିବାରେ ଲାଗିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ନେତୃତ୍ୱରେ ପଞ୍ଜାବ, ଉତ୍ତରପ୍ରଦେଶ, ହରିୟାଣା ଏବଂ ରାଜସ୍ଥାନ ଆଦି ରାଜ୍ୟର ପ୍ରାୟ ୨୦୦ରୁ ଅଧିକ ଚାଷୀ ସଂଘ ପକ୍ଷରୁ ଦିଲ୍ଲୀ ଚଲୋ ଡକରା ଦିଆଯାଇଥିଲା ବେଳେ ବିଭିନ୍ନ ସ୍ଥାନରୁ ଚାଷୀଙ୍କ ସୁଅ ଛୁଟିଛି। କିନ୍ତୁ ପୂର୍ବ ଚାଷୀ ଆନ୍ଦୋଳନ ସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ଦିଲ୍ଲୀ ଭିତରକୁ ଚାଷୀମାନଙ୍କୁ ପ୍ରବେଶ ନ କରାଇ ଦେବା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇ ସିଂଘୁ, ଟିକିରି ଏବଂ ଗାଜିପୁର ସୀମାରେ ବ୍ୟାରକେଡ୍ ଲଗାଯାଇଛି। ସହର ମଧ୍ୟକୁ କୌଣସି ଟ୍ରାକ୍ଟର କିମ୍ବା ଚାଷୀଙ୍କୁ ନେଇ ଯାଉଥିବା ଗାଡିକୁ ନଛାଡିବାକୁ ବ୍ୟବସ୍ଥା କରାଯାଇଛି। ସେହିପରି ସହର ମଧ୍ୟକୁ ସୋଡା ବୋତଲ, ଆତଶବାଜୀ କିମ୍ବା କୌଣସି ଦହନଶୀଳ ସାମଗ୍ରୀ ନଛାଡିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଦିଲ୍ଲୀରେ ଚାଷୀ ଆନ୍ଦୋଳନ ବେଳେ ଆତଙ୍କବାଦ କାର୍ଯ୍ୟକୁ ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଇଛି। ଦିଲ୍ଲୀ ସୀମାରେ ସେନା ମୁତୟନ କରାଯିବା ସହିତ ସମସ୍ତ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ଦିଲ୍ଲୀରେ ଏକାଧିକ ଲୋକଙ୍କ ସମାଗମ ଉପରେ ରୋକ୍ ଲଗାଯିବା ସହିତ କେତେକ ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ଅନ୍ୟପକ୍ଷରେ ଚାଷୀଙ୍କ ଦାବିକୁ ନେଇ ସଂଘ କର୍ମକର୍ତ୍ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ, ନିତ୍ୟାନନ୍ଦ ରାୟ ଏବଂ ଅର୍ଜୁନ ମୁଣ୍ଡା ଆଲୋଚନା କରିଥିବା ଜଣାପଡ଼ିଛି।

**ଏନସିଆରରେ ସେନା ଛାଉଣୀ**



## ସରକାର ଗଠନ ପାଇଁ ନୱାଜ-ବିଲାୱଲ ମେଣ୍ଟ ତତ୍ପର

ଇସଲାମାବାଦ,୧୨।୨(ଏଜେନ୍ସି): ପାକିସ୍ତାନରେ ସରକାର ଗଠନ କରିବାକୁ ନୱାଜ୍ ସରିଫଙ୍କ ପିଏମଏଲ-ଏନ ଏବଂ ବିଲାୱଲ ଭୁଟ୍ଟୋଙ୍କ ପିପିପି ଦଳ ତତ୍ପର ହୋଇପଡ଼ିଛି। ଏହି ଦୁଇ ଦଳ ସହ ଅନ୍ୟ କିଛି ଦଳୀୟ ସମର୍ଥନକୁ ନେଇ ସରକାର ଗଠନ ଲାଗି ସୋମବାର କଥାବାର୍ତ୍ତା ଆରମ୍ଭ ହୋଇଛି। ନୱାଜ୍ ଏବଂ ବିଲାୱଲ ଭୁଟ୍ଟୋଙ୍କ ନେତୃତ୍ୱରେ ସରକାର ଗଠନ କରିବାକୁ ପାକିସ୍ତାନ ସେନା ଏକପ୍ରକାର ସବୁଜ ସଙ୍କେତ ଦେଇଥିବାରୁ ପାକିସ୍ତାନରେ ମେଣ୍ଟ ସରକାର ପ୍ରତିଷ୍ଠା ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଇମ୍ରାନ ଖାନଙ୍କ ଦଳ ପିଟିଆଇ ସମର୍ଥନରେ ବିଜୟୀ ହୋଇଥିବା ସର୍ବାଧିକ ପ୍ରାର୍ଥୀ ସରକାର ଗଠନ କରିବା ଲାଗି ଦାବି କରିଥିଲେ। କିନ୍ତୁ ଇମ୍ରାନଙ୍କ ପ୍ରତି ସେନାର ସମର୍ଥନ ନଥିବାରୁ ଏହା ସମ୍ଭବ ହୋଇପାରି ନଥିବା କୁହାଯାଇଛି। ତେବେ ପିଟିଆଇ ବିପକ୍ଷ ଆସନରେ ବସିବାକୁ ସହମତ ହୋଇଥିବା ଜଣାପଡ଼ିଛି। ପିଟିଆଇ ଅଧ୍ୟକ୍ଷ ଗୋହର ଅଲ୍ଲୀ ଖାନ କହିଛନ୍ତି ଯେ, ଆମେ ବିପକ୍ଷରେ ବସିବୁ ସିନା, ଏହି ମେଣ୍ଟ ସରକାରକୁ ସମର୍ଥନ କରିବୁ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନ ଜାତୀୟ ଆସେମ୍ବ୍ଲି ପାଇଁ ୨୬୫ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ କୌଣସି ଦଳ ମ୍ୟାଜିକ୍ ନମ୍ବର ହାସଲ କରିବାକୁ ସକ୍ଷମ ହୋଇନାହାନ୍ତି।

**ବିପକ୍ଷ ଆସନରେ ବସିବ ପିଟିଆଇ**

## ଫାରୁକ୍ ଅବଦୁଲ୍ଲାଙ୍କୁ ଇଡି ସମନ

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଜମ୍ମୁ-କାଶ୍ମୀର କ୍ରିକେଟ ଆସୋସିଏସନ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କୁ ନୂଆ ସମନ ଜାରି କରିଛି। ତାଙ୍କୁ ଜେରା ପାଇଁ ଶ୍ରୀନଗର ସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳବାର ହାଜର ହେବାକୁ କୁହାଯାଇଛି। ତେବେ ଫାରୁକ ଏକ ବିବୃତ୍ତି ଜାରି କରି ହାଜର ହୋଇପାରିବେନି ବୋଲି କହିଛନ୍ତି। କାରଣ ଏବେ ସେ ଜମ୍ମୁରେ ଅଛନ୍ତି। ଶ୍ରୀନଗର ପହଞ୍ଚିବା ପରେ ଇଡି କାର୍ଯ୍ୟାଳୟକୁ ଯିବେ।

## ଆମେରିକା ପ୍ରତିରକ୍ଷାମନ୍ତ୍ରୀ ଗୁରୁତର

ୱାଶିଂଟନ, ୧୨।୨ (ଏଜେନ୍ସି): ଆମେରିକା ପ୍ରତିରକ୍ଷାମନ୍ତ୍ରୀ ଲୟେଡ ଅଷ୍ଟିନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯାଇଛି। ତାଙ୍କୁ ସୋମବାର ସକାଳେ ୱାଲ୍ଟର ରିଡ୍ ମିଲିଟାରୀ ହସ୍ପିଟାଲର କ୍ରିଟିକାଲ କେୟାର ୟୁନିଟ (ସିସିୟୁ)ରେ ଭର୍ତ୍ତି କରାଯାଇଛି। ୟୁରିନାରୀ ବ୍ଲାଡର ସଂକ୍ରମିତ ହୋଇଥିବା କୁହାଯାଉଛି। ଗତ ବର୍ଷ ଡିସେମ୍ବରରେ ତାଙ୍କର ସ୍ତନ କର୍କଟ ଅସ୍ତ୍ରୋପଚାର ହୋଇଥିଲା। ଏହା ପରେ ସେ ବିନା ଅନୁମତିରେ ଅନେକ ଦିନ ପର୍ଯ୍ୟନ୍ତ ଛୁଟିରେ ରହିଥିଲେ। ଏହାକୁ ନେଇ ଅଷ୍ଟିନ ଲିଖିତ ଭାବେ ସଂସଦଙ୍କୁ କ୍ଷମା ମାଗିଥିଲେ ।

## ଉପ-ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ଅସାମ୍ବିଧାନିକ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ରାଜ୍ୟମାନଙ୍କରେ ଏକାଧିକ ଉପ-ମୁଖ୍ୟମନ୍ତ୍ରୀ ନିଯୁକ୍ତି ଅସାମ୍ବିଧାନିକ ନୁହେଁ। ଏହା କେବଳ ଏକ ପଦବୀ। ବରିଷ୍ଠ ନେତାଙ୍କୁ ଏହି ପଦବୀ ଦିଆଯାଇଥାଏ। ଏଥିରେ ନିଯୁକ୍ତ ବ୍ୟକ୍ତିଙ୍କୁ କୌଣସି ଅତିରିକ୍ତ ଲାଭ ମିଳି ନ ଥାଏ। ପବ୍ଲିକ ପଲିଟିକାଲ ପାର୍ଟି ପକ୍ଷରୁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି କରି ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଏହା ସହିତ କୋର୍ଟ ଏକାଧିକ ମୁଖ୍ୟମନ୍ତ୍ରୀ ନିଯୁକ୍ତି ବିରୋଧରେ ଦାଏର ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ମେଣ୍ଟର କିମ୍ବା ଅନ୍ୟ ବରିଷ୍ଠ ନେତାଙ୍କୁ ଅଧିକ ମହତ୍ତ୍ୱ ଦେବା ପାଇଁ ସରକାର ଏହି ପ୍ରକ୍ରିୟା ଆପଣାଇଥାନ୍ତି। ଏହାକୁ କଦାପି ସମ୍ବିଧାନ ବିରୋଧୀ କୁହାଯାଇପାରିବ ନାହିଁ। ଉପ-ମୁଖ୍ୟମନ୍ତ୍ରୀ ସରକାରର ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ହୋଇଥାନ୍ତି।

## ବିଧାନସଭା ଛାଡ଼ି ଚାଲିଗଲେ ତାମିଲନାଡୁ ରାଜ୍ୟପାଳ

ଚେନ୍ନଇ,୧୨।୨ (ଏଜେନ୍ସି): ତାମିଲନାଡୁ ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ ଥିବା ବିବାଦ ପୁଣି ସାମ୍ନାକୁ ଆସିଛି। ବିଧାନସଭା ଅଧିବେଶନର ପ୍ରଥମ ଦିନରେ ହଙ୍ଗାମା ହୋଇଛି। ରାଜ୍ୟପାଳ ଆରଏନ୍ ରବି ଅଭିଭାଷଣ ନ ପଢ଼ି ୨ ମିନିଟ୍ ମଧ୍ୟରେ ଗୃହ ଛାଡ଼ି ଚାଲି ଯାଇଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ଏପରି ହୋଇଛି। ଏହା ପୂର୍ବରୁ ସେ ଏକ ମିନିଟରେ ଅଭିଭାଷଣ ରଖିଥିଲେ। ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ପାଇଁ ସେ କରିଥିବା ଅନୁରୋଧକୁ ଅଣଦେଖା କରାଯାଉଥିବା କହିଥିଲେ। ଏହି ସମ୍ବୋଧନରେ ଥିବା ଅନେକ ବିଷୟ ସତ୍ୟ ନୁହେଁ। ସେ ନୈତିକ ଭାବେ ଏହା ସହ ସହମତ ନୁହଁନ୍ତି। ଏହା ସତ୍ତ୍ୱେ ଅଭିଭାଷଣ ପଢ଼ିଲେ ସମ୍ବିଧାନର ଉପହାସ ହେବ। ତେଣୁ ସେ ଗୃହ ଛାଡ଼ି ପଳାଇ ଥିଲେ। ଏହା ପରେ ବାଚସ୍ପତି ଅପ୍ପାଭୁ ଅଭିଭାଷଣ ପଢ଼ି ଥିଲେ। ଏହି ଘଟଣାକୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-229 ♦BHUBANESWAR ♦TUESDAY ♦13 FEBRUARY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୨୯ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




ତୃତୀୟ ଟେଷ୍ଟରୁ ରାହୁଲ ବାଦ୍

▶ କ୍ରୀଡ଼ା ପୃଷ୍ଠା ଦେଖନ୍ତୁ...

### ଚତୁର୍ଥ ପର୍ଯ୍ୟାୟର ଶେଷ ଦିନରେ ୮୭ ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ

# ରାଜ୍ୟର ୮୬୮୧ ବିଦ୍ୟାଳୟ ରୂପାନ୍ତରଣ ଶେଷ

**ଭୁବନେଶ୍ୱର,୧୨।୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟରେ ଉନ୍ନତ ଶିକ୍ଷାଦାନ ସହ ଉପଯୁକ୍ତ ଶୈକ୍ଷିକ ବାତାବରଣ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଜାରି ରଖିଛନ୍ତି। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଜିଲ୍ଲାର ୮୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କରିଛନ୍ତି। ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ସ୍କୁଲ

**■ ବିଦ୍ୟାଳୟ ପରିବେଶ ଓ ଶୈକ୍ଷିକ ଭିତ୍ତିଭୂମି ପରିବର୍ତ୍ତିତ ହୋଇଛି: ଛାତ୍ରଛାତ୍ରୀ**

ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଥିବାବେଳେ ସୋମବାର ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୮୧ଟି ସ୍କୁଲ ରୂପାନ୍ତରିତ ହୋଇଛି।

ଚତୁର୍ଥ ପର୍ଯ୍ୟାୟର ଅନ୍ତିମ ଦିନରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସମସ୍ତ ସୁଯୋଗ ରହିଛି। ଓଡ଼ିଶାରେ ଏବେ ରୂପାନ୍ତରଣ ଯୁଗ ଚାଲିଛି। ଶିକ୍ଷା ହିଁ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍‌ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ ଓ ଗାଁ ପରି ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ସମସ୍ତ ରୂପାନ୍ତରଣ କାର୍ଯ୍ୟ ମଧ୍ୟରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ତେଣୁ







ପିଲାମାନେ ନିଜ ଜୀବନରେ '୫-ଟି'ର ପ୍ରୟୋଗ କରି ସଫଳ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ଉପକ୍ରମରେ ହୋଇଥିବା ରୂପାନ୍ତରଣ କାର୍ଯ୍ୟରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରୀର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ। ସେହିପରି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ଏହିସବୁର ସଫଳ ଉପଯୋଗ ଫଳରେ ବିଦ୍ୟାଳୟଗୁଡ଼ିକରେ ରୂପାନ୍ତର ଆସିଛି। ଯାହାକୁ ଏବେ ଦେଖୁଛ ଓ ଅନୁଭବ କରୁଛ। ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଂଜିନିଅରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି। ଏବେ ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି।

**ଶିକ୍ଷାରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ପିଲାଙ୍କୁ ଯୁଗୋପଯୋଗୀ କରିଛି: ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ କ୍ରୀଡ଼ା କ୍ଷେତ୍ରରେ ଟିମ୍ ୱାର୍କର ବିଶେଷ ଭୂମିକା ରହିଛି। ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କର। ସମୟ ହେଉଛି ତୁମ ମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ। ସମୟକୁ ନଷ୍ଟ ନ କରି ତାର ଉପଯୋଗ କର। ଏହି ଚାରୋଟି ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରି ରୂପାନ୍ତର ଆସିବ ବୋଲି ସେ କହିଛନ୍ତି। ଏହାସହ ସମସ୍ତ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଯୋଗୁ ଯାଜପୁରର କୋଣ ଅନୁକୋଣରେ ରହୁଥିବା ସାଧାରଣ ଲୋକେ ତାଙ୍କ ପିଲାଙ୍କ ଭଲ ପାଠପଢ଼ିବା ଚିନ୍ତାରୁ ମୁକ୍ତ ହୋଇଛନ୍ତି। ସାଧାରଣ ଗରିବ ପିଲା ଆଜି ଭଲ ପାଠ ପଢ଼ିବା ପାଇଁ ଆଉ ସହରକୁ ଯିବାକୁ ପଡ଼ିବ ନାହିଁ। ଘର ପାଖରେ ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ୫-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତର ଆସିଛି ବୋଲି ସେ କହିଛନ୍ତି। ସେହିପରି ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ବିଜ୍ଞାନ, ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ପିଲାଙ୍କୁ ମାଗଣାରେ ବହି, ମଧ୍ୟାହ୍ନ ଭୋଜନ ଓ ପୋଷାକ ଦିଆଯାଉଛି ଯାହା ଅନ୍ୟ ରାଜ୍ୟରେ ପ୍ରାୟତଃ ଦେଖାଯାଉ ନାହିଁ। କେବଳ ପିଲାମାନଙ୍କ ପ୍ରତି ନୁହେଁ, ସମାଜର ସବୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେଇ ଜଣେ ଅନୁଭବୀ ଓ ଦରଦୀ ମଣିଷ ଭାବେ ମୁଖ୍ୟମନ୍ତ୍ରୀଙ୍କ ନାଁ ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଏହାସହ ଉତ୍ତମ ଶିକ୍ଷାଦାନ ଦେଇ ଭଲ ମଣିଷ ତିଆରି କରିବାକୁ ଶିକ୍ଷକମାନଙ୍କୁ ମନ୍ତ୍ରୀଦ୍ୱୟ ପରାମର୍ଶ ଦେଇଛନ୍ତି। ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ଯାଜପୁର ଜିଲ୍ଲାର ଦଶମ ଶ୍ରେଣୀ ଛାତ୍ରୀ ସାଇକ୍ରିଷ୍ଟା ପଣ୍ଡା ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି, ରୂପାନ୍ତରଣ ଯୋଗୁଁ ଆଜି ଆମ ବିଦ୍ୟାଳୟର ପରିବେଶ ଓ ଶିକ୍ଷା ଭିତ୍ତିଭୂମି ପୂର୍ବାପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ ପରିଲକ୍ଷିତ ହେଉଛି। ଏହାକୁ ପ୍ରତ୍ୟକ୍ଷ ଭାବେ ନ ଦେଖିଲେ କେହି ବିଶ୍ୱାସ କରିହେବ ନାହିଁ। ସ୍କୁଲର ନୂଆ ପରିବେଶରେ ଆମକୁ ପାଠ ପଢ଼ିବା ପାଇଁ ବହୁତ ଭଲ ଲାଗୁଛି ଏବଂ ଭବିଷ୍ୟତରେ ଜଣେ ଡାକ୍ତର ହେବେ ବୋଲି କହି ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍ ଧନ୍ୟବାଦ ଅର୍ପଣ କରିଥିବାବେଳେ ବହୁ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସ୍କୁଲ ରୂପାନ୍ତରଣ ଏକ ଆନ୍ଦୋଳନରେ ପରିଣତ ହୋଇଛି: ପାଣ୍ଡିଆନ

**■ ପିଲାଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ସାହସ ଦେଇଛନ୍ତି ମୁଖ୍ୟମନ୍ତ୍ରୀ**
**■ ଶେଷ ହୋଇଛି ୩୦ ଜିଲ୍ଲାର '୫-ଟି' ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ**



କାର୍ଯ୍ୟକ୍ରମରେ ଯୋଗ ଦେଇ '୫-ଟି' ତଥା 'ନବୀନ ଓଡ଼ିଶା ଅଧ୍ୟକ୍ଷ' କାର୍ତ୍ତିକ ପାଣ୍ଡିଆନ ବିଦ୍ୟାଳୟ ରୂପାନ୍ତରଣର ଆଭିମୁଖ୍ୟ ଓ ରୂପାନ୍ତରଣ ପରବର୍ତ୍ତୀ ସମୟର ଅନୁଭବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ '୫-ଟି' ରୂପାନ୍ତରଣ କାର୍ଯ୍ୟ ସରକାରୀ ସ୍କୁଲର ଗୁରୁତ୍ୱ ବୃଦ୍ଧି କରିଛି। ଆଜି ଯାଜପୁରର ୮୭ଟି ବିଦ୍ୟାଳୟ ସହିତ ରାଜ୍ୟର ୩୦ଟି ଜିଲ୍ଲାରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଶେଷ ହୋଇଛି। ୨୦୨୧ ଫେବୃଆରୀ ମାସରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା କେବଳ ଏକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରହି ଏକ ଆନ୍ଦୋଳନରେ ପରିଣତ ହୋଇଥିଲା। ସମସ୍ତଙ୍କ ସହଯୋଗରେ ରାଜ୍ୟର ୮୬୮୧ଟି ସ୍କୁଲ ରୂପାନ୍ତରଣ ହୋଇଛି। ଏଗୁଡ଼ିକ ଆପଣମାନଙ୍କ ସମ୍ପତ୍ତି। ଏହାକୁ ନିଜର ଭାବି ରକ୍ଷଣାବେକ୍ଷଣ ଆପଣମାନେ କରିବେ। ପିଲାମାନଙ୍କୁ ଏହି ରୂପାନ୍ତରିତ ସ୍କୁଲରେ ଭଲ ପାଠ ପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି। ୫-ଟି ସ୍କୁଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ବଡ ବଡ ସ୍ୱପ୍ନ ଦେଖିବା ପାଇଁ ସାହାସ ଦେଇଛନ୍ତି। ଏଥିପାଇଁ ସୁଯୋଗ ସୃଷ୍ଟି କରିଛନ୍ତି।

## ଶିକ୍ଷା ଓ ସ୍ୱାସ୍ଥ୍ୟ ରୂପାନ୍ତରଣ 'ନୂଆ ଓଡ଼ିଶା'ର ଦୁଇ ଗୁରୁତ୍ୱପୂର୍ଣ୍ଣ ଦିଗ: ପ୍ରଣବ ପ୍ରକାଶ



ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ରୂପାନ୍ତରଣ ହେଉଛି, ନୂଆ ଓଡ଼ିଶା ଗଠନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ। ୫-ଟି ର ଉପଯୋଗରେ ଏହି ଦୁଇଟି ଯାକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସି ଆଜି ଓଡ଼ିଶା ଏକ ଉଦାହରଣୀୟ ସ୍ଥାନରେ ପହଞ୍ଚିଛି ବୋଲି କହିଛନ୍ତି ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ। କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କର ଏହି ଯୁଗାନ୍ତକାରୀ ପଦକ୍ଷପ ଯୋଗୁଁ ଆଜି ସବୁ ସ୍କୁଲର ରୂପାନ୍ତରଣ ହୋଇଛି। ସରକାରୀ ସ୍କୁଲରେ ଘରୋଇ ସ୍କୁଲର ବାତାବରଣ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କର ଏହି ପ୍ରଚେଷ୍ଟା ରାଜ୍ୟର ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ନିଶ୍ଚୟ ସଶକ୍ତ କରିବ ବୋଲି ସେ କହିଛନ୍ତି।


DSPL-645

ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା

୧ମ ପର୍ଯ୍ୟାୟ

ରାଜ୍ୟସ୍ତରୀୟ
ପୁରସ୍କାର ବିତରଣ ଉତ୍ସବ

୫-ଟି କାର୍ଯ୍ୟକ୍ରମ ଅଧୀନରେ
ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୩ ଫେବୃଆରୀ ୨୦୨୪ ॥ ସନ୍ଧ୍ୟା ୫ଟା ୪୫
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ



ଗଢ଼ିବା ନୂଆ ଓଡ଼ିଶା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

OIPR-10001/13/0177/2324

**ନୂଆ ସମ୍ଭାବନା**

# ଗଡ଼ିଲା ଲକ୍ଷ୍ମୀବସ୍; ଗାଁରୁ ସହରକୁ ସଂଯୋଗ

**ବଲାଙ୍ଗିର, ୧୨ା୨(ସମିସ)**

ଗତିଶୀଳ ଓଡ଼ିଶା-ନବୀନ ଓଡ଼ିଶା ମନ୍ତ୍ର ନେଇ ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଛି 'ଲକ୍ଷ୍ମୀ' ବସ ସେବା। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେବାକୁ ଆଭାସି ଜରିଆରେ ଉଦଘାଟନ କରିଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୩୦ଟି ବସ ରାସ୍ତାରେ ଗଡ଼ିବା ଆରମ୍ଭ କରିଛି। ଏହି ବସ ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରିବ। ମହିଳା, ଚାକିରିଆ, ଛାତ୍ରଛାତ୍ରୀ, ଚାଷୀ, ସାଧାରଣ ଲୋକଙ୍କ ପାଇଁ ଅନେକ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବଲାଙ୍ଗିର ପଥରଚେପାଠାରେ ସୋମବାର ଲକ୍ଷ୍ମୀ ବସସେବା ଆରମ୍ଭ ହୋଇଛି। ଏକ ସ୍ୱତନ୍ତ୍ର ଭରଚୁଆଲ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ସେହିପରି ବଲାଙ୍ଗିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ, ରାଜ୍ୟ ଉପମୁଖ୍ୟ ସଚେତକ ସରୋଜ ମେହେର, ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ସଫଳ ଯୋଜନା ଭଳି ଲକ୍ଷ୍ମୀ ବସ ଯୋଜନା ମଧ୍ୟ ଲୋକଙ୍କ ଗମନାଗମନ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାଦ୍ୱାରା ସବୁବର୍ଗର ଲୋକେ ଉପକୃତ ହୋଇପାରିବେ। ସେଥିପାଇଁ ଉପମୁଖ୍ୟ ସଚେତକ ଶ୍ରୀ ମେହେର ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଶ୍ରୀ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ। ସେହିପରି ବିରୋଧୀଙ୍କୁ ରାଜ୍ୟ ସରକାରଙ୍କ ବିକାଶ ଦିଶୁ ନଥିବା ବେଳେ ସେମାନେ କଳା ଚଷମା କାଢ଼ି ଥରେ ରାଜ୍ୟ ସରକାରଙ୍କ ଯୋଜନାକୁ ଦେଖନ୍ତୁ ବୋଲି ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ କହିଥିଲେ। ଚାଷୀ, ଚାକିରିଆ, ମହିଳା, ଛାତ୍ରଛାତ୍ରୀ, ଯୁବକ, ଖେଳାଳିଙ୍କୁ ନଜରରେ ରଖି ସମସ୍ତ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଏହାର ଲାଭ ମଧ୍ୟ ଉକ୍ତ ବର୍ଗର ଲୋକେ ଉଠାଉଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବାରେ ୫-ଟି ଅଧ୍ୟକ୍ଷ ବିନ୍ଧାଣୀ ସାଜିଛନ୍ତି। ଯେଉଁଥିପାଇଁ ଗତ ସାତ ବର୍ଷ ହେଲା ସେ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇରହିଆସୁଛନ୍ତି ବୋଲି ଶ୍ରୀମତୀ ସାହୁ କହିଥିଲେ।

ଲକ୍ଷ୍ମୀ ବସ ସେବା ଅନ୍ତର୍ଗତ ଗ୍ରାମପଞ୍ଚାୟତରୁ ବ୍ଲକ ଓ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ସମୁଦାୟ ୫୫ଟି ବସ ଚାଲିବ। ମଙ୍ଗଳବାର ସକାଳୁ ଏହି ବସଗୁଡ଼ିକ ନିଜ ରୁଟ ଅନୁସାରେ ଚାଲିବ। ପ୍ରତି ବ୍ଲକକୁ ବର୍ତ୍ତମାନ ୨ଟି ଲେଖାଏଁ ବସ ଦିଆଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ଅଧିକ ବସ ଗଡ଼ିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ବସ ଚାଲିବା ଦ୍ୱାରା ସରକାରୀ କାମ, ବ୍ୟକ୍ତିଗତ ଓ ବ୍ୟବସାୟିକ କାମରେ ମୁଖ୍ୟାଳୟକୁ ଆସିବାରେ ଅସୁବିଧା ଭୋଗୁଥିବା ହିତାଧିକାରୀ, ମହିଳାଙ୍କ ପାଇଁ ସୁବିଧା ହେବ। ସେହିପରି ଗାଁଗହଳିରୁ କଲେଜ ଓ ସ୍କୁଲ ଆସୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏହାର ଫାଇଦା ନେଇପାରିବେ। ଚାଷୀମାନେ ନିଜ କଷ୍ଟଅର୍ଜିତ ସାମଗ୍ରୀକୁ କମ ଦରରେ ବିକ୍ରି କରିବା ବଦଳରେ ସହରକୁ ଆଣି ବିକ୍ରି କରିପାରିବେ। ଏହାସହ ବିଶେଷକରି ପ୍ରତି ବସରେ ଦୁଇ ଜଣ ଲେଖାଏଁ କର୍ମଚାରୀକୁ ନିଯୁକ୍ତି କରାଯାଇଛି। ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରଓ୍ୱ ଶିବାଜୀ ଇସାଲଓ୍ୱାର, ଏସପି ରିଷିକେଶ ଖିଲାରୀଙ୍କ ସହ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।







## ଉପକୃତ ହେବେ ୧୪ ବ୍ଲକର ସାଧାରଣ ଜନତା
## ମହିଳା, ଛାତ୍ରଛାତ୍ରୀ, ଚାଷୀଙ୍କ ପାଇଁ ସୁଯୋଗ

# ଅପହଞ୍ଚ ଇଲାକାରେ ସୁଗମ ସେବା


**ଖପ୍ରାଖୋଲ/ତୁରେକେଲା ୧୨ା୨(ସମିସ):** ଖପ୍ରାଖୋଲ ବ୍ଲକ ପରି ଅପହଞ୍ଚ ଇଲାକାରେ ସୁବିଧା ଯୋଗାଇଛି ଲକ୍ଷ୍ମୀ ବସ୍। ଜିଲ୍ଲା ଉପାନ୍ତର ଅଧିବାସୀମାନେ ବ୍ଲକ୍ ମହକୁମାକୁ ଆସିବାକୁ ହେଲେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଘରେ ଘରେ ଲକ୍ଷ୍ମୀ ବସ୍ ଯୋଜନା ଯୋଗୁଁ ଉପାନ୍ତ ତଥା ଅପହଞ୍ଚ ଅଞ୍ଚଳର ଲୋକେ ଏବେ ସହଜରେ ବ୍ଲକ୍ ମହକୁମାକୁ ଆସି ପାରିବେ। ସେହିପରି ଐତିହାସିକ ଲକ୍ଷ୍ମୀ ବସ ଯୋଜନା ଦ୍ୱାରା ବଲାଙ୍ଗିର ଜିଲ୍ଲାର ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି କୁହାଯାଉଥିବା ବେଳେ ଉପାନ୍ତ ତୁରେକେଲା ବ୍ଲକ୍‌ରେ ଏହାକୁ ସ୍ୱାଗତ କରାଯାଇଛି। ଅଞ୍ଚଳବାସୀ ଆନନ୍ଦିତ ଓ ଉତ୍ସାହିତ ଅଛନ୍ତି। ବାନ୍ଧନପାଲି, ଖୁଜେନ, ଗଭରା, ରମାଇଗଡ, କୁଶପାଲି, କନ୍ଦୋବେଡା, ଚାହାରପାଣି ଭଳି ଅନେକ ଗାଁକୁ ଆଜିବି ଗମନାଗମନ ପାଇଁ ସଂଯୋଗ ନାହିଁ। ଗାଁଲୋକେ ଗମନାଗମନ ସୁବିଧା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେମାନଙ୍କୁ ଆଉ ସେ ଦିନ ଦେଖିବାକୁ ପଡିବ ନାହିଁ।

## ସେମାନେ ଯାହା କହନ୍ତି..



ଖପ୍ରାଖୋଲ ଏକ ଉପାନ୍ତ ବ୍ଲକ୍ ହୋଇଥିବାରୁ ଏହାର ୨୧ଟି ପଞ୍ଚାୟତର ଅପହଞ୍ଚ ଅଞ୍ଚଳରେ ନିହାତି ଭାବରେ ଗୋଟିଏ ଦୁଇଟି ବସ୍ ବ୍ଲକ୍ ମହକୁମାକୁ ସଂଯୋଗ କରିବା କଥା। ଖପ୍ରାଖୋଲ ଅଞ୍ଚଳରେ ଏପରି ଅନେକ ଅପହଞ୍ଚ ଗାଁ ଅଛି ଯେଉଁମାନେ କି ବସ୍ ସେବା କେବେ ପାଇ ପାରି ନାହାନ୍ତି। ଲକ୍ଷ୍ମୀ ବସ୍ ସେବା ଯୋଜନା ଅପହଞ୍ଚ ଇଲାକା ପାଇଁ ଆଶୀର୍ବାଦ ସଦୃଶ।

**ବଭ୍ରୁବାହାନ ଭୋଇ, ଅବସରପ୍ରାପ୍ତ ଶିକ୍ଷକ**



ଆମର ଅଞ୍ଚଳ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଓ ବ୍ଲକ୍ ମହକୁମାକୁ ଯିବାକୁ ହେଲେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବାରୁ ଏହି ସେବା ଲୋକଙ୍କୁ ସୁବିଧା ଯୋଗାଇବ। ଏବେ ସରକାର ଲକ୍ଷ୍ମୀ ବସ୍ ସେବା ଯୋଜନା କରିଥିବାରୁ ଆମ ଅଞ୍ଚଳର ଲୋକେ ବିଶେଷ କରି ଉପକୃତ ହୋଇପାରିବେ। ବିଭିନ୍ନ ସ୍ଥାନକୁ ଯାତାୟାତ ସୁଗମ ହୋଇପାରିବ।

**ରୋହିତ ଭୋଇ, ଦୁଡୁମ୍‌ବର୍ହା ବାସିନ୍ଦା**



ଆମ ଏଇ ଅପହଞ୍ଚ ଅଞ୍ଚଳରେ ଗମନାଗମନର ସୁବିଧା ନ ଥିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଏହି ଉପାନ୍ତ ଅଞ୍ଚଳରେ ବସ୍ ର ସୁବିଧା ହେଉଛି ଅଞ୍ଚଳର ଲୋକେ ସୁବିଧାରେ କମ୍ ସମୟରେ ବ୍ଲକ୍ ମହକୁମାକୁ ଯାଇପାରିବେ। ଏହାସହ ନିଜ ନିଜର କର୍ମ କରି ପାରିବେ। ଲକ୍ଷ୍ମୀ ବସ୍ ସେବା ଏଭଳି ଲୋକଙ୍କ ମୌଳିକ ସୁବିଧା ଯୋଗାଇ ପାରିବ।

**ସତ୍ୟାନନ୍ଦ ଭୋଇ, ଯୁନାନିବାହାଲ ବାସିନ୍ଦା**



ଆମ ଗାଁଲୋକଙ୍କ ପାଇଁ ଗମନାଗମନ ସକାଶେ ସଂଯୋଗ ସୁବିଧା ନ ଥିଲା। ଯାହା ପାଖରେ ସାଇକଲ କିମ୍ବା ମଟରସାଇକଲ ଥିଲା ସେମାନେ ଯାଇ ପାରୁଥିଲେ। ନଚେତ ତୁରେକେଲା ବ୍ଲକ ଅଫିସ ଯିବାକୁ ହେଲେ ୫ କିମି ଚାଲିକି ଗଲେ ଗାଡି ମିଳୁଥିଲା। ନବୀନ ସରକାର ଲକ୍ଷ୍ମୀ ବସ ସେବା ଆରମ୍ଭ କରିଥିବା ଯୋଗୁଁ ଗାଁରୁ ବ୍ଲକ ଅଫିସ ଆମେ ଯାତାୟାତ କରିପାରିବୁ। କମ ଖର୍ଚ୍ଚ ହେବ ଏବଂ କୌଣସି ଅସୁବିଧା ହେବ ନାହିଁ। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ।

**ନନ୍ଦକର ଝାଙ୍କର, ଉପାନ୍ତ ଗାଁବାସୀ**



ଆମ ବାନ୍ଧନପାଲି ଗାଁ ବଲାଙ୍ଗିର ଜିଲ୍ଲାର ଶେଷ ଗାଁ। ଆମେ ବ୍ଲକ ଅଫିସ କିମ୍ବା କଣ୍ଟାବାଞ୍ଜି ଡାକ୍ତରଖାନା ଯିବାକୁ ହେଲେ ଚାଲି ଚାଲି ଗାଡି ବସିବାକୁ ବହୁତ ଦୂର ଯାଉଥିଲୁ। ଏବେ ଆମର ଗାଁକେ ଲକ୍ଷ୍ମୀ ବସ ଆସିଲେ ଆରାମରେ ୫ଟଙ୍କା ଦେଇ ଯା'ଆସ କରିବୁ। ଘରେ ପୁରୁଷ ଲୋକ ନ ଥିଲେ ମଧ୍ୟ ଲକ୍ଷ୍ମୀ ବସ ଯୋଗୁଁ ଆମେ ଯିବୁ ଓ ଆସିବୁ।

**କ୍ଷୀରମତୀ ଝାଙ୍କର, ଉପାନ୍ତ ଗାଁବାସୀ**



ପୂର୍ବରୁ ବସ ସେବା ଆମ ଅଞ୍ଚଳରେ ନ ଥିଲା। ବସ ସେବା ପାଇଁ ଆମେ ଅଞ୍ଚଳବାସୀ ଅନେକ ଅସୁବିଧାରେ ଥିଲୁ। ସହରକୁ ଯିବାକୁ ହେଲେ ଅନେକ ଖର୍ଚ୍ଚାନ୍ତ ହେଉଥିଲୁ। ଏବେ ଲକ୍ଷ୍ମୀ ବସ ଆସିଲେ ଆଉଁ ଖର୍ଚ୍ଚାନ୍ତ ହେବୁ ନାହିଁ। ସହଜରେ ଗାଁ ସହରକୁ ଯାତାୟାତ କରିବୁ। ବସ ସେବା ଯୋଗାଇ ଦେଇଥିବାରୁ ନବୀନ ସରକାରଙ୍କୁ ଧନ୍ୟବାଦ।

**ମନୋଜ କାଣ୍ଡ, ଉପାନ୍ତ ଗାଁବାସୀ**



ଆମ ଗାଁ ହାଇସ୍କୁଲ କିମ୍ବା କଲେଜ ଯିବାକୁ କୌଣସି ଯାନବାହନ ଚଳାଚଳ ସୁବିଧା ନାହିଁ। ହାଇସ୍କୁଲ ପଢ଼ିବା ବେଳେ ଆମେ ସାଇକଲରେ ଯାତାୟତ କରିଥିଲୁ ସାଇକଲ ଖରାପ ହେଲେ ଚାଲି ଚାଲି ଅନେକ ଦୂର ଗଲେ ଗାଡି ସୁବିଧା ମିଳୁଥିଲା। ଯାହାଫଳରେ ହାଇସ୍କୁଲ କିମ୍ବା କଲେଜ ଯିବାକୁ ଆମକୁ ଅସୁବିଧା ହେଉଥିଲା। ଏବେ ଲକ୍ଷ୍ମୀ ବସ ଆସିଲେ ୫ ଟଙ୍କା ଦେଇ ଆମେ ପ୍ରତିଦିନ ଯାତାୟାତ କରିବୁ।

**ଭଲ ଦୀପ, କଲେଜ ଛାତ୍ର**

# ମଦ ଜବତ, ଜଣେ ଗିରଫ

**ବଲାଙ୍ଗିର, ୧୨ା୨(ସମିସ):** ବେଆଇନ ଭାବରେ ମଦ ଚାଲାଣ କରୁଥିବା ସମୟରେ ବଲାଙ୍ଗିର ସଦର ଥାନା ଖୁଜେନପାଲି ଓ ସହର ଉପକଣ୍ଠ ସାଲେପାଲି ମଝିରେ ଜଣେ ମଦ ବେପାରୀକୁ ପୁଲିସ ଧରିଛି। ଅଭିଯୁକ୍ତ ଜଣକ ଖୁଜେନପାଲି ଗ୍ରାମର ବଳାକୃଷ୍ଣ ବାଗ(୪୫)। ବାଳକୃଷ୍ଣ ସୋମବାର ସକାଳେ ଏକ ବାଇକରେ ଖୁଜେନପାଲିରୁ ସାଲେପାଲିକୁ ମଦ ନେଇ ଆସୁଥିଲା। ପୁଲିସ ବାଳକୃଷ୍ଣ ପାଖରୁ ୫୦ ଲିଟର ଦେଶୀମଦ ଜବତ କରି କୋର୍ଟ ଚାଲାଣ କରିଥିବା ସୂଚନା ରହିଛି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଦେଓଗାଁ/ବଲାଙ୍ଗିର, ୧୨ା୨(ସମିସ):** ଦେଓଗାଁ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦଶଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉପମନ୍ୟୁ ବାଗଙ୍କ ସଭାପତିତ୍ୱରେ ଶିବିରରେ ଇଂରାଜୀ ପ୍ରାଧ୍ୟାପକ ଦେବଦତ୍ତ ଗୁରୁ ସଂଯୋଜନା କରିଥିବାବେଳେ ଓଡିଆ ପ୍ରାଧ୍ୟାପକ ପ୍ରସନ୍ନ କୁମାର ସାହୁ ଆତ୍ମ ସୁରକ୍ଷା ତାଲିମ ଉପରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ଶିବିରରେ ପ୍ରଶିକ୍ଷିକା ଭାବେ ଅଭିନନ୍ଦା ସରାଫ ଓ ପ୍ରିୟଙ୍କା ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। ପରେ ୧୫୭ ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅର୍ଥନୀତ ଅଧ୍ୟାପକ ସନ୍ତୋଷ ଜାନୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

ସେହିପରି ପୁଇଁତଲା ବ୍ଲକ ଅଧିନସ୍ଥ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ସୁଦାମ ଚରଣ ଖମାରୀଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ପଦ୍ମାଳୟା ତ୍ରିପାଠୀ ତାଲିମ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଶିବିରରେ ୬୭ ଜଣ ଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଭାବେ ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ମେହେର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ପ୍ରେମାନନ୍ଦ ବିଶି ସଭା ସଂଯୋଜନା କରିଥିବା ବେଳେ ଡ. ଦୈତାରି ପୂଜାରୀ, ଅଧ୍ୟାପକ ଡ. ଧନଞ୍ଜୟ ସେଠ, ଅଧ୍ୟାପକ ଡ. ପବିତ୍ର ଦଣ୍ଡସେନା, ଅଧ୍ୟାପକ ରାଧାକାନ୍ତ ସାହୁ, ଗ୍ରନ୍ଥାଗାରିକ ଦୁର୍ବାଦଳ ମିଶ୍ର, ଦିଗାମ୍ବର ପାଣ୍ଡେ, ଦୁଃଖିଶ୍ୟାମ ବାଘ ଉପସ୍ଥିତ ଥିଲେ।

# ସ୍ୱାଭିମାନ ମଞ୍ଚର ସାମ୍ବାଦିକ ସମ୍ମିଳନୀ

**ବଲାଙ୍ଗିର, ୧୨ା୨(ସମିସ):** ଏକ ହୋଟେଲ ସମ୍ମିଳନୀ କକ୍ଷରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଲୋଇସିଂହା ନିର୍ବାଚନମଣ୍ଡଳୀ ସ୍ୱାଭିମାନ ମଞ୍ଚ ସଭାପତି ସୀତାକାନ୍ତ ସାଏ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମରେ ନେତୃତ୍ୱ ନେଉଥିବା ଜଣେ ବ୍ୟକ୍ତିଙ୍କୁ ବିରୋଧ କରିଥିବା କହିଛନ୍ତି। ଅନ୍ୟପକ୍ଷରେ, ସ୍ୱାଭିମାନ ମଞ୍ଚ ବୋଲି କୌଣସି ମଞ୍ଚ ବିଜେଡିରେ ନଥିବା ଲୋଇସିଂହା ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା ସ୍ପଷ୍ଟ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଦଳର ଲୋଇସିଂହା, ପୁଇଁନ୍ତଲା ଓ ଆଗଲପୁର ବ୍ଲକ କୌଣସି ସାଙ୍ଗଠନିକ ସଭାପତି ଉପସ୍ଥିତ ନଥିବା ବେଳେ କୌଣସି ଜିଲ୍ଲା ପରିଷଦ ସଭ୍ୟ ମଧ୍ୟ ଉପସ୍ଥିତ ନଥିଲେ। ନବକିଶୋର ନାଏକ, ଜୟନ୍ତୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ୱାରେଣ୍ଟ ସର୍ଚ୍ଚବେଳେ ମିଳିଲା ବନ୍ଧୁକ, ଦେଢଲକ୍ଷ ଟଙ୍କା

**ବଲାଙ୍ଗିର, ୧୨ା୨(ସମିସ):** ବଲାଙ୍ଗିର ସହର ରାମେଶ୍ୱର ନଗରରେ ଜଣେ ୱାରେଣ୍ଟ ଥିବା ଅପରାଧୀକୁ ଧରିଛି ଟାଉନ ପୁଲିସ। ଗିରଫ ଅଭିଯୁକ୍ତ ଜଣକ ପ୍ରଦୀପ ପଟ୍ଟନାୟକ ବୋଲି ଜଣାପଡ଼ିଛି। ଚୋରି, ଲୁଟ୍‌ଠାରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ ବିଭିନ୍ନ ଅପରାଧିକ ମାମଲାରେ ସେ ସମ୍ପୃକ୍ତ ରହିଥିବାବେଳେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତା'ଠାରୁ ଗୋଟିଏ ବନ୍ଧୁକ, ନଗଦ ଦେଢଲକ୍ଷ ଟଙ୍କା, ମଦ, ସୁନାଗହଣା ଓ ୩ଟି ବାଇକ ଜବତ କରାଯାଇଛି। ଏନେଇ ସଦର ଏସଡିପିଓ ପ୍ରଦୀପ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଟାଉନ ପୁଲିସର ଏକ ଟିମ ୱାରେଣ୍ଟ ସର୍ଚ୍ଚ ପାଇଁ ତାଙ୍କ ଘରକୁ ଯାଇଥିବାବେଳେ ସେ ପୁଲିସ ଉପରକୁ ବନ୍ଧୁକ ଫିଙ୍ଗି ଖସି ପଳାଇବାକୁ ଉଦ୍ୟମ କରୁଥିଲା। ହେଲେ ସେଥିରେ ଅସଫଳ ହୋଇଥିଲା। ପୁଲିସ ତା' ଘର ଯାଞ୍ଚ କରିବା ପରେ ଟଙ୍କା, ମଦ ସହିତ ଅନ୍ୟାନ୍ୟ ସାମଗ୍ରୀ ବାହାରିଥିଲା। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରି, ଡକାୟତି, ଲୁଟ, ମାରପିଟ ଏପରିକି ହତ୍ୟା ଭଳି ମୋଟ ୧୦ଟି ମାମଲାରେ ପ୍ରଦୀପ ପଟ୍ଟନାୟକ ଜଡ଼ିତ ଥିବା ଜଣାପଡ଼ିଛି। ତାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ସୂଚନା ଦେଇଛନ୍ତି।



# ମାଲପଡ଼ା ନାଗରିକ କମିଟିର ବୈଠକ

**ବଲାଙ୍ଗିର, ୧୨ା୨(ସମିସ):** ବଲାଙ୍ଗିର ମାଲପଡ଼ା ନାଗରିକ କମିଟିର ମାସିକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମାଲପଡ଼ା ଯଥା ୱାର୍ଡ ନଂ ୧୪ ଓ ୧୫ର ବିଭିନ୍ନ ସମସ୍ୟାମାନେ ଏକ ପାର୍କ ତିଆରି ପାଇଁ ସହ ଏକ କମ୍ୟୁନିଟି ହଲ୍ ତିଆରି ପାଇଁ ଆଲୋଚନା କରିଥିଲେ। ସେହିପରି ମାଲପଡ଼ା ରାସ୍ତା ଓ ଡ୍ରେନଗୁଡିକ ମରାମତି କରାଯାଉନାହିଁ। ରାସ୍ତା ଖାଲ ଖମାରେ ପରିପୂର୍ଣ୍ଣ ରହିଛି। ଉପରୋକ୍ତ କାର୍ଯ୍ୟଗୁଡିକୁ ଶୀଘ୍ର କରାଯିବା ପାଇଁ ଉପଦେଷ୍ଟା ତରୁଣ ମିଶ୍ର, ଉପସଭାପତି ଗୋପବନ୍ଧୁ ପୁରୋହିତ, ସମ୍ପାଦକ ପଞ୍ଚାନନ ସେଠ, ଆକୁଳ ବେହେରା, ବିଦ୍ୟଜିତ ଯୋଷୀ, ଶ୍ୟାମସୁନ୍ଦର ଆଚାର୍ଯ୍ୟ, ଭବାନୀ ଶତପଥୀ ଓ ଅନ୍ୟ ସଭ୍ୟ ଆଲୋଚନା କରିଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା



**ଦେଓଗାଁ, ୧୨ା୨(ସମିସ):** ଦେଓଗାଁ ବ୍ଲକ ଅନ୍ତର୍ଗତ ମହଲେଇ, ଉଡାର ଓ ସାଲେପାଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହଲେଇ ପିଇଓ ବିରେନ୍ଦ୍ର ନାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ତିନୋଟି ପଞ୍ଚାୟତରେ ଜନହିତକର ଯୋଜନା ଗୁଡିକ ଉପରେ ଅବଗତ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ହାତୀସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ସରପଞ୍ଚ ଚିତ୍ତରଞ୍ଜନ ସାହୁ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁଶୀଳ ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଉଡାରଠାରେ ପିଇଓ ବିରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ, ଜରାସିଂହା ସରପଞ୍ଚ କୁଶମଣି ମେହେର, ସରପଞ୍ଚ ପଞ୍ଚମୀ ଦୀପ, ଉପରଝର ସରପଞ୍ଚ ଯଶୋବନ୍ତୀ ନାଏକ, ଦେଓଗାଁ ପାକ୍ସ ସଭାପତି ଶୈଳେନ୍ଦ୍ର ସାହୁ, ସମିତିସଭ୍ୟା କଲ୍ୟାଣୀ ଦଲାଇ, ପ୍ରମୋଦ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଲେପାଲି ପଞ୍ଚାୟତରେ ପିଇଓ ସୁଦର୍ଶନ ସାଏଙ୍କ ସଭାପତିତ୍ୱରେ ଅତିଥି ଭାବେ ହାଉସିଂ ବୋର୍ଡ ଅଧ୍ୟକ୍ଷ ଶ୍ରୀ ସିଂଦେଓ, ସାଲେପାଲି ସମିତିସଭ୍ୟ ଲକ୍ଷ୍ମଣ ମେହେର, ସରପଞ୍ଚ ବଲ୍ଲଭି ସାହୁ ପ୍ରମୁଖ ଲୋକଙ୍କୁ ସରକାରଙ୍କ ଯୋଜନାଗୁଡିକ ଉପରେ ଆଲୋକପାତ କରିଥିଲେ। ପରେ ଶ୍ରୀ ସିଂଦେଓ ଜରାସିଂହା ଜିଲ୍ଲା ବିଜେଡି ସମ୍ପାଦକ ଉମାଶଙ୍କର ସିଂଙ୍କ ପିତାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କୃଷକ ମୋର୍ଚ୍ଚାର ଗ୍ରାମ ପରିକ୍ରମା ଯାତ୍ରା

**ସଇଁତଲା,୧୨ା୨(ସମିସ):** ସଇଁତଲା ବ୍ଲକ ଅନ୍ତର୍ଗତ ଝିଙ୍କିଡୁଙ୍ଗୁରି ପଞ୍ଚାୟତରେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଗ୍ରାମ ପରିକ୍ରମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଷ୍ଟ୍ରୀୟ ସଭାପତି କିଶାନ ମୋର୍ଚ୍ଚାର ଆହ୍ୱାନକ୍ରମେ ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ମହେନ୍ଦ୍ର ଠାକୁରଙ୍କ ନେତୃତ୍ୱରେ ଟିଟିଲାଗଡ ନିର୍ବାଚନମଣ୍ଡଳୀର ଅନେକ ସ୍ଥାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ମହେନ୍ଦ୍ର ଠାକୁରଙ୍କ ନେତୃତ୍ୱରେ ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ସଇଁତଲା ଓ ଗୁଡଭେଲା ଅଞ୍ଚଳରୁ ଶତାଧିକ ମହିଳା ପୁରୁଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିକ୍ରମା ଯାତ୍ରା ଫେବୃଆରୀ ୧୨ ତାରିଖରୁ ଆସନ୍ତା ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ବିଜେପି ନେତା ମୁକେଶ ଜେନ, ନୃସିଂ ସିଂ ଓ ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ଅକ୍ଷୟ ରଣା ଓ ଶାନ୍ତନୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।




୧ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



√ ଚିରଞ୍ଜିତ୍ ରାଜଗୁରୁ
ଆବିର୍ଭାବ: ୨୬.୦୬.୧୯୭୩
ତିରୋଧାନ: ୨୫.୦୧.୨୦୨୩

ସ୍ମୃତିରେ....ସ୍ମୃତିରେ...ଚିର ସ୍ମରଣୀୟ ଚିରଞ୍ଜିତ୍

ଡା ସାଗର ରଞ୍ଜନ ତ୍ରିପାଠୀ,
ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଓ ସାହିତ୍ୟିକ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-229 ◆BHUBANESWAR ◆TUESDAY ◆13 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୩ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ପଶ୍ଚିମା ଝଡ଼ ପ୍ରଭାବ: ବର୍ଷିଲା କୁଆପଥର

**ଭୁବନେଶ୍ୱର, ୧୨।୨ (ସମିସ):** ପଶ୍ଚିମା ଝଡ଼ ପ୍ରଭାବରେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବିଶେଷକରି ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବର୍ଷା ହୋଇଥିବା ବେଳେ କିଛି କିଛି ସ୍ଥାନରେ ବର୍ଷା ସାଙ୍ଗକୁ କୁଆପଥର ମଧ୍ୟ ପଡ଼ିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୨୪ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ନୂଆପଡ଼ା ୧୨.୪ମିମି, ଅନୁଗୁଳ ୧୦.୨ମିମି, ସୋନପୁର ୯.୮ମିମି ଓ ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ତାଳଚେର, ବୌଦ୍ଧ, ଦେବଗଡ଼, ବରଗଡ଼ ଓ ରାଉରକେଲା ଆଦିରେ ବର୍ଷା ହୋଇଛି। ମଙ୍ଗଳବାର ବର୍ଷାର ବିଶେଷ ଆଶଙ୍କା ନ ଥିବା ବେଳେ ବୁଧବାର ଓ ଗୁରୁବାର କିଛି କିଛି ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ବୁଧବାର ଝାରସୁଗୁଡା, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।



# ପଞ୍ଚଭୂତରେ ଲୀନ ହେଲେ ସାତକଡ଼ି ହୋତା

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ



**ପୁରୀ, ୧୨।୨ (ସମିସ):** ପୁରୀ ସ୍ୱର୍ଗଦ୍ୱାରରେ ଆଜି ବର୍ଷୀୟାନ୍ ସାହିତ୍ୟିକ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ, ଦୈନିକ ସମ୍ବାଦପତ୍ର 'ସମୟ'ର ସମ୍ପାଦକ ସାତକଡ଼ି ହୋତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସଂପନ୍ନ ହୋଇଛି। ସାତକଡ଼ି ହୋତା ଅମର ରହେ ଧ୍ୱନି ଓ ତୋପ ସଲାମୀ ମଧ୍ୟରେ ବଡ଼ପୁଅ ସଞ୍ଜୀବ ହୋତା ଶବାଧାରରେ ମୁଖାଗ୍ନି ଦେଇଥିଲେ। ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାଶ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମୁଦ୍ର କୂଳ ଥାନାଧିକାରୀ ମାନସ ରଞ୍ଜନ ଚକ୍ର, ସମାଜସେବୀ ବଦ୍ରି ମିଶ୍ରଙ୍କ ସମେତ ବହୁ ସାହିତ୍ୟିକ, ଶୁଭେଚ୍ଛୁ, ବୁଦ୍ଧିଜୀବୀ, ସାମ୍ବାଦିକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ହୋତାଙ୍କ ପରିବାରର ସଦସ୍ୟ, ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୂର ହେଲା ଦ୍ୱନ୍ଦ୍ୱ, ସ୍ଥିର ହେଲା ତାରିଖ
# ଏପ୍ରିଲ ୧୪ରେ ପଣା ସଂକ୍ରାନ୍ତି

**ପୁରୀ,୧୨।୨(ସମିସ):** କେବେ ଶ୍ରୀମନ୍ଦିରରେ ପାଳନ କରାଯିବ ପଣା ସଂକ୍ରାନ୍ତି? ତାକୁ ନେଇ ଯେଉଁ ଦ୍ୱନ୍ଦ୍ୱ ଉପୁଜିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିଲା ପଞ୍ଜିକା ସମୀକରଣ ବୈଠକ। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଏପ୍ରିଲ ୧୪ ତାରିଖରେ ହିଁ ଶ୍ରୀମନ୍ଦିରରେ ପଣା ସଂକ୍ରାନ୍ତି ପାଳନ କରାଯିବ। ଚଳିତବର୍ଷ ୧୩ ଦିନିଆ ଅଣସର ପଡୁଛି। ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ଉଭା ଯାତ୍ରା ଓ ନେତ୍ରୋତ୍ସବ ଏହି ଗୋଟିଏ ଦିନରେ ହିଁ ହେବ। ଏଥର ନବଯୌବନ ନୀତି ହେବ ମାତ୍ର, ନବଯୌବନ ଦର୍ଶନ ହେବ ନାହିଁ।

ଓଡ଼ିଶାରେ ପ୍ରଚଳିତ ପଞ୍ଜିକାଗୁଡ଼ିକରେ ଅନେକ ସମୟରେ ଭିନ୍ନତା ଦେଖିବାକୁ ମିଳୁଛି। ପର୍ବପର୍ବାଣିଗୁଡ଼ିକ ମଧ୍ୟରେ ସମାନତା ରହୁନାହିଁ। ତିଥି ବି ଅଲଗା ରହୁଛି। ଏହାକୁ ନେଇ ଅନେକଥର ପର୍ବପର୍ବାଣି ପାଳନ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ରାଜ୍ୟବାସୀ। ପଞ୍ଜିକାଗୁଡ଼ିକରେ ସମାନତା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ମେଳକ ବୈଠକ ଡାକୁଥିଲେ ବି ପରବର୍ତ୍ତୀ ସମୟରେ କେଁ ଉପୁଜୁଛି। ତେଣୁ ଗତ ୭ତାରିଖରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ କେତେକ ପର୍ବପର୍ବାଣିର ତିଥି, ତାରିଖକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିବାରୁ ଏହି ବୈଠକ ପୁନର୍ବାର ସୋମବାର ଅନୁଷ୍ଠିତ ହୋଇଥିଲା। ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ ଓ ବିଭିନ୍ନ ପଞ୍ଜିକାର ଗଣନାକାରୀ ଯୋଗ ଦେଇଥିଲେ।

### ■ ଏଥର ପଞ୍ଚୁକ ଚାରିଦିନ, ଅଣସର ୧୩ ଦିନ
### ■ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ହେବ ଉଭା ନୀତି

ଏଥିରେ ଯେଉଁ ପର୍ବପର୍ବାଣିକୁ ନେଇ ଦ୍ୱନ୍ଦ୍ୱ ରହିଥିଲା ତା' ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ ଗଣନା ଅନୁଯାୟୀ ଏପ୍ରିଲ ୧୩ ତାରିଖ ହିଁ ପଣା ସଂକ୍ରାନ୍ତି। ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଉପସ୍ଥାପନ କରାଯାଇଥିବା ଗଣନାକୁ ସେମାନେ ଗ୍ରହଣ କରିନାହାନ୍ତି। ତେଣୁ ଏପ୍ରିଲ ୧୩ ତାରିଖ ପଣା ସଂକ୍ରାନ୍ତି ବୋଲି ଅନେକ ପାଞ୍ଜିରେ ଉଲ୍ଲେଖ ରହିଛି। ତେବେ ପାଣ୍ଡୁଲିପି ଓ ସମସ୍ତ ଗଣନା ଆଧାରରେ ୧୩ ତାରିଖ ନୁହେଁ, ବରଂ ୧୪ ତାରିଖ ହିଁ ପଣା ସଂକ୍ରାନ୍ତି ବୋଲି ସ୍ପଷ୍ଟ କରିଛି ମୁକ୍ତିମଣ୍ଡପ ପଣ୍ଡିତ ସଭା। ସେହିପରି ଆସନ୍ତା ପଞ୍ଚୁକରେ ଗୋଟିଏ ଦିନ କ୍ଷୟ ପଡୁଥିବାରୁ ପଞ୍ଚୁକ ୫ଦିନ ପରିବର୍ତ୍ତେ ୪ଦିନ ହେବ। ଏହି କ୍ଷୟ କାରଣରୁ ଲକ୍ଷ୍ମୀନୃସିଂହ ବେଶ ହେବ ନାହିଁ। ଅର୍ଥାତ୍ କାର୍ତ୍ତିକରେ ମହାପ୍ରଭୁଙ୍କର ପଞ୍ଚୁକ ବେଶ ମଧ୍ୟ ଏଥର ଭକ୍ତମାନେ ଗୋଟିଏ ବେଶ ଦର୍ଶନ କରିପାରିବେ ନାହିଁ। ସେହିଭଳି ୧୩ ଦିନିଆ ଅଣସର ପକ୍ଷ ପଡୁଥିବାରୁ ମହାପ୍ରଭୁଙ୍କ ସମସ୍ତ ଗୁପ୍ତ ରୀତିନୀତି କିଭଳି କରାଯିବ ସେ ନେଇ ପୂଜାପଣ୍ଡା ଓ ଦଇତାପତିଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ପୁନଃ ବୈଠକ ବସିବ। ୧୯୫୯ ମସିହା ଓ ୧୯୭୧-୭୨ ମସିହାରେ ୧୩ ଦିନିଆ ଅନବସର ପକ୍ଷ ସମୟରେ ଯେଭଳି ନୀତିକାନ୍ତି ହୋଇଥିଲା ସେହି ଅନୁସାରେ ଚଳିତବର୍ଷ ନୀତିକାନ୍ତି କରିବାକୁ ନିଷ୍ପତ୍ତି ହୋଇଛି।

ସେହିପରି ଏ ବର୍ଷ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ହିଁ ନେତ୍ରୋତ୍ସବ ଓ ଉଭା ଯାତ୍ରା ପଡ଼ିଛି। ତେଣୁ ଚଳିତବର୍ଷ ପହଣ୍ଡି ଓ ରଥଟଣାରେ ବିଳମ୍ବ ଘଟିପାରେ ବୋଲି କୁହାଯାଉଛି। ଏହାର ପୂର୍ବଦିନ ରାତିରେ ଠାକୁରଙ୍କର ନବଯୌବନ ନୀତି ହେବ। ମାତ୍ର ୧୩ଦିନିଆ ଅଣସର ପକ୍ଷ ଯୋଗୁଁ ନବଯୌବନ ଦର୍ଶନ ହେବ ନାହିଁ। ଅର୍ଥାତ୍ ଚଳିତ ବର୍ଷ ଭକ୍ତମାନେ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ କରିପାରିବେ ନାହିଁ। ସେହିପରି ପ୍ରତିବର୍ଷ ବସନ୍ତ ପଞ୍ଚମୀ ଦିନ ରଥ ନିର୍ମାଣ ପାଇଁ ରଥକାଠ ଅନୁକୂଳ ହେବାର ବିଧି ରହିଛି। ଏବର୍ଷ ଏହି ବିଧିର ଶୁଭ ସମୟ କେତେବେଳେ ତା' ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୪ତାରିଖ ସନ୍ଧ୍ୟା ୬ଟା ୩୧ ମିନିଟରୁ ରାତି ୮ଟା ୫୫ ମଧ୍ୟରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି।




## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

# ପଲ୍ଲୀରେ ଆଙ୍କୁଛି ନବପଲ୍ଲବର ଚିତ୍ର







**କୋକସରା/ଲଡୁଗାଁ, ୧୨।୨(ସମିସ)**

ଧିରେ ଧିରେ ବଦଳୁଛି ଓଡ଼ିଶାର ଚିତ୍ର। ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସ ପଥର ଯାତ୍ରୀ ହେବାକୁ ଯାଉଥିବା ପ୍ରାଚୀନ କୀର୍ତ୍ତିରାଜି ଓ ଧାର୍ମିକ ପୀଠସ୍ଥଳୀ ରୂପାନ୍ତରିତ ହୋଇ ଫେରି ପାଇଛି ତା’ର ହୃତ ଗୌରବ। ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରୀକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ ହେତୁ ଗାଁ ଚମକି ଉଠୁଛି। ରାଜ୍ୟ ସରକାରଙ୍କ ‘୫-ଟି’ ଉପକ୍ରମରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଲ୍ଲୀରେ ଆଙ୍କୁଛି ନବ ପଲ୍ଲବର ଚିତ୍ର ବୋଲି କୋକସରା ବ୍ଲକ ଡୁଡୁକାଠେଙ୍ଗାଠାରେ ସୋମବାର ଆୟୋଜିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ମତ ପ୍ରକାଶ ପାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ଶିବିରରେ ସରପଞ୍ଚ ହରିପ୍ରିୟା ନାଗଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ମୁଖ୍ୟବକ୍ତା ଲୋକକବି ପଦ୍ମଶ୍ରୀ ଡଃ ହଳଧର ନାଗ, ସମ୍ମାନିତ ଅତିଥି ଭାବେ ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କନିଷ୍ଠ ଯନ୍ତ୍ରୀ ଅମ୍ବିକା ପ୍ରସାଦ ମାଝୀ, ସମିତି ସଭ୍ୟା ପାର୍ବତୀ ବାଗ, ଗୌନ୍ତିଆ ଦିଗାମ୍ବର ନାଗ, ଆମ୍ବା ଅଧ୍ୟକ୍ଷ ରୁତୁରାଜ ମାଝି, ପୂର୍ବତନ ସରପଞ୍ଚ ସବିତା ବାଣୁଆ, ଡାଲିମ୍ବ ନାଏକ, ସମାଜସେବୀ ବନମାଳୀ ବାଗ, ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାମ୍ବାଦିକ ଜଗଦୀଶ ନାଏକ, ସାମ୍ବାଦିକ ସନତ କୁମାର ପ୍ରଧାନୀ, ହିରଣ୍ୟ ବେହେରା ଓ ଦୁଷ୍ମନ୍ତ କୁମାର ପାଟଯୋଶୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଏଲଇଡି ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ବିଭାଗ ତରଫରୁ ଲୋକଙ୍କୁ ସଚେତନ କରିବା ପାଇଁ ଷ୍ଟଲ ଖୋଲା ଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଜାଶାଲ ସମେତ ଅନେକ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।



ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ କ୍ଷୀରସିନ୍ଧୁ ବାଣୁଆ ଓ ଖଗେଶ୍ୱର ପାଣିଗ୍ରାହୀ ସଭା ସଞ୍ଚାଳନ କରିଥିଲେ। ଗ୍ରାମ ରୋଜଗାର ସେବକ ଶିବରାମ ଗହୀର, ମଣିରାମ ବାଣୁଆ, ଗୌରାଙ୍ଗ ନାଗ, ୱାର୍ଡ଼ ସଭ୍ୟା ରିତା କଟା, ଦେବିସିଂ ନାଗଙ୍କ ସମେତ ପଞ୍ଚାୟତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରପି, ଏମବିକେ, ମିଶନ ଶକ୍ତି ମହିଳାମାନଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

**ଲାଞ୍ଜିଗଡ଼:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲକ୍ଷ୍ମୀ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମିଶନଶକ୍ତି ବିପିଏମ ସଞ୍ଜୀବ କହଁର, ସମ୍ମାନିତ ଅତିଥି ସମିତି ସଭ୍ୟା ସୁଦଶା ପଟ୍ଟନାୟକ, ନାଏବ ସରପଞ୍ଚ ତରଣି ବାଗ, ସମାଜସେବୀ ହରିଶଙ୍କର ପାତ୍ର, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅବିନାଶ ସିଂ, କୈଳାଶ ସାହୁ, ନୀଲେଶ କୁମାର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଗୁଡିକ ଉପରେ ମାର୍ଗଦର୍ଶନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ। କାର୍ଯକ୍ରମ ଶେଷରେ ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ତାପସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



**ଜୁନାଗଡ଼:** ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ୀଦର ଗ୍ରାମ ପଞ୍ଚାୟତ ଆନୁକୂଲ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଯାଇ ତାହାର ସଫଳ ରୂପାୟନ ଲୋକଙ୍କ ପାଖକୁ ପହଞ୍ଚି ପାରିଛି ବୋଲି ମୁଖ୍ୟଅତିଥି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଥିଲେ। ସ୍ଥାନୀୟ ସରପଞ୍ଚ ଯଜ୍ଞସେନି ପଣ୍ଡାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ନାଏବ ସରପଞ୍ଚ ଜୟ ସିଂ ନାଏକ, ବିସିସି ବ୍ୟାଙ୍କ ସଭାପତି ଗୀରିଶ ଚନ୍ଦ୍ର ବେହେରା, ଏଇ କରୁଣାକର ମୁର୍ମୁ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଳିକ, ଜାଗିଂ ସରପଞ୍ଚ ସୁନୀଲ ନାଇଡୁ, ବାଙ୍କ ପଲାସ ସରପଞ୍ଚ ସଂଯୁକ୍ତା ମାଝୀ, ପିଇଓ ଆଦିତ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମା’ ତାରା ତାରିଣୀ ନାଇଟ କୁଇନ ମେଲୋଡି ସଙ୍ଗୀତ ପରିବେଷଣ କରିଥିଲେ। ସ୍ଥାନୀୟ କୁନି କୁନି କଳାକାରଙ୍କ ସହିତ ରସ ଜାମୁଡାଳି ଗୀତ ଓ ନାଚରେ ଜୁନାଗଡ଼ ବିଧାୟକ ଠୁମକା ମାରି ନାଚି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶିକ୍ଷାବିତ, ସମାଜସେବୀ, କୃଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ପୁରସ୍କାର ବିତରଣ କରଯାଇଥିଲା। ବଣିଜରା ଜିଆରଏସ ଶଶାଙ୍କ ଶେଖର ପାଢ଼ୀ ମଞ୍ଚ ପରିଚାଳନା କରିଥିବାବେଳେ ମିଶନଶକ୍ତିର ସୀତା ଶବର, ଯାଜ୍ଞସେନୀ ବାଗ, ଏମ୍ବିକେ ସୁନିତା କୁମାର, ଗାଁ ସାଥି ମାଧବ ବାଗ ଓ ସମାଜସେବୀ ସଞ୍ଜୟ ପଣ୍ଡା, ଯୋଗାଣ ସହାୟକ ଅମିତ ପଣ୍ଡା, ପଞ୍ଚାୟତ କର୍ମଚାରୀ ବୃନ୍ଦ ଓ ଗ୍ରାମବାସୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ପିଇଓ ଆଦିତ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ମ.ରାମପୁର:** ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳତା ନେଇ କଳାହାଣ୍ଡି ଜିଲ୍ଲା ଏମ୍ ରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ଡୁଡୁକାରଞ୍ଜା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନରଲା ବିଧାୟକ ଭୂପିନ୍ଦର ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସରପଞ୍ଚ, ବିଜୁ ଜନତା ଦଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଶତପଥୀ, ସମାଜସେବୀ ବିକାଶ ରଞ୍ଜନ ସିଂହଦେଓ, ଯୁବନେତା ପ୍ରଦୀପ ପାଣିଗ୍ରାହୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ବିକାଶମୂଳକ କାମକୁ ନେଇ ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭାରତୀୟ ବିଦ୍ୟା ନିକେତନର ବାର୍ଷିକୋତ୍ସବ




**ଜୁନାଗଡ଼, ୧୨।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ସ୍ଥିତ ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ମୁଖ୍ୟବକ୍ତା ଭାବରେ ରାଧେଶ୍ୟାମ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ କୁମାର ବେହେରା, ପରିଚାଳନା କମିଟିର ସମ୍ପାଦିକା ମମତା ଯୋଶୀ, ପ୍ରଧାନଆଚାର୍ଯ୍ୟ ସନତ କୁମାର ଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ପରେ ପ୍ରାରମ୍ଭିକ ସଙ୍ଗୀତ, ଗୁରୁ ବନ୍ଦନା, ମାତୃ ବନ୍ଦନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା, ସଂସ୍କାର ଧର୍ମୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ଶହ ଶହ ଅଭିଭାବକଙ୍କ ସହ ଶତାଧିକ ଲୋକେ ଏହି ବାର୍ଷିକ ଉତ୍ସବରେ ସାମିଲ ହୋଇଥିଲେ।

## ପଥର୍ଲା ପଞ୍ଚାୟତରେ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମ

**କେସିଙ୍ଗା, ୧୨।୨(ସମିସ)**



ଭବାନୀପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭବାନୀପାଟଣା ବ୍ଲକ ପଥର୍ଲା ପଞ୍ଚାୟତର ବାହାଦୁର ପଦର ଗାଁ ଠାରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିବାସୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀ ନାଏକ ତୃଣମୂଳସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଯଥା ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ଏହା ସହିତ ଗାଁରେ ଘରକୁ ଘର ବୁଲି ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମ ହାତକୁ ନେବା ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପହଞ୍ଚାଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ନେତ୍ରୀ କାନ୍ତି ପୋଡ, ଜୟନ୍ତୀ ବାଗ, ଗୁଲାପି ବାଗ, ଜୁଲି ଛୁରା, ଜ୍ୟୋସ୍ନା ପୋଡ, ହେମନ୍ତି ଛୁରା, ସମାଜସେବୀ ସତ୍ୟ ଖର୍ସେଲ, ମହିପାଲ ପୋଡ, ଯୁବ ନେତା ଲମ୍ବୋଦର ସୁନା, ଆଶୁତୋଷ ବେହେରା, ସବିର ନାଏକ, ଯୁବ -ଛାତ୍ର ମହିଳା ଏବଂ ବରିଷ୍ଠ କର୍ମକର୍ତ୍ତା ତଥା ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

## ଚାଷୀଙ୍କ କାମରେ ଆସୁନି ମୋଡୋସିଲ ଚେକ୍ ଡ୍ୟାମ୍



**ଲଡୁଗାଁ, ୧୨।୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ପାଦଦେଶରେ ଥିବା ମୋଡୋସିଲ ଚେକ ଡ୍ୟାମ ଚାଷୀଙ୍କ କାର୍ଯ୍ୟରେ ଆସୁ ନ ଥିବାରୁ ଅସନ୍ତୋଷ ଦେଖା ଦେଇଛି। ୨୦୧୭ ମସିହାରେ ଅଞ୍ଚଳର ଚାଷୀଙ୍କ ପାଇଁ ସାହାଜଖୋଲ ଜଙ୍ଗଲରୁ ବର୍ଷା ଦିନରେ ବୋହି ଆସୁଥିବା ଜଳକୁ ସଂରକ୍ଷଣ କରିବା ନିମନ୍ତେ ଏହି ଚେକ ଡ୍ୟାମ ନିର୍ମାଣ ହୋଇଥିଲା। ଏହାଦ୍ୱାରା ଖରିଫ ଋତୁରେ ଅଞ୍ଚଳର ଆମପାଣି ପଞ୍ଚାୟତର କନ୍ଦାଗଡ଼, ପାତ୍ରବସା, ଅଞ୍ଚଳର ଅଣ ଜଳସେଚିତ ଚାଷ ଜମିକୁ ଯେପରି ଜଳସେଚନର ସୁବିଧା ହେବ। ଏହି ଚେକ ଡ୍ୟାମ ୬୭ ଲକ୍ଷ ୭୫ ହଜାର ୫୧୩ ଟଙ୍କା ବ୍ୟୟରେ କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ଅଣୁ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ଚେକ୍ ଡ୍ୟାମ ନିର୍ମାଣ ସମୟରେ ସ୍ଥାନୀୟ ଚାଷୀଙ୍କ ମତକୁ ଅଣଦେଖା କରି ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀ ମାନେ ନିଜକୁ ସୁହାଇଲା ଭଳି ଚେକ ଡ୍ୟାମ ଓ କେନାଲ ନିର୍ମାଣ କରିବାରୁ ଚାଷୀଙ୍କ ଜମିକୁ ପାଣି ମାଡୁନାହିଁ। ଚେକ ଡ୍ୟାମ ନିର୍ମାଣର ୬/୭ ବର୍ଷ ମଧ୍ୟରେ କୌଣସି ଚାଷ ଜମିକୁ ବୁନ୍ଦାଏ ପାଣି ମାଡୁ ନ ଥିବା ନେଇ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି। ଚାଷ ଜମିକୁ ସଠିକ ଭାବେ ପାଣି ନ ମାଡ଼ିବାରୁ ଏ ଅଞ୍ଚଳର ଲୋକେ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏ ସମ୍ପର୍କରେ ଜୟପାଟଣା କ୍ଷୁଦ୍ର ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ବଣ୍ଟି ବାଗଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ଚେକ ଡ୍ୟାମ ପୁନଃରୁଦ୍ଧାର ପାଇଁ ବିଭାଗୀୟ ଅନୁଦାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଅନୁଦାନ ଆସିଲେ ଚେକ ଡ୍ୟାମ ମରାମତି ସହ ଉଠା ଜଳସେଚନ ମାଧ୍ୟମରେ ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ।

## କୁରାଳ ସମାଜର ସାଧାରଣ ବୈଠକ



**ନର୍ଲା, ୧୨।୨(ସମିସ):** ନର୍ଲା ବ୍ଲକ କୁରାଳ ସମାଜର ଏକ ସାଧାରଣ ସଭା ନର୍ଲା ବ୍ଲକ ଅନ୍ତର୍ଗତ ବିଲାଟ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି କେଦାରନାଥ ରଣା, ସମ୍ମାନିତ ଅତିଥି ଜିଲ୍ଲା ସମ୍ପାଦକ ବୀର କିଶୋର ରଣା ଉପସ୍ଥିତ ଥିଲେ। ସମାଜର ସଂଗଠନ ସମ୍ପର୍କରେ ବିଭିନ୍ନ ଆଲୋଚନା ହେବା ସହ ସାମାଜିକ, ରାଜନୈତିକ ଓ ଆର୍ଥିକ ପ୍ରଗତିରେ ସମାଜର ଭୂମିକା ନେଇ ଅନେକ ସଦସ୍ୟ ସେମାନଙ୍କ ମତ ଦେଇଥିଲେ। ନର୍ଲା ବ୍ଲକ କମିଟିର କାର୍ଯ୍ୟକାଳ ପୂରଣ ହୋଇ ସାରିଥିବାରୁ ଏହାର ପୁନର୍ଗଠନ ପାଇଁ ପ୍ରସ୍ତାବ ହୋଇଥିଲା ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଗଙ୍ଗାଧର ରଣାଙ୍କୁ ପୁନର୍ବାର ଦାୟିତ୍ୱ ଦିଆଯିବ ସହ ଉପ ସଭାପତି ପୁରନ୍ଦର ରଣା, ଡମ୍ବରୁଧର ରଣା, ଚତୁର୍ଭୁଜ ରଣା ହୋଇଛନ୍ତି। ସହ ସମ୍ପାଦକ ରୂପେ ପୀତାମ୍ବର ରଣା, କୋଷାଧ୍ୟକ୍ଷ ଦେବାନନ୍ଦ ରଣା, ଯୁବ ସଭାପତି କୌରବ ରଣା, ଯୁବ ସମ୍ପାଦକ ଚିତ୍ତ ରଞ୍ଜନ ରଣା, ମହିଳା ସଭାନେତ୍ରୀ ଦ୍ରୌପଦୀ ରଣା, ମହିଳା ସମ୍ପାଦିକା ଭାବେ ଜାହ୍ନବୀ ରଣା ପ୍ରମୁଖଙ୍କୁ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତାମାନଙ୍କୁ ଜିଲ୍ଲା ସମ୍ପାଦକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ନର୍ଲା ବ୍ଲକର ପୂର୍ବତନ ସମ୍ପାଦକ ଯୁଗଳ କିଶୋର ରଣା ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଜନଶୁଣାଣି

**କୋକସରା/ଭବାନୀପାଟଣା, ୧୨।୨(ସମିସ):** କୋକସରା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସୋମବାର ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମନ ଚକମା, ବିଡ଼ିଓ ସେହ୍ନପ୍ରଭା ମାଝୀ, ତହସିଲଦାର ନବିନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ୨୨ ଗୋଟି ପଞ୍ଚାୟତରୁ ୧୫୮ଟି ଦରଖାସ୍ତ ଆସିଥିଲା। ତନ୍ମଧ୍ୟରୁ ୧୨୧ ବ୍ୟକ୍ତିଗତ ଓ ୩୭ଟି ସାମୂହିକ ଦରଖାସ୍ତ ଥିଲା। ଆବାସ ଗୃହ ୫୨, ରାସନ୍ କାର୍ଡ ୨ ଓ ୩ ଜଣଙ୍କୁ ଭତ୍ତା ବାବଦରେ ସମୁଦାୟ ୫୭ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ଲଡୁଗାଁର ରାସ୍ତା ସମସ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ, ଯୁକ୍ତ ଦୁଇ ବିଜ୍ଞାନ କଲେଜ ସ୍ଥାପନ, ମନଭଙ୍ଗ ସାଗରର ଉନ୍ନତିକରଣ, ବଡପୋଡାଗୁଡା, ବରାଡଙ୍ଗା ଆଦି ଅଞ୍ଚଳରେ ଚାଷ ନିମନ୍ତେ ଜଳସେଚନ ବ୍ୟବସ୍ଥା ସହ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ମିଳିଥିଲା। ଏହି ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।



# ନର୍ଲା ବ୍ଲକର ୨୬ ପଞ୍ଚାୟତକୁ ୧୦ ନିର୍ବାହୀ ଅଧିକାରୀ

### ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ




**ନର୍ଲା, ୧୨।୨(ସମିସ)**

କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତରେ ମାତ୍ର ୧୦ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଫଳରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। ଅନେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ହେଉନି। ଜିଲ୍ଲାର ଅନ୍ୟତମ ଏହି ବଡ ବ୍ଲକରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଜୀବିକା ମିଶନର ପ୍ରୋଗ୍ରାମ କୋଅର୍ଡିନେଟର ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ମଧ୍ୟ ଖାଲି ପଡ଼ିଛି।

ଏ ଦିଗରେ ନିର୍ବାଚିତ ଜନ ପ୍ରତିନିଧିମାନେ ବିଶେଷ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଏହାର ସୁଫଳ ଜନସାଧାରଣ ପାଉ ନ ଥିବାରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।



## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ଲଡୁଗାଁ, ୧୨।୨(ସମିସ):** କୋକସରା ବ୍ଲକ କାଉଡ଼ୋଳା ପଞ୍ଚାୟତ କାଉଡୋଳା ଗ୍ରାମର ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଠାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ନିକଟର ସବୁ ସମୟରେ ଜନ ଗହଳି ରହିଥିବା ବେଳେ କେତେ ବେଳେ ଯେ ଅଘଟଣା ଘଟିପାରେ ତାହା କହିହେବନି। ଟ୍ରାନ୍ସଫର୍ମର ନିକଟରେ ସୋଲାର ପାଣି ଟାଙ୍କି ରହିଥିବା ଯୋଗୁଁ ପ୍ରତିଦିନ ପାଣି ପାଇଁ ଯିବାଆସିବା କରିଥାନ୍ତି ପଡ଼ାବାସୀ। ତେବେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେଲେ ମଧ୍ୟ ବିଦ୍ୟୁତ ବିଭାଗର ନିଘା ନାହିଁ। ଯଦିଓ ବିଦ୍ୟୁତ ବିଭାଗ ପକ୍ଷରୁ ଏଠାରେ ପାଚେରୀ ନିର୍ମାଣ କରାଯାଆନ୍ତା ତେବେ ଜନସାଧାରଣ ସୁରକ୍ଷିତ ରହିବେ ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି। ଏନେଇ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ବ୍ରଜ ମୋହନ ଦଳେଇଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି ଯେ ଆମ ନଜର କୁ ଆସି ନ ଥିଲା। ତଦନ୍ତ ପରେ ପାଚେରୀର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ସମସ୍ତଙ୍କ ପାଇଁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା

# ‘ନବୀନ କାର୍ଡ’ ପାଇଁ ୧୭ ୬୦୦ କୋଟି ଅନୁଦାନ

**ଭୁବନେଶ୍ୱର, ୧୨ ।୨(ସମିସ):** ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ଚିନ୍ତା ଦୂର କରିଥିବା ବିଏସ୍‌କେୱାଇର ପରିସର ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଗ୍ରାମାଞ୍ଚଳର ୧.୧୦ କୋଟିରୁ ଅଧିକ ପରିବାରକୁ ଏହି ଅଭୂତପୂର୍ବ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ପାଇଁ ଆରମ୍ଭ ହେଉଥିବା ବିଏସ୍‌କେୱାଇ ନବୀନ କାର୍ଡ ନିମନ୍ତେ ରାଜ୍ୟ ସରକାର ୧୭ ୬୦୦ କୋଟି ଟଙ୍କାର ଅନୁମୋଦନ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହି ପରିମାଣର ବ୍ୟୟବରାଦ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ସାର୍ବଜନୀନ ସ୍ୱାସ୍ଥ୍ୟସେବା ସହ ଆର୍ଥିକ ଦୁର୍ବଳ ଓ ସମ୍ବେଦନଶୀଳ ବର୍ଗ ପରିବାରମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଲକ୍ଷ୍ୟରେ ୨୦୧୮ ଅଗଷ୍ଟ ୧୫ ତାରିଖରେ ରାଜ୍ୟ ସରକାର ନିଜସ୍ୱ ଯୋଜନା ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆରମ୍ଭ କରି ମେଡିକାଲ କଲେଜ ଓ ହସ୍ପିଟାଲ ପର୍ଯ୍ୟନ୍ତ ସମସ୍ତ ସରକାରୀ ଡାକ୍ତରଖାନାରେ ଦେୟମୁକ୍ତ ଚିକିତ୍ସା ସୁନିଶ୍ଚିତ କରାଯାଇଛି । ସେହିପରି ଘରୋଇ ଡାକ୍ତରଖାନାରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁନିଶ୍ଚିତ କରାଯାଇଛି । ଅଦ୍ୟାବଧି ରାଜ୍ୟ ଓ ରାଜ୍ୟ ବାହାରେ ଥିବା ୮୧୬ଟି ଘରୋଇ ଡାକ୍ତରଖାନାକୁ ବିଏସ୍‌କେୱାଇରେ ତାଲିକାଭୁକ୍ତ କରାଯାଇଛି । ଘରୋଇ ହସ୍ପିଟାଲରେ ମାସିକ ଚିକିତ୍ସା ଖର୍ଚ୍ଚ ବଢ଼ି ବଢ଼ି ଅଢ଼େଇ ଶହ କୋଟିରେ ପହଞ୍ଚିଲାଣି । ବର୍ଦ୍ଧିତ ବ୍ୟୟଭାର ବିଏସ୍‌କେୱାଇର ସଫଳତାକୁ ଉଜାଗର କରୁଛି । ତେବେ ଗ୍ରାମାଞ୍ଚଳର ବିଏସ୍‌କେୱାଇରୁ ବାଦ୍ ପଡ଼ିଥିବା ପରିବାର ନିକଟରେ (ସରକାରୀ କର୍ମଚାରୀ, ପେନସନ୍ ଭୋଗୀ ଓ ଆୟକରଦାତାଙ୍କୁ ବାଦ୍ ଦେଇ ସମସ୍ତ ପରିବାର) ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ ନବୀନ କାର୍ଡର ପ୍ରଚଳନ କରିଛନ୍ତି । ଏବେ ଏହାର ପଞ୍ଜିକରଣ ଶେଷ ହୋଇଥିବା ବେଳେ ମେ’ ମାସରୁ ହିତାଧିକାରୀଙ୍କୁ ଚିକିତ୍ସା ସୁବିଧା ମିଳିବ । ଏହାକୁ ବିଚାର କରି ଆଜି ରାଜ୍ୟ କ୍ୟାବିନେଟ୍ ନବୀନ କାର୍ଡ ପାଇଁ ୧୭ ୬୦୦ କୋଟି ଟଙ୍କାର ବ୍ୟୟବରାଦ ଅନୁମୋଦନ କରିଛନ୍ତି ।

# ଶିଶୁ ଓ ମାତୃ ମୃତ୍ୟୁହାର ନିରାକରଣ ଅଭିଯାନ ୨୦୨୮ ଯାଏ ବୃଦ୍ଧି

■ ଆସନ୍ତା ୨ ବର୍ଷରେ ସରକାର ବ୍ୟୟ କରିବେ ୧୦୧୫.୬୭ କୋଟି
■ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ୨୦୨୭ ଯାଏ ବଢ଼ିଲା
■ କିଶୋରୀ ବାଳିକାଙ୍କ ପାଇଁ ବଢ଼ାଗଲା ‘ଖୁସି’ ପରିସର

**ଭୁବନେଶ୍ୱର, ୧୨ ।୨(ସମିସ):** ଆଜି ରାଜ୍ୟ କ୍ୟାବିନେଟରେ ମହିଳା, ଶିଶୁ ଏବଂ କିଶୋରୀ ବାଳିକାଙ୍କ ପାଇଁ ରାଜ୍ୟ ସରକାର ଏକାଧିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ଶିଶୁମୃତ୍ୟୁହାର ଓ ମାତୃମୃତ୍ୟୁହାର ହ୍ରାସ କରିବା ପାଇଁ ରାଜ୍ୟର ରାଜ୍ୟର ୧୫ଟି ଜିଲ୍ଲାରେ ୨୦୧୫ ମସିହା ପରଠାରୁ ଶିଶୁ ଏବଂ ମାତୃ ମୃତ୍ୟୁହାର ପୂର୍ଣ୍ଣ ନିରାକରଣ ଅଭିଯାନ(ସମ୍ପୂର୍ଣ୍ଣା) ଆରମ୍ଭ କରିଥିଲେ । ଇତିମଧ୍ୟରେ ଏହି ଯୋଜନା ବ୍ୟାପକ ସଫଳତା ହାସଲ କରି ସାରିଥିବା ବେଳେ ଏହାର ଅବଧିକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହିକ୍ରମରେ ଏହି ଯୋଜନାକୁ ଆଉ ୫ ବର୍ଷ ଅର୍ଥାତ୍ ୨୦୨୩-୨୪ରୁ ୨୦୨୭-୨୮ ଯାଏଁ ଜାରି ରଖିବାକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି । ଏଥିପାଇଁ ୧୦୧୫.୬୭ କୋଟି ଟଙ୍କା ଖର୍ଚ୍ଚ ହେବ ।

ଅନ୍ୟ ଏକ ପ୍ରମୁଖ ନିଷ୍ପତ୍ତିକ୍ରମେ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା୨୦୨୨-୨୩ରୁ ୨୦୨୬-୨୭ ଯାଏଁ ବୃଦ୍ଧି କରାଯାଇଛି । ଏହି ଯୋଜନା ଅଧିନରେ ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ଦୁଇହଳ ପ୍ରାକ୍ ବିଦ୍ୟାଳୟ ପୋଷାକ, ହଳେ ଜୋତା ଓ ମୋଜା ଏବଂ ଗୋଟିଏ ସ୍ୱେଟର ପ୍ରଦାନ କରାଯିବ । ସେହିପରି ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢୁଥିବା କିଶୋରୀ ବାଳିକାଙ୍କୁ ସାନିଟାରୀ ନାପକିନ୍ ମାଗଣାରେ ପ୍ରଦାନ ପାଇଁ ରାଜ୍ୟ ସରକାର ଖୁସି ଯୋଜନା ପ୍ରଣୟନ କରିଥିଲେ । ମହିଳା ସଶକ୍ତିକରଣର ଅଂଶବିଶେଷ ସ୍ୱରୂପ ଏହି ଯୋଜନାକୁ ଖୁସି+ କୁ ବିସ୍ତାର କରିଛନ୍ତି । ଏହି ଯୋଜନାଟି ରାଜ୍ୟ ବଜେଟ ଅଧିନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ଅନୁମୋଦିତ ୫୧୧.୯୩ କୋଟି ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ମାଧ୍ୟମରେ ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏଁ ପଢୁଥିବା ପ୍ରାୟ ୧୭୮୩୯୦୧ ଜଣ ଛାତ୍ରୀଙ୍କୁ ମାଗଣା ସାନିଟାରୀ ନାପକିନ୍ ମାଗଣାରେ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି । ଗୁଣାତ୍ମକ ସାନିଟାରୀ ନାପକିନ୍ ଉପଲବ୍ଧ କରାଇବା ଖୁସି+ ର ମୂଳ ଉଦ୍ଦେଶ୍ୟ । ଏହାସହ ଏହାର ବ୍ୟବହାରିକ ସଚେତନତା ସୃଷ୍ଟି, ଆନୁଷ୍ଠାନିକ ପ୍ରସବ ଏବଂ ମାସିକ ଋତୁସ୍ରାବ ଉପରେ ସଚେତନତା ସୃଷ୍ଟି କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ।

# ଏକାମ୍ର ଯୋଜନା ଲାଗି ଖର୍ଚ୍ଚ ହେବ ୬୫୬.୭୩ କୋଟି

■ ସମଲେଇ ଯୋଜନାରେ ୩୮୮.୨୬ କୋଟିର ବ୍ୟୟବରାଦ
■ ସୋନପୁର-ବୌଦ୍ଧକୁ ଯୋଡ଼ିବ ଦ୍ୱିତୀୟ ଉଚ୍ଚ ମହାନଦୀ ସେତୁ
■ ରାଜ୍ୟ ସରକାର ଖର୍ଚ୍ଚ କରିବେ ୧୦୫.୭୦ କୋଟି ଟଙ୍କା

**ଭୁବନେଶ୍ୱର,୧୨ ।୨(ସମିସ):** ରାଜ୍ୟରେ ମନ୍ଦିରଗୁଡ଼ିକର ବିକାଶ ଶିଖର ଛୁଇଁଛି । ଧାର୍ମିକ ସ୍ଥଳୀଗୁଡ଼ିକର ଐତିହ୍ୟ, ମନ୍ଦିରର ଚତୁଃପାର୍ଶ୍ୱକୁ ରୂପାନ୍ତରଣ କରି ସୌନ୍ଦର୍ଯ୍ୟକରଣ କରାଯାଉଛି । ମନ୍ଦିରର ବିକାଶରେ ଶତମୁଖି ହୋଇ ଶ୍ରଦ୍ଧାଳଙ୍କ ସୁଅ ଛୁଟୁଛି । ଏହି କ୍ରମରେ ଭୁବନେଶ୍ୱରର ଏକାମ୍ର ଏବଂ ସମ୍ବଲପୁରର ସମଲେଇ ପ୍ରକଳ୍ପ ପାଇଁ ବ୍ୟୟବରାଦକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି ।

ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ଚତୁଃପାର୍ଶ୍ୱରେ ଐତିହ୍ୟ ଓ ଭବ୍ୟତାର ପୁନରୁଦ୍ଧାର ଓ ସଂରକ୍ଷଣ କରି କଳିଙ୍ଗ ସ୍ଥାପତ୍ୟର ଜୀବନ୍ତ ଐତିହ୍ୟ ବର୍ଦ୍ଧନ, ପ୍ରାକୃତିକ ଏବଂ ନିର୍ମିତ ଐତିହ୍ୟ ସମ୍ପତ୍ତି ମଧ୍ୟରେ ସଂଯୋଗକୁ ଦୃଢ଼ୀଭୂତ ହେବ । ଏକାମ୍ର କ୍ଷେତ୍ର ସୁବିଧା ଓ ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ‘ଏକାମ୍ର ଯୋଜନା’କୁ ରାଜ୍ୟ କ୍ୟାବିନେଟ୍ ୬୫୬.୭୩ କୋଟି ଟଙ୍କା ବ୍ୟୟ ଅଟକଳରେ ଅନୁମୋଦନ କରିଛି । ଅନୁରୂପ ଭାବେ ମା’ ସମଲେଶ୍ୱର ମନ୍ଦିରର ଭବ୍ୟତାକୁ ପ୍ରତିପାଦନ କରିବା, ଭକ୍ତଙ୍କ ଅନୁଭୂତି ବୃଦ୍ଧି, ସମ୍ବଲପୁର ଓ ଓଡ଼ିଶା ପର୍ଯ୍ୟଟକ ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ଲୋକଙ୍କ ଆର୍ଥିକ ସୁଯୋଗ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଥିଲେ । ଗତ ୨୦୨୧ ମସିହା ଫେବୃଆରୀ ୧୭ରେ ମା’ ସମଲେଶ୍ୱରୀ ମନ୍ଦିର ଚାରିପାଖରେ ଅନ୍ୟାନ୍ୟ ପ୍ରକଳ୍ପର ବିକାଶ କରିବା ଲାଗି ସମଲେଶ୍ୱରୀ ମନ୍ଦିର କ୍ଷେତ୍ର ପରିଚାଳନା ଏବଂ ସ୍ଥାନୀୟ ଅର୍ଥନୈତିକ ପଦକ୍ଷେପ ‘ସମଲେଇ ଯୋଜନା’କୁ ଆରମ୍ଭ ହୋଇଥିଲା । ରାଜ୍ୟ କ୍ୟାବିନେଟ୍ ଏହି ଯୋଜନାକୁ ୩୮୮.୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ଅନୁମୋଦନ କରିଛି । ୨୦୨୨-୨୧ରୁ ଆରମ୍ଭ ହୋଇଥିବା ଏହି ଦୁଇଟି ମନ୍ଦିରର ବିକାଶର ଯୋଜନା ୨୦୨୪-୨୫ ପର୍ଯ୍ୟନ୍ତ ଜାରି ରହିବ । ଆଉ ଏକ ନିଷ୍ପତ୍ତିକ୍ରମେ ବୌଦ୍ଧ ଜିଲ୍ଲାର ବାଉଁଶୁଣୀ ସହ ସୋନପୁରର ବିରମହାରାଜପୁରକୁ ସଂଯୋଗ ପାଇଁ ମହାନଦୀ ଉପରେ ଦ୍ୱିତୀୟ ଉଚ୍ଚ ସେତୁ ନିର୍ମାଣ କରାଯିବ । ଏଥିପାଇଁ ଆର୍‌କେଡି କନଷ୍ଟ୍ରକସନ୍ ପ୍ରା.ଲିଃର ସର୍ବନିମ୍ନ ନିବିଦା ୧୦୫ କୋଟି ୭୦ ଲକ୍ଷ ୯୯ ହଜାର ୩୫୦ ଟଙ୍କାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି । ମୋଟ ୩୬ ମାସରେ ଏହି ସେତୁ ନିର୍ମାଣ ସରିବ ।

# ଲାଞ୍ଚୁଆ ଏଆର୍‌ଆଇଙ୍କୁ ଦୁଇବର୍ଷ ଜେଲ୍

**ଜୟପୁର,୧୨ ।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଲାଞ୍ଚୁଆ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଛନ୍ତି । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ଏହି ମାମଲାର ବିଚାର କରି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ତହସିଲ ବାଲିମେଳା ସର୍କଲର ଏଆରଆଇ କାଶୀନାଥ ମଣ୍ଡଳ(୩୩)ଙ୍କୁ ଦୁର୍ନୀତି ନିବାରଣର ୨ଟି ଦଫାରେ ୨ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଦୋଷୀଙ୍କୁ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି । ସୂଚନାନୁଯାୟୀ, ମାଲାକାନଗିରି ଜିଲ୍ଲାର ଅଭିଯୋଗକାରୀ ସନ୍ତୋଷ କୁମାର ମହାରଥ ୨୦୧୪ ମସିହାରେ ଖୈରୀପୁଟ ତହସିଲ ଗୋବିନ୍ଦପାଲ୍ଲୀ ମୌଜାରେ ୫ ଡେସିମିଲର ଏକ ଜମିକୁ କ୍ରୟ କରିଥିଲେ । ଏହି ବାବଦକୁ କ୍ରୟକାରୀଙ୍କ ନାମରେ ପଟ୍ଟା ପ୍ରଦାନ କରିବା ନେଇ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ । ଏହାର ଏକ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ତତ୍କାଳୀନ ଏଆରଆଇ କାଶୀନାଥ ମଣ୍ଡଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ରିପୋର୍ଟ ଦେବାକୁ ଶ୍ରୀ ମଣ୍ଡଳ ଆବେଦନକାରୀଙ୍କୁ ଲାଞ୍ଚ ମାଗିଥିଲେ । ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ତାଙ୍କୁ ଲାଞ୍ଚ ଟଙ୍କା ସହ ଗିରଫ କରିଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆଇନଜୀବୀ ଶଶିଧର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

# ୧୬ରୁ ‘ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା’

● ‘କଲେ ମତ୍ସ୍ୟ-ପ୍ରାଣିପାଳନ, ଆୟ ହୋଇବ ବହୁଗୁଣ’ ଚଳିତ ବର୍ଷର ବିଷୟବସ୍ତୁ
● ପ୍ରାୟ ୪୦୦ ଷ୍ଟଲ୍ ସହ ୧୨ ଆଲୋଚନାଚକ୍ର

**ଭୁବନେଶ୍ୱର,୧୨ ।୨(ସମିସ):** ଚାଷୀଙ୍କ ଆୟ ବହୁଗୁଣିତ କରିବାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି ମାଧ୍ୟମରେ ଚାଷୀ, ଉଦ୍ୟୋଗୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ଅଭିବୃଦ୍ଧିର ପରବର୍ତ୍ତୀ ସ୍ତର ଭାବେ ରାଜ୍ୟ ସରକାର ଏହି କ୍ଷେତ୍ରକୁ ଚିହ୍ନଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣିପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ସମ୍ପର୍କରେ ସଚେତନ କରାଇବା ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରଥମଥର ‘ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା’ ଆୟୋଜନ କରୁଥିବା ସୋମବାର କୃଷି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ । ସମ୍ପ୍ରତି ଜିଲ୍ଲାସ୍ତରରେ ଆୟୋଜିତ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ସଫଳ ଆୟୋଜନ ଓ ଏଥିପ୍ରତି ଚାଷୀ ଓ ଜନସାଧାରଣଙ୍କ ଆଗ୍ରହକୁ ଦେଖି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ଏହି ସମାବେଶରେ ପ୍ରତି ବ୍ଲକରୁ ୨୦ ଜଣ ଲେଖାଏଁ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ଚାଷୀ ଓ ଉଦ୍ୟୋଗୀ ଯୋଗଦେବେ । ଏଥିରେ ବିଭିନ୍ନ ବୈଷୟିକ ଅଧିବେଶନ, କୃଷକ-ବୈଜ୍ଞାନିକ ଆଲୋଚନା, ସେମିନାର, ଅତ୍ୟାଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ, ଅଭିଜ୍ଞତା ବଣ୍ଟନ ଆଦି କାର୍ଯ୍ୟକ୍ରମ ରହିଛି । ଏକ ନୂତନ କାର୍ଯ୍ୟକ୍ରମ ଭାବେ ‘ଆସ୍କ ଦି ମିନିଷ୍ଟର’ର ପରିକଳ୍ପନା କରାଯାଇଛି । ଏଥିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମନ୍ତ୍ରୀ କୃଷକମାନଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ । ପ୍ରାୟ ୪୦୦ ଷ୍ଟଲ୍ ସହିତ ଆଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ କରାଯିବ । ଏଥିପାଇଁ ୧୬ ତାରିଖ ସକାଳ ୬ଟାରେ ଏକ ୱାକାଥନ୍ କରାଯିବ । ଏହି ଉପଲକ୍ଷେ ଭେଟେରିନାରୀ, ଫିସରିଜ୍ ଏବଂ ମ୍ୟାନେଜ୍‌ମେଣ୍ଟ କଲେଜ, ପଲିଟେକ୍‌ନିକ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତବ୍ୟ ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଉଛି । ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ସମାବେଶରେ ପୁରସ୍କୃତ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ-ପ୍ରାଣୀ ସମାବେଶର ଲୋଗୋ, ମାସ୍କଟ, ଥିମ୍ ଏବଂ ଥିମ୍ ସଙ୍ଗ୍‌ର ଉନ୍ମୋଚନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ ଆଲାମ୍, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦୁ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।






ମାନବ ଜୀବନ ନୁହଁଇ କେବଳ ବର୍ଷ-ମାସ-ଦିନ-ଦଣ୍ଡ
କର୍ମେ ଜିଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ।
-ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ସକାଳ
THE SAKALA

# ଚାରିଦିନିଆ କର୍ମସଂସ୍କୃତିର ପ୍ରଭାବ

ପ୍ରଥମ ଶିଳ୍ପ ବିପ୍ଳବ ପାଶ୍ଚାତ୍ୟ ଜଗତରେ ବିଶେଷକରି ୟୁରୋପରେ ଆରମ୍ଭ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ। ଏହି ପ୍ରକ୍ରିୟା ପ୍ରାୟ ୧୯୩୦ ପର୍ଯ୍ୟନ୍ତ ଚାଲିଥିଲା। ବ୍ରିଟେନ୍ ଥିଲା ପ୍ରଥମ ଶିଳ୍ପ ବିପ୍ଳବର ପ୍ରାଣକେନ୍ଦ୍ର। ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହେଲା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଏବଂ ଏହା ଚାଲିଲା ବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ। ଦ୍ୱିତୀୟ ଶିଳ୍ପ ବିପ୍ଳବର ଆଦି ଭୂମି ଥିଲା ବ୍ରିଟେନ୍, ପଶ୍ଚିମ ୟୁରୋପର ଅନ୍ୟାନ୍ୟ ଦେଶ, ଉତ୍ତର ଆମେରିକା ଓ ଜାପାନ। ତା'ପରେ ତୃତୀୟ ଓ ଚତୁର୍ଥ ଶିଳ୍ପ ବିପ୍ଳବ ବିଶ୍ୱ ଦେଖିଲାଣି। ଶିଳ୍ପ ବିପ୍ଳବରେ ପ୍ରଥମ ଦୁଇଟିରେ ଯନ୍ତ୍ର ବା ମେସିନ୍ ଥିଲା ଆଗରେ। ପ୍ରଥମ ଶିଳ୍ପବିପ୍ଳବରେ କୋଇଲା ଜାଳି ତାହାର ବାଷ୍ପରେ ଇଞ୍ଜିନ୍ ଚାଲିଲା। ଦ୍ୱିତୀୟ ଶିଳ୍ପ ବିପ୍ଳବରେ ବାଷ୍ପ ବଦଳରେ ବିଜୁଳି ଶକ୍ତି ଗୁରୁତ୍ୱ ପାଇଲା। ବିବର୍ତ୍ତନବାଦୀ ପ୍ରୟାସରେ ତୃତୀୟ ଶିଳ୍ପ ବିପ୍ଳବରେ ଆସିଲା ପ୍ରାରମ୍ଭିକ ସ୍ୱୟଂକ୍ରିୟତା ବା ଯନ୍ତ୍ରର ପ୍ରିଲିମିନାରୀ ଅଟୋମେସନ। ଏବେ ଯେଉଁ ଚତୁର୍ଥ ଶିଳ୍ପ ବିପ୍ଳବ ଚାଲିଛି, ସେଥିରେ ଗୁରୁତ୍ୱ ପାଇଛି ସାଇବର ଫିଜିକାଲ ସିଷ୍ଟମ ବା ଇଣ୍ଟେଲିଜେଣ୍ଟ କମ୍ପ୍ୟୁଟର ବା କୃତ୍ରିମ ବୁଦ୍ଧିମତ୍ତା। ଏହାର ବିକାଶ ପ୍ରକ୍ରିୟା ଜାରି ରହିଛି ଏବଂ ଡିଜିଟାଲ୍ ଟେକ୍‌ନୋଲୋଜିର ନୂଆ ପ୍ରୟୋଗ ବିଭିନ୍ନ କ୍ଷେତ୍ରରେ ଦେଖାଯାଉଛି।

ଏସବୁ ଏକ ପ୍ରକ୍ରିୟାର କ୍ରମବିକାଶ, ଯେଉଁଠି ଶିଳ୍ପବିପ୍ଳବ ସମୟକ୍ରମେ ନୂଆ ନୂଆ ରୂପ ନେଉଛି। ସତକଥା କହିଲେ ବିଶ୍ୱର ଯେତେ ଶିଳ୍ପ ବିପ୍ଳବ ଏ ଯାଏଁ ଆରମ୍ଭ ହୋଇଛି, ତାହାର ଆଦିଭୂମି ୟୁରୋପ ଓ ଆମେରିକା। ଶେଷ ଦୁଇ ଶିଳ୍ପ ବିପ୍ଳବରେ ଆମେରିକାର ଅବଦାନ ଅଧିକ ରହିଛି। ତେବେ ଶିଳ୍ପରେ ଯନ୍ତ୍ରପାତି / ପ୍ରଯୁକ୍ତି ସହିତ ମଣିଷ ସବୁବେଳେ ରହିଆସିଛି ଏବଂ ଏଥିରେ ନିଜର ଶ୍ରମ ଦେଇଆସିଛି। ସମୟକ୍ରମେ ବୈଷୟିକ ଜ୍ଞାନକୌଶଳର ପରିବର୍ତ୍ତନ ସହିତ କର୍ମ ସଂସ୍କୃତିର ମଧ୍ୟ ପରିବର୍ତ୍ତନ ଘଟୁଛି। ଏବେ କିନ୍ତୁ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ), ମେସିନ୍ ଲର୍ଣ୍ଣିଂ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍, ବିଗ୍‌ଡାଟା, ବ୍ଲକଚେନ୍, ଡିଜିଟାଲ ଟ୍ୱିନ୍ସ, ୫ଜି, ଡାଟା ଆନାଲିଟିକ୍ସ, ସେନ୍ସର, ଥ୍ରୀଡି ପ୍ରିଣ୍ଟିଂ ଭଳି ଟେକ୍‌ନୋଲୋଜି ବିଶ୍ୱରେ ଏକ ବଡ଼ ବିପ୍ଳବ ଆଣିଛି। ବିଶେଷକରି 'ଏଆଇ' ପରିଚାଳିତ ଅଟୋମେସନ ଫଳରେ ମଣିଷର ଶ୍ରମ ଶକ୍ତିର ଆବଶ୍ୟକତା ହ୍ରାସ ପାଇଛି। ପ୍ରାକୃତିକ ବୁଦ୍ଧିମତ୍ତା ଓ ଶ୍ରମ ଅପେକ୍ଷା କୃତ୍ରିମ ବୁଦ୍ଧିମତ୍ତା ଓ ଯନ୍ତ୍ର ମଣିଷ ହାତରୁ କାମ ଛଡ଼ାଇ ନେବାର ଭୟ ଦେଖାଦେଇଛି। ଏଭଳି ସ୍ଥିତିରେ ଶ୍ରମ ଓ ଶ୍ରମିକଙ୍କ ପରିଭାଷା ବଦଳିଛି।

ଏବେ ଉନ୍ନତ ଦେଶ ଓ ପାଶ୍ଚାତ୍ୟ ଜଗତରେ ସପ୍ତାହକୁ ଚାରିଦିନ କାମ କରିବାର ବ୍ୟବସ୍ଥା ଆରମ୍ଭ ହୋଇଛି। ଜର୍ମାନୀ ଏବେ ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା ପ୍ରଚଳନ କରିଛି। ଏହାପୂର୍ବରୁ ଡେନ୍‌ମାର୍କ, ବେଲଜିୟମ, ଅଷ୍ଟ୍ରେଲିଆ, ଜାପାନ, ସ୍ପେନ୍, ବ୍ରିଟେନ୍ ଆଦି ଦେଶରେ କର୍ମଚାରୀଙ୍କ ପାଇଁ ଚାରିଦିନିଆ କାର୍ଯ୍ୟସପ୍ତାହ ବ୍ୟବସ୍ଥା ଆରମ୍ଭ ହୋଇଛି। ସେଠାକାର ସଫଳତା ଭିତ୍ତିରେ ଅନ୍ୟାନ୍ୟ ଦେଶମାନେ ଏହି ବ୍ୟବସ୍ଥା ଲାଗୁ କରିବେ ବୋଲି ସୂଚନା ମିଳିଛି। ଯେଉଁ ତିନିଦିନ କର୍ମଚାରୀ କାର୍ଯ୍ୟ କ୍ଷେତ୍ରକୁ ଯିବେ ନାହିଁ ସେଥିନିମନ୍ତେ ସେମାନଙ୍କ ବେତନ କଟାଯିବ ନାହିଁ। ସେମାନେ ଅଧିକ ବିଶ୍ରାମ ପାଇବା ସହିତ ଚାପମୁକ୍ତ ଜୀବନ ବିତାଇବେ ବୋଲି କୁହାଯାଉଥିଲେ ମଧ୍ୟ ଘଟଣା ଠିକ୍ ସେୟା ନୁହେଁ। ବରଂ ସେମାନଙ୍କୁ ଚାରିଦିନର କାର୍ଯ୍ୟ ଦିବସରେ ଅତିରିକ୍ତ ପାଞ୍ଚ, ଛ'ଘଣ୍ଟା ଲେଖାଏଁ କାମ କରିବାକୁ ପଡ଼ିବ। ଏଇ ଯେମିତି 'ୱାର୍କ ଫ୍ରମ ହୋମ' ଭଳି। ଘରୁ କାମ କରିବା ନାମକୁ ମାତ୍ର। ଅଫିସ ଯାଇ ମଧ୍ୟ ଘରୁ ୧୨ ଘଣ୍ଟା କାମ କରିବାକୁ ପଡୁଛି। ତେବେ ଅଫିସ ବା କାର୍ଯ୍ୟସ୍ଥଳରେ ଛୁଟି ଦିନରେ ଯାନ୍ତ୍ରିକ ବା ଅଟୋମେସନ ବ୍ୟବସ୍ଥାରେ ବିନା କର୍ମଚାରୀରେ କେତେ ଅଧିକ କାମ କରିହେବ ସେ ବିଷୟ ମାଲିକମାନେ ପରୀକ୍ଷା କରି ଦେଖୁଛନ୍ତି। ଏହା ଫଳରେ ଏମିତି ଦିନେ ସମୟ ଆସିବ, ଯେତେବେଳେ ଉଦ୍ୟୋଗ ବା ଉତ୍ପାଦନ ଶ୍ରମବହୁଳ ନ ହୋଇ ଖୁବ୍ କମ୍ କର୍ମଚାରୀରେ ଚାଲିବ ଏବଂ ମାଲିକଙ୍କର ମୁନାଫା ବଢ଼ିବ। ଏଭଳି ପ୍ରକ୍ରିୟା ସାମାଜିକ ଓ ଅର୍ଥନୈତିକ ସ୍ତରରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଇପାରେ।

ଉଲ୍ଲେଖଯୋଗ୍ୟ ଯେ କିଛି ମାସ ତଳେ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍ ନାରାୟଣ ମୂର୍ତ୍ତି ଠିକ୍ ଏହାର ବିପରୀତ ଦିଗରେ ଯାଇ ସପ୍ତାହକୁ ୭୦ ଘଣ୍ଟା ପରିଶ୍ରମ କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ, ଯାହା ବିତର୍କର ସୂତ୍ରପାତ କରିଥିଲା। ଯେଉଁ ପ୍ରଯୁକ୍ତି ଜ୍ଞାନକୌଶଳ ଆଜି ମାନବ ସମ୍ବଳ ପ୍ରତି ଆହ୍ୱାନ ସୃଷ୍ଟି କରିଛି ସେହି ପ୍ରଯୁକ୍ତି ବିଦ୍ୟା ହିଁ ୧୯ ୯୦ ମସିହା ପରଠାରୁ ଭାରତକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ଗୌରବ ପ୍ରଦାନ କରିଥିଲା। ଏବେ କିନ୍ତୁ ପରିସ୍ଥିତି ପୁଣି କଡ଼ ଲେଉଟାଇବାକୁ ଯାଉଛି। ବିଶ୍ୱସ୍ତରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରୟୋଗର କୁପ୍ରଭାବ ଭାରତର ଶ୍ରମବଜାରକୁ ଯେ ସ୍ପର୍ଶ କରିବ ନାହିଁ ତାହା ଜୋର ଦେଇ କହିହେବ ନାହିଁ। ଏହା ମଧ୍ୟ ଅସ୍ୱୀକାର କରିବାର ନାହିଁ ଯେ ଶ୍ରମିକଙ୍କ ଅଧିକାରକୁ ସୁରକ୍ଷିତ କରିବା ସହ ଶ୍ରମକୁ ମର୍ଯ୍ୟାଦା ଦେବାକୁ ସରକାର ବିଭିନ୍ନ ପ୍ରକାର ସଂସ୍କାର ଓ ନୀତି କାର୍ଯ୍ୟକାରୀ କରୁଛନ୍ତି। ଏସବୁ ସତ୍ତ୍ୱେ ସମୟ ଓ ବୈଷୟିକ ଜ୍ଞାନକୌଶଳ ଶ୍ରମର ବାସ୍ତବ ପରିଭାଷା ଓ ମର୍ଯ୍ୟାଦାକୁ ବଦଳାଇ ଦେଇଛି, ଏହାକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ।

ରାଷ୍ଟ୍ରଗଠନରେ ନିଷ୍ଠାପର ପରିଶ୍ରମର ଭୂମିକା ଅପରିହାର୍ଯ୍ୟ। କିନ୍ତୁ ଏହି ଆଳରେ ଯନ୍ତ୍ର ସଂସ୍କୃତିକୁ ମଧ୍ୟ ଅଗ୍ରାଧିକାର ଦିଆଯାଇପାରିବ ନାହିଁ। ତେଣୁ ଏକ ସକାରାତ୍ମକ, ପରିଶ୍ରମୀ ଓ ଯଥୋଚିତ ପାରିଶ୍ରମିକଭିତ୍ତିକ ସମତୁଲ କର୍ମସଂସ୍କୃତି ହିଁ ବର୍ତ୍ତମାନର ଆବଶ୍ୟକତା, ଯାହା ଯୁବବର୍ଗଙ୍କୁ ରାଷ୍ଟ୍ରଗଠନରେ ଅଧିକ ପ୍ରେରିତ ଓ ପ୍ରୋତ୍ସାହିତ କରିବ। ବିଶେଷକରି ବିଶ୍ୱର ଯୁବକ ଦେଶ ଭାବେ ପରିଚିତ ଭାରତର ବିଶାଳ ଯୁବଶକ୍ତିଙ୍କ ଶ୍ରମ ଦାନ ବିନା ନବରାଷ୍ଟ୍ର ନିର୍ମାଣର ପରିକଳ୍ପନା ଅସମ୍ଭବ। ଏଥିସହିତ ବଦଳୁଥିବା ବୈଷୟିକ ଜ୍ଞାନକୌଶଳର ପ୍ରଭାବକୁ କିପରି ପ୍ରତିହତ କରିହେବ ଏବଂ ଯାନ୍ତ୍ରିକ ସଂସ୍କୃତି ଆମକୁ କେଉଁଆଡ଼କୁ ନେବ, ତାହା ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଛି।

# କେନ୍ଦ୍ରୀୟ ବଜେଟ୍ ଓ ଶିଶୁ ବିକାଶ



**କସ୍ତୁରୀ ମହାପାତ୍ର**
ଭୁବନେଶ୍ୱର, ମୋ: ୯୪୩୭୦୦୧୯୭୯

ବଜେଟ୍ ହେଉଛି ସରକାରଙ୍କ ଉଦ୍ଦେଶ୍ୟ, ନୀତି, ପ୍ରାଥମିକତା, ନିଷ୍ପତ୍ତି ଏବଂ ପ୍ରଦର୍ଶନର ସ୍ପଷ୍ଟ ଅଭିବ୍ୟକ୍ତି। ଆସନ୍ତା ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥର ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ ମାତୃ ଓ ଶିଶୁ ଯତ୍ନ, ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର ଗର୍ଭାଶୟ କର୍କଟ ପ୍ରତିରୋଧ ପାଇଁ ୯ ରୁ ୧୪ ବର୍ଷ ବୟସର ଝିଅମାନଙ୍କ ଟିକାକରଣକୁ ପ୍ରୋତ୍ସାହିତ କରିବେ। ମାତୃ ଓ ଶିଶୁ ଯତ୍ନ ପାଇଁ ବିଭିନ୍ନ ଯୋଜନାକୁ ସମନ୍ୱିତ କରି ଏକ ବ୍ୟାପକ କାର୍ଯ୍ୟକ୍ରମ ଅଧୀନକୁ ଅଣାଯିବ। ଅଙ୍ଗନବାଡ଼ି କେନ୍ଦ୍ରର ଉନ୍ନତିକରଣ ଅଧୀନରେ ଉନ୍ନତ ପୋଷଣ ପ୍ରସବ, ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ବିକାଶ ପାଇଁ ସକ୍ଷମ ଅଙ୍ଗନୱାଡି ଏବଂ ପୋଷଣ ୨.୦କୁ ତ୍ୱରାନ୍ୱିତ କରାଯିବ। ଟିକାକରଣ ପରିଚାଳନା ପାଇଁ ନୂତନ ଭାବେ ଡିଜାଇନ୍ ହୋଇଥିବା ୟୁ-ୱିନ୍ ପ୍ଲାଟଫର୍ମ ଏବଂ ମିଶନ ଇନ୍ଦ୍ରଧନୁଷର ପ୍ରୟାସକୁ ସମଗ୍ର ଦେଶରେ ଆହୁରି ଗତିଶୀଳ କରାଯିବ।

ଅପରପକ୍ଷରେ ଅନ୍ତରୀଣ କେନ୍ଦ୍ର ବଜେଟ୍ ୨୦୨୪-୨୫ ଅନୁଯାୟୀ, ଶିଶୁ କଲ୍ୟାଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ମୋଟ ୧୦୯୪୯୩.୦୮ କୋଟି ଟଙ୍କାର ଆବଣ୍ଟନ ମିଳିଛି, ଯାହା ୨୦୨୩-୨୪ର ତୁଳନାରେ ୫.୪୯ ପ୍ରତିଶତ ଅଧିକ। କିନ୍ତୁ ମୋଟ କେନ୍ଦ୍ର ବଜେଟର ଏହା ମାତ୍ର ୨.୩୦ ପ୍ରତିଶତ। ଅମୃତ କାଳର ଯାତ୍ରାରେ ଶିଶୁବିକାଶକୁ ସେତେଟା ଗୁରୁତ୍ୱ ଦିଆଯାଇନାହିଁ ବୋଲି ଏହି ବଜେଟ୍‌ରୁ ବାର୍ତ୍ତା ମିଳୁଛି। କେବଳ ସେତିକି ନୁହେଁ ଗତ ୧୧ ବର୍ଷ ଧରି କେନ୍ଦ୍ର ବଜେଟରେ ଶିଶୁକଲ୍ୟାଣ ଓ ବିକାଶ ଲାଗି ଆବଣ୍ଟନ ହ୍ରାସ ପାଇବାରେ ଲାଗିଛି। ଶିଶୁ କଲ୍ୟାଣ ଲାଗି ୨୦୧୪-୧୫ରେ ସର୍ବାଧିକ ମୋଟ ବଜେଟ୍‌ର ୪.୫୨ ପ୍ରତିଶତ ଆବଣ୍ଟନ କରାଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨.୩୦ ପ୍ରତିଶତକୁ ଖସି ଆସିଛି। କ୍ରମକ୍ଷୟିଷ୍ଣୁ ଏହି ଧାରାରେ ଶିଶୁମାନେ, ବିଶେଷକରି ଅନୁସୂଚିତ ଜନଜାତି, ଗରିବ, ଅବହେଳିତ, ଆର୍ଥିକ ଅନଟନ ଭିତରେ ରହୁଥିବା ଶିଶୁମାନଙ୍କର ବିକାଶ ବାଧାପ୍ରାପ୍ତ ହେଉଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି।

ନିର୍ଦ୍ଦିଷ୍ଟ ଭାବେ ଶିଶୁ ସୁରକ୍ଷା ପାଇଁ ସମ୍ବଳ ଆବଣ୍ଟନ ମଧ୍ୟ ନିରୁତ୍ସାହଜନକ ରହିଆସିଛି, ଯାହା ଏଥର ମଧ୍ୟ ଜାରି ରହିଛି। ଅନ୍ତରୀଣ କେନ୍ଦ୍ରୀୟ ବଜେଟ ୨୦୨୪-୨୫ ରେ ଶିଶୁ ସୁରକ୍ଷା ପାଇଁ ସମୁଦାୟ ବଜେଟର ମାତ୍ର ୦.୦୪ ପ୍ରତିଶତ ମିଳିଛି। ଭାରତର ଅପରାଧ ରିପୋର୍ଟ (କ୍ରାଇମ ଇନ୍ ଇଣ୍ଡିଆ ରିପୋର୍ଟ) ୨୦୨୨ ଅନୁଯାୟୀ ଶିଶୁମାନଙ୍କ ବିରୋଧରେ ସମୁଦାୟ ଅପରାଧର ୧୬୨୪୪୯ ଘଟଣା ରେକର୍ଡ କରାଯାଇଛି, ଯାହା କି ପୂର୍ବବର୍ଷ ତୁଳନାରେ ୮.୭୩ ପ୍ରତିଶତ ଅଧିକ। ଏହି ମାମଲାଗୁଡ଼ିକର ତ୍ୱରିତ ସମାଧାନ ହୋଇ ତ୍ୱରିତ ନ୍ୟାୟ ଦେବା ପାଇଁ ବିଶେଷ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ବା ଅର୍ଥରାଶିର ବରାଦ ହୋଇନାହିଁ। ୨୦୩୦ ମସିହା ସୁଦ୍ଧା ଭାରତୀୟ ଜନସଂଖ୍ୟାର ପାଖାପାଖି ୫୦ ପ୍ରତିଶତ ସହରାଞ୍ଚଳରେ ବସବାସ କରୁଥିବେ ବୋଲି ବିଭିନ୍ନ ତଥ୍ୟଭିତ୍ତିକ ସର୍ବେକ୍ଷଣରୁ ଆକଳନ କରାଯାଇଛି। ତେଣୁ ସହରର ବିକାଶ ସହିତ ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ୟା ମଧ୍ୟ ଅନେକାଂଶରେ ବୃଦ୍ଧି ପାଇବ।

ଏଇଠି ପ୍ରଶ୍ନ ଉଠୁଛି ଯେ ୨୦୨୪-୨୫ ରେ ଶିଶୁସୁରକ୍ଷା ବାବଦରେ ଯେତିକି ଅଟକଳ ରଖାଯାଇଛି ସେତିକି ପିଲାମାନଙ୍କର ବଢୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଯଥେଷ୍ଟ କି? ସେହିଭଳି ୨୦୨୦ର ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ୨୦୨୪-୨୫ କେନ୍ଦ୍ରୀୟ ଅନ୍ତରୀଣ ବଜେଟରେ ସମଗ୍ର ଶିକ୍ଷା ଅଭିଯାନକୁ ମୋଟ ୩୭, ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୦୨୩-୨୪ କେନ୍ଦ୍ରୀୟ ବଜେଟ ଆକଳନରେ ୩୭୪୫୩.୪୭ କୋଟି ଟଙ୍କାର ବ୍ୟୟବରାଦ ତୁଳନାରେ ଏହା ମାତ୍ର ୦.୧୨ ପ୍ରତିଶତ ଅଧିକ। ସମଗ୍ର ଶିକ୍ଷା ଅଭିଯାନକୁ ଏକ ନୂତନ ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ ନୀତି ପ୍ରଣୟନ ହୋଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଶିକ୍ଷକ ବିକାଶ ପାଇଁ ନିଷ୍ଠା (ନ୍ୟାସନାଲ ଇନିସିଏଟିଭ୍ ଫର୍ ସ୍କୁଲ ହେଡ୍ସ ଆଣ୍ଡ ଟିଚର୍ସ ହୋଲିଷ୍ଟିକ୍ ଆଡଭାନ୍ସମେଣ୍ଟ) ନାମକ ଏକ ସମନ୍ୱିତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷଣ ଫଳାଫଳରେ ଉନ୍ନତି ଆଣିବା ପାଇଁ ଜାତୀୟ ଅଭିଯାନ ଆରମ୍ଭ କରିଛି। ଜାତୀୟ ଶିକ୍ଷା କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ 'ଡିପାର୍ଟମେଣ୍ଟ ଫର ସ୍କୁଲ୍ ଏଜୁକେସନ୍ ଆଣ୍ଡ ଲିଟରେସି'ର ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ ସମଗ୍ର ଶିକ୍ଷାରେ ଧନ୍ଦାମୂଳକ ଶିକ୍ଷା ପଦକ୍ଷେପକୁ ସୁଦୃଢ଼ କରିବା ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇଛି। ତଥାପି ସମଗ୍ର ଶିକ୍ଷା ଅଭିଯାନକୁ ୨୦୨୪-୨୫ ଅନ୍ତରୀଣ କେନ୍ଦ୍ର ବଜେଟରେ ଏତେ କମ୍ ଗୁରୁତ୍ୱ କିପରି ଦିଆଯାଇଛି ବୁଝିହୁଏନି।

ଅନ୍ୟପକ୍ଷରେ ଜାତୀୟ ଶିଶୁ ଶ୍ରମିକ (ଏନସିଏଲପି) ପ୍ରକଳ୍ପ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରକଳ୍ପ ସମିତି ଜରିଆରେ ଶିଶୁ ଶ୍ରମିକଙ୍କ ଥଇଥାନ ନିମନ୍ତେ ଅନ୍ୟତମ ପ୍ରମୁଖ ଯୋଜନା। ଏନସିଏଲପି ଯୋଜନା ଅଧୀନରେ ୯-୧୪ ବର୍ଷ ବୟସର ପିଲାମାନଙ୍କୁ କାର୍ଯ୍ୟ କ୍ଷେତ୍ରରୁ ଉଦ୍ଧାର କରାଯାଏ ଏବଂ ଏନସିଏଲପି ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର (ଏସଟିସି)ରେ ନାମ ଲେଖାଇ ଦିଆଯାଏ, ଯେଉଁଠାରେ ସେମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଜରିଆରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପୂର୍ବରୁ ସେତୁ ଶିକ୍ଷା, ଧନ୍ଦାମୂଳକ ତାଲିମ, ମଧ୍ୟାହ୍ନ ଭୋଜନ, ଷ୍ଟାଇପେଣ୍ଡ, ସ୍ୱାସ୍ଥ୍ୟ ସେବା ଇତ୍ୟାଦି ପ୍ରଦାନ କରାଯାଏ। ୨୦୨୪-୨୫ ଅନ୍ତରୀଣ କେନ୍ଦ୍ରୀୟ ବଜେଟରେ ଏନସିଏଲପି କାର୍ଯ୍ୟକ୍ରମ ନିମନ୍ତେ କୌଣସି ଆବଣ୍ଟନ କରାଯାଇନାହିଁ। ଏହାର କାରଣ ମଧ୍ୟ ହୋଇପାରେ ଯେ ଏନସିଏଲପିକୁ ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ୧.୪.୨୦୨୧ରୁ ଅନ୍ତର୍ଭୁକ୍ତ କରାଯାଇସାରିଛି। ଏଣିକି ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକମାନଙ୍କୁ ଏସ୍‌ଏସ୍‌ଏ ଅଧୀନରେ କାର୍ଯ୍ୟକ୍ଷମ ଏସଟିସି ମାଧ୍ୟମରେ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ। ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ବର୍ତ୍ତମାନ ଏନସିଏଲପି ଯୋଜନାରେ କୌଣସି ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର (ଏସଟିସି) କାର୍ଯ୍ୟକ୍ଷମ ହେଉନାହିଁ। ୩୧.୦୩.୨୦୨୧ ପରେ ଏନସିଏଲପି ପ୍ରକଳ୍ପ ଅଧୀନରେ କୌଣସି ନୂତନ ଏସଟିସିକୁ ମଧ୍ୟ ଅନୁମୋଦନ କରାଯାଇନାହିଁ। ତେଣୁ ଶିଶୁ ଶ୍ରମିକଙ୍କ ସୁରକ୍ଷା ଉପରେ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ଏବଂ ସେଥିପାଇଁ ଅଧିକ ଅର୍ଥରାଶିର ଅଟକଳ ରଖିବା ଉଚିତ।

ଅନ୍ତରୀଣ କେନ୍ଦ୍ର ବଜେଟ ୨୦୨୪-୨୫ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପାଇଁ ଆବଣ୍ଟନ ପୂର୍ବବର୍ଷର ଆବଣ୍ଟନ ତୁଳନାରେ ୪.୦୯ ପ୍ରତିଶତ ହ୍ରାସ କରାଯାଇଛି। କେତେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ପାଇଁ ଆବଣ୍ଟନକୁ ମଧ୍ୟ ବହୁତ ହ୍ରାସ କରାଯାଇଛି। ଉଦାହରଣ ସ୍ୱରୂପ ମଦ୍ରାସା ଓ ସଂଖ୍ୟାଲଘୁଙ୍କ ପାଇଁ ଶିକ୍ଷା ଯୋଜନାରେ ୨୦୨୩-୨୪ରେ ୧୦ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ରେ ଏହା ୨ କୋଟି ଟଙ୍କାକୁ ହ୍ରାସ ପାଇଛି। ସେହିପରି 'ମାଗଣା କୋଚିଂ ଆଣ୍ଡ ଆଲାଇଡ୍ ସ୍କିମ୍'କୁ ମାତ୍ର ୧୦ କୋଟି ଟଙ୍କା ମିଳିଛି। ୨୦୨୩-୨୪ କେନ୍ଦ୍ର ବଜେଟରେ ଏହି ଯୋଜନା ପାଇଁ ୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା 'ସଂଖ୍ୟାଲଘୁଙ୍କ ପାଇଁ ପ୍ରାକ୍ ମାଟ୍ରିକ୍ ସ୍କଲାରସିପ୍' ୨୦୨୩-୨୪ରେ ମୋଟ ଆବଣ୍ଟନ ୪୩୩ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ଅନ୍ତରୀଣ କେନ୍ଦ୍ର ବଜେଟରେ ଏହା ୩୨୬.୧୬ କୋଟି ଟଙ୍କାକୁ ହ୍ରାସ ପାଇଛି। 'ମିଶନ ବାତ୍ସଲ୍ୟ' ପାଇଁ ୨୦୨୪-୨୫ର ଅନ୍ତରୀଣ କେନ୍ଦ୍ର ବଜେଟରେ ମୋଟ ୧୪୭୨.୧୭ କୋଟି ଟଙ୍କାର ବ୍ୟୟବରାଦ ଅପରିବର୍ତ୍ତିତ ରହିଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ୨୦୨୨ରେ 'ମିଶନ ବାତ୍ସଲ୍ୟ' ଅଧୀନରେ ମାର୍ଗଦର୍ଶିକାରେ ସଂଶୋଧନ କରିଛି ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ କେନ୍ଦ୍ର ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଗତ କିଛିବର୍ଷ ମଧ୍ୟରେ ଅଣ-ସଂସ୍ଥାଗତ ଯତ୍ନ ଅଧୀନରେ ସମର୍ଥିତ ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଯଥା ୨୦୧୯-୨୦ରେ ଏମାନଙ୍କ ସଂଖ୍ୟା ୨୬୦୮୪ ଥିବା ବେଳେ ୨୦୨୦-୨୧ରେ ୨୯୩୩୭, ୨୦୨୧-୨୨ରେ ୨୯୩୩୮ ଏବଂ ୨୦୨୨-୨୩ରେ ୬୨୬୭୫କୁ ବୃଦ୍ଧି ପାଇଛି। ତଥାପି ଏହି ଯୋଜନା ପାଇଁ ଅପରିବର୍ତ୍ତିତ ଆବଣ୍ଟନ ଚିନ୍ତାର ବିଷୟ।

ଭାରତରେ ଗର୍ଭାଶୟ କର୍କଟ ରୋଗ (ସର୍ଭିକାଲ କର୍କଟ) ଜନିତ ମୃତ୍ୟୁର ଉଦବେଗଜନକ ପରିସଂଖ୍ୟାନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୯-୧୪ ବର୍ଷ ବୟସର ଝିଅମାନଙ୍କ ପାଇଁ ସର୍ଭିକାଲ କର୍କଟ ପ୍ରତିଷେଧକ ଟିକାକରଣ ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ ସେଥିପାଇଁ ଅର୍ଥ ରାଶିର ବ୍ୟବସ୍ଥା କରିଛନ୍ତି। ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ ପଦକ୍ଷେପ। ତଥାପି କହିବାକୁ ହେବ ଯେ କେନ୍ଦ୍ର ବଜେଟ୍‌ରେ ବର୍ଷ ବର୍ଷ ଧରି ଶିଶୁଙ୍କ ବିକାଶ ପାଇଁ ବ୍ୟୟବରାଦ ହ୍ରାସ ପାଇବା ଚିନ୍ତାର କାରଣ ପାଲଟିଛି। ପିଲାମାନଙ୍କର ବିକାଶ ପାଇଁ ଆବଶ୍ୟକୀୟ ବ୍ୟୟବରାଦ ନହେଲେ 'ସବ୍‌କା ସାଥ୍ ସବ୍‌କା ବିକାଶ' ସମ୍ଭବ ହୋଇପାରିବ କି? ଏହାର ସଫଳ ରୂପାୟନ ପାଇଁ ଆବଶ୍ୟକ ଅର୍ଥରାଶିର ଅଟକଳ, ନିଷ୍ଠା ଏବଂ ଅଙ୍ଗୀକାରବଦ୍ଧତା। ଶିଶୁମାନଙ୍କ ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରୁ ବର୍ତ୍ତମାନର ସ୍ଥିତିରେ ଅବସ୍ଥିତ ଯୋଜନାକୁ ଓ ଆଇନକୁ ସାମ୍ନାରେ ରଖି ଆବଶ୍ୟକୀୟ ଅର୍ଥ ବରାଦ କଲେ ଯାଇ ଶିଶୁମାନେ, ଆତ୍ମନିର୍ଭର ହୋଇପାରିବେ। ପିଲାମାନେ ଭୋଟ ଦେବାରେ ଅଂଶୀଦାର ନ ହେଇ ପାରନ୍ତି, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେମାନଙ୍କୁ ଅବହେଳା କରାଯିବ। ସେମାନେ ହିଁ ଦେଶର ଭବିଷ୍ୟତ। ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାକୁ ଦେଶ ଚାହୁଁଛି, ତେବେ ଆଶା କରିବା ଯେ ନୂତନ ସରକାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନା ସମୟରେ ତାଙ୍କର ଅର୍ଥନୈତିକ ପ୍ରାଥମିକତାରେ ପରିବର୍ତ୍ତନ ଆଣିବେ। ପିଲାମାନଙ୍କ ପାଇଁ ଆର୍ଥିକ ସମ୍ବଳ ଆବଣ୍ଟନର ଧାରାରେ ଉନ୍ନତି ଆଣିବେ। ତେବେ ଯାଇ 'ସବ୍‌କା ସାଥ୍ ସବ୍‌କା ବିକାଶ' ସମ୍ଭବ ହୋଇପାରିବ।

# ଧନ ସଞ୍ଚୟର ଉପାୟ ଓ ପ୍ରବୃତ୍ତି




**ଅନନ୍ତ ଚରଣ ସ୍ୱାଇଁ**
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

ଧନୀ ହେବାର ଇଚ୍ଛା କାହାର ବା ନାହିଁ ? ଗରିବ ଲୋକଟି ଚାହୁଁଛି କିପରି ଧନୀ ହେବ। ସେହିପରି ଧନୀ ଲୋକର ବି ଆଶା କିପରି ଅଧିକରୁ ଅଧିକ ଧନ ଅର୍ଜନ କରିବ। ଧନୀର ପ୍ରକୃତ ଅର୍ଥ ହେଉଛି ଆର୍ଥିକ ସ୍ୱଚ୍ଛଳତା ବା ଆର୍ଥିକ ସମ୍ପନ୍ନତା। ଏକ ସୁସ୍ଥ ଓ ସୁଖୀ ଜୀବନ ବିତାଇବା ପାଇଁ ଆବଶ୍ୟକ ଧନ ଯାହା ପାଖରେ ଅଛି, ତାଙ୍କୁ ଆମେ ଧନୀ ବୋଲି କହିପାରିବା। ସେହିପରି ଅଧିକ ଧନ ଅର୍ଜନ ଦ୍ୱାରା ସାମୟିକ ଭାବେ ହୁଏତ ଜଣେ ଧନୀ ହୋଇପାରେ, କିନ୍ତୁ ଜୀବନର ଶେଷ ପର୍ଯ୍ୟନ୍ତ ଧନୀ ହୋଇ ରହିବ ବୋଲି କୁହାଯାଇ ପାରିବ ନାହିଁ। ଆୟର ସୁନିୟନ୍ତ୍ରିତ ବ୍ୟୟ, ସୁରକ୍ଷିତ ନିବେଶ ଓ ସୁପରିଚାଳନା ଦ୍ୱାରା ଧନ କ୍ରମଶଃ ବଢ଼ିଚାଲେ ଓ ଖର୍ଚ୍ଚରେ ନିୟନ୍ତ୍ରଣ ଓ ପ୍ରତିବନ୍ଧକ ନରହିଲେ ଯେତେ ଅଧିକ ରୋଜଗାର କଲେ ମଧ୍ୟ ଅଭାବ ଦେଖାଦିଏ। କ୍ରମଶଃ ଏହା ଆର୍ଥିକ ସଙ୍କଟରେ ପରିଣତ ହୁଏ। ସମାଜରେ କେତେକ ପ୍ରତିଷ୍ଠିତ ଓ ଧନୀ ବ୍ୟକ୍ତି ଜୀବନର ଅପରାହ୍ନରେ ଆର୍ଥିକ ସଙ୍କଟ ଦେଇ ଗତି କରିବାର ଦୃଷ୍ଟାନ୍ତ ରହିଛି। ପର୍ଯ୍ୟାପ୍ତ ଆୟ କରି ମଧ୍ୟ ବୃଦ୍ଧକାଳରେ ଉତ୍କଟ ଆର୍ଥିକ ସଙ୍କଟ ଦେଇ ଗତି କରିବା ଦେଖାଯାଇଛି।

ଧନୀ ବ୍ୟକ୍ତି ସମୟକ୍ରମେ ବା ହଠାତ ଗରିବ ହେବା ପଛରେ ସେମାନଙ୍କର ବେପରୁଆ ଜୀବନଶୈଳୀ, ସଞ୍ଚୟ ଓ ନିବେଶକୁ ଗୁରୁତ୍ୱ ନ ଦେବା, ରାତାରାତି ଧନୀ ହେବା ଲକ୍ଷ୍ୟରେ ଠକାମିରେ ପଡ଼ିବା, କୌଣସି କାରଣରୁ ବ୍ୟବସାୟରେ କ୍ଷତି କିମ୍ବା ରୋଜଗାରର ବାଟ ବନ୍ଦ ହୋଇଯିବା ସାମାଜିକ କାର୍ଯ୍ୟକ୍ରମରେ ଅଧିକ ଖର୍ଚ୍ଚ କରିବା ପରି ଅନେକ କାରଣ ରହିଛି। ଲୋକେ କିପରି ଆର୍ଥିକ ସ୍ୱଚ୍ଛଳ ହେବେ ଓ ଆର୍ଥିକ ଅନଟନରୁ ଦୂରେଇ ରହିବେ ସେନେଇ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ଆବଶ୍ୟକ ଜ୍ଞାନକୌଶଳ, ବ୍ୟବସାୟିକ ନିପୁଣତା, ଯଥେଷ୍ଟ ପୁଞ୍ଜି ନିବେଶ ଓ ଉପଯୁକ୍ତ ପରିବେଶର ଅଭାବ ହେତୁ ସମସ୍ତଙ୍କୁ ସଫଳତା ମିଳି ନଥାଏ। ଦକ୍ଷ, କୁଶଳୀ ଓ ଅଣକୁଶଳୀ ସବୁପ୍ରକାର ଲୋକଙ୍କ ପାଇଁ ଉପାର୍ଜନର ମାର୍ଗ ରହିଛି। ଉପାର୍ଜନ ପାଇଁ ଦରକାର ଦୃଢ଼ ଇଚ୍ଛା ଶକ୍ତି, କାମ କରିବାର ଉତ୍ସାହ, ଉତ୍କଣ୍ଠା ଏବଂ ନିଜ ଶକ୍ତି ଓ ସାମର୍ଥ୍ୟ ଉପରେ ବିଶ୍ୱାସ। ଜୀବନରେ ଅର୍ଥର ଆବଶ୍ୟକତା ରୂପକ କ୍ଷୁଧାକୁ ଉପଲବ୍ଧି ନ କଲେ ଧନ ଉପାର୍ଜନ ପ୍ରତି ଆଗ୍ରହ ଆସିବ ନାହିଁ। ଧନ ବା ଅର୍ଥ ହୁଏତ ଜୀବନର ସବୁ କିଛି ନୁହେଁ, କିନ୍ତୁ ବଞ୍ଚିବା ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଅର୍ଥ ଆବଶ୍ୟକ।

ରୋଜଗାର ବେଳ ହେଉଛି ସଞ୍ଚୟ ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ଏହି ସମୟରେ ସଞ୍ଚୟ ଓ ନିବେଶ ନ କରିପାରିଲେ ଭବିଷ୍ୟତରେ ପଶ୍ଚାତାପ କରିବାକୁ ହୁଏ। ଯେକୌଣସି କାରଣରୁ ଆର୍ଥିକ ସଙ୍କଟରେ ପଡ଼ିଲେ ସାହିପଡ଼ିଶା, ବନ୍ଧୁବାନ୍ଧବ,



ସାଙ୍ଗସାଥୀ ହୁଏତ ସାମୟିକ ଭାବେ ସାହାଯ୍ୟ କରିପାରନ୍ତି, କିନ୍ତୁ ସବୁଦିନ ପାଇଁ ନୁହେଁ। ଏପରି ସଙ୍କଟାପନ୍ନ ସ୍ଥିତି ଯେପରି ନ ଆସେ, ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ସଚେତନ ଓ ସଜାଗ ରହିବା ସହ ନିୟମିତ ସଞ୍ଚୟ ଓ ନିବେଶ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ବିଶେଷଜ୍ଞମାନଙ୍କ ମତରେ ଆର୍ଥିକ ଶୃଙ୍ଖଳା ଓ ଆର୍ଥିକ ସାକ୍ଷରତା ଧନୀ ହେବା ପାଇଁ ନିତାନ୍ତ ଆବଶ୍ୟକ।

'ରିଚ ଡ୍ୟାଡ ଆଣ୍ଡ ପୋର ଡ୍ୟାଡ' ପୁସ୍ତକର ପ୍ରଣେତା ରବର୍ଟ କିୟୋସାକୀଙ୍କ ମତରେ ଧନୀ ହେବାର ପ୍ରଥମ ପଦକ୍ଷେପ ହେଲା ନିଜର ଦୃଷ୍ଟିଭଙ୍ଗୀ ଓ ସ୍ୱପ୍ନରେ ପରିବର୍ତ୍ତନ ଆଣିବା। ମନୋବିଜ୍ଞାନୀମାନଙ୍କ ମତରେ ମନୁଷ୍ୟ ମନରେ ଯେପରି ଆଶା ଓ ବିଚାର ଭାବର ଉଦ୍ରେକ ହେବ, ତଦନୁରୂପ ଫଳ ପ୍ରାପ୍ତି ହେବ। ସାଧାରଣତଃ ସ୍ୱପ୍ନକୁ ନେଇ ସମାଜରେ ଚଳୁଥିବା ବ୍ୟକ୍ତିଙ୍କୁ ପାଞ୍ଚପ୍ରକାରେ ବିଭକ୍ତ କରାଯାଇଛି। ପ୍ରଥମ- ଅତୀତର ସ୍ୱପ୍ନ ଦେଖୁଥିବା ବ୍ୟକ୍ତି। ଏହିଶ୍ରେଣୀୟ ବ୍ୟକ୍ତି ବିଗତ ଦିନର ସଫଳତାକୁ ନେଇ ମସଗୁଲ ଥାଆନ୍ତି। ଧରନ୍ତୁ ଅତୀତରେ କିପରି ଜଣେ ସଫଳ କ୍ରୀଡ଼ାବୀତ କିମ୍ବା ଚିତ୍ର ତାରକା ଥିଲେ ଇତ୍ୟାଦି ଇତ୍ୟାଦି। ସେମାନଙ୍କ ଚିନ୍ତାରେ କିଛି ନୂତନତ୍ୱ ନ ଥାଏ। ଦ୍ୱିତୀୟ- ଛୋଟଛୋଟ ସ୍ୱପ ଦେଖୁଥିବା ବ୍ୟକ୍ତି। ଏହି ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ଚିନ୍ତାଧାରା ସଙ୍କୀର୍ଣ୍ଣ ଓ ସୀମିତ। ଅନେକ ଛୋଟ ଛୋଟ ଆଶା ଓ ଆକାଂକ୍ଷାର ପରିଧି ମଧ୍ୟରେ ସେମାନେ ଘୂରି ବୁଲୁଥା'ନ୍ତି। ଧନୀ ହେବାର ଆଶା ଏମାନଙ୍କ କଳ୍ପନାର ବାହାରେ। ତୃତୀୟ- ସ୍ୱପ୍ନ ରହିତ ବ୍ୟକ୍ତି। ଦୁନିଆରେ ଏପରି ମଧ୍ୟ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଆଦୌ ସ୍ୱପ୍ନ ନାହିଁ। ଚତୁର୍ଥ- କୌଶଳରହିତ ଉଚ୍ଚସ୍ୱପ୍ନ ଦେଖୁଥିବା ବ୍ୟକ୍ତି। ଏ ବର୍ଗର ବ୍ୟକ୍ତିମାନେ କେବଳ ବଡ଼ ବଡ଼ ସ୍ୱପ୍ନ ଦେଖିବା ଓ ଉଚ୍ଚ ଆଶା ପୋଷଣ କରିବାରେ ଅଭ୍ୟସ୍ତ। କିନ୍ତୁ ଏସବୁ କଳ୍ପନାର ରୂପ ଦେବା ପାଇଁ ସେମାନଙ୍କର କୌଣସି ପ୍ରଚେଷ୍ଟା କିମ୍ବା ଯୋଜନା ନ ଥାଏ। ପଞ୍ଚମ- କୌଶଳଯୁକ୍ତ ଉଚ୍ଚ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି। ବହୁତ କମସଂଖ୍ୟକ ବ୍ୟକ୍ତି ଉଚ୍ଚାଭିଳାଷୀ ଅଟନ୍ତି ଓ ବଡ଼ ଆଶା ପୋଷଣ କରନ୍ତି। ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି ଏବଂ ଏସବୁକୁ ସଫଳ କରିବା ନିମିତ୍ତ ଅନବରତ ଯୋଜନାବଦ୍ଧ ପ୍ରଚେଷ୍ଟା କରୁଥା'ନ୍ତି।

ଏଣୁ ଧନୀ ହେବାକୁ ହେଲେ ପ୍ରଥମେ ମନରୁ ସଂକୀର୍ଣ୍ଣତା ଦୂର କରି ଧନୀ ହେବାର ଉଚ୍ଚ ସ୍ୱପ୍ନ ଦେଖିବା ସହ ଉଚ୍ଚାଶାକୁ ଫଳପ୍ରଦ କରିବା ପାଇଁ ଉପଯୁକ୍ତ ଯୋଜନା, ନିରନ୍ତର ପ୍ରୟାସ, ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ ବ୍ୟୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଜ ଭିତରେ ସ୍ଥାୟୀ ଆର୍ଥିକ ଶୃଙ୍ଖଳା ଆଣିବା ନିମନ୍ତେ ଦୃଢ଼ସଂକଳ୍ପ ଆବଶ୍ୟକ। ସଂକଳ୍ପ ମନୁଷ୍ୟ ଭିତରେ ସୃଷ୍ଟି କରେ ଗଭୀର ଆତ୍ମବିଶ୍ୱାସ। ଧନୀ ହେବାର ଲକ୍ଷ୍ୟ ହାସଲ ପାଇଁ ନିଷ୍ଠା ଓ ସଂକଳ୍ପ ମଧ୍ୟ ଅପରିହାର୍ଯ୍ୟ। ନିଷ୍ଠା ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା ଦ୍ୱାରା ଅତ୍ୟନ୍ତ କଷ୍ଟସାଧ୍ୟ ଓ ଅସାଧ୍ୟ ମନେ ହେଉଥିବା କାର୍ଯ୍ୟ ଅକ୍ଳେଶରେ ସମ୍ପାଦିତ ହୋଇଥାଏ। ଯେପରି କ୍ଷୁଦ୍ର ମଧୁମକ୍ଷିକା ଶହ ଶହ ଫୁଲରୁ ବୁନ୍ଦା ବୁନ୍ଦା ମହୁ ସଂଗ୍ରହ କରି କିଛିଦିନ ମଧ୍ୟରେ ସୁନ୍ଦର ମହୁ ଫେଣାଟିଏ ଗଢ଼ି ତୋଳିଥାଏ, ବାୟା ଚଢ଼େଇ ଖିଅ ଖିଅ କୁଟା ଯୋଡ଼ି ନିର୍ମାଣ କରେ ସୁନ୍ଦର କମନୀୟ ବସା, ଖଣ୍ଡେ ଖଣ୍ଡେ ଇଟା ଯୋଡ଼େଇରେ ଗଢ଼ି ଉଠେ ବିଶାଳ ପ୍ରାସାଦ; ଠିକ ସେହିପରି ନିଜର ଆୟରୁ କିଛିଟା ବଞ୍ଚେଇ ସଞ୍ଚିତ ଅର୍ଥକୁ ନିୟମିତ ଯୋଜନାବଦ୍ଧ ଭାବେ ନିବେଶ କରିପାରିଲେ ଯଥେଷ୍ଟ ଅର୍ଥ ପ୍ରାପ୍ତି ହୋଇଥାଏ। ଅନେକସ୍ଥଳରେ ଦେଖାଯାଏ ଆୟ ବଢ଼ିବା ସହିତ ଖର୍ଚ୍ଚ ମଧ୍ୟ ବଢ଼ି ଚାଲେ। କିନ୍ତୁ ତଦନୁପାତିକ ସଞ୍ଚୟ ବଢ଼େ ନାହିଁ। ଟଙ୍କା ହାତକୁ ଆସିବା ପୂର୍ବରୁ ଏହାର ବ୍ୟୟ ବରାଦ ହୋଇସାରିଥାଏ।

ସଂକ୍ଷେପରେ କହିଲେ, ଧନୀ ହେବାର ସୂତ୍ରଗୁଡ଼ିକ ହେଲା - ଧନୀ ହେବାର ସ୍ୱପ୍ନ ଦେଖିବା, ପ୍ରଥମରେ ସଞ୍ଚୟ, ତା'ପରେ ବ୍ୟୟ କରିବା ଅଭ୍ୟାସ, ଖର୍ଚ୍ଚର ଅନୁଶୀଳନ ଓ ଅନାବଶ୍ୟକ ଖର୍ଚ୍ଚର ନିୟନ୍ତ୍ରଣ, ସଞ୍ଚିତ ରାଶିକୁ ସୁବିଧାନୁସାରେ ନିକଟସ୍ଥ ଡାକଘର କିମ୍ବା ବ୍ୟାଙ୍କଶାଖାରେ ଜମା ଓ ନିବେଶ, ସଞ୍ଚିତ ରାଶିର କିୟଦଂଶ ଧୀରେ ଧୀରେ ଲାଭକାରୀ ସ୍ୱୀକୃତିପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡର ପଦ୍ଧତିଗତ ନିବେଶ ଯୋଜନାରେ ନିବେଶ, ପ୍ରଲୋଭନରୁ ଦୂରେଇ ରହିବା, ଖଟାଉଥିବା ରାଶିର ନିୟମିତ ମୂଲ୍ୟାଙ୍କନ ଓ ଅନୁଶୀଳନ, କ୍ରେଡିଟ କାର୍ଡର ଯଥାସମ୍ଭବ କମ ବ୍ୟବହାର ଇତ୍ୟାଦି। ଆମର ବଡ଼ ଶତ୍ରୁ ହେଲା କାଳକ୍ଷେପଣ ନୀତି। ସଞ୍ଚୟ କରିବା କରିବା ଭାବି ଦିନଦିନ, ମାସମାସ, ଏପରିକି ବର୍ଷବର୍ଷ ବିତିଯାଏ; କିନ୍ତୁ ଆରମ୍ଭ ହୋଇପାରେ ନାହିଁ। କାଲି ଠାରୁ କରିବା, ଆରମାସରୁ କରିବା, ପରେ ଦେଖିବା ଭଳି ବିଚିତ୍ର ଲକ୍ଷଣ ଯୁକ୍ତ ବ୍ୟାଧିରେ ଅନେକ ଆକ୍ରାନ୍ତ। ଯେଉଁମାନେ କାମକୁ ତୁରନ୍ତ ଆରମ୍ଭ କରନ୍ତି, ସେହିମାନେ ହିଁ ବିଜୟୀ। ଏଣୁ ବିଳମ୍ବ ନକରି ତୁରନ୍ତ ସଞ୍ଚୟ ଓ ନିବେଶ ଆରମ୍ଭ କଲେ ଆର୍ଥିକ ପ୍ରଗତି ହେବା ସହ ନିଶ୍ଚୟ ଧନୀ ହୋଇ ପାରିବା।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅବଶିଷ୍ଟାଂଶ...

## ଯୁବବର୍ଗଙ୍କୁ ସ୍ୱାବଲମ୍ବୀ...

ବଜେଟରୁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିପରି ସହରାଞ୍ଚଳର ସ୍ୱୟମ(ସହରୀ) ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ୨୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହିପରି ଭାବେ ମୋଟ୍ ୬୭୨ କୋଟି ଟଙ୍କା ଖର୍ଚ୍ଚ କରାଯିବ।

ସୂଚନାଯୋଗ୍ୟ ଯେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଯୁବକ ଯୁବତୀମାନେ ବ୍ୟବସାୟ ବାଣିଜ୍ୟ ପାଇଁ ସରକାରଙ୍କ ସ୍ୱତନ୍ତ୍ର ସହାୟତା ପାଇଁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆସିବା ପରେ ଏ ସଂକ୍ରାନ୍ତ ପ୍ରସ୍ତାବ କ୍ୟାବିନେଟର ଅନୁମୋଦନ ପାଇଁ ଯାଇଥିଲା ଏବଂ ଆଜି ଏହା ଅନୁମୋଦନ ଲାଭ କରିଛି। ଏହି ଯୋଜନାରେ ୧୮ ରୁ ୩୫ ବର୍ଷ ବୟସର ଯୁବକ ଯୁବତୀମାନେ ସାମିଲ ହୋଇପାରିବେ। ସେହିପରି ଅନୁସୂଚିତ ଜାତି ଜନଜାତି ଓ ଭିନ୍ନକ୍ଷମ ବର୍ଗର ପିଲାଙ୍କ ପାଇଁ ଏହି ବୟସ ସୀମା ୧୮ ରୁ ୪୦ ବର୍ଷ ରଖାଯାଇଛି। ଆବେଦନକାରୀଙ୍କ ପରିବାର କାଳିଆ କିମ୍ବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସାମିଲ ହୋଇଥିବେ କିମ୍ବା ସେମାନଙ୍କ ବାର୍ଷିକ ପାରିବାରିକ ରୋଜଗାର ୨ ଲକ୍ଷରୁ କମ ହେବା ଆବଶ୍ୟକ। ସହରାଞ୍ଚଳ କ୍ଷେତ୍ରରେ ଆବେଦନକାରୀଙ୍କ ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ହୋଇଥିବା ଆବଶ୍ୟକ। ପରିବାରର ଅର୍ଥ ଏଠାରେ ହେଉଛି ଆବେଦନକାରୀ ଓ ତାଙ୍କ ପତି ବା ପତ୍ନୀ। ଆବେଦନକାରୀଙ୍କର ଉଦ୍ୟମୀ ପଞ୍ଜିକୃତ କିମ୍ବା ଉଦ୍ୟମୀ ସହାୟତା ନମ୍ବର ରହିବା ଆବଶ୍ୟକ ବୋଲି ରାଜ୍ୟ ସରକାର ନିୟମ ଧାର୍ଯ୍ୟ କରିଛନ୍ତି। ତେବେ ବ୍ୟାଙ୍କ କିମ୍ବା ଅନ୍ୟ କୌଣସି ଆର୍ଥିକ ଅନୁଷ୍ଠାନରୁ ଋଣ ନେଇ ଡିଫଲ୍ଟର ହୋଇଥିବା କିମ୍ବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ଯୋଜନାର ବକେୟା ଋଣ ଥିଲେ, ଆବେଦନକାରୀଙ୍କୁ ଏହି ଯୋଜନାର ସୁବିଧା ମିଳିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର କିମ୍ବା କୌଣସି ସରକାରୀ ଉଦ୍ୟୋଗର କର୍ମଚାରୀ ବା ସାମ୍ବିଧାନିକ ସଂସ୍ଥାର କର୍ମଚାରୀ ଏବଂ ତାଙ୍କ ପରିବାରଙ୍କୁ ଏହି ଋଣ ମିଳିବ ନାହିଁ। ସେହିପରି ପରିବାରର ଜଣେ ସଦସ୍ୟ ଏହି ସୁବିଧା ନେଇଥିଲେ ଅନ୍ୟ ସଦସ୍ୟ ଏହା ପାଇପାରିବେ ନାହିଁ। ଏହି ଯୋଜନାରେ ରାଜ୍ୟ ସରକାର ଅଣୁ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ଉପଲବ୍ଧ ୮୫ ପ୍ରତିଶତ ଋଣ ଗ୍ୟାରେଣ୍ଟି ବ୍ୟତୀତ ଆହୁରି ୧୫ ପ୍ରତିଶତ ଋଣ ଗ୍ୟାରେଣ୍ଟି ପ୍ରଦାନ କରିବେ। ରାଜ୍ୟ ସରକାର ଋଣର ସମସ୍ତ ସୁଧ ଭାର ବହନ କରିବେ। ସିଜିଟିଏମ୍‌ଏସଇର ବାର୍ଷିକ ଗ୍ୟାରେଣ୍ଟି ଦେୟ ମଧ୍ୟ ରାଜ୍ୟ ସରକାର ବହନ କରିବେ। ଏଥିପାଇଁ ଆବେଦନକାରୀମାନଙ୍କୁ ଋଣ ପାଇଁ କୌଣସି ବନ୍ଧକ ବା ପ୍ରୋସେସିଂ ଫି(ପ୍ରକ୍ରିୟାକରଣ ଦେୟ) ଦେବାକୁ ପଡ଼ିବ ନାହିଁ। ଅପରପକ୍ଷେ ୪ବର୍ଷରେ ଆବେଦନକାରୀମାନେ ମୂଳ ଋଣ ଶୁଝି ପାରିବେ ବୋଲି କୁହାଯାଇଛି। ଆବେଦନକାରୀମାନେ ୱେବସାଇଟ୍ ଜରିଆରେ ଆବେଦନ କରିବା ପାଇଁ ମୋ ସେବା କେନ୍ଦ୍ରର ସହାୟତା ନେଇପାରିବେ। ସେହିପରି ଆବେଦନକାରୀ ଯେଉଁ ବ୍ୟାଙ୍କରୁ ଋଣ ନେବାକୁ ଇଚ୍ଛୁକ, ତାହା ଆବେଦନ ସମୟରେ ଉଲ୍ଲେଖ କରିବେ। ଏହାପରେ ବ୍ୟାଙ୍କ ଆବେଦନକାରୀଙ୍କ କାଗଜାତ ଯାଞ୍ଚ ସହ କ୍ଷେତ୍ର ପରିଦର୍ଶନ କରିବେ। ଆବେଦନକାରୀ ମାର୍ଜିନ ଟଙ୍କା ଦାଖଲ କରିବା ପରେ ସମ୍ପୃକ୍ତ ବ୍ୟାଙ୍କ ଋଣ ମଞ୍ଜୁର କରି ଅର୍ଥ ପ୍ରଦାନ କରିବେ। ଏହି ଯୋଜନାର ସୁପରିଚାଳନା ରାଜ୍ୟ/ ଜିଲ୍ଲା/ ବ୍ଲକ ସ୍ତରୀୟ କମିଟି ତଦାରଖ କରିବା ନେଇ ସ୍ଥିରୀକୃତ ହୋଇଛି।

ସେହିପରି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) କାର୍ଯ୍ୟାଳୟରେ ବିଭିନ୍ନ ବର୍ଗରେ ୬୯ଟି ନୂଆ ପଦବୀ ସୃଷ୍ଟି ଏବଂ କିଛି ପଦବୀ ପୁନଃ ନାମିତ କରାଯାଇଛି। ସୃଷ୍ଟି ହୋଇଥିବା ନୂଆ ପଦବୀଗୁଡ଼ିକର ନିଯୁକ୍ତି ଓ ସେବା ସର୍ତ୍ତାବଳୀ ପରିଚାଳନା କରିବା ପାଇଁ ନୂତନ ଓଡ଼ିଶା ଲୋକସେବା ଆୟୋଗ (କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ) ବିନିମୟ, ୨୦୨୪ ପ୍ରସ୍ତୁତ କରାଯାଇଛି।

## ଦେବାଶିଷ, ଶୁଭାଶିଷଙ୍କୁ...

ସମ୍ପୂର୍ଣ ସମର୍ପିତ ତଥା ମୁଖ୍ୟମନ୍ତ୍ରୀଙ୍କ ଅତ୍ୟନ୍ତ ଅନୁଗତ ଭାବରେ ପରିଚିତ। ଚଳିତ ମାସ ୨୭ ତାରିଖରେ ଓଡ଼ିଶାର ତିନିଟି ରାଜ୍ୟସଭା ଆସନ ସହିତ ୧୫ଟି ରାଜ୍ୟର ୫୬ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଚଳିତ ମାସ ୮ ତାରିଖରେ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ପ୍ରଶାନ୍ତ ନନ୍ଦ ଓ ଡ. ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଥିବାରୁ ଏହି ଆସନ ପାଇଁ ନିର୍ବାଚନ ଅନିବାର୍ଯ୍ୟ ହୋଇ ପଡ଼ିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ଖାଲି ହେବାକୁଥିବା ୩ଟି ଆସନ ବିଜେଡି ଦଖଲ କରିବା ନିଶ୍ଚିତ। ଫେବ୍ରୁଆରୀ ୧୫ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ସେହିପରି ଫେବ୍ରୁଆରୀ ୧୬ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖ ସୁଦ୍ଧା ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ୨୭ରେ ମତଦାନ ଆରମ୍ଭ ହେବାକୁ ଥିବାବେଳେ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏଁ ମତଦାନ ପ୍ରକ୍ରିୟା ଚାଲିବ। ସେହି ଦିନ ସନ୍ଧ୍ୟା ୫ଟା ବେଳେ ଭୋଟ ଗଣତି ହେବ।

## ମହିମା ଅଲେଖ...

ଯୋଗାଇ ଦେବେ। ଅଗ୍ରଗାମୀ-ଅଘରିଆ ସମାଜ ସପକ୍ଷରେ ଆବଣ୍ଟିତ ଜମିର ଦେୟ ବାବଦକୁ ସରକାର ୫, ୦୬, ୦୦, ୦୦୦ ଟଙ୍କା ଛାଡ଼ କରିଛନ୍ତି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଠାରେ ଅଘରିଆ ସମାଜକୁ ଏହି ଜମି ଲିଜ୍ ସୂତ୍ରରେ ଆବଣ୍ଟନ କରାଯାଇଛି। ସେହିପରି ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ସ୍ୱଭାବ କବି ଗଙ୍ଗାଧର ମେହେର ଭବନ ନିର୍ମାଣ ପାଇଁ ମେହେର (ଭୁଲିଆ) ସମାଜକୁ ଆବଣ୍ଟିତ ୫୦୦ ଡେସିମିଲ ଜମିର ଅଧିମୂଲ୍ୟ ବାବଦକୁ ୫, ୦୬, ୦୦, ୦୦୦ ଟଙ୍କା ଛାଡ଼ କରାଯାଇଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଠାରେ ଗୋଁଣ୍ଡ ଭବନ ନିର୍ମାଣ ପାଇଁ ସରକାର ଦେଇଥିବା ୫୦୦ ଡେସିମିଲ୍ ଜମି ଉପରୁ ଅଧିମୂଲ୍ୟ ବାବଦରେ ୫, ୦୬, ୦୦, ୦୦୦ ଟଙ୍କା ଛାଡ଼ କରାଯାଇଛି। ସୂଚନାଯୋଗ୍ୟ ଯେ ଉପରୋକ୍ତ ସମାଜ ତଥା ମହିମା ଅଲେଖ ସଂଗଠନକୁ ଜମି ପ୍ରଦାନ କରିବା ପାଇଁ ଆସିଥିବା ଅନୁରୋଧ ମୁଖ୍ୟମନ୍ତ୍ରୀ ରକ୍ଷା କରିଥିଲେ।

ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁସାରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ହାଉସିଂ ବୋର୍ଡ) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବାସଗୃହ ନିର୍ମାଣ ପାଇଁ ଲିଜ୍ ସୂତ୍ରରେ ଦିଆଯାଇଥିବା ଘରବାରି ଜମିକୁ ସ୍ଥିତିବାନ୍ ସତ୍ତ୍ୱରେ ପରିବର୍ତ୍ତନ କରିବା ଦେୟକୁ ହ୍ରାସ କରାଯାଇଛି। କିସମ ପରିବର୍ତ୍ତନ ପାଇଁ ବଜାର ମୂଲ୍ୟ (ବେଞ୍ଚମାର୍କ ଭ୍ୟାଲୁଏସନ୍)ର ୧୦% ବଦଳରେ ୩% ଦେୟ ଦେବାକୁ ହେବ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ଦିଆଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ (ଦ୍ୱିତୀୟ ସଂଶୋଧନ ନିୟମ-୨୦୨୦) ରେ ଆବଶ୍ୟକୀୟ ସଂଶୋଧନ କରାଯିବ। ସେହିପରି ଭୁବନେଶ୍ୱରର ୟୁନିଟ୍-୪ ଅନ୍ତର୍ଗତ ଭୌମନଗର ସ୍ଥିତ ମସଜିଦ ସପକ୍ଷରେ ଆବଣ୍ଟିତ ୧ ଏକର ଜମିରୁ ବ୍ୟବସାୟିକ ଉପଯୋଗ ହେଉଥିବା ୩୯୦ ଡେସିମିଲ ଜମିର ଭୂମି ଅଧିମୂଲ୍ୟ ବାବଦକୁ ୩, ୭୦, ୫୦, ୦୦୦ ଟଙ୍କା ଛାଡ଼ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଅପରପକ୍ଷେ ୟୁନିଟ୍-୪ ମଧୁସୂଦନନଗର ମୌଜାରେ ରିଜର୍ଭ ପୁଲିସ ଲାଇନ୍ ମସଜିଦକୁ ଆବଣ୍ଟିତ ୨୦୮ ଡେସିମିଲ ଜମିର ଅଧିମୂଲ୍ୟ ବାବଦକୁ ୨, ୭୦, ୪୦, ୦୦୦ ଟଙ୍କା ଛାଡ଼ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

## ପ୍ରତି ପରିବାରକୁ...

ଧାନ ସଂଗ୍ରହ ବର୍ଷ ୨୦୨୧-୨୨ ଖରିଫ୍ ଋତୁରେ ପାଇଲଟ ପ୍ରକଳ୍ପ ଭାବେ ପ୍ରଥମ ଥର ପାଇଁ ଚାଷୀ ପଞ୍ଜିକରଣ ସମୟରେ ଚାଷୀମାନେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହାକୁ ସାଟେଲାଇଟ୍ ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ଏହି ବ୍ୟବସ୍ଥା ଦ୍ୱାରା ପ୍ରକୃତ ଚାଷୀ ଚିହ୍ନଟ ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବାରେ ସରକାର ସଫଳ ହୋଇପାରିଲେ। ରାଜ୍ୟ ସରକାର ଏହି ଯୋଜନାକୁ ୫ଟି ଧାନ ବିପଣନ ଋତୁରେ କାର୍ଯ୍ୟକାରୀ କରିବାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବର୍ତ୍ତମାନ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା କାରଣରୁ ୪ଟି ଧାନ ବିପଣନ ଋତୁରେ ୨୧୧୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ବାବଦରେ ସରକାର ସଞ୍ଚୟ କରିବାରେ ସକ୍ଷମ ହୋଇପାରିଛନ୍ତି। ଅତଏବ ଏହି ଯୋଜନାର ଉପକାରିତାକୁ ବିଚାରକୁ ନେଇ ପରବର୍ତ୍ତୀ ୯ଟି ଧାନ ବିପଣନ ବର୍ଷ ଅର୍ଥାତ୍ ୨୦୨୪-୨୫, ୨୦୨୫-୨୬, ୨୦୨୬-୨୭ ଓ ୨୦୨୮-୨୯ରେ ଉଭୟ ଖରିଫ୍ ଓ ରବି ଋତୁରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଆଗାମୀ ୫ ବର୍ଷ ଯାଏଁ ଏଥିପାଇଁ ମୋଟ ୨୮୨ କୋଟି ୩୫ ଲକ୍ଷ ୧୪୯୦୩ ଟଙ୍କା ରାଜ୍ୟ ସରାର ଖର୍ଚ୍ଚ କରିବେ। ଓଡ଼ିଶା ମହାକାଶ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଏହି ପ୍ରକଳ୍ପକୁ ପରିଚାଳନା ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ।

## ଆଉ ୫ ଜିଲ୍ଲାରେ...

ବସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା, ଗାଁର ଅର୍ଥନୀତିକୁ ମଜଭୁତ କରିବା ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ଲକ୍ଷ୍ମୀ ବସ୍ ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଏହି ବସ୍ ସେବାର ଶୁଭାରମ୍ଭ କରାଯାଇଛି। ଏଥିରେ ମା'ମାନେ ଅଧା ଟିକଟ ମୂଲ୍ୟ ଦେଇ ଯାତ୍ରା କରୁଛନ୍ତି। ଗାଁର ରୂପାନ୍ତର ପାଇଁ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହି ଏକ ନୂଆ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହ ଯୋଡ଼ିବ। ସାମାଜିକ ଓ ଆର୍ଥିକ ଜୀବନକୁ ମଜଭୁତ କରିବ। ପିଲାମାନଙ୍କୁ ସ୍କୁଲ କଲେଜ ନେବ। ଚାଷୀଙ୍କୁ ବଜାର ସହ ଯୋଡ଼ିବ। ମା'ମାନେ, ଛାତ୍ରଛାତ୍ରୀମାନେ ମାତ୍ର ୫ଟଙ୍କାରେ ଏହି ବସ୍‌ରେ ଯା'ଆସ କରିପାରିବେ। ଲୋକମାନେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍‌କୁ ବ୍ୟବହାର କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବଲାଙ୍ଗିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସୁନ୍ଦରଗଡ଼ରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ପ୍ରମୁଖ ଯୋଗଦେଇ କହିଥିଲେ ଯେ ଆଜି ଓଡ଼ିଶାର ମହିଳାମାନେ ଅବହେଳିତ ନୁହନ୍ତି। ସବୁ କ୍ଷେତ୍ରରେ ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଛନ୍ତି। ଗ୍ରାମାଞ୍ଚଳରେ ଥିବା ବଡ଼ ଅଭାବକୁ ଲକ୍ଷ୍ମୀ ବସ୍ ଦୂର କରିଛି। ଲୋକାଭିମୁଖୀ ଶାସନ ପାଇଁ ଜାତୀୟ ସ୍ତରରେ ବାରମ୍ବାର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ପ୍ରଶଂସା ସାଉଣ୍ଟି ଚାଲିଛନ୍ତି। ଓଡ଼ିଶାବାସୀଙ୍କ ସରକାରଙ୍କ ପ୍ରତି ଆସ୍ଥା ବଢ଼ିଛି ବୋଲି ସେମାନେ କହିଥିଲେ।

କାର୍ଯ୍ୟକ୍ରମରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବରଗଡ଼ବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଚଳିତ ମାସ ୨୦ ତାରିଖରେ ଆପଣମାନଙ୍କର ବହୁ ପ୍ରତୀକ୍ଷିତ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଓ କ୍ୟାନସର ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବେ। ସେହିପରି ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ କହିଥିଲେ ଯେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥଳୀର ବିକାଶ କାର୍ଯ୍ୟ ଜାରି ରହିଛି ଏବଂ ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳୀର ବିକଶା କରାଯିବ। ସୁନ୍ଦରଗଡ଼ ଜିଲ୍ଲାର ବେଦବ୍ୟାସ ପୀଠ ରୂପାନ୍ତରଣ ସହ ବିଭିନ୍ନ ମନ୍ଦିର ଓ ଚର୍ଚ୍ଚର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। କେନ୍ଦୁଝର ଜିଲ୍ଲାର ଜନସାଧାରଣଙ୍କୁ କହିଥିଲେ, ମା'ମାନେ ଅନୁରୋଧ କରିଥିଲେ ମଧୁବାବୁ ପେନସନ୍ ବଢ଼ାଇବାକୁ। ଆପଣମାନଙ୍କ ଅନୁରୋଧ ରକ୍ଷା କରି ମୁଖ୍ୟମନ୍ତ୍ରୀ ମଧୁବାବୁ ପେନସନ୍ ରାଶିକୁ ବଢ଼ାଇଛନ୍ତି। ଖୁବ୍‌ଶୀଘ୍ର ମିଶନ ଶକ୍ତି ମା'ମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର ଲୋନ୍ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିବେ ବୋଲି ସେ କହିଥିଲେ।

ଶ୍ରୀ ପାଣ୍ଡିଆନ୍ ଆହୁରି କହିଥିଲେ, ଲକ୍ଷ୍ମୀ ବସ୍ ହେଉଛି ଓଡ଼ିଶାବାସୀଙ୍କର ସମ୍ପତ୍ତି। ଆପଣମାନଙ୍କର ସମ୍ପତ୍ତି, ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ। ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ୍ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତାବିରାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପାଟଣାଗଡ଼ରେ ବିଧାୟକ ସରୋଜ ମେହେର, କେନ୍ଦୁଝରରେ ପାଟଣା ବିଧାୟକ ଜଗନ୍ନାଥ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ବଲାଙ୍ଗିରରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ସୁନ୍ଦରଗଡ଼ରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ଯୋଗେଶ କୁମାର ସିଂ ପ୍ରମୁଖ ଲକ୍ଷ୍ମୀ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତଭାଷଣ ଦେଇଥିଲେ। ସମସ୍ତ ଜିଲ୍ଲାରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାରୁ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଗଡ଼ିବା ଆରମ୍ଭ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ଟି ଜିଲ୍ଲାକୁ ଏଥିରେ ଯୋଡ଼ାଯାଇଥିଲା।

**AFFIDAVIT**

I, Nirakar Bhola, S/o-Bidyadhar Bhola, resident of Plot No. 72, Flat No.303, Stalwart View Apartment, Surya Nagar, Unit-7, Bhubaneswar, Pin-751003, Dist-Khurda, Odisha declare by this affidavit No. CF-9, dated-9/2/2024, that now onwards I shall be known as **NIRAKAR BHOL** for all future purposes.

**AFFIDAVIT**

I, Sunil Saraogi, S/O-Radheshyam Saraogi, Resident of Shankar Dev Niwas, Bangali Sahi, Telenga Bazar, Ps-Puri Ghat, Dist-Cuttack, Pin-753009, Odisha. Declared by this affidavit No.5029, Dated 12.02.2024, that now onwards I shall be known as **SUNIL KUMAR SARAOGI** for all future Purposes.

**AFFIDAVIT**

I, Preetisri Yedupati, W/o-Mahesh Yedupati, Resident of Aparna Nagar, Back Side of Sitadevi School, Chauliaganj, po-Nayabazar, Cuttack Sadar, Dist-Cuttack, Odisha-753004 declare by this affidavit No. 68AA 528510 dated 12.02.2024 that now onwards I shall be known as **Ravilla Preetisri** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Cuttack, I, Bishnupriya Chand, D/o-Ashok Chand, Resident of Vill/Po/Ps-Narla, Dist-Kalahandi, Odisha declare by this affidavit no.62AA 475112 dated 04.03.2023 that now onwards I shall be known as **Hansita Abhilipsa** for all future purposes.

**AFFIDAVIT**

I, Gandharba Dakua, S/o-Jutia Dakua, resident of Village-Odanai, Po-Mardakote, Ps- Kodala, Dist-Ganjam, Odisha declare by this affidavit No.512, dated-08/02/2024 that now onwards I shall be known as **GANDHI DAKUA** for all future purposes.

**AFFIDAVIT**

I, Birendra Kumar Dakua, S/o-Gandhi Dakua, resident of Village-Odanai, Po-Mardakote, Ps-Kodala, Dist-Ganjam, Odisha declare by this affidavit No.470, dated- 05/02/2024 that now onwards I shall be known as **BIRENDRA DAKUA** for all future purposes.

**SUBHADRA MAHATAB SEVA SADAN**
At-Kolathia, Po-Aiginia, Dist-Khordha. Call: 0674-3588715
Email: smssmohanty@yahoo.com | Website: www.smssodisha.org

**WANTED**

Applications are invited for the post of Paramedical Staff-1, Helper cum Night Watchman-1 and Housekeeper-1 for CCI, Bhubaneswar and for SAA, Bhubaneswar, AYAH/Caretaker-4. Application should be submitted by online and hard copy should reach to the office of the Secretary, Subhadra Mahatab Seva Sadan, At-Kolathia, Po-Aiginia, Dist-Khordha, Pin-751019 before 29-02-2024. For details advertisement, department, eligibility and mode of application log on to our official website: **www.smssodisha.org**.

Secretary
Subhadra Mahatab Seva Sadan

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ମୟୂରଭଞ୍ଜ, ବାରିପଦା**

ବିଜ୍ଞାପନ

n-298

ସଂଖ୍ୟା ୪୮୬ / ତାରିଖ ୧୨.୦୨.୨୦୨୪

ମୟୂରଭଞ୍ଜ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ ପରିସର ସ୍ଥିତ ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରୀନିବାସ (କେ.ଜି.ବି.ଭି) ରେ ୱାର୍ଡେନ (ମହିଳା) ପଦବୀ ମାନଙ୍କରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀନୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରାର୍ଥୀନୀ ମାନେ ତା. ୨୮.୦୨.୨୦୨୪ରିଖ ଅପରାହ୍ନ ୫ ଟା ସୁଦ୍ଧା ସଂପୂର୍ଣ୍ଣ ଦରଖାସ୍ତ କେବଳ ରେଜିଷ୍ଟ୍ରି / ସ୍ପିଡ୍ ପୋଷ୍ଟ ଯୋଗେ ଅଧକ୍ଷ, ସମ୍ପୃକ୍ତ ଆଦର୍ଶ ବିଦ୍ୟାଳୟଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରି ଆବେଦନ କରି ପାରିବେ। ଏହାର ସବିଶେଷ ବିବରଣୀ ତଥା ଆବେଦନ ଫର୍ମ ମୟୂରଭଞ୍ଜ ଜିଲ୍ଲା ୱେବସାଇଟ www.mayurbhanj.nic.in ଓ www.osepa.odisha.gov.in ରେ ଉପଲବ୍ଧ।

ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ
ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ମୟୂରଭଞ୍ଜ

OIPR-27140/11/0006/2324

**The Balasore Bhadrak Central Co-operative Bank Ltd.**
**Head Office: O.T. Road, Balasore-756001**
Letter No./BBCCB/ Computer/8866/2023-24/Dt._12.02.2024

**TENDER CALL NOTICE**

Sealed Quotations are invited from reputed firm/ Electrical contractor having valid G.S.T./I.T. clearance certificate for supply and install 03 nos of chemical earthing at Head Office and 30 nos in different Branches of BBCC Bank with the terms & conditions which may be referred from the Bank's website (www.bbccbbalasore.com).

The quotations should be submitted in the name cover of the Chief Executive Officer of the Bank on or before **2.00 P.M. of 22.02.2024** which will be opened at **4.00 P.M.** on the same day by the Purchase Committee of the Bank in presence of quotationers or their authorized representative.

The authority reserves the right to reject any or all the quotations without assigning any reason there of and shall not be bound to accept the lowest quoted price.

**Sd/- Chief Executive Officer**

**REGULATED MARKET COMMITTEE, KHARIAR ROAD**
Tender call Notice No.- 38 / Date.08.02.2024

**H-91:** Collector-cum-Chairman, RMC, Khariar Road, dist- Nuapada invites sealed tenders from reputed firms/individuals, having valid HT license issued by ELBO, Govt. of Odisha for execution of shifting of existing LT line and construction of new LT line in the premises of R.M.C., Khariar Road. For more details please log in to the Dist web site - https://nuapada.nic.in.

Sd/- Collector- cum-Chairman,
RMC, Khariar Road

OIPR-07085/11/0001/2324

E-826

**OFFICE OF THE SUPERINTENDENT**
**PANDIT RAGHUNATH MURMU MEDICAL COLLEGE & HOSPITAL**
**BARIPADA, MAYURBHANJ, 757001**

**Request for Proposal (RFP) for Award of Contract for Providing Non-Teaching Outsourcing staff by Manpower Agency to PRM Medical College and Hospital, Baripada.**

Adv. No. 771 / PRM MCH / 2023-24 Date 09.02.2024

Sealed tenders are invited from interested agencies for taking up the Award of Contract for Providing Non-Teaching Outsourcing staff by Manpower Agency. Details regarding the items and terms & conditions may be downloaded from the website **www.mayurbhanj.nic.in** The tender should reach the office of the undersigned as per the date mentioned in the tender paper through Registered post/ Speed post/ Courier only. **The last date of the bid submission is Dt. 29.02.2024 till 5.30 PM and Tender will be opened on Dt. 01.03.2024 at 11.30 AM Committee Hall, PRM MCH, Baripada.** The undersigned will not be held responsible for any postal delay and reserves the right to reject any or all the quotations without mentioning reason thereof.

Sd/-
Superintendent
PRM MCH, Baripada, Mayurbhanj

OIPR-10120/11/0014/2324

O-2511

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION RAIRANGPUR (MAYURBHANJ)
E-mail ID: - eerwrairangpur@yahoo.com

Letter No. 851 / Date 09.02.2024
"e" Procurement Notice for Road Works
Bid Identification No – RWDRRP – 30 / 2023-24

1. Name of the work : Special repair to roads for the year 2023-24
2. Estimated Cost : From Rs 7.72 to 29.14 lakhs (approximately).
3. Class of Contractor : "D", "C" & 'B' Class or relevant Class of works license.
4. Period of Completion : 01 (One) calendar months.
5. Tender Paper Cost : as per annexure /-

: The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Rairangpur. | RWDRRP- 30 / 2023-24 | 13.02.2024 at 11.00 A.M. | 17.02.2024 up to 5.00 P.M. | 16.02.2024 up to 5.00 P.M. | 19.02.2024 at 11.30 A.M. |

Further details can be seen from the website www.tendersodisha.gov.in

-Sd-
Er. D.Behera
Superintending Engineer
R.W.Division,Rairangpur

OIPR-25107/11/0039/2324

A-1486

GOVERNMENT OF ODISHA
OFFICE OF THE SUPERINTENDING ENGINEER
EARTH DAM DIVISION, AT/PO: CHITRAKONDA
DIST: MALKANGIRI(ODISHA)
e-mail Id: executiveengineereddckd@gmail.com
e-Procurement Notice No.- SE-EDD-CKD- 03/2023-24

| | | | |
|---|---|---|---|
| 1. | No. of works | : | 2 (Two) |
| 2. | Approx. Estimated cost | : | (1)Rs. 31.27 Lac and (2) Rs. 6.95 Lac |
| 3. | Eligibility of the bidders | : | Registered & licenced security service agencies for deployment of security personnel. |
| 4. | Period of completion | : | 365 days |
| 5. | Date & time of availability of bid document in the portal | : | 13.02.2024 (10:00 A.M.) to 22.02.2024 (05:00 P.M.) |
| 6. | Last date/time for receipt of bid in the portal | : | 22.02.2024 (05:00 P.M.) |
| 7. | Date of opening of the bids on-line | : | 23.02.2024 (11:00 A.M.) |
| 8. | Name & address of the O.I.T. | : | Superintending Engineer, Earth Dam Division, At/Po: Chitrakonda, District: Malkangiri |

Further details can be seen from the e-procurement portal http://tendersodisha.gov.in

Superintending Engineer
Earth Dam Division
Chitrakonda

OIPR-32019/11/0006/2324

O-2506

GOVERNMENTOFODISHA
OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI
E-mail-ruralworksdivisioniimalkangiri@yahoo.in

INVITATION FOR BIDS
NATIONAL COMPETITIVE BIDDING

**Bid Identification No: RWDSE_MKG_II_ONLINE_29/2023-24**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work: : Building works
2. No. of Works : **01No**
3. Estimated Cost : **Rs. 98.07 lakhs**
4. Tender Paper Cost : Rs. 10,000/-
5. Class of Contractor :

| Estimated cost up to ₹20.00 lakhs | Estimated cost up to ₹40.00 lakhs | Estimated cost more than ₹20.00 lakhs & within ₹300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 09(Nine) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking tender Clarification | Date of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ ONLINE_29 of 2023-24 | 15.02.2024 at 11.00AM | 23.02.2024 up to 05.30PM | 22.01.2024 up to 3.00 P.M. | 26.02.2024 at 11.00 A.M | To be intimated Separately |

- Further details can be seen in the bidding documents, which is available in thee-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Executive Engineer
Rural Works Division-II, Malkangiri

OIPR-25079/11/0033/2324

MM-448

OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com

**TENDER CALL NOTICE**

No. 17 Date: 08.02.2024

Sealed Tenders are invited from reputed manufacturers / established / distributors/ authorized dealers / suppliers within the country of India for supply, installation and commissioning of Luxurious Tent at Talabandha of Talabandha WL Range under Similipal North Wildlife Division, Mayurbhanj, Odisha as mentioned below.

| Construction of Luxurious Tent | Quantity | Cost of Tender Paper | EMD to be deposited |
|---|---|---|---|
| Supply, installation and commissioning of Luxurious Tent at Talabandha of Talabandha WL Range under Similipal North Wildlife Division, Mayurbhanj, Odisha | 01 No each | Rs.6000/- | Rs.75000/- |

Non-transferable Tender Documents for supply, installation and commissioning of Luxurious Tent at Talabandha of Talabandha WL Range under Similipal North Wildlife Division, Mayurbhanj, Odisha as stated above will be available and can be collected in person from the office of the Deputy Director, Similipal North Wildlife Division, Jashipur, Mayurbhanj, Odisha on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of crossed Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur.

1. Tender papers / documents will be available in the O/o the Deputy Director, Similipal North Wildlife Division, Jashipur, Mayurbhanj from **dt.12.02.2024** to **dt.20.02.2024** (during office hours).
2. Receiving of Tender papers will be within **dt.12.02.2024** until 01.00 PM on **21.02.2024.**
3. Tender opening **03.00 PM** on **21.02.2024.**

Deputy Director,
Similipal (North) WL Division,
Jashipur

OIPR-08127/11/0010/2324

CAD-4118

**ଜିଲ୍ଲା ପରିଷଦ : ଭଦ୍ରକ**
ଚାରିଘରିଆ, ପୋ- ମାଧବନଗର, ଜିଲ୍ଲା – ଭଦ୍ରକ, ପିନ୍- ୭୫୬୧୮୧

ବିଜ୍ଞାପନ ସଂଖ୍ୟା ୪୧୬ ତାରିଖ ୧୨.୦୨.୨୦୨୪

**ବ୍ଲକ ସ୍ତରୀୟ ଜନଶୁଣାଣି ବିଜ୍ଞାପନ**

ଏତଦ୍ୱାରା ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଂଚାୟତ ସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବକାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୨୦୨୩-୨୪ (୦୧.୦୪.୨୦୨୩ ଠାରୁ ୩୦.୦୯.୨୦୨୩ ପର୍ଯ୍ୟନ୍ତ), National Social Assistance Programme (NSAP) (୧.୦୪.୨୦୨୩ ଠାରୁ ୩୦.୦୯.୨୦୨୩ ପର୍ଯ୍ୟନ୍ତ) ଏବଂ National Food Secuirty Act (NFSA) (୧.୦୪.୨୦୨୩ ଠାରୁ ୩୦.୦୯.୨୦୨୩ ପର୍ଯ୍ୟନ୍ତ) ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ପଂଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେ ଗୁଡିକ ଉପରେ ବିଚାର ବିମର୍ଷ କରାଯିବ।

ଏଣୁ ଉକ୍ତ ବ୍ଲକ ସ୍ତରୀୟ ଜନ ଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗ ଦେଇ ଯୋଜନାର ସଫଳ କାର୍ଯ୍ୟକରିବା ନିମନ୍ତେ ଓ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ।

| କ୍ର.ନଂ | ପଂଚାୟତ ସମିତିର ନାମ | ତାରିଖ ଏବଂ ସମୟ (ପୂର୍ବାହ୍ନ ୧୦.୩୦ ଘଟିକା ଠାରୁ) | ସ୍ଥାନ | ପଦାଧିକାରୀଙ୍କ ଅଧ୍ୟକ୍ଷତା |
|---|---|---|---|---|
| ୧ | ବନ୍ତ | ୨୦.୦୨.୨୦୨୪ | ପଂଚାୟତ ସମିତି କାର୍ଯ୍ୟାଳୟ, ବନ୍ତ | ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଗ୍ରା), ଜିଲ୍ଲା ପରିଷଦ ଭଦ୍ରକ |
| ୨ | ଭଦ୍ରକ | ୨୨.୦୨.୨୦୨୪ | ପଂଚାୟତ ସମିତି କାର୍ଯ୍ୟାଳୟ, ଭଦ୍ରକ | ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ (ରା) |
| ୩ | ତିହିଡି | ୨୩.୦୨.୨୦୨୪ | ପଂଚାୟତ ସମିତି କାର୍ଯ୍ୟାଳୟ, ତିହିଡି | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଭଦ୍ରକ |
| ୪ | ଚାନ୍ଦବାଲି | ୨୭.୦୨.୨୦୨୪ | ପଂଚାୟତ ସମିତି କାର୍ଯ୍ୟାଳୟ, ଚାନ୍ଦବାଲି | ଉପ ଜିଲ୍ଲାପାଳ, ଭଦ୍ରକ |
| ୫ | ଭଣ୍ଡାରୀପୋଖରୀ | ୨୮.୦୨.୨୦୨୪ | ପଂଚାୟତ ସମିତି କାର୍ଯ୍ୟାଳୟ ଭଣ୍ଡାରୀପୋଖରୀ | ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ (ରା) |
| ୬ | ବାସୁଦେବପୁର | ୨୯.୦୨.୨୦୨୪ | ପଂଚାୟତ ସମିତି କାର୍ଯ୍ୟାଳୟ, ବାସୁଦେବପୁର | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଭଦ୍ରକ |
| ୭ | ଧାମନଗର | ୦୧.୦୩.୨୦୨୪ | ପଂଚାୟତ ସମିତି କାର୍ଯ୍ୟାଳୟ ଧାମନଗର | ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ (ରା) |

ମୁଖ୍ୟ ଉନ୍ନୟନ ଅଧିକାରୀ
ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ
ଭଦ୍ରକ

OIPR-19230/11/0014/2324

ସକାଳ THE SAKALA



## ବଧୂ ନିର୍ଯାତନା ମାମଲାରେ ସ୍ୱାମୀକୁ ସଶ୍ରମ କାରାଦଣ୍ଡ

**ମନମୁଣ୍ଡା, ୧୨।୨(ସମିସ):** କନ୍ଧମାଳ ଜେଏମଏଫ୍‌ସି ସତ୍ୟନାରାୟଣ ଦାଶ ଏକ ବଧୂ ନିର୍ଯାତନା ମାମଲାର ରାୟ ଶୁଣାଇଛନ୍ତି। ପଲସାଗୋରା ପଞ୍ଚାୟତ ଝିଙ୍କରପାଲି ଗ୍ରାମର ଶରତ ଖଟୁଆକୁ ସଶ୍ରମ କାରାଦଣ୍ଡ ହୋଇଛି। ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟଜନିତ ଅଧିକ ୩୦ ଦିନ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଆଦେଶ ଦେଇଛନ୍ତି। ସେହିପରି ୨୯୪ ଦଫାରେ ୧ ମାସ ସଶ୍ରମ କାରାଦଣ୍ଡ ଏବଂ ୧୦୦୦ ଟଙ୍କା ଜରିମାନା ଓ ଜରିମାନା ଅନାଦେୟରେ ଆଉ ଅଧିକ ୫ ଦିନ ସଶ୍ରମ କାରାଦଣ୍ଡ, ୩୨୩ ଦଫାରେ ୬ ମାସ ସଶ୍ରମ କାରାଦଣ୍ଡ, ୧୦୦୦ ଟଙ୍କା ଜରିମାନା ଓ ଜରିମାନା ଅନାଦେୟରେ ଆଉ ଅଧିକ ୨୦ ଦିନ ସଶ୍ରମ କାରାଦଣ୍ଡ, ୫୦୬ ଦଫାରେ ୩ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟରେ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ହୋଇଛି। ୮ ଜଣ ସାକ୍ଷୀଙ୍କ ବୟାନ ଓ ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରମାଣସିଦ୍ଧ ଦସ୍ତାବିଜ୍ ଆଧାରରେ ଅଦାଲତ ରାୟ ଦେଇଛନ୍ତି। ଏପିପି ସାଇରଞ୍ଜନ ମହାନନ୍ଦିଆ ମାମଲା ପରିଚାଳନା କରୁଥିଲେ।

## ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ସହାୟତା

**ବୌଦ୍ଧ, ୧୨।୨(ସମିସ):** ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପରିଦର୍ଶନରେ ଯିବାବେଳେ ବାଟରେ ମୃତ୍ୟୁ ଘଟିଥିବା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୩



ଲକ୍ଷ ଟଙ୍କା ସହାୟତା ମଳିଛି। ମନ୍ତ୍ରୀ ପ୍ରଦୀପ ଅମାତ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସହାୟତା ରାଶି ପ୍ରଦାନ ସମୟରେ ତାଙ୍କ ସହିତ ବୌଦ୍ଧ ଜିଲ୍ଲାପାଳ ଜେ. ସୋନାଲ, ଅତିରିକ୍ତ ଜିଲ୍ଲାପାଳ ଦରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଲମ୍ବସରି ପଞ୍ଚାୟତରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ କାର୍ଯ୍ୟକ୍ରମ

**କନ୍ଧମାଳ/ଶଗଡ଼ା, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ନିର୍ବାଚନ ମଣ୍ଡଳୀର ଜିଲ୍ଲା ପରିଷଦ ଜୋନ ନଂ -୨ ର ଲମ୍ବଶରୀ ପଞ୍ଚାୟତର ମାର୍ଡୋଲରେ ବିଜେଡିର ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ସୁଧାଂଶୁ ଶେଖର ରଣା, ବିଜେଡି ରାଜ୍ୟ ସମ୍ପାଦକ ସୁଧୀର ମହାକୁଡ଼, ରାଧାବଲ୍ଲଭ ପ୍ରଧାନ, ସରପଞ୍ଚ ଭଗବତୀ ସେଠି, ୱାର୍ଡସଭ୍ୟ, ସମସ୍ତ କର୍ମୀ, ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବିଜେଡି ସମର୍ଥକ ଯୋଗଦେଇ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରାରେ ସାମିଲ ହୋଇ ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନ ଲଗାଇ ଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ବୌଦ୍ଧ, ୧୨।୨(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ବ୍ରାହ୍ମଣୀପାଲି ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବୌଦ୍ଧ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ପାଣି ଉ‡ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅନୁଜା ଦୀପ, ସିଡିପିଓ ମିନତୀ ଦେଓ, ଆଇସିଡିଏସ ସୁପରଭାଇଜର ଲିଲି ବେରିହା, ଅଶ୍ୱିନୀ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ଜନ ପ୍ରତିନିଧି ଓ ଅଧିକାରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ସିଆରପି, ଏମବିକେ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଜନସାଧାରଣ ଅଂଶଗ୍ରହଣ କରିଥିବା ବେଳେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନ ସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ଆଜି ବିଶ୍ୱ ରେଡ଼ିଓ ଦିବସ

**ସୁବଲୟା, ୧୨।୨(ସମିସ):** ବର୍ତ୍ତମାନ ଡିଜିଟାଲ ଯୁଗରେ ମଧ୍ୟ ରେଡ଼ିଓ ବେଶ ଆଦର ରହିଛି। ଆଜି ହେଉଛି ବିଶ୍ୱ ରେଡ଼ିଓ ଦିବସ। ୧୮୯୦ରୁ ଆରମ୍ଭ ହୋଇଥିବା ଏହି ଜୟଯାତ୍ରା ଆଜି ଶିଖରରେ ପହଞ୍ଚିଛି। ଇଟାଲୀ ବୈଜ୍ଞାନିକ ମାର୍କୋନୀଙ୍କ ଅବଦାନ ପ୍ରତିଟି ଜନ ମାନସରେ ସ୍ମରଣୀୟ ହୋଇରହିଛି। ୟୁନିସ୍କୋର ୩୬ତମ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖକୁ ସାରା ବିଶ୍ୱରେ ରେଡ଼ିଓ ଦିବସ ଭାବେ ୨୦୧୧ ମସିହାରୁ ପାଳନ ହୋଇଆସୁଛି। ଆଜି ବି ଓଡ଼ିଶାର ଗ୍ରାମାଞ୍ଚଳରେ ହଜାର ହଜାର ରେଡ଼ିଓ ଶ୍ରୋତା ଅଛନ୍ତି। ଠିକ ସେହିପରି ଜଣେ ଶ୍ରୋତା ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବର୍ଡାକଟା ନିପଟ ମଫସଲ ଗାଁର ବାସିନ୍ଦା ସୁଦାମ ଗାଇଗରିଆ। ୨୨ ବର୍ଷ ହେବ ସେ ଆକାଶବାଣୀର ବିଭିନ୍ନ କେନ୍ଦ୍ରର କାର୍ଯ୍ୟକ୍ରମ ଶୁଣିବା ସହ କାର୍ଯ୍ୟକ୍ରମରେ ଜଡିତ ରହିଛନ୍ତି।

# ଶିଶୁ ବିକାଶ କେନ୍ଦ୍ର ତରଫରୁ ସଦ୍‌ଭାବନା ସାଇକଲ ଯାତ୍ରା

**ବଲାଙ୍ଗିର, ୧୨।୨(ସମିସ)**

ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଶିଶୁ ବିକାଶ କେନ୍ଦ୍ର ତରଫରୁ ଦୁଇଦିନ ଧରି ସଦଭାବନା ସାଇକଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଇକେଲ ଯାତ୍ରାଟି କେଶବ ମିଶ୍ର ଓ ମଧୁ ସାହୁଙ୍କ ନେତୃତ୍ୱରେ ତଥା ଅରୁଣ ଖୁଆସ ଓ ଧିରେନ୍ଦ୍ର ନାରାୟଣ ସିଂହଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମା' ପାଟଣେଶ୍ୱରୀ ମନ୍ଦିରରେ ଡ. ଶ୍ରୀକର ମିଶ୍ର ପତାକା ହଲାଇ ଓ ଡା. ଜ୍ୟୋତ୍ସ୍ନାମୟୀ ମହାପାତ୍ର, ଡା. ଲୋକେଶ୍ୱର ସାଏଙ୍କ ଆଶୀର୍ବାଦରେ ସାଇକଲ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଦିନ ସାଇକଲ ଯାତ୍ରୀମାନେ ଖୁଜେନପାଲି, ପଣ୍ଡରାଟିଟା, ବାଂଜିପାଲି, ଜଲିଆ, ସିନଖମନ ଦେଇ ଶିକାଛିଡା ପହଞ୍ଚିଥିଲେ। ରାସ୍ତାରେ ପଥପ୍ରାନ୍ତ ସଭା, ସଭା ସମିତି ଓ ଲିଫ୍‌ଲେଟ ବଣ୍ଟନ କରି ଲୋକମାନଙ୍କୁ ଶିଶୁ ସୁରକ୍ଷା, ନାରୀ ନିର୍ଯାତନା, ନାରୀମାନଙ୍କ ବିଭିନ୍ନ ରୋଗ ସମ୍ପର୍କରେ, ପରିବେଶ ସୁରକ୍ଷା, ଜାତୀୟ ଏକତା ସହ ଓ ନିଶା ନିବାରଣ ଉପରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।



ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ପ୍ରେମଚାନ୍ଦ ମହାନ୍ତି, ଜୟରାମ ମିଶ୍ର, ଗୋପାଳଚନ୍ଦ୍ର ହୋତା, ସୀତାଂଶୁ ନାୟକ, ହୃଷୀକେଶ ପୁରୋହିତ, କପିଳ ପତି, ସୁନାଧର ବନଛୋର, ଦୁର୍ଗାଚରଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଦିବସରେ ସାଉନ୍ତମୁଣ୍ଡା, ପ୍ରତାପୁର, ଚିକଲବାହାଲ, ବିଡିଘାଟ, ବରଗାଁ, ବୈଦୁପାଲି ଓ ପଥରଚେପା ଦେଇ ଟିକ୍ରାପଡ଼ା ରାମ ମନ୍ଦିରରେ ସାଇକଲ ଯାତ୍ରୀ ପହଞ୍ଚିଥିଲେ। ସେଠାରେ ଆଦ୍ୟାଶକ୍ତି ନାରୀ ସଂଗଠନ ଓ ଅହୋରାତ୍ର ନାମଯଜ୍ଞ ଟିକ୍ରାପଡ଼ାର ମହିଳା ମଣ୍ଡଳ ସାଇକଲ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଭୀମସେନ ସାହୁ, ସତ୍ୟାର୍ଥ ପସାୟତ, ଆକାଶ କୁମାର ନନ୍ଦ, କେଦାରନାଥ ସେଠୀ, ଅଶୋକ ରାୟ, ମାନସ ବାଗ, ଆଶିଷ ବେଜ, ଆକାଶ କଣ୍ଡା, ନରେନ୍ଦ୍ର ନାଏକ, ରମାକାନ୍ତ ଷାଣ୍ଡ, ଆନନ୍ଦ ସାଏ, ଶିବା ସେଲମା, ଯୁଧିଷ୍ଠିର ଭୁଏ, ସୁରେନ୍ଦ୍ର ଦନ୍ତା, ପ୍ରଶାନ୍ତ ଷଡଙ୍ଗୀ ଓ ଶ୍ରୀରାମ ପସାୟତ ପ୍ରମୁଖ ଯାଇଥିଲେ। ସହଯୋଗ କରିଥିଲେ ରତ୍ନମୟ ତ୍ରିପାଠୀ, ପ୍ରଦୀପ ପସାୟତ, ତୁଡେନ୍ଦ୍ର ବେହେରା ଓ ଗୋବିନ୍ଦଚନ୍ଦ୍ର ସେଠ। ଶିଶୁ ବିକାଶ କେନ୍ଦ୍ର ସଭାପତି ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ବଦଳିଲେ ବଲାଙ୍ଗିର ଜିଲ୍ଲା କଂଗ୍ରେସ ସଭାପତି

## ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ ନୂଆ ସଭାପତି

**ବଲାଙ୍ଗିର, ୧୨।୨(ସମିସ):** ବଲାଙ୍ଗିର ଜିଲ୍ଲାର ନୂଆ କଂଗ୍ରେସ ସଭାପତି ହେଲେ ସୁରେନ୍ଦ୍ର ସିଂ ଭୋଇ। ଏହାପୂର୍ବରୁ ଏହି ପଦରେ ଆଇନଜୀବୀ ଦିଲୀପ ବେହେରା ଥିବାବେଳେ ହଠାତ ତାଙ୍କୁ ପରିବର୍ତ୍ତନ କରି ଶ୍ରୀ ଭୋଇଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସୂଚନା ଅନୁସାରେ, ସୁରେନ୍ଦ୍ର ସିଂ ଭୋଇ ହେଉଛନ୍ତି ପୂର୍ବତନ ଟିଟିଲାଗଡ଼ ବିଧାୟକ। ସେ କିଛି ମାସ ଧରି ବିରୋଧୀ ଦଳ ନେତା ପଦରେ ମଧ୍ୟ ରହିଥିଲେ; କିନ୍ତୁ ଗତ ଦୁଇଟି ନିର୍ବାଚନରେ ସେ ପରାଜିତ ହୋଇଆସୁଛନ୍ତି। ଦଳ ଭିତରେ ତାଙ୍କର ଗୁରୁତ୍ୱ ମଧ୍ୟ ରହିଛି। ବିଶେଷ କରି ପିସିସି ସଭାପତି ଭାବେ ଶରତ ପଟ୍ଟନାୟକ ଦାୟିତ୍ୱ ନେବା ପରଠାରୁ ଜିଲ୍ଲା କଂଗ୍ରେସ ସଙ୍ଗଠନରେ ତାଙ୍କ ଗୁରୁତ୍ୱ ବଢ଼ିବା ପାଇଁ ଆଶା କରାଯାଉଥିଲା। ଅନ୍ୟପକ୍ଷରେ ପୂର୍ବତନ ଜିଲ୍ଲା ସଭାପତି ଶ୍ରୀ ବେହେରା ମଧ୍ୟ ବିଗତ କିଛି ବର୍ଷ



ହେଲା ଜିଲ୍ଲା ସଭାପତି ଦାୟିତ୍ୱରେ ରହିଥିଲେ। ଏହି ସମୟରେ ଦଳର ସଙ୍ଗଠନ ବୃଦ୍ଧି କରିବାରେ ସେ ବଡ ଭୂମିକା ନେଇଥିଲେ। ସେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଅତି ଘନିଷ୍ଠ ଅନୁଗତ ହୋଇଥିବାରୁ ତାଙ୍କୁ ଏହି ପଦରେ ରଖାଯାଇଥିବା ଚର୍ଚ୍ଚା ହେଉଥିଲା। ତେବେ ଗତ ଦିନକ ତଳେ ଶ୍ରୀ ମିଶ୍ର ଶେଷ ବିଧାନସଭା ଅଧିବେଶନରେ ସମସ୍ତଙ୍କୁ କ୍ଷମା ପ୍ରାର୍ଥନା କରି ଭାବବିହ୍ୱଳ ହୋଇ ବକ୍ତବ୍ୟ ରଖିଥିଲେ। ପରେ ଦଳ ମତ ନିର୍ବିଶେଷରେ ସମସ୍ତେ ତାଙ୍କଠାରୁ ଆଶୀର୍ବାଦ ନେବା ପରେ ବଲାଙ୍ଗିର ଫେରିଥିଲେ। ବଲାଙ୍ଗିରରେ ତାଙ୍କୁ ଜୋରଦାର ସ୍ୱାଗତ ମଧ୍ୟ କରାଯାଇଥିଲା। ଏହି ସମୟରେ ଜିଲ୍ଲା କଂଗ୍ରେସ ସଭାପତି ଭାବେ ତାଙ୍କ ଅନୁଗତଙ୍କୁ ହଟାଇ ଶରତ ପଟ୍ଟନାୟକ ଶିବିରର ବ୍ୟକ୍ତିଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ଦେବା ଆଲୋଚନାର ବିଷୟ ପାଲଟିଛି।

## ବେଲପଡ଼ା ବ୍ଲକ୍ ମୁଖ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ବେଲପଡା, ୧୨।୨(ସମିସ):** ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବେଲପଡା ବ୍ଲକ ମୁଖ୍ୟାଳୟରେ ପୂର୍ବାହ୍ଣରେ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଉପଜିଲ୍ଲାପାଳ ଅମିତ ନାୟକ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ସମୁଦାୟ ୫୯ଟି ଅଭିଯୋଗ ମଧ୍ୟରୁ ୪୦ଟି ବ୍ୟକ୍ତିଗତ ଅଭିଯୋଗମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୧୯ଟି ସାମୂହିକ ଦରଖାସ୍ତ ଦାଖଲ ହୋଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେରଚନ୍ଦ୍ର ମହନ୍ତ, ବେଲପଡା ବିଡିଓ ରାଜେଶ ମେହେର, ତହସିଲଦାର ବନବିହାରୀ ହରପାଳ, ଏସଡିପିଓ ସଦାନନ୍ଦ ପୂଜାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, ସ୍ନିଗଧାରାଣୀ ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଭିନ୍ନକ୍ଷମ ବାଳକ ଖେଡୁ ବରଲେଦିଆଙ୍କୁ ଉଚ୍ଚଶିକ୍ଷା ପାଇଁ ଲାପଟପ ପ୍ରଦାନ କରାଯାଇଛି।



## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ସଇଁତଲା,୧୨।୨ (ସମିସ):** ସଇଁତଲା ବ୍ଲକ ବିବିନାଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ତଥା ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ 'ଆମ ଓଡ଼ିଶା ନବୀନ ଓଡିଶା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିବିନା ସରପଞ୍ଚ ପୁରୁଷୋତ୍ତମ କଲତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଟୁକୁନି ସାହୁଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ଓ ବିବିନା ସମିତିସଭ୍ୟ ମମି ରଣା, ସଇଁତଲା ସରପଞ୍ଚ ସୁବ୍ରତ ନାଗ ଓ ଗଣ୍ଡପତ୍ରାପାଲି ସରପଞ୍ଚ ମନୀଷ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯିବା ପରେ ଆମ ଓଡିଶା ନବୀନ ଓଡିଶାରେ ପଞ୍ଚାୟତକୁ ଆସିଥିବା ଅନୁଦାନ ଘୋଷଣା କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ରାଜ୍ୟ ସରକାରଙ୍କ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।

## କୁଟୁମଡୋଲା ଧନୁଯାତ୍ରାରେ ନରସିଂହ

**ବଲାଙ୍ଗିର, ୧୨।୨(ସମିସ):** କୁଟୁମଡୋଲାରେ ଆୟୋଜିତ କଂସ ଦରବାରରେ ରାଜଅତିଥି ଭାବେ ଯୋଗ ଦେଇଛନ୍ତି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର। କୋଶଲୀ ଭାଷାକୁ ସରକାରୀ ମାନ୍ୟତା ଦେବା ସହ ଅଞ୍ଚଳର ଶିକ୍ଷା, ଏହାର ଭିତ୍ତିଭୂମି, କୃଷି, ଜଳସେଚନ, କ୍ରୀଡା ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଓ ଏହାର ଭିତ୍ତିଭୂମିର ଉନ୍ନତିକରଣ ପାଇଁ ବିଶେଷ ଭାବରେ ଧ୍ୟାନ ଦେବାକୁ ଦାବି କରିଥିଲେ। ଅନ୍ୟତମ ବକ୍ତା ଭାବରେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର ଚାଷୀଙ୍କର ଦୁର୍ଦ୍ଦଶା ଉପରେ ବକ୍ତବ୍ୟ ରଖିଥିଲେ। କଂସ ଦରବାରରେ ଅନ୍ୟତମ ଅତିଥି ଭାବରେ ଶ୍ରୀଧର ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିରାମ ବେହେରା, ସରପଞ୍ଚ ସଞ୍ଜୟ ଗଡ଼ତ୍ୟା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କଂସ ଭୂମିକାରେ ଅଭିନୟ କରୁଥିବା ସୁଶୀଳ ମେହେରଙ୍କୁ ମୁଖ୍ୟଅତିଥିଙ୍କ ହାତରୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା ଏହି କଂସ ଦରବାରର ସୁପରିଚାଳନା ପାଇଁ ସଭାପତି କୈଳାସ ସିଂଦେଓ, ସମ୍ପାଦକ ବିକାଶ ରଞ୍ଜନ ରଥ, ଯୁଗଲ ରଣା, ମହେଶ ବୁଡେକ, ଗୁପ୍ତେଶ୍ୱର ନାଏକ, ରାଧାକାନ୍ତ ନାଏକ, ଘାସିରାମ ପଟେଲ ଏବଂ ଜଗନ୍ନାଥ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ବୁଣାକାରଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ

**ମନମୁଣ୍ଡା, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଞ୍ଚାୟତ କପାଶିରାରେ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ଲାଗି ପ୍ରଶିକ୍ଷଣ ତାଲିମ ଉଦ୍‌ଘାଟିତ ହୋଇଛି। ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଏଡିଟି ବିନାୟକ ପୃଷ୍ଟି,



ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ବୁଣାକାର କୌସ୍ତୁଭ ମେହେର, ମନମୁଣ୍ଡା ଭୁଲିଆ ସମାଜ ସଭାପତି ପଙ୍କଜ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ରାଜ୍ୟ ସରକାରଙ୍କ ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ହସ୍ତତନ୍ତ ଶିଳ୍ପ ବିକାଶ ଯୋଜନା (ପୋହି ) ଯୋଜନା ମାଧ୍ୟମରେ ୨୦ ଜଣ ପୁରୁଷ ଓ ମହିଳା ବୁଣାକାରଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ବଲାଙ୍ଗୀର ଆଗଲପୁର ଅଞ୍ଚଳର ଖ୍ୟାତନାମା ସ୍ୱତନ୍ତ୍ର ତାଲିମପ୍ରାପ୍ତ ବୁଣାକାର ରାମକୃଷ୍ଣ ବାଘ ୬ ମାସ ତାଲିମ ପ୍ରଦାନ କରିବେ। ତାଲିମ ଗ୍ରହଣକାରୀ ପ୍ରତ୍ୟେକଙ୍କୁ ମାସିକ ୬୦୦୦ ଟଙ୍କା ପ୍ରଦାନ କରାଯିବ। ତାଲିମ ଗ୍ରହଣ ପରେ ଇନଭେଟର, ବିନା ସୁଧରେ ଋଣ, ମାଗଣା ମଙ୍ଗା ସହ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରାଯିବ। ହସ୍ତତନ୍ତ ଶିଳ୍ପର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ରହିଛି। ପୂର୍ବରୁ ବୌଦ୍ଧ ଜିଲ୍ଲାରେ କେବଳ ଭୁଲିଆ ମାନେ ଲୁଗା ବୁଣୁ ଥିଲେ। ଅନ୍ୟ ଜାତିର ଲୋକମାନେ କିପରି ଏହି ବୃତ୍ତି ଆପଣେଇ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଚେଷ୍ଟା ଚାଲିଛି ବୋଲି ବୟନିକା ସଭାପତି ଶ୍ରୀ ମେହେର କହିଛନ୍ତି।

ସେହିପରି ନାରାୟଣନଗରରେ ସୂତା ରଙ୍ଗ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏ ଡି ଟି ବିନାୟକ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁନି ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଠାରେ ମଧ୍ୟ ୨୦ ଜଣ ତାଲିମ ଗ୍ରହଣ କରିବେ। ସମସ୍ତଙ୍କୁ ମାସିକ ୬୦୦୦ ଟଙ୍କା ପ୍ରଦାନ କରାଯିବ। ଧରଣୀଧର ମେହେର ତାଲିମ ପ୍ରଦାନ କରିବେ ବୋଲି ଏଡିଟି ଶ୍ରୀ ପୃଷ୍ଟି କହିଥିଲେ।

## ବଲାଙ୍ଗିର କୁଲତା ସମାଜର ସମ୍ବର୍ଦ୍ଧନା ସଭା

**ବଲାଙ୍ଗିର, ୧୨।୨(ସମିସ):** ଭଗବତୀନଗରସ୍ଥିତ ବଲାଙ୍ଗିର କୁଲତା ସମାଜ କାର୍ଯ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସଭା କୁଲତା ସମାଜର ଉପସଭାପତି ଜ୍ୟୋତ୍ସ୍ନାମୟୀ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ଅଜିତ ଭୋଇ ସଭା ପରିଚାଳନା କରିଥିବା ବେଳେ ଆଇନ ପରାମର୍ଶଦାତା ବରିଷ୍ଠ ପୁରାତନ ସଭାପତି ତଥା ଉପଦେଷ୍ଟା ରାହାସ ବିହାରୀ ମାଝି ମଞ୍ଚାସୀନ ଥିଲେ। ଗତ ଜାନୁଆରୀ ୨୭ତାରିଖ ଓଡ଼ିଶା ରାଜ୍ୟ ଟେକ୍ସ ଏଡଭୋକେଟ ଏସୋସିଏସନର ଉପସଭାପତି ରୂପେ ନିର୍ବାଚିତ ହୋଇଥିବା ବଲାଙ୍ଗିର ସାଗରପଡ଼ାସ୍ଥିତ ସ୍ୱର୍ଗତ ନବୀନ ଭୋଇଙ୍କ ଜ୍ୟେଷ୍ଠପୁତ୍ର କୁଲୁତା ସମାଜର ପୂର୍ବ ସମ୍ପାଦକ ଆଇନ ପରାମର୍ଶଦାତା ଶାନ୍ତନୁ ଭୋଇଙ୍କୁ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକାରୀ କମିଟି ସଭ୍ୟ ବୃନ୍ଦାବନ ସାହୁ ଓ ରାଜେନ୍ଦ୍ର ପ୍ରସାଦ ସାହୁ, ସଞ୍ଜୟ ଭୋଇ, ଶିରୋମଣି ସାହୁ, ରାମଚନ୍ଦ୍ର ଭୋଇ, ସୋମନାଥ ସାହୁ, କିଶୋରଚନ୍ଦ୍ର ବିଶ୍ୱାଲ, ସରୋଜ ମାଝି, ଯୁବ ସଂଯୋଜକ ସୁଦର୍ଶନ ସାହୁ, ଯୁବସଭ୍ୟ ସଞ୍ଜୀବ ସାମଲ, ସୁନୀଲ ମାଝି, ଲକ୍ଷ୍ମଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନତ ମନ୍ଦିରର ପ୍ରସଙ୍ଗ ଉପସ୍ଥାପନ କରି ଧନ୍ୟବାଦ ଅର୍ପଣ କରିଥିଲେ ବ୍ୟାଙ୍କ ଅଧିକାରୀ ଶିରୋମଣି ସାହୁ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ନବରତ୍ନ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖପ୍ରାଖୋଲ, ୧୨।୨(ସମିସ):** ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭାପତି ବିପ୍ର ବିଶି, ବ୍ଲକ ଉପାଧ୍ୟକ୍ଷ ସୁଖୀରାମ ଷାଣ୍ଡ, ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ମୁଖ୍ୟବକ୍ତା ଲାଠୋର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ପଧାନ ଓ ଯୋଗାଣ ଅଧିକାରୀ ବିକାଶ ବାର୍ଲା ଯୋଗ ଦେଇଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କୁମୁଦ ଠାକୁର, ସଂସ୍କୃତ ଶିକ୍ଷକ ଚୂଡ଼ାମଣି ପୁଟେଲ୍, ଖେଳ ଶିକ୍ଷକ ପ୍ରମୋଦ ବାଗ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଟିଟିଲାଗଡ଼

**ଶଗଡ଼ା, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ କଲେଜ ଖେଳ ପଡ଼ିଆରେ ଆୟୋଜିତ ପ୍ରଥମ ଅଲ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଉଭୟ ପୁରୁଷ ଓ ମହିଳା ଦଳ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଛି। ଅପରାହ୍ଣରେ ଅନୁଷ୍ଠିତ ପ୍ରଥମ ଖେଳ କନ୍ଧମାଳ ଆଥଲେଟିକ ଆସୋସିଏସନ ଓ ଆଫ୍ରିକା ୧୧ (ପୁରୁଷ )ଦଳ ମଧ୍ୟରେ ହୋଇଥିଲା। ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ସହ ସମାନ ହୋଇଥିଲେ। ପରେ ଟ୍ରାଇବେକର ଜରିଆରେ ଆଫ୍ରିକା ୧୧ଦଳ ୧-୦ ଗୋଲରେ ବିଜୟ ଲାଭ କରି ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ମହିଳା ମ୍ୟାଚରେ ଝାରସୁଗୁଡା ଓ ଟିଟିଲାଗଡ଼ ଦଳ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପରେ ପେନାଲଟିକିକ ଜରିଆରେ ଝାରସୁଗୁଡାକୁ ହରାଇ ଟିଟିଲାଗଡ଼ ଦଳ ଫାଇନାଲକୁ ପ୍ରବେଶ କରିଛି। ଖେଳରେ ମୁଖ୍ୟ ଅତିଥି ଭାବେ ଭେଡେନ ବିଡ଼ିଓ ତ୍ରିପୁର ମହାନନ୍ଦ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝୀ, ସନମ ଗୁରୁ, ସମୀର ଖଟୁଆ ଓ ଆଦିବାସୀ ନେତା ଡମ୍ବରୁଧର କହଁର ପ୍ରମୁଖ ଯୋଗ ଦେଇଥିଲେ। ମନୋଜ ଶର୍ମା ଓ ସୁଦାମ ମିଶ୍ର ଖେଳର ଧାରା ବିବରଣୀ ଓ ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ସୁଶୀଲ ବେହେରା, ସଦାଶିବ ମହାନନ୍ଦ ଓ ସୁଜିତ ସାହୁ ମ୍ୟାଚ ରେଫରୀ କାର୍ଯ୍ୟ କରିଥିଲେ।

## ଆମବାହାଲି ଓ ବାଘଝରନ ଗାଁରେ ପୁଲିସର ଜନସମ୍ପର୍କ ଶିବିର

**ଖପ୍ରାଖୋଲ, ୧୨।୨(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଘଝରଣ ଓ ଲାଠୋର ଥାନା ରେଙ୍ଗାଲି ପଞ୍ଚାୟତ ଆମବାହାଲି ଗାଁ ଠାରେ ବଲାଙ୍ଗିର ପୁଲିସ ତରଫରୁ ଜନସଂପର୍କ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଲାଠୋର ଥାନାଧିକାରୀ ରାକେଶ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ବଲାଙ୍ଗିର ଡିଏସପି ସୁଦୀପ୍ତ ସାହୁ, ସମ୍ମାନିତ ଅତିଥି ରୂପେ ଉମାକାନ୍ତ ମେହେର,



ଏସ୍ ଆଇ ଦେବାର୍ଚ୍ଚନ ମିର୍ଦ୍ଧା ପ୍ରମୁଖ ବେଳେ ବୃଦ୍ଧବୃଦ୍ଧାଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ୟୁଥ୍ ଡୋନର ଗୃପ ଓ ମହାନଦୀ ନେତ୍ର ଚିକିତ୍ସାଳୟ ଦ୍ୱାରା ମାଗଣା ଚକ୍ଷୁ ପରୀକ୍ଷା କରଯାଇଥିଲା। ୪୩ଜଣଙ୍କ ପରୀକ୍ଷା ସହ ୧୭ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚୟନ କରାଯାଇଛି। ଶତାଧିକ ମହିଳା ପୁରୁଷଙ୍କ ମାଗଣା ସ୍ୱାସ୍ଥ୍ୟ ସେବା କରାଯାଇ ମାଗଣା ଔଷଧ ବଣ୍ଟନ କରଯାଇଥିଲା। ୧୦ଟି ଦଳକୁ ନେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବର୍ତ୍ତିଆ ଦଳ ଚାମ୍ପିଅନ ଓ ରେଙ୍ଗାଲି ଦଳ ରନର୍ସ ଅପ୍ ହୋଇଥିଲା। ସମସ୍ତ ଦଳକୁ ଜର୍ସି ସହ ଚାମ୍ପିଅନ ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଏଏସଆଇ ଯତୀନ୍ଦ୍ର ବଡାଇ, ରୁଭର୍ତ ନାଗ ସମେତ ପୁଲିସ କର୍ମୀ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ଥାନା ମହରାପଦର ପଞ୍ଚାୟତ ବାଘଝରଣ ଗାଁ ଖେଳ ପଡିଆରେ ମଧ୍ୟ ଖପ୍ରାଖୋଲ ଥାନା ପୁଲିସ ତରଫରୁ ଜନସଂପର୍କ ଶିବିର ଥାନାଧିକାରୀ ନରେନ୍ଦ୍ର ଛତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବଲାଙ୍ଗିର ଡିଏସପି ସୁଦୀପ୍ତ ସାହୁ, ସମ୍ମାନିତ ଅତିଥି ରୂପେ ଏସଆଇ ଲିଙ୍ଗରାଜ କିଷାନ ଯୋଗଦେଇଥିଲେ। ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କାନ୍ଦରା ଭଟା ଦଳ ଚାମ୍ପିଅନ୍ ଓ କର୍ଲାମାଲ ଦଳ ରନର୍ସ ଅପ୍ ହୋଇଥିଲେ। ଉଭୟ ଦଳକୁ ଟ୍ରଫି ପ୍ରଦାନ କରା ଯାଇଥିବା ବେଳେ ସବୁ ଦଳକୁ ଜର୍ସି ପ୍ରଦାନ କରାଯାଇଥିଲା।

## ଫ୍ରେଣ୍ଡସ୍ କ୍ଲବ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# ସମ୍ବଲପୁରକୁ ହରାଇ କଦଳୀପାଲି ବରଗଡ଼ ଚାମ୍ପିଅନ

**ବଲାଙ୍ଗିର, ୧୨।୨(ସମିସ)**

ବଲାଙ୍ଗିର ସହରସ୍ଥିତ ପି.ଆର. ହାଇସ୍କୁଲ ଖେଳପଡିଆରେ ବଲାଙ୍ଗିର ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଖେଳରେ କଦଳୀପାଲି ଏଥେଲେଟିକ ଦଳ ୧-୦ ଗୋଲରେ ଭାରତ କ୍ଲବ ସମ୍ବଲପୁରକୁ ହରାଇ ଚାମ୍ପିଅନ ହୋଇଥିଲା। ମେଚର ଶ୍ରେଷ୍ଠ ଖେଳାଳି ଭାବରେ କଦଳୀପାଲି ଦଳର ଜିତୁ ମିର୍ଦ୍ଧା ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲକିପର ଭାବରେ ସିଦ୍ଧାନ୍ତ ପଧାନ ଏବଂ ସମ୍ବଲପୁର ଦଳର ଅମର ଖାଡିଆଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳରେ କ୍ଲବର ସଭାପତି ଲୋଟସ ଷଡଙ୍ଗୀ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଜଳସମ୍ପଦ, ପରିବହନ ବାଣିଜ୍ୟ ମନ୍ତ୍ରୀ ଟୁକୁନୀ ସାହୁ, ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ଆରକ୍ଷୀ ଅଧୀକ୍ଷକ ରିଷିକେଶ ଖିଲାରୀ, ଅଖିଳଚନ୍ଦ୍ର ହୋତା, ଜିଲ୍ଲା ଷ୍ଟେଟ ବ୍ୟାଙ୍କ ଅଫ





ଇଣ୍ଡିଆ ମୁଖ୍ୟ ପରିଚାଳକ ସତ୍ୟନାରାୟଣ ମାଝି, ପି.ଆର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, କ୍ଲବର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ଓ କୋଷାଧ୍ୟକ୍ଷ ରଞ୍ଜିତ ବେହେରା ମଞ୍ଚାସୀନ ଥିଲେ। ନୀଳ ନାଏକ, ଶଶିକାନ୍ତ ଦାସିଆ, ନରସିଂ ସ୍ୱାମୀ ନାଇଡୁ, ରାଜେନ୍ଦ୍ର ଧରୁଆ ଖେଳକୁ ପରିଚାଳନା କରିଥିବା ବେଳେ ସୁନୀଳ ବିଶ୍ୱାଳ ମ୍ୟାଚ କମିଶନର ଥିଲେ। ବିଶିଷ୍ଟ କ୍ରୀଡାବିତ ଭାବଗ୍ରାହୀ ରଥ, ଅନ୍ତର୍ଜାତୀୟ ମହିଳା କ୍ରିକେଟ ଖେଳାଳି ରୋସନାରା ପରବିନ ଓ କ୍ରୀଡା ସଂଗଠକ ସ୍ୱର୍ଗତ ଅମନ ନାଗଙ୍କ ଧର୍ମପତ୍ନୀ ସବିତା ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପବିତ୍ର ଖୁଣ୍ଟିଆ, ଜୟନାରାୟଣ ବହିଦାର, ଲକ୍ଷ୍ମୀ ସ୍ୱାଇଁ, କିଶୋର ଦଣ୍ଡସେନା, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର, ଧର୍ମେନ୍ଦ୍ର କୁମାର, ପୃଥୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ, ମଧୁ ବନଛୋର, ପୂର୍ଣ୍ଣ ତ୍ରିପାଠୀ, ଦେବେନ ପାତ୍ର, ବିଭୂତି ସ୍ୱାଇଁ, ଶନତ ତ୍ରିପାଠୀ, ଟିକୁ ପରିଚ୍ଛା, ନିତ୍ୟା ପଧାନ, ସରୋଜ ସାହୁ, ଇନ୍ଦ୍ରମଣି ନନ୍ଦ, ସନ୍ତୋଷ ପାଢୀ, ମଣ୍ଟୁ ମିଶ୍ର, ସୂର୍ଯ୍ୟ ମେହେର, ବିଜୟ ପଧାନ, ପ୍ରଶାନ୍ତ ସେଠ, କମ୍ମୁ ତ୍ରିପାଠୀ, ମୁନା ପାଲ, ୱାର୍ଡ ନଂ-୮ର କାଉନସିଲର ନନ୍ଦିନୀ ପୋଡ୍, ନୂତନ ଦାଶ, ପୂର୍ବତନ କାଉନସିଲର ମମତା ଜେନା, ଶିବ ବେହେରା, ମନୋଜ ତ୍ରିପାଠୀ ବରିଷ୍ଠ ସଦସ୍ୟ ବିକ୍ରମ ବହିଦାର, ପ୍ରଭାକର ମିଶ୍ର, ନାରାୟଣ ପାଢୀ, ଶାନ୍ତନୁ ମିଶ୍ର, ହରିବଂଶ ମିଶ୍ର, ଅଶୋକ ମିଶ୍ର, ପ୍ରଦୀପ ଷଡଙ୍ଗୀ, ରାମଚନ୍ଦ୍ର ପୁରୋହିତ, ସବିତା ନନ୍ଦ ମିଶ୍ର, ବେକୁଣ୍ଠ ଖୁଣ୍ଟିଆ, ବିଶିଷ୍ଟ କ୍ରିଡାବିତ ଚଗଲା ପରିଚ୍ଛା ଉପସ୍ଥିତ ଥିଲେ।

## ୧୦ ଦଫା ଦାବି ନେଇ ଗର୍ଜିଲେ ଚାଷୀ

**ସୋନପୁର,୧୨।୨(ସମିସ):** ୧୦ ଦଫା ଦାବି ନେଇ ସୁବର୍ଣ୍ଣପୁରରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରୟାଲ ପଡିଆଠାରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଜିଲ୍ଲାପାଳଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ଚାଷୀ ନେତା ଲିଙ୍ଗରାଜ, ପ୍ରଦ୍ୟୁମ୍ନ ପାଢୀ, ବୈକୁଣ୍ଠ ଶତପଥୀ, ରାଜେନ୍ଦ୍ର ମିଶ୍ର, ଶ୍ରମିକ ନେତା ଗୋବିନ୍ଦ ମହାରଣା ପ୍ରମୁଖ ଯୋଗଦେଇ ଥିଲେ।




## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ପଲଶାଗୋରା/ମନମୁଣ୍ଡା, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅରବିନ୍ଦ ପାଣ୍ଡେଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବିଜିତ ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନନ୍ତ ବେହେରା ପ୍ରମୁଖ ଅତିଥିବ ଭାବେ ଯୋଗ ଦେଇଥିଲେ। ଜିଆରଏସ୍ ଉଜ୍ଜଳ ଅଗ୍ରୱାଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସମୀର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରଞ୍ଜୁ ଅମାତ ଧନ୍ୟବାଦ ଦେଇଥିଲେ। ବାମନ ଚରଣ ମହାନ୍ତି, କୁନୁପଲିଆ, ରାଜ କୁମାର ତ୍ରିପାଠୀ, ସେବକ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ହିମାଂଶୁ ପାତ୍ର, ଶୁରୁ ରାଜହଂସ, ସୁନିଲ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ତରଫରୁ ମଧ୍ୟ ସ୍ଥାନୀୟ ଖେଳ ପଡ଼ିଆରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ସ୍ଥାନୀୟ ସରପଞ୍ଚ ତାରାକାନ୍ତି ମାଝୀ, ସମିତି ସଭ୍ୟା ଜନକ ବାଘ, ୱାର୍ଡ ମେମ୍ବର ସଭ୍ୟା ହିମାଦ୍ରୀ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଜିଆରଏସ ନବୀନ ପ୍ରଧାନ, ଜ୍ଞାନେନ୍ଦ୍ର ସ୍ୱାଇଁ, ସତ୍ୟନାରାୟଣ ମାଝୀ, ବିନୋଦବିହାରୀ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ବ୍ୟାଙ୍କରେ ଅଟକିଛି 'ମୋ ଘର' ଆବେଦନପତ୍ର

**ଶଗଡ଼ା,୧୨।୨(ସମିସ)**

ସରକାର ଗରିବ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ଦେବାକୁ ବିଭିନ୍ନ ଯୋଜନା କରୁଛନ୍ତି। ଏଥିପାଇଁ ମୋ ଘର ଯୋଜନା ପ୍ରଣୟନ କରିଛନ୍ତି। ବ୍ୟାଙ୍କ ମାଧ୍ୟମରେ ହିତାଧିକାରୀଙ୍କୁ ୧ଲକ୍ଷ ୫୦ହଜାର ଟଙ୍କାରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ କିସ୍ତି ହିସାବରେ ଋଣ ଦେବାର ନିୟମ ରଖିଛନ୍ତି। ପ୍ରଥମେ ଅନ୍ ଲାଇନ୍ ମାଧ୍ୟମରେ ହିତାଧିକାରୀ ଆବେଦନ କରୁଛନ୍ତି। ଅନଲାଇନ୍ ଆବେଦନରେ ଘରବାରି ପଟ୍ଟା ଦରକାର ହେଉଛି। ଆବେଦନ ସରିଲେ ନିକଟସ୍ଥ ରାଜସ୍ୱ ନିରୀକ୍ଷକ ଉକ୍ତ ଆବେଦନକାରୀଙ୍କ ଘରକୁ ଆସି ସମସ୍ତ କାଗଜ ପତ୍ର ଯାଞ୍ଚ କରି ବ୍ୟାଙ୍କକୁ ସମସ୍ତ କାଗଜପତ୍ର ପଠାଉଛନ୍ତି। ବୌଦ୍ଧ ଜିଲ୍ଲାର ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ମୋ ଘର ପାଇବାର ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। କଣ୍ଟାମାଳ ବ୍ଲକରେ ଆଜି ପର୍ଯ୍ୟନ୍ତ ମୋ ଘର ଯୋଜନାରେ କୌଣସି ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯାଇନି। ଏଣୁ ପ୍ରଶାସନର ଦୁର୍ବଳତା ଯୋଗୁଁ କଣ୍ଟାମାଳ ବ୍ଲକରେ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ଶୀଘ୍ର କାର୍ଯ୍ୟକାରୀ ହୋଇପାରୁନି। ଏ ସଂପର୍କରେ କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡ୍ଡୀଙ୍କୁ ପଚାରିବାରୁ ବ୍ୟାଙ୍କରେ ସମସ୍ତ ଆବେଦନକାରୀଙ୍କ କାଗଜପତ୍ର ଅଟକିଛି। ବ୍ୟାଙ୍କ ଆବେଦନକାରୀଙ୍କୁ ଋଣ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା କହିଛନ୍ତି।

## ଅଷ୍ଟପ୍ରହର ନାମଯଜ୍ଞ ଓ ପାରାୟଣ ଉଦ୍‌ଯାପିତ

**ସୁବଳୟା, ୧୨।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ କୁଡାପଡ଼ାରେ ୨ୟ ଅଷ୍ଟପ୍ରହର ନାମଯଜ୍ଞ ଓ ସୁନ୍ଦରାକାଣ୍ଡ ପାରାୟଣ ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ୩୫ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ପୁରାଣ ଗାୟିକା ମୋନାଲି ମହାପାତ୍ର ପୁରାଣ ସମାପନ କରିଥିଲେ। ପୂଜକ ନିତ୍ୟାନନ୍ଦ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଗୁଲଷ୍ଟୁ ବିଶ୍ୱାଳ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା ଯୋଗାଣ ସହାୟକ ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁଯାୟୀ ୨୦୧୩ରୁ ନିଯୁକ୍ତି ପାଇ ଯୋଗାଣ ସହାୟକମାନେ ପିଡିଏସ ସାମଗ୍ରୀ ବଣ୍ଟନ ସହିତ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନାରେ ମଧ୍ୟ ସାମିଲ ହୋଇ କାର୍ଯ୍ୟ କରୁଛନ୍ତି; କିନ୍ତୁ କେତେକ ପଞ୍ଚାୟତରେ ଯୋଗାଣ ସହାୟକମାନଙ୍କୁ ଦରମା ଠିକ୍ ସମୟରେ ମିଳୁନାହିଁ। ଜିଲ୍ଲାରେ କେତେକ ପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ଖାଲିଥିବାରୁ ପାଖ ପଞ୍ଚାୟତର ଯୋଗାଣ ସହାୟକଙ୍କୁ ନିଯୁକ୍ତ କରି ପିଡିଏସ ବଣ୍ଟନ କରାଯାଇଥାଏ। ପୁଣି ଏହି ପିଡିଏସ ବିତରଣ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାପ୍ତ କରିବା ପାଇଁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଥାଏ। ତେଣୁ କାର୍ଯ୍ୟରେ ଚାପ ପଡ଼ିଥାଏ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଭାପତି କୃପାସିନ୍ଧୁ ପ୍ରଧାନ, ସଂପାଦକ ପ୍ରମୋଦ ପ୍ରଧାନ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ଦାସ, ସଦସ୍ୟ ନୀଳମାଧବ ପ୍ରଧାନ, ସୁରଥ ଦ୍ୱାରୀ, ଅନିମା ପ୍ରିୟଦର୍ଶିନୀ, ବିଶ୍ୱବନ୍ଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଛାସାହିରେ ପୁଲିସର ଜନସମ୍ପର୍କ ଶିବିର

**ହରଭଙ୍ଗା,୧୨।୨(ସମିସ):** ଅଡ଼େଣିଗଡ଼ ପଞ୍ଚାୟତ ଗୋଛାସାହିରେ ବୌଦ୍ଧ ଜିଲ୍ଲା ପୁଲିସ ଓ ପୁରୁଣାକଟକ ପୁଲିସ ପକ୍ଷରୁ ଏକ 'ଜନ ସମ୍ପର୍କ ଶିବିର' ଅନୁଷ୍ଠିତ ହୋଇଯାଇଛି। ମାଓବାଦୀଙ୍କ ସହ ସମ୍ପର୍କ ନ ରଖି ତାଙ୍କ ଗତିବିଧି ଉପରେ ସନ୍ଦେହ ଆସିଲେ ସାଙ୍ଗେ ସାଙ୍ଗେ ଜଣାଇବାକୁ ପୁଲିସ ପରାମର୍ଶ ଦେଇଛି। ଏହି ଅବସରରେ ଗାଁ ଲୋକଙ୍କ ମଧ୍ୟରେ ଏକ ଭଲିବଲ ପ୍ରତିଯୋଗିତା, ନାଚଗୀତ ପ୍ରତିଯୋଗିତା ହୋଇଥିଲା। ପୁରୁଣାକଟକ ଥାନା ଭାରପ୍ରାପ୍ତ ଅଧିକାରୀ ସାରଦା ପ୍ରସନ ଦାସ ଓ ଅଡେଣିଗଡ଼ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ।

## 'ତପସ୍ୱିନୀ' ସଦସ୍ୟାଙ୍କ ଅଯୋଧ୍ୟା ଯାତ୍ରା

**ସୋନପୁର, ୧୨।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ମାତୃ ଶକ୍ତି 'ତପସ୍ୱିନୀ' ସଦସ୍ୟାମାନେ ଅଯୋଧ୍ୟା ଗସ୍ତ କରିଛନ୍ତି। ସେମାନେ ସମ୍ବଲପୁରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି। ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ସୁନନ୍ଦା ସାହୁ, ଆରତୀ ଖମାରୀ, ପୂର୍ଣ୍ଣିମା ସା, ସନ୍ତୋଷିନୀ ମିଶ୍ର, ସୁଦେଷ୍ଣା ମହାରଣା, ପ୍ରଭାସିନୀ ପଟ୍ଟନାୟକ, ପ୍ରତିମା ରଥ ପ୍ରମୁଖ ଅଯୋଧ୍ୟା ଯାତ୍ରା କରୁଛନ୍ତି। ସମ୍ବଲପୁର ଷ୍ଟେସନ୍‌ରେ ଅଯୋଧ୍ୟା ଯାତ୍ରୀଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

**● ଅଲ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସ**

## ଫୁଲବାଣୀକୁ ହରାଇ ସେମିଫାଇନାଲରେ ସୋନପୁର

**କଣ୍ଟାମାଳା, ୧୨।୨(ସମିସ):** କଣ୍ଟାମାଳ ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ କଲେଜ ଖେଳ ପଡ଼ିଆରେ ଆୟୋଜିତ ପ୍ରଥମ ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଚତୁର୍ଥ ଦିବସରେ ସୋନପୁରର ଶ୍ରେୟାଂଶ ସ୍ପୋର୍ଟିଂ ଓ ଫୁଲବାଣୀ ଦଳ ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଛି। ଫୁଲବାଣୀ ଦଳ ୫-୦ଗୋଲରେ ପରାଜିତ ହୋଇଛି। ଫୁଲବାଣୀକୁ ହରାଇ ଶ୍ରେୟାଂଶ ସ୍ପୋର୍ଟିଂ ଦଳ ସେମିଫାଇନାଲକୁ ପ୍ରବେଶ କରିଥିଲା। ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଓକିଲ ସଂଘ ସଭାପତି ଦୂତିଆ ଚରଣ ସାହୁ, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ସରକାରୀ ଓକିଲ ସୁରେଶ ଚନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇଥିଲେ। ମନୋଜ ଶର୍ମା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ବିକାଶ ସେଠି ପ୍ରମୁଖ ମ୍ୟାଚ ରେଫରୀ ଭାବେ ସହଯୋଗ କରିଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବୀରେନ୍ଦ୍ର ସାହୁ ମ୍ୟାଚ କମିଶନର ଥିଲେ।

**ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ବୈଠକ**

## 'ଅଞ୍ଚଳର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ବୀରମହାରାଜପୁର,୧୨।୨(ସମିସ):** ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ଏକ ବୈଠକ ହରିହର ଯୋର୍ ଠେଙ୍ଗୋ ଡ୍ୟାମ୍ ସାଇଟ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡର ପ୍ରାୟ ୩୦ରୁ ଅଧିକ ସଦସ୍ୟ ଯୋଗ ଦେଇଥିଲେ। ବିଶେଷ ଭାବରେ ଅଞ୍ଚଳର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ବୈଠକରେ ସଂଘର ସମ୍ପାଦକ ବାସୁଦେବ ପଣ୍ଡା, ବରିଷ୍ଠ ସାମ୍ବାଦିକ ନନ୍ଦ କିଶୋର ମିଶ୍ର, ସୌମିତ୍ରୀ ମେହେର, ଆଦିତ୍ୟ ମିଶ୍ର, କିଶୋର ହୋତା, କୋଷାଧ୍ୟକ୍ଷ ସତ୍ୟବାନ୍ ପୁରୋହିତ, ରାଧାକାନ୍ତ ବାଘ, ରବୀନ୍ଦ୍ର ହୋତା, ସୁଧୀର ବିଶ୍ୱାଳ, କୁଶ ବଘାର, ଉରୁକ୍ରମ ପାଣ୍ଡିଆ, ରାଜେଶ ସେଠୀ, ନିଳକମଲ ମିଶ୍ର, ପିତାମ୍ବର ସାହୁ, କମଲ ପରିଚ୍ଛା, ନମିତା ହୋତା, ପିତାମ୍ବର ମହାପାତ୍ର, ପ୍ରେମାନନ୍ଦ ପଧାନ ଓ ସଞ୍ଜୀବ ମେହେର ପ୍ରମୁଖ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଯୁଗଳ କିଶୋର ମିଶ୍ର ସଂଯୋଜନା କରିଥିଲାବେଳେ ଶେଷଦେବ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କୃମିନାଶକ ଦିବସ

**ମନମୁଣ୍ଡା, ୧୨।୨(ସମିସ):** ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ମନମୁଣ୍ଡାରେ ୨ ବର୍ଷରୁ କମ୍ ପିଲାଙ୍କୁ କୃମିନାଶକ ସିରପ ଓ ୨ ବର୍ଷରୁ ଅଧିକ ବୟସ୍କଙ୍କୁ ଟାବଲେଟ ପ୍ରଦାନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ବିପିମ୍ ରାକେଶ ମହାପାତ୍ର, ପିଏଚଇଓ ସୁଦର୍ଶନ ପ୍ରଧାନଙ୍କ ଦିଗଦର୍ଶନ କ୍ରମେ ପ୍ରତ୍ୟେକ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଏଲଏଚଭି, ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଏହି ଦିବସ ପାଳନ କରାଯାଇଥିଲା। ସେହିପ୍ରକାରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ର, ସ୍କୁଲରେ ଏହି ଦିବସ ପାଳନ କରାଯାଇଥିଲା। ଦହ୍ୟା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ ଆଲବେଣ୍ଡାଜୋଲ ଟାବଲେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବିତର୍କ ପ୍ରତିଯୋଗିତା କରାଯାଇଥିଲା।



## ଉଦିତ ପ୍ରତାପ ଭୋଇ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ନିଯୁକ୍ତ



**ମନମୁଣ୍ଡା/ଶଗଡ଼ା, ୧୨।୨(ସମିସ):** କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ଉଦିତ ପ୍ରତାପ ଭୋଇଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି। ଆଗରୁ ସେ ବିଜୁ ଛାତ୍ର ଜନତା ଦଳର ବୌଦ୍ଧ ଜିଲ୍ଲାର ଉପ-ସଭାପତି, କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ସଭାପତି ପଦବୀରେ ରହି ଛାତ୍ର ସଂଗଠନକୁ ସୁଦୃଢ କରିଛନ୍ତି। ସୋନପୁର ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ଛାତ୍ର ସଂଗଠନ ଦାୟିତ୍ୱ ତୁଲାଇ ଥିଲେ। ବିଜୁ ଛାତ୍ର ଜନତା ଦଳର ସଂଗଠନକୁ ଆହୁରି ସୁଦୃଢ ଏବଂ ଶକ୍ତିଶାଳୀ କରିବାକୁ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପରାମର୍ଶ ଦେଇ ଉଦିତଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଭାବରେ ନିଯୁକ୍ତି ପ୍ରଦାନ କରିଛନ୍ତି।

## ଖଟଖଟିଆ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ



**ପଲଶାଗୋରା, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠରେ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ଖେତୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଇଓ ସନୋଜ ସେଠି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉଚ୍ଚ ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଶୁକଦେବ ବଗର୍ତ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବିଶ୍ୱଜିତ ବାରିକ, ନରେନ୍ଦ୍ର ପ୍ରଧାନ, ପଞ୍ଚାନନ ପ୍ରଧାନ, ଅଜୟ ସାହୁ, ବିଭୁତି ଭୂଷଣ କଅଁର, ଧାରତୀ ନାଏକ ଓ ପ୍ରବେଶ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ଆମ୍ବଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ




**ହରଭଙ୍ଗା, ୧୨।୨(ସମିସ):** ପାଲଝରସ୍ଥିତ ବୌଦ୍ଧ ଜବାହର ନବୋଦୟ ବିଦ୍ୟାଳୟ ତରଫରୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ବୌଦ୍ଧ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନଙ୍କ ଅନୁମତି କ୍ରମେ ମୌଳିକ ସାକ୍ଷରତା, ଆବୃତ୍ତି, ପଠନ କାର୍ଯ୍ୟକ୍ରମରେ ବାଳାଶ୍ରମର ସଚିବ ନବୀନ ଚନ୍ଦ୍ର ବଘାର ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଦିଲୀପ ବାଡତ୍ୟା ତାଙ୍କ ବକ୍ତବ୍ୟରେ ସଂଖ୍ୟା ଜ୍ଞାନ, ଆବୃତ୍ତି ଓ ପଠନ ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷୟିତ୍ରୀ ଲିପିକା ଦେହୁରୀ ଓ ଦମୟନ୍ତୀ ହେମ୍ବ୍ରମ ସହଯୋଗ କରିଥିଲେ।

## ରାମଧୂନ୍ କ୍ଲବ୍ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ୩-୨ ଗୋଲ୍‌ରେ ବରଗଡ଼ ବିଜୟୀ

**ସୋନପୁର, ୧୨।୨(ସମିସ):** ୧୫ତମ ରାମଧୂନ୍ କ୍ଲବ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ବରଗଡ଼ ୟୁନାଇଟେଡ୍ ଦଳ ୩-୨ରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବରଗଡ଼ ଦଳର ଅଙ୍କିତ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିଲେ। ସଲୀଳ ବେହେରା, ସୁଭାଶିଷ ବେହେରା, ଦିଲ୍ଲୀପ ରାଉତ ସହଯୋଗ କରିଥିଲେ। ପ୍ରଭୁ ଦାଶ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଚିତ୍ତ ରଂଜନ ତରାସିଆ ସଭା ସଂଯୋଜନା କରିଥିଲେ। ମନୋରଂଜନ ତ୍ରିପାଠୀ ସ୍ୱାଗତ କରିଥିବା ବେଳେ ବିକାଶ ପଣ୍ଡା, ସୋମନାଥ ମିଶ୍ର, ରଞ୍ଜୁ ସାହୁ, ରାଜୀବ ସାହୁ, ବୁବୁନ ନାଏକ, ପରେନ୍ଦ୍ର ନାଏକ, ପଦ୍ମନାଭ ପାଢ଼ୀ, ଚନ୍ଦନ ବେହେରା, ଜିଲୁ ସାହୁ, ଲିପୁନ ନାଏକ, ଚାହତ ମହମ୍ମଦ, ଶିବା ଶାଣ୍ଢେ, ଗୁରୁ ଦଳେଇ, ରବି ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚଳନା କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ୟସ୍ ପ୍ରତାପ ଶ୍ରୀମାଲ, ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାଏକ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ବିନିକା, ୧୨।୨(ସମିସ):** ବିନିକା ବ୍ଲକ ସେଲେଡି ଗ୍ରାମର ସାମ୍ବାଦିକ ମୁକ୍ତିକାନ୍ତ ପେରାଙ୍କ ପିତା ରାମଜୀ ପେରା(୮୭)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ଅବସ୍ଥାରେ ଜୀବନ ବିତାଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ପାଖ ପଡ଼ିଶା ତଥା ବନ୍ଧୁବାନ୍ଧବ ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ମୁକ୍ତିକାନ୍ତ ମୁଖାଗ୍ନି ଦେଇଥିଲେ।



## ୱେଲଡିଂ ଦୋକାନୀଙ୍କ ଆକାଉଣ୍ଟରୁ ୨୦ ହଜାର ଲୁଟିନେଲେ ସାଇବର ଠକ

**ହରଭଙ୍ଗା, ୧୨।୨(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ଅଞ୍ଚଳର ଅନାଦି ସାହୁଙ୍କ ଆକାଉଣ୍ଟରୁ ସାଇବର ଠକ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପରେ ବି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଶେଷରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି।

ଚାରିଛକ ବଜାରରେ ଅନାଦିଙ୍କ ଏକ ୱେଲ୍‌ଡିଂ ଦୋକାନ ରହିଛି। ପ୍ରତିମାସ ଭଳି ତାଙ୍କ ନିକଟକୁ ଗତ ମାସର ବିଦ୍ୟୁତ୍ ବିଲ୍ ଆସିଥିଲା। କିଛିଦିନ ପରେ ଆଉ ଜଣେ ଯୁବକ ନିଜକୁ ବିଲ୍ କଲେକ୍ଟର ବୋଲି ପରିଚୟ ଦେଇ ବିଲ୍ ପୈଠ ପାଇଁ ଦୋକାନକୁ ଆସି ଅନାଦିଙ୍କୁ କହିଥିଲେ। ତାଙ୍କ ହାତରେ ବିଲ୍ କଟା ମେସିନ ଦେଖି ଅନାଦି ବିଶ୍ୱାସ କରିଥିଲେ। ଏହାପରେ ଅନାଦି ୨୮୪ଟଙ୍କା ଅନ୍‌ଲାଇନରେ ପଇଠ କରି ରସିଦ ମଧ୍ୟ ପାଇଥିଲେ। ତେବେ ଯୁବକ ଜଣକ ସେଠାରୁ ଯିବାର କିଛି ସମୟ ମଧ୍ୟରେ ଅନାଦିଙ୍କ ଆକାଉଣ୍ଟରୁ ୫ହଜାର ଲେଖାଏ ୪ଥର ଆକାଉଣ୍ଟରୁ ଉଠିଥିଲା। ଏହା ଦେଖି ଅନାଦି ପୁରୁଣାକଟକ ଥାନା ଓ ସାଇବର ସେଲ୍‌ଫ ସହ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପୁଲିସ ଓ ବିଦ୍ୟତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶେଷରେ ସେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପୁଲିସକୁ ବିଦ୍ୟୁତ୍ ବିଭାଗ କରିବ ବୋଲି ବିଦ୍ୟୁତ ବିଭାଗ ଅଧିକାରୀ ଅମରେନ୍ଦ୍ର ସାହୁ କହିଛନ୍ତି।



- ସହଯୋଗ କରୁନି ପୁଲିସ
- ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

## ଜହ୍ନାପଙ୍କ ଶିଶୁ ମନ୍ଦିରର ବନ ବିହାର କାର୍ଯ୍ୟକ୍ରମ

**ଜହ୍ନାପଙ୍କ, ୧୨।୨(ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ପରିବାରର ବନ ବିହାର କାର୍ଯ୍ୟକ୍ରମ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ଜଗତି ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବାର୍ଷିକ କ୍ରୀଡାର ପୁରସ୍କାର ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଧନେଶ୍ୱର ଅମାତ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ବିଆରସିସି ତଥା ପରିଚାଳନା କମିଟିର ସଭାପତି ଲଳିତ ମୋହନ ବିଶ୍ୱାଳ, କାର୍ତ୍ତ ମୁଣ୍ଡାପଡ଼ାର ସମ୍ପାଦକ ଧର୍ମୁଧର ପୋଢ଼, ଧର୍ମୁଧର ମେହେର, ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ଶତପଥୀ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବୌଦ୍ଧ ଜିଲ୍ଲାର ବୌଦ୍ଧିକ ପ୍ରମୁଖ ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ। ଏହା ପରେ ପୂର୍ବରୁ ଅନୁଷ୍ଠିତ ହୋଇ ଥିବା ବିଭିନ୍ନ ଖେଳ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇ ଭଉଣୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦେବ ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



## ଆଜିର ଇତିହାସ

- ୧୫୭୫- ହେନେରୀ ତୃତୀୟ ଫ୍ରାନ୍ସର ରାଜା ହେଲେ।
- ୧୯୫୯- ବାର୍ବି ଡଲ୍ ବିକ୍ରି ଆରମ୍ଭ ହୋଇଥିଲା।
- ୧୯୬୬-ସୋଭିଏତ୍ ସଂଘ ପୂର୍ବ କଜାଖସ୍ତାନରେ ପରମାଣୁ ପରୀକ୍ଷା କରିଥିଲା।
- ୧୯୯୧- ଆମେରିକା ଇରାକ୍ ଉପରେ ବୋମା ମାଡ଼ କରିବାରୁ ୩୩୪ ଲୋକଙ୍କ ମୃତ୍ୟୁ।
- ୨୦୦୩- ୟଶ୍ ଚୋପ୍ରାଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଗଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ମନ ପ୍ରସନ୍ନ ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଜନସେବାରେ ରେଡିଓ




ପ୍ରତ୍ୟେକ ବର୍ଷ ଫେବୃଆରୀ ୧୩ ତାରିଖକୁ ରେଡିଓ ଦିବସ ଭାବେ ପାଳନ କରାଯାଏ। ଜନସାଧାରଣଙ୍କ ମଧ୍ୟରେ ରେଡିଓର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ଶବ୍ଦ, ସ୍ୱର, ସଙ୍ଗୀତ, ସୃଜନଶୀଳତାର ସାବଲୀଳ ସଙ୍ଗମ ହେଉଛି ରେଡିଓ। ରେଡିଓ ବା ବେତାର ଏକ ଲୋକପ୍ରିୟ ଓ ବହୁଳ ପ୍ରସାରିତ ଗଣମାଧ୍ୟମ। ଦିନେ ଯେଉଁ ରେଡିଓ ଆଭିଜାତ୍ୟର ପ୍ରତୀକ ଭାବେ ଗଣା ଯାଉଥିଲା, ଆଜି ତାହା କିଛି ହାତଗଣତି ଲୋକଙ୍କ ନିକଟରେ ସୀମିତ ରହିଯାଇଛି। କିନ୍ତୁ ସବୁଠୁ ବଡ଼ କଥା ହେଲା, ଫେସ୍‌ବୁକ୍, ହ୍ୱାଟସ୍‌ଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ଡିଜିଟାଲ ଜମାନାରେ ବି କମିନି ରେଡିଓର କ୍ରେଜ୍। ଆଜି ବି ବିଭିନ୍ନ ଦୋକାନ ବଜାର, ଚା' ଛଟି, ଗାଡିରେ ରେଡିଓ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଆସୁଥିବା ଦେଖିବାକୁ ମିଳୁଛି। ବିନା ବିଜୁଳିରେ ଚାଲୁଥିବା ଯୋଗୁଁ ଏହାର ବ୍ୟବହାର ଆଜି ବି ରହିଛି। ରୁପେଲି ପରଦା ଭଳି ବେତାର ଦୁନିଆ ରଙ୍ଗିନ ନୁହେଁ, ହେଲେ ଶ୍ରୋତାଙ୍କୁ ବାନ୍ଧି ରଖିବା ଭଳି ସମସ୍ତ ସାମର୍ଥ୍ୟ ଭରପୂର ରହିଛି ଏହା ନିକଟରେ। ଏକବିଂଶ ଶତାବ୍ଦୀରେ ରେଡିଓର ବ୍ୟବସାୟୀକରଣ ହୋଇଛି। କମ୍ୟୁନିଟି ରେଡିଓ ସହ ଏଫ୍‌ଏମ୍‌ର ଚାହିଦା ବଢ଼ିଛି। ଆଞ୍ଚଳିକସ୍ତରରେ ଶ୍ରୋତାଙ୍କ ହୃଦୟ ଜିଣିବାକୁ ବେସରକାରୀ କମ୍ପାନୀଗୁଡ଼ିକ ମଧ୍ୟରେ ଚାଲିଛି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା। କରୋନା ମହାମାରୀ ସମୟରେ ଜନସଚେତନତା ପାଇଁ ସାଧନ ଆବଶ୍ୟକ ପଡୁଥିବାବେଳେ ରେଡିଓ ଅନ୍ୟତମ ପ୍ରମୁଖ ଯୋଗାଯୋଗ ମାଧ୍ୟମ ଭାବେ ଲୋକମାନଙ୍କର ଆହୁରି ନିକଟତର ହୋଇପାରିଥିଲା। ଆଜିକାଲି ଅଗମ୍ୟ ଅଞ୍ଚଳରେ କମ୍ୟୁନିଟି ରେଡିଓ ସ୍ଥାପନାକୁ ଗୁରୁତ୍ୱ ଦିଆଯାଇଛି। ଯେତେବେଳେ କୌଣସି ଯୋଗାଯୋଗ ବ୍ୟବସ୍ଥା ଅଚଳ ହୋଇପଡ଼ିଥାଏ, ସେତେବେଳେ ରେଡିଓ ହିଁ କାମ କରିଥାଏ। ପ୍ରାକୃତିକ ଦୁର୍ବିପାକ ସମୟରେ ରେଡିଓର ଗୁରୁତ୍ୱ ବୃଦ୍ଧି ପାଇଥାଏ। ମଣିଷ ଜୀବନରେ ରେଡିଓର ଆବଶ୍ୟକତାକୁ ଅନୁଭବ କରି ସ୍ପାନିଶ୍ ରେଡିଓ ଏକାଡେମୀ ମିଳିତ ଜାତିସଂଘରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହା ଅନୁମୋଦନ ଲାଭ କରିବା ପରେ ୨୦୧୨ରୁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖକୁ ବିଶ୍ୱ ରେଡିଓ ଦିବସ ଭାବେ ପାଳନ କରାଯାଉଛି। ଟେଲିଭିଜନ ଓ ମୋବାଇଲର ଅଭ୍ୟୁଦୟ ଫଳରେ ରେଡିଓର ଲୋକପ୍ରିୟତା ହ୍ରାସ ପାଇଲା। କିନ୍ତୁ ଏହାର ମହତ୍ତ୍ୱ ଆଜି ବି କମିନାହିଁ। ବର୍ତ୍ତମାନ ସମୟରେ ଏହା ସୂଚନା ପ୍ରଦାନ କରୁଥିବା ସବୁଠୁ ଶକ୍ତିଶାଳୀ ଓ ଶସ୍ତା ମାଧ୍ୟମ। ଅନେକ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ରେଡିଓ ତା'ର ଯାତ୍ରା ଅବ୍ୟାହତ ରଖିଛି ଓ ଜନସେବାରେ ନିଜକୁ ନିୟୋଜିତ କରିପାରିଛି।

## 'ମ୍ୟୁଜିକାଲ୍' ହେବ 'ହୀରାମଣ୍ଡି'



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟଲୀଳା ଭଁସାଲୀଙ୍କ ବହୁ ପ୍ରତୀକ୍ଷିତ ୱେବ୍‌ସିରିଜ୍ 'ହୀରାମଣ୍ଡି: ଦ ଡାଏମଣ୍ଡ ବଜାର' ର ଟିଜର୍ ଜାରି ହୋଇଛି। ଏଥିରେ ମୁଖ୍ୟ ଭୂମିକାରେ ମନୀଷା କୋଇରାଲା, ସୋନାକ୍ଷୀ ସିହ୍ନା, ଅଦିତି ରାଓ ହୈଦରୀ, ଋଚା ଚଡ୍ଢା ଏବଂ ଅନ୍ୟମାନେ ଅଭିନୟ କରିଛନ୍ତି। ଏହି ସିରିଜର୍ ପ୍ରଥମ ଲୁକ୍ ଖୁବ୍ ଦମଦାର, ଆକର୍ଷଣ ଓ ନାଟକୀୟ ହୋଇଛି, ଯାହା ସଞ୍ଜୟଙ୍କ ଠାରୁ ଆଶା କରାଯାଉଥିଲା। ଏବେ ଏହି ୱେବ୍‌ସିରିଜ୍‌କୁ ନେଇ ଏକ ନୂଆ ଖବର ଆସିଛି। ଏଥିରେ ପାଖାପାଖି ୬-୭ ଟି ଗୀତ ରହିବ ବୋଲି ଜଣାପଡ଼ିଛି। ସଞ୍ଜୟ ତାଙ୍କ ଫିଲ୍ମରେ ଯେପରି ଗୀତଗୁଡ଼ିକ ଦେଖାନ୍ତି, ସେହିପରି ଏହି ୱେବ୍‌ସିରିଜ୍‌ର ହେବ ବୋଲି ଆଶା କରାଯାଉଛି। ପ୍ରଥମ ଥର ପାଇଁ ଓଟିଟିରେ ଏତେସଂଖ୍ୟକ ଗୀତ ଥାଇ ଏକ ୱେବ୍‌ସିରିଜ୍ ରିଲିଜ୍ ହେବ। ତେବେ ସଞ୍ଜୟ ଏହାର ଗୀତଗୁଡ଼ିକ ଉପରେ ବର୍ଷେ ହେଲାଣି କାମ କରୁଛନ୍ତି। ନୃତ୍ୟଗୁଡ଼ିକ ସଠିକ୍ ଭାବେ ପରିବେଷଣ ପାଇଁ ସବୁ ଅଭିନେତ୍ରୀ ଏଥିପାଇଁ ସ୍ୱତନ୍ତ୍ର ଭାବେ ତାଲିମ୍ ମଧ୍ୟ ନେଇଥିଲେ। 'ହୀରାମଣ୍ଡି' ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବ। ହେଲେ ଏହା କେବେ ରିଲିଜ୍ ହେବ ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ।

### ଆଜି ଆସିଥିଲେ

## ଭାରତର ବୁଲ୍‌ବୁଲ୍



'ଦ ନାଇଟ୍ ଆଙ୍ଗେଲ ଅଫ୍ ଇଣ୍ଡିଆ' ନାମରେ ପ୍ରସିଦ୍ଧି ଅର୍ଜନ କରିଥିବା ଦେଶର ପ୍ରଥମ ମହିଳା ରାଜ୍ୟପାଳ ତଥା ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଇଡୁଙ୍କର ଆଜି ଜନ୍ମ ଜୟନ୍ତୀ। ସେ ଏକାଧାରରେ ଥିଲେ ଜଣେ କବି, ନାରୀନେତ୍ରୀ ଓ ବାଗ୍ମୀ।

ସରୋଜିନୀ ନାଇଡୁଙ୍କ ଜନ୍ମ ୧୮୭୯ ମସିହା ଆଜିର ଦିନରେ ହାଇଦ୍ରାବାଦର ଏକ ବଙ୍ଗୀୟ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଥିଲା ଅଘୋରନାଥ ଚଟ୍ଟୋପାଧ୍ୟାୟ। ତାଙ୍କ ପିତା ହାଇଦ୍ରାବାଦର ନିଜାମ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସରୋଜିନୀଙ୍କ ମାଆ ବରଦା ସୁନ୍ଦରୀ ଦେବୀ ଜଣେ କବି ଥିଲେ ଓ ସେ ବଙ୍ଗଳା ଭାଷାରେ ସୁନ୍ଦର କବିତା ଲେଖୁଥିଲେ। ଆଠ ଭାଇଭଉଣୀଙ୍କ ମଧ୍ୟରେ ସରୋଜିନୀ ଥିଲେ ସବୁଠାରୁ ବଡ଼। ସରୋଜିନୀ ମାତ୍ର ୧୨ ବର୍ଷ ବୟସରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ୧୩ ବର୍ଷ ବୟସରେ ମାତ୍ର ୬ ଦିନ ମଧ୍ୟରେ ୧୩ ଶହ ପଦରେ ସେ 'ଲେଡି ଅଫ୍ ଦ ଲେକ୍' ନାମକ ଦୀର୍ଘ କବିତା ରଚନା କରିଥିଲେ। ଉଚ୍ଚ ଶିକ୍ଷା ଲାଗି ୧୬ ବର୍ଷ ବୟସରେ ସେ ବିଲାତ ଯାତ୍ରା କରିଥିଲେ। ପରେ ସେ ଲଣ୍ଡନ ଓ ଗ୍ରିଟନ୍ କଲେଜରେ ଅଧ୍ୟୟନ ଜାରି ରଖିଥିଲେ। ତାଙ୍କର ଉର୍ଦ୍ଦୁ, ତେଲୁଗୁ, ବଙ୍ଗଳା ଓ ପାର୍ସି ଭାଷାରେ ଦଖଲ ଥିଲା। ୧୯ ବର୍ଷ ବୟସରେ ସେ ଡାକ୍ତର ଗୋବିନ୍ଦରାଜୁ ନାଇଡୁଙ୍କୁ ବିବାହ କରିଥିଲେ। ୧୯୦୫ରେ ବଙ୍ଗ ଭଙ୍ଗ ସମୟରେ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଗୋପାଳ କୃଷ୍ଣ ଗୋଖଲେଙ୍କ ନଜରକୁ ଆସିଥିଲେ। ୧୯୧୬ରେ ବିହାରର ଚମ୍ପାରଣ କୃଷକମାନଙ୍କ ଆନ୍ଦୋଳନରେ ସେ ସାମିଲ ହୋଇଥିଲେ। ଏଥିପାଇଁ ତାଙ୍କୁ ଜେଲ ଯିବାକୁ ପଡ଼ିଥିଲା। ୧୯୨୫ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର କାନପୁର ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ସେ ଜେଲ୍ ଯାଇଥିଲେ। ୧୯୩୧ ମସିହାରେ ସରୋଜିନୀ ମହାତ୍ମା ଗାନ୍ଧୀ ଓ ମଦନ ମୋହନ ମାଲବ୍ୟଙ୍କ ସହ ଲଣ୍ଡନରେ ଆୟୋଜିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମଧ୍ୟ ଯୋଗଦାନ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସର ସେ ଥିଲେ ପ୍ରଥମ ମହିଳା ଅଧ୍ୟକ୍ଷ। ଏହାସହ ସେ ହେଉଛନ୍ତି ଦେଶର ପ୍ରଥମ ମହିଳା ରାଜ୍ୟପାଳ। ରାଜ୍ୟପାଳ ଭାବେ ସେ ଉତ୍ତର ପ୍ରଦେଶର ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ବହୁବାର ବିଦେଶ ଯାତ୍ରା କରିଥିଲେ। ସରୋଜିନୀ ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ଇଂରାଜୀରେ ବହୁ କବିତା ଲେଖିଛନ୍ତି। ତାଙ୍କର ମଧୁରବାଣୀ, ସୁନ୍ଦର କବିତା ଓ ପ୍ରଭାବଶାଳୀ ଭାଷଣ ପାଇଁ ତାଙ୍କୁ ଭାରତର 'ବୁଲ୍‌ବୁଲ୍' ବୋଲି କୁହାଯାଏ।

### ସଫଳ ଚାଷୀ

## ମିଶ୍ରିତ ଚାଷ ଆଣିଛି ସମ୍ମାନ



**ଆଇନ୍‌ରେ ସ୍ନାତକ ପଢ଼ା ପରେ ନିଜ ଭିଟାମାଟିରେ ସେ ଚାଷକୁ ଆଦରି ନେଇଛନ୍ତି। ସମନ୍ୱିତ ପ୍ରଣାଳୀରେ ଧାନ, ମାଛ, ପରିବା ଓ ଫଳ ଆଦି ମିଶ୍ରିତ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି ସୁନ୍ଦରଗଡ଼, ସଦର ବ୍ଲକ୍ ସମିନା ଗ୍ରାମର ପ୍ରଫୁଲ୍ଲ କୁମାର ପଟେଲ। ଅଧିକ ବାସୁମତୀ ଚାଉଳ ଉତ୍ପାଦନ କରି ସେ ବିଭିନ୍ନ ସ୍ଥାନରୁ ସମ୍ମାନିତ ହୋଇଥିବା ସଫଳ ଚାଷୀ। ମାଛ ଚାଷ ପାଇଁ ସେ ଶ୍ରେଷ୍ଠ ମାଛଚାଷୀ ଭାବେ ପୁରସ୍କୃତ ମଧ୍ୟ ହୋଇଛନ୍ତି।**

ସୁନ୍ଦରଗଡ଼, କିରେଇ ଅବସ୍ଥିତ କେଭିକେରୁ ଛତୁ ଚାଷ ଓ ମହୁପାଳନ ପାଇଁ ତାଲିମ ନେଇଥିଲେ ପ୍ରଫୁଲ୍ଲ। ଏଥିପାଇଁ ସେ ମହାରାଷ୍ଟ୍ର, ଜଲଗାଁଓରୁ ଉନ୍ନତ ପ୍ରଣାଳୀର କଦଳୀ ଚାଷ ଓ ଗୁଜରାଟ, ଜୁନାଗଡ଼ରୁ ବାଦାମ ଚାଷ କୌଶଳ ଶିକ୍ଷା ଲାଭ କରିଛନ୍ତି। ଆଧୁନିକ ଯନ୍ତ୍ରପାତି ଯଥା- ଟ୍ରାକ୍ଟର, ଘାସମରାଯନ୍ତ୍ର, ସିଞ୍ଚନ ଯନ୍ତ୍ର, ରୋଟାଭେଟର, ଧାନରୁଆ ଯନ୍ତ୍ର ଆଦି ପ୍ରୟୋଗ କରି ଚାଷ କରୁଛନ୍ତି। ଜଳ ଯୋଗାଣ ପାଇଁ ସେ ବୋରୱେଲ, ଲିଫ୍ଟ ଇରିଗେସନ ବ୍ୟବହାର କରନ୍ତି।

ରେନ୍ ପାଇପ୍ ଇରିଗେସନ ପଦ୍ଧତିରେ ଚାଷ: ଏହି ନୂତନ କୌଶଳରେ ଚାଷଜମିକୁ ଅଧିକ ପାଣିର ଆବଶ୍ୟକ ହୁଏନି। ଜମିରେ ୨୦ ଫୁଟ ଲାଇନ୍‌ରେ ୧୦୦ ଫୁଟରେ ଲମ୍ବ କରି ବିଛାଯାଏ। ମଟର ଦ୍ୱାରା ପାଣି ଚାପରେ ଯାଇ ପୂରା ଜମିରେ ସମାନ ଭାବେ ଜଳସିଞ୍ଚନ ହୋଇପାରେ। ଏହି ପଦ୍ଧତିରେ ସେ ବାଦାମ ଓ ମୁଗ ଚାଷ କରି ଲାଭ ପାଇଥିବା କୁହନ୍ତି।

ଅମଳ ଉତ୍ପାଦ ସୁରକ୍ଷିତ ରଖିବାକୁ ସେ ସୌରଚାଳିତ ଶୀତଳ ଭଣ୍ଡାର ରଖିଛନ୍ତି। ସମନ୍ୱିତ ପ୍ରଣାଳୀରେ ପୋଖରୀ ହୁଡ଼ା ଓ ବିଲରେ ୮୦ଟି ଆମ୍ବ ଏବଂ ତିନି ଏକରରେ ଜି୯ କିସମର କଦଳୀ ଚାଷ ମଧ୍ୟ କରିଛନ୍ତି। ପାଞ୍ଚ ଏକରରେ ମାଛ ଚାଷ ସହ ୨୨ରୁ ୨୩ ଏକରରେ ଧାନ ଚାଷ କରି ସେ ଭଲ ରୋଜଗାର କରୁଛନ୍ତି। ତାଙ୍କ ଜମିରେ ୧୦ଟି ମହୁ ବାକ୍ସ ରହିଛି। ସ୍ଥାନୀୟ ଅଞ୍ଚଳର ଚାଷୀ ପ୍ରଫୁଲ୍ଲଙ୍କ ଠାରୁ ଚାଷ ସମ୍ପର୍କିତ ବିଭିନ୍ନ ପରାମର୍ଶ ନିଅନ୍ତି। ଆଗାମୀ ଦିନରେ ବୁନ୍ଦା ଜଳସେଚନ ପ୍ରଣାଳୀରେ ଅଦା ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ପ୍ରଫୁଲ୍ଲ।

## ଆଳୁ ଖୋଳୁଥିଲେ ...



**ଆମ ରାଜ୍ୟର ବହୁ ଚାଷୀ ଆଳୁ ଚାଷ କରିଥାନ୍ତି। ଏହା ଏକ ଲାଭଜନକ ଫସଲ। ଆଳୁ ଚାଷ ମୁଖ୍ୟତଃ ବିହନର କିସମ ଉପରେ ନିର୍ଭର କରେ। ଚଳିତ ଫେବୃୟାରୀ ମାସରେ ଆଳୁଖୋଳା କାମ ଆରମ୍ଭ ହେଉଥିବାବେଳେ ଉତ୍ତମ ଗୁଣବତ୍ତା ଓ ଉନ୍ନତମାନର ଆଳୁ ପାଇବା ପାଇଁ ଆଳୁ ଖୋଳିବା ସମୟରେ ଧ୍ୟାନ ଦେବା ଜରୁରି।**

- ଆଳୁ ଫସଲ ତିନି ମାସରୁ କମ୍ ସମୟ ମଧ୍ୟରେ ହୋଇଥାଏ। ରୋଇବା ଓ କୋଡ଼ାଖୋସା ସମୟ ଅନୁସାରେ ଆଳୁ ଖୋଳିବା କାର୍ଯ୍ୟ ଆରମ୍ଭ କରିବା ଜରୁରି। ଆଳୁ ପତ୍ର ହଳଦିଆ ପଡ଼ି ଶୁଖିବାକୁ ଲାଗିଲେ, ଆଳୁ ଖୋଳି ଏହାର ପରିପକ୍ୱତାକୁ ପରଖି ନେବା ଉଚିତ। ଯଦି ଆଳୁରୁ ଚୋପା ଛଡ଼ାଇଲେ ଏହା ଛିଣ୍ଡୁନଥିବ ତେବେ ଆଳୁ ଖୋଳି ପାରିବେ। ଯଦି ଚୋପା ଛିଡିଯାଉଥିବ, ୧୦ ଦିନ ପରେ ଆଳୁଖୋଳା କାର୍ଯ୍ୟ କରିବା ଉଚିତ।
- ସର୍ବଦା ପାକଳ ଅବସ୍ଥାରେ ଆଳୁ ଖୋଳିବା ଉଚିତ। କାରଣ ତରବରିଆ ଭାବେ ଆଳୁ ଖୋଳିଲେ, ଏହାର ଗୁଣବତ୍ତା ଉପରେ ପ୍ରଭାବ ପଡ଼େ। ସେହିପରି ଅଧିକାଂଶ ସମୟରେ ଆଳୁ କିସମ ଉପରେ ଖୋଳା କାର୍ଯ୍ୟ ନିର୍ଭର କରେ। ତେଣୁ ଟ୍ରାକ୍ଟର, ଆଳୁ ଉପାଡିବା ଯନ୍ତ୍ର, ଖୁରପି, ପଟାଟୋ ଡିଗରରେ ଆଳୁ ଖୋଳିପାରିବେ।
- ଆଳୁ ଖୋଳିବାର ପ୍ରାୟ ୧୫ ଦିନ ପୂର୍ବରୁ ଜମିରେ ଜଳ ସିଞ୍ଚନ କରିବା ବନ୍ଦ କରିଦେବା ଉଚିତ। ଏହାସହ ପଟାଳିକୁ ସଫା ରଖିବା ଦରକାର। ଏହାଦ୍ୱାରା ଆଳୁ ଫସଲରେ ରୋଗପୋକ ଲାଗିନଥାଏ। ତେଣୁ ଏହି ସମୟରେ ଆଳୁ ଖୋଳିବା ଦ୍ୱାରା ବଜାରରେ ଏହାର ଚାହିଦା ରହିଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- କାଣ୍ଡବିନ୍ଧା ପୋକର ଦମନ ପାଇଁ ଚାରାକୁ ୦.୨% କ୍ଲୋରୋପାଇରିଫସ୍ ଦ୍ୱାରା ୧୦ରୁ ୧୨ ଘଣ୍ଟା ପାଇଁ ବିଶୋଧନ କରନ୍ତୁ। ୩ ରୁ ୫ସପ୍ତାହ ହୋଇଥିବା ଧାନ ତଳିକୁ ବୁଦା ପ୍ରତି ୩ରୁ ୪ଟି ହିସାବରେ ୧୫ ସେମି x ୧୫ ସେମି ବ୍ୟବଧାନରେ ସିଧା ଭାବରେ ଓ ଅଳ୍ପ ଗଭୀରରେ ରୋଇବା ଉଚିତ।
- ରୁଆ କିମ୍ବା କାଦୁଅ ବୁଣା ଧାନରେ ପ୍ରାକ୍ ତୃଣକ ମାରି ପ୍ରୟୋଗ କରି ନଥିଲେ ମିଶ୍ରିତ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦ ମିଲି ବିସପାଇରିବିକ୍ ସୋଡିୟମ କିମ୍ବା ଇଥୋଜାଇସଲ୍‌ଫ୍ୟୁରନ୍ ନାମକ ଘାସ ମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ମାଟିର ଆର୍ଦ୍ରତାକୁ ଦେଖି ରବି ଫସଲକୁ ୭ରୁ ୮ ଦିନ ବ୍ୟବଧାନରେ ୧୦ରୁ ୧୫ଟି ଜଳସେଚନ କରନ୍ତୁ।




### ଓଡ଼ିଶା ମାଟିରେ

## ଅଣପାରମ୍ପରିକ ଫଳଚାଷର ସୁଯୋଗ





**ଆମ ରାଜ୍ୟର ଗ୍ରାମାଞ୍ଚଳରେ ପାରମ୍ପରିକ ଫଳ ଗଛ ସବୁ ଦେଖାଯାଇଥାଏ। ଏଗୁଡିକ ମଧ୍ୟରେ ଆମ୍ବ, ପଣସ, ଅମୃତଭଣ୍ଡା, କଦଳୀ, କମଳା, କାଜୁବାଦାମ, ନଡ଼ିଆ, ପିଜୁଳି, ଡାଳିମ୍ବ, ଆତ, ସପୁରୀ, ସପେଟା, ଲିଚୁ, ଲେମ୍ବୁ, ଗୋଲାପଜାମୁ, ଜାମୁରୋଳ ଆଦି ବହୁଳ ଭାବରେ ପରିଲକ୍ଷିତ ହୋଇଥାଏ। ଅଁଳା, ବେଲ, ଖଜୁରି, ତାଳ ଆଦିର ଉନ୍ନତ କିସମ ଚାଷ ମଧ୍ୟ ଆରମ୍ଭ ହୋଇଛି। ଏହା ବ୍ୟତୀତ ଆମ ରାଜ୍ୟରେ ଅଣପାରମ୍ପରିକ ଫଳ ଯଥା - ଷ୍ଟ୍ରବେରୀ, ସେଓ, ଆଭାକାଡୋ, ଡ୍ରାଗନ୍ ଫ୍ରୁଟ୍, ଆପଲ୍ ବେର, ଅଙ୍ଗୁର ଆଦି ବଜାରରେ ଚାହିଦା ବଢ଼ି ଚାଲିଛି। ଏହାକୁ ଦୃଷ୍ଟି ଦେଇ ଅଧିକାଂଶ ଚାଷୀ, ଏହି ଫଳଚାଷ କରି ସ୍ଥାନୀୟ ବଜାରରେ ବିକ୍ରି କରି ଲାଭବାନ ହେବା ସହ ଗ୍ରାହକ ମଧ୍ୟ ତଟକା ଫଳଗୁଡ଼ିକୁ ଅପେକ୍ଷାକୃତ କମ୍ ଦାମ୍‌ରେ ପାଇ ପାରୁଛନ୍ତି। ତେଣୁ ଅଣପାରମ୍ପରିକ ଫଳଚାଷ ପାଇଁ ଆମ ରାଜ୍ୟରେ କ'ଣ ସୁବିଧା ସୁଯୋଗ ରହିଛି ଜାଣି ରଖିବା...**



**ଉଦିତ୍ କୁମାର ନାଏକ**

**ନିଗିଡ଼ା ମାଟିରେ ସେଓ ଚାଷ:** ହିମାଚଳ ପ୍ରଦେଶ, ଜମ୍ମୁକାଶ୍ମୀର ଆଦି ପାର୍ବତ୍ୟ ଅଞ୍ଚଳରେ ସେଓ ଚାଷ କରାଯାଉଥିବା ବେଳେ ଏବେ ଗ୍ରୀଷ୍ମ ମଣ୍ଡଳୀୟ ଜଳବାୟୁ ଓଡ଼ିଶା, ବିହାର ଓ ଛତିଶଗଡ଼ ଆଦି ଅଞ୍ଚଳରେ ସେଓ ଚାଷ ହେଉଛି। ସେଓ ଧାରଣ ପାଇଁ ୨୧.୧ ଡିଗ୍ରୀରୁ ୨୬.୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ଉତ୍ତମ। ଗଛ ବୃଦ୍ଧି ସମୟରେ ୧୦୦-୧୨୫ ସେମି ବୃଷ୍ଟିପାତ ଗଛର ବୃଦ୍ଧି ପାଇଁ ଅନୁକୂଳ। ଅଧିକ ଜୈବିକ ଅଂଶ ଥିବା ନିଗିଡ଼ା ଓ ଦୋରସା ମାଟିରେ ସେଓ ଚାଷ ଭଲ ହୁଏ। ମାଟିର ଅମ୍ଳତା ୫.୫ରୁ ୬.୫ ମଧ୍ୟରେ ତଥା ମାଟିର ଜଳ ନିଷ୍କାସନ କ୍ଷମତା ଠିକ୍ ରହିଥିବା ଆବଶ୍ୟକ। ପାହାଡ଼ିଆ ଗଡ଼ାଣିଆ ଅଞ୍ଚଳରେ ଏହି ଚାଷ ଖୁବ୍ ହୋଇଥାଏ। ଉପଯୁକ୍ତ ପରିମାଣରେ ସୂର୍ଯ୍ୟକିରଣ ଫଳର ରଙ୍ଗ ଠିକ୍ ଭାବରେ ବିକଶିତ ହୋଇଥାଏ।

ଏଚ୍‌ଆର୍‌ଏମ୍‌ଏନ୍- ୯୯, ଅନ୍ନା, ଟ୍ରପିକଲ, ବିଉଟି କିସମରୁ ଏଚ୍‌ଆରଏମ୍‌ଏନ୍- ୯୯ କିସମ ସେଓ ଅଧିକ ଉତ୍ତାପ ଅଞ୍ଚଳରେ ହୁଏ। ସେଓର ନୂତନ ଚାରା ପାଇବା ପାଇଁ କଲମୀକରଣ (ଗ୍ରାଫ୍ଟିଙ୍ଗ ଓ ବଡିଙ୍ଗ୍ ଏକ ସଫଳ ପ୍ରକ୍ରିୟା। ଏପ୍ରିଲ ମେ ମାସରେ ୧ମି ଦୈର୍ଘ୍ୟ, ୧ ମି ପ୍ରସ୍ଥ ଓ ୧ ମି ଗଭୀର ଆକାର ଖୋଳାଯାଏ। ଗଛକୁ ଗଛ ୬ରୁ ୭.୫ ମି ମଧ୍ୟରେ ରଖାଯାଏ। ଖତସାର ପ୍ରୟୋଗ ସହିତ ଶସ୍ୟ ସଂରକ୍ଷଣ ବ୍ୟବସ୍ଥା ଅବଲମ୍ବନ କଲେ ଗୋଟିଏ ଗଛରୁ ୩୦.୩୫ କିଗ୍ରା ଫଳ ମିଳିଥାଏ।

**ଡାଳ କଲମୀରେ ଅଙ୍ଗୁର ଚାଷ:** ଶୁଷ୍କ, ଅର୍ଦ୍ଧଶୁଷ୍କ ତଥା ମେରୁପ୍ରାନ୍ତୀୟ ଜଳବାୟୁରେ ଏହା ଭଲ ହୁଏ। ଏହାର ବଂଶବିସ୍ତାର ଡାଳ କଲମୀ ଦ୍ୱାରା କରାଯାଏ। ଡାଳକୁ ୩୦ରୁ ୪୫ ସେମି ପର୍ଯ୍ୟନ୍ତ ପୋତାଯାଏ ଏବଂ ମାଟି ଭିତରେ ୨ଟି ଗଣ୍ଠି ରହିବା ଆବଶ୍ୟକ। ୩ ମାସ ପରେ ଗଛ ଲଗାଇବାକୁ ପ୍ରସ୍ତୁତ ହୋଇଥାଏ। ଜାନୁୟାରୀ-ଫେବୃୟାରୀ ମାସରେ ଲଗାଯାଏ। ଭାଡ଼ି ପ୍ରଣାଳୀରେ ଗଛକୁ ଗଛ ୮ରୁ ୧୦ ମିଟର ବ୍ୟବଧାନରେ ଲଗାଯାଏ। ଏହି ଚାଷ ପାଇଁ ଜଳସେଚନ ଅପରିହାର୍ଯ୍ୟ। ୨ରୁ ୩ ବର୍ଷ ପରେ ପାଚିଲା ଫଳ ତୋଳାଯାଏ। ଏକରପ୍ରତି ପ୍ରାୟ ୮୦ରୁ ୨୪୦ କ୍ୱିଣ୍ଟାଲ ଅଙ୍ଗୁର ଅମଳ ହୁଏ।

**ଡ୍ରାଗନ ଫ୍ରୁଟ୍:** ଆଳଙ୍କାରିକ ଫୁଲ ତଥା ଫଳ ପାଇଁ ଏହାକୁ କୁଣ୍ଡ ବା ଜମିରେ ଚାଷ କରାଯାଉଛି। ଗୋଟିଏ ଖମ୍ବର ୪ପାଖେ ୪ଟି ୨୦ରୁ ୨୫ ସେମି ଲମ୍ବ କାଣ୍ଡ ପୋତାଯାଏ। ବାଲିଆ ମାଟିରେ ପ୍ରଚୁର ଜୈବିକ ଖତ ଦେଇ ଲଗାଇବାର ୧୨ରୁ ୧୫ ମାସରେ ଫୁଲ ଆସେ। ଫୁଲ ଆସିବାର ୨୫ରୁ ୩୫ ଦିନ ପରେ ଫଳ ଧରେ।

**ଷ୍ଟ୍ରବେରୀ:** ଥଣ୍ଡା ଜଳବାୟୁ, ବାଲିଆ ମାଟିରେ ଷ୍ଟ୍ରବେରୀ ଭଲ ହୋଇଥାଏ। କୁଣ୍ଡ ବା ଜମିରେ ଏହି ଚାଷ କରାଯାଇପାରିବ। ଥରେ ଲଗାଇବା ଦ୍ୱାରା ତିନିବର୍ଷ ପର୍ଯ୍ୟନ୍ତ ଫଳ ମିଳେ। ରୁମର ପ୍ଲାଣ୍ଟକୁ ଧାଡ଼ିକୁ ଧାଡ଼ି ୩୦ରୁ ୬୦ ସେମି ଓ ଗଛକୁ ଗଛ ୩୦ ସେମି ଦୂରତାରେ ଲଗାଯାଏ। ଲଗାଇବାର ୪୦ରୁ ୫୦ଦିନ ମଧ୍ୟରେ ଫୁଲ ୬୦ରୁ ୭୦ ଦିନ ମଧ୍ୟରେ ଫଳ ହୋଇ ୨୦ରୁ ୨୨ ଦିନରେ ପାକ ହୋଇଥାଏ। ଆମ ରାଜ୍ୟ ପାଇଁ ଷ୍ଟ୍ରବେରୀର କିସମ ହେଲା ୱିଣ୍ଟର ଡ୍ରନ୍ ଓ କିମା ରୋଜା। ଜଳବାୟୁ ଅନୁସାରେ ଫଳ ଖଟା ମିଠା ହୁଏ।

**ଚାଷ ପାଇଁ ସହାୟତା:** ଉଦ୍ୟାନ କୃଷି ବିଭାଗ ଦ୍ୱାରା ଷ୍ଟ୍ରବେରୀ, ସେଓ, ପ୍ୟାସନଫ୍ରୁଟ୍, ଆଭାକାଡ଼ୋ, ଆପଲବେର ଫଳ ଆଦି ଚାଷକୁ ସ୍ୱତନ୍ତ୍ର ଫଳ ଯୋଜନାରେ ହାତକୁ ନିଆଯାଇଛି। ଜାତୀୟ ଉଦ୍ୟାନ କୃଷି ମିଶନ (ଏନ୍‌ଏଚ୍‌ଏମ୍) ଯୋଜନାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନୂତନ ଫଳବଗିଚା ପ୍ରତିଷ୍ଠା ପାଇଁ ୧ରୁ ୧୦ ଏକର ପର୍ଯ୍ୟନ୍ତ ୪୦-୫୦% ସହାୟତା ରାଶି ପ୍ରଦାନର ବ୍ୟବସ୍ଥା ରହିଛି। ପୁରୁଣା ବଗିଚାର ପୁନରୁଦ୍ଧାର ପାଇଁ ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ୫୦ % ସହାୟତା ରାଶିର ମଧ୍ୟ ବ୍ୟବସ୍ଥା ରହିଛି। ଅଣ ମିଶନ ଜିଲ୍ଲାରେ ଉଦ୍ୟାନକୃଷି କାର୍ଯ୍ୟକ୍ରମ ଯୋଜନାରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବୌଦ୍ଧ ଓ ଝାରସୁଗୁଡ଼ା ଜିଲ୍ଲାରେ ଫଳ ବଗିଚା ପ୍ରତିଷ୍ଠା ପାଇଁ ହେକ୍ଟର ଏକରରେ ସର୍ବାଧିକ ୫୦% ରିହାତିର ବ୍ୟବସ୍ଥା ରହିଛି। ସହାୟତା ପ୍ରାପ୍ତି ନିମନ୍ତେ ନିକଟସ୍ଥ ଉଦ୍ୟାନକୃଷି କାର୍ଯ୍ୟାଳୟଙ୍କ ସହିତ ଯୋଗାଯୋଗ କରି ଚାଷୀ ଲାଭାନ୍ୱିତ ହୋଇପାରିବେ।

- ଗୋଷ୍ଠୀ କୃଷି ଅଧିକାରୀ, ସୁନ୍ଦରଗଡ଼

## ପିକଅପ୍ ଭ୍ୟାନ ଓଲଟିବା ଘଟଣା: ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି

**ଭବାନୀପାଟଣା, ୧୨।୨(ସମିସ):** ଗତକାଲି ଗୋଲାମୁଣ୍ଡା ଥାନା ଡୋକରୀପଡ଼ା ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଗତକାଲି ଧର୍ମଗଡ଼ ହସ୍ପିଟାଲରେ ମୋହନ ବିଶ୍ୱାଳଙ୍କର ଓ ଜୁନାଗଡ଼ ହସ୍ପିଟାଲରେ ମଞ୍ଜୁଲତା ବିଶ୍ୱାଳଙ୍କ



ମୃତ୍ୟୁ ହୋଇଥିଲା। ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ପ୍ରମିତା ଚଲାନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ତେବେ ବୁର୍ଲା ଯିବା ସମୟରେ ବଲାଙ୍ଗୀର ନିକଟରେ ତାଙ୍କ ମୃତ୍ୟୁ ହୋଇଛି। ସେହିପରି ବୁର୍ଲା ଭିମସାରରେ ସୁକାନ୍ତି ମାଝୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗତକାଲି ରାତିରେ ୧୦ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ତେବେ ଲୋକନାଥ ସାହୁ, ରାଜ ମୋହନ୍ ଯାଦବ, ଅଂଶୁମାନ ସାହୁ, ବାଲିକା ପୁଝାରୀ, ଅଖିଳ ଚନ୍ଦ୍ର ଖମାରୀ, ମାନସ ବିଭାର, ସୁରଭି ଚଳାନ ଓ ପ୍ରିୟା ଦଣ୍ଡସେନା ପ୍ରମୁଖ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ତୁରନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ଗୁରୁତରମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଗତକାଲି ରାତିରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଦୀର୍ଘ ସମୟ ଧରି ଡାକ୍ତରଖାନାରେ ଉପସ୍ଥିତ ରହି ଜୁନାଗଡ଼ ଓ ଧର୍ମଗଡ଼ରୁ ଆସିଥିବା ଗୁରୁତରଙ୍କ ଆଶୁ ଚିକିତ୍ସା ପାଇଁ ଡାକ୍ତର ସହ ଆଲୋଚନା କରିଥିଲେ। ଆଜି ମଧ୍ୟ ସେ ଜୁନାଗଡ଼ ଡାକ୍ତରଖାନା ଯାଇ ଭର୍ତ୍ତି ହୋଇଥିବା ଗୁରୁତରଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ।

## କୋମନାରେ ଅଭିଯୋଗ ଶୁଣାଣି ଶିବିର

**କୋମନା, ୧୨।୨(ସମିସ):** କୋମନା ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭିମସେନ ଶବର, ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ବିଡିଓ ହିତାଂଶୁ ଶେଖର ସାମଲ, ଅତିରିକ୍ତ ବିଡିଓ ବକ୍ତବନ୍ଧୁ ବୁଡେକ ପ୍ରମୁଖଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ରାସ୍ତା ନିର୍ମାଣ, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା, ପାନୀୟ ଜଳ ସମସ୍ୟା, ମନରେଗା, ରାସନ କାର୍ଡ ଉପରେ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡିକର ସମାଧାନ ପାଇଁ ଅତିରକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ**

# 'ରାଜ୍ୟର ବିକାଶଧାରାକୁ ବୁଝିବା ହିଁ ମୂଳଲକ୍ଷ୍ୟ'

**ଭବାନୀପାଟଣା, ୧୨।୨(ସମିସ)**

ରାଜ୍ୟରେ ବିଜୁ ଜନତା ଦଳର ସୁଦୀର୍ଘ ସଫଳ ଯାତ୍ରା ପଛରେ ଓଡ଼ିଶାବାସୀଙ୍କ ସୁଖଦ ଜୀବନଯାପନ ଓ ଆକାଂକ୍ଷା ପୂରଣ ହିଁ ସବୁଠାରୁ ବଡ଼ କାରଣ ବୋଲି କୁହାଯାଉଛି। ଓଡ଼ିଶା ଭଳି ବିକାଶଶୀଳ ରାଜ୍ୟର ବିକାଶଧାରା ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳ କରିବା ଦିଗରେ ସଂରଚନାର ପ୍ରକ୍ରିୟା ସଦା ଜାରି ରହିଛି ବୋଲି ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ବିକାଶ ପଥରେ ସାଧାରଣ ଲୋକଙ୍କୁ ଯୋଡିବା ହିଁ ଘରେ ଘରେ ଶଙ୍ଖ ଆଜି ନୂଆ ଓ ନିଆରା ଅଧ୍ୟାୟ ସୃଷ୍ଟି କରିପାରିଛି। ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଭିନ୍ନ ଆବେଗରେ ବାନ୍ଧି ହୋଇ ବିକାଶ କହିଲେ କେବଳ 'ଶଙ୍ଖ' ବୋଲି ଅନେକ ଦୃଢୋକ୍ତିର ସହିତ ବିଶ୍ୱାସ କରିନେଇଛନ୍ତି। ସମଗ୍ର କଳାହାଣ୍ଡି ଜିଲ୍ଲାର ପୌରାଞ୍ଚଳ ତଥା କେସିଙ୍ଗା, ଧର୍ମଗଡ଼ ଓ ଜୁନାଗଡ଼ ଏନଏ.ସି ସମେତ ଭବାନୀପାଟଣା ପୌରାଞ୍ଚଳର ୨୦ଟି ୱାର୍ଡରେ ଏବେ ଚାଲିଛି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ଏଥିରେ ପ୍ରତିଦିନ ଲୋକମାନେ ଯୋଡ଼ିହେବା ଏବଂ ପ୍ରତି ସାହି ବସ୍ତିରେ ଏଭଳି ଅଭିନବ ଯାତ୍ରାକୁ ଅପେକ୍ଷାରେ ରହିବାର ପରିବେଶ ଜନସାଧାରଣଙ୍କ ଚରମ ଉପଲବ୍ଧି ବୋଲି ବିବେଚନା କରାଯାଉଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ବିଜେଡ଼ିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ବିଜୁ ଯୁବ ଜନତା ଦଳ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ସେନାପତି ନାଏକ ଓ ଜିଲ୍ଲା ମହିଳା ସଭାନେତ୍ରୀ ଲଳିତା ନାଏକ ଏବଂ ବିଜେଡି ଉପସଭାପତି ମଣ୍ଟୁ ନାଏକଙ୍କ ସମେତ ଜିଲ୍ଲା ଯୁବ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦ, ଜିଲ୍ଲା ଯୋଜନା ବୋର୍ଡ ସହରାଞ୍ଚଳ ସଦସ୍ୟ ପ୍ରଶାନ୍ତ ଠାକୁର, ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ପ୍ରମିତ୍ ସିଂ, ଭବାନୀପାଟଣା ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ଶତପଥି, ଜୀବନବିନ୍ଦୁ ମୋ ପରିବାର ସଂଯୋଜକ ଅମିତ୍ ଯାଦବ, ନଗର ମହିଳା ସଭାନେତ୍ରୀ ସୂତପା ବହିଦାର, ନଗର ଉପ ସଭାନେତ୍ରୀ ଶର୍ମିଷ୍ଠା ନାୟକ, ସମିତା ମହାପାତ୍ର, ସବିତା ପ୍ରଧାନ, ସମିତା ନାଏକ, ବିଷ୍ଣୁ ପ୍ରଧାନ, ଧର୍ମେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଓ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖକୁ କିଭଳି ପହଁଚିଛି ଓ ଆଗକୁ ଆହୁରି କିଭଳି ସମସ୍ତ ଯୋଜନା ଘରେ ଘରେ ପହଁଚିବ ତାକୁ ନେଇ ଲୋକଙ୍କ ଘର ଘର ବୁଲି ସଚେତନ କରାଇଥିଲେ।







## ୮ ଘଣ୍ଟା ଧରି ନୂଆପଡ଼ା ଜିଲ୍ଲା ବନ୍ଦ



**ନୂଆପଡ଼ା/କୋମନା/ସିନାପାଲି, ୧୨।୧(ସମିସ):** ଶ୍ରମିକଙ୍କ ବିଭିନ୍ନ ସମସ୍ୟା ତଥା ଦାବି ପୂରଣ ନେଇ ଜିଲ୍ଲା ଶ୍ରମିକ ସଂଘ ପକ୍ଷରୁ ସୋମବାର ନୂଆପଡ଼ା ଜିଲ୍ଲା ବ୍ୟାପି ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସ୍କୁଲ, କଲେଜ, ଦୋକାନ ବଜାର, ବ୍ୟାଙ୍କ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଯାନବାହନ ଚଳାଚଳ ବ୍ୟାହତ ହୋଇଥିବାରୁ ଜନଜୀବନ ବାଧାପ୍ରାପ୍ତ ହୋଇ ପଡ଼ିଥିଲା। ଜିଲ୍ଲା ଶ୍ରମିକ ସଂଘର ଆବାହକ ଯଦୁମଣି ପାଣିଗ୍ରାହୀ ନେତୃତ୍ୱରେ ନୂଆପଡ଼ା ୩୫୩ ନଂ ଜାତୀୟ ରାଜପଥର ସ୍ଥାନୀୟ ଏକତା ଛକଠାରେ ରାସ୍ତା ଅବରୋଧ କରି ବିଭିନ୍ନ ଶ୍ରମିକ ସଂଗଠନର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଭକ୍ତବନ୍ଧୁ ଧରୁଆ, ବାବୁଲାଲ ମାଝୀ, କୈଳାସ ସାହୁ, ସୁକଦେବ ସାହୁ, ଜ୍ଞାନରଞ୍ଜନ ସାହୁ ଗୌତମ ବରିହର, ସନ୍ତୋଷ ସାହୁ, ସନ୍ତୋଷ ଚନ୍ଦ୍ରକାର, ମହେଶ ମହରା, ସୁରେଶ ବେହେରା, ଭାସ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସିନାପାଲି ଯୁଗେନପଦର ରାସ୍ତାର ଶତାଧିକ ଶ୍ରମିକ ବନ୍ଦ ଡାକରା ଦେଇ ରାସ୍ତା ଅବରୋଧ କରିଥିବାରୁ ଗାଡି ଚଳାଚଳ ବନ୍ଦ ରହିଥିଲା।



## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଥୁଆମୂଳ ରାମପୁର, ୧୨।୨(ସମିସ):** ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦଯାପିତ ହୋଇଯାଇଛି। ଗତ ୩ ତାରିଖରୁ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଏନେଇ ବିଶେଷ ତାଲିମ ପ୍ରଦାନ କରାଯାଇଛି। ଶିବିରର ଅନ୍ତିମ ତଥା ଉଦଯାପନୀ ଦିବସରେ ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀଧର ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ମହୁଲପାଟଣା ପଞ୍ଚାୟତର ସରପଞ୍ଚ ରତନି ମାଝୀ, ସମ୍ମାନିତ ଅତିଥି ବିଦ୍ୟାଳୟ




ପରିଚାଳନା କମିଟିର ସଭାପତି ସୋମନାଥ ନାଏକ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଲିପିକା ପଟେଲ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଏଭଳି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧାପକ ବଳଭଦ୍ର ହରିଜନ ଉଦଯାପନୀ ସଭାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ବୁଢ଼ାରଜା ହାଇସ୍କୁଲରେ ବିଦାୟକାଳୀନ ସଭା

**କୋକସରା, ୧୨।୨(ସମିସ):** ରୂପାନ୍ତରିତ ହୋଇ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରିଥିବା ଆମପାଣି ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପୂର୍ବରୁ ପ୍ରାକ୍ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲରେ ଦୀର୍ଘ ୫ବର୍ଷ ଧରି ଅଧ୍ୟୟନ କରିଥିବା ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ରୂପାନ୍ତରିତ ହେବାପରେ ସେମାନେ ପୂର୍ବାପେକ୍ଷା ଅତି ଉତ୍ତମ ମାନର ଶ୍ରେଣୀ ଗୃହ, ବିଜ୍ଞାନାଗାର, ଲାଇବ୍ରେରୀ,



ଇକୋ କ୍ଲବ, କ୍ରୀଡା ଆଦି ଅନେକ ପ୍ରକାରର ସୁବିଧା ସୁଯୋଗ ପାଉଥିଲେ। ବିଦ୍ୟାଳୟ ଓ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ସହ ଦୀର୍ଘ ବର୍ଷର ସମ୍ପର୍କ ରହିଥିବାରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସମୟରେ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ଶିକ୍ଷକମାନେ ଶାନ୍ତ୍ୱନା ଦେବା ସହ ଆଗାମୀ ବୋର୍ଡ ପରୀକ୍ଷାରେ ସମସ୍ତଙ୍କ ଉତ୍ତମ ଫଳାଫଳର ଶୁଭମନାସି ଥିଲେ। ନବମ ଶ୍ରେଣୀ ଶିକ୍ଷାର୍ଥୀମାନେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗ୍ୟବାନ ବାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସିଦ୍ଧାନ୍ତ ନନ୍ଦ ମୁଖ୍ୟଅତିଥି, ସାମ୍ବାଦିକ ଜଗଦୀଶ ନାଏକ, ଶିକ୍ଷକ ସୁରଜ୍ ତାଣ୍ଡି, ଦୟାସଙ୍ଗ ନାଏକ, ଲୋକନାଥ ରାଉତ, ବିନିତ କୁମାର ମିଶ୍ର, ଲୋକନାଥ ସାହୁ, ଶିକ୍ଷୟିତ୍ରୀ ମନ୍ଦାକିନୀ ନାଏକ, ସରୋଜ କୁମାର ପଢ଼ିଆରୀ, ଲିଜୟାନନ୍ଦ ସାହୁ, ଅମୂଲ୍ୟ କୁମାର ନାଏକ, ହିମାଂଶୁ ଶେଖର ମହାନନ୍ଦ, ତପନ କୁମାର ମେହେର, ସୁରେନ୍ଦ୍ର ଗଣ୍ଡ, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ 'ସକାଳ' କୋକସରା ପ୍ରତିନିଧି ଜଗଦୀଶ ନାଏକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲରେ ବିତେଇ ଥିବା ଦିନକୁ ଚିର ସ୍ମରଣୀୟ କରିବା ପାଇଁ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ। ନବମ ଶ୍ରେଣୀରେ ଛାତ୍ରୀ ବିଷ୍ଣୁପ୍ରିୟା ପଟେଲ ମଞ୍ଚ ସଂଯୋଜନା କରିଥିବାବେଳେ ଦଶମ ଶ୍ରେଣୀର ଛାତ୍ରୀ ସଙ୍ଗୀତା ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭବାନୀପାଟଣା ଶୌଣ୍ଡିକ ସମାଜର ବାର୍ଷିକ ସମ୍ମେଳନ

**ଭବାନୀପାଟଣା, ୧୨।୨(ସମିସ):** ଶୌଣ୍ଡିକ ସମାଜର ବାର୍ଷିକ ସମ୍ମେଳନ ଭବାନୀପାଟଣା ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଓଡ଼ିଶା ଶୌଣ୍ଡିକ ସମାଜର ରାଜ୍ୟ ମୁଖିଆ ପ୍ରାଧ୍ୟାପକ ଡ଼. ପ୍ରତାପ ବେହେରା ଏବଂ ରାଜ୍ୟ ଉପ ମୁଖିଆ ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଭବାନୀପାଟଣା ଶୌଣ୍ଡିକ ସମାଜର ସଭାପତି ଅଶ୍ୱିନୀ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଶ୍ଚିମ ଓଡ଼ିଶା ଶୌଣ୍ଡିକ ସମାଜର ଉପ ସଭାପତି ଉଦ୍ଧବ ବେହେରା, ନୂଆପଡ଼ା ଜିଲ୍ଲା ସଭାପତି ଗରୁଡଧ୍ୱଜ ବେହେରା, ଜୁନାଗଡ଼ ସଭାପତି ଜୀବେଶ କୁମାର ସାହୁ,




ନୂଆପଡ଼ା ପୂର୍ବତନ ସଭାପତି ପ୍ରାଧ୍ୟାପକ ଦୁର୍ଲଭ ଚରଣ ବେହେରା, ନର୍ଲା ବ୍ଲକ ସଭାପତି ଖୁସିରାମ ସାହୁ, ନର୍ଲା ବ୍ଲକ ଉପସଭାପତି କଲ୍ୟାଣ ସାହୁ, ନର୍ଲା ବ୍ଲକ ମେମ୍ବର ଶ୍ରୀ ଭୀମସେନ ସାହୁ ଏବଂ ଭବାନୀପାଟଣା ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ନର୍ଲା ବ୍ଲକ ସଭାପତି ଖୁସିରାମ ସାହୁଙ୍କ ପ୍ରସ୍ତାବରେ ନବଗଠିତ ରାଜ୍ୟ କମିଟିରେ କଳାହାଣ୍ଡି ଜିଲ୍ଲା ସଭାପତି ରୂପେ ଦିନେଶ ସାହୁ, ଉପସଭାପତି କଲ୍ୟାଣ ସାହୁ, ସମ୍ପାଦକ ଭାରତ ଭୂଷଣ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ରଞ୍ଜିତ କୁମାର ସାହୁଙ୍କୁ ଚୟନ କରାଯାଇଛି। ଜିଲ୍ଲା ମହିଳା ସଙ୍ଗଠନକୁ ସୁଦୃଢ କରିବାକୁ ବସୁମତୀ ସାହୁଙ୍କୁ ସଭାନେତ୍ରୀ ରୂପେ ଚୟନ କରାଯାଇଛି। କଳାହାଣ୍ଡି ଶୌଣ୍ଡିକ ସମାଜ କିପରି ସଙ୍ଗଠିତ ହୋଇ କଳାହାଣ୍ଡିର ସମସ୍ତ ଶୌଣ୍ଡିକ ଜାତିଙ୍କୁ ଏକ କରି ଆଗକୁ ନେବେ ତା ଉପରେ ରାଜ୍ୟ ନେତୃବୃନ୍ଦ ଆଲୋକପାତ କରିଥିଲେ।

## ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ ନୂତନ ଓ ପୁରାତନ ଏସଡିପିଓଙ୍କୁ ସମ୍ବର୍ଦ୍ଧନା

**ଧର୍ମଗଡ଼, ୧୨।୨(ସମିସ):** ମନୋଜ କୁମାର ବେହେରା ଧର୍ମଗଡ଼ରେ ନୂତନ ଉପଖଣ୍ଡ ପୋଲିସ ଅଧିକାରୀ (ଏସଡ଼ିପିଓ) ଭାବେ ଯୋଗ ଦେଇଛନ୍ତି। ସେ ବିଦାୟୀ ଏସଡ଼ିପିଓ ଧୀରଜ୍ ଚୋପଦାରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଧର୍ମଗଡ଼ ଚାମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଅରୁଣ କୁମାର ତାୟଲ, ଉପ ସଭାପତି ଯଶୋବନ୍ତ ମେହେର, କୋଷାଧ୍ୟକ୍ଷ ସରୋଜ ସାହୁ, ବରିଷ୍ଠ ସଦସ୍ୟ ଶୁକଲାଲ ଅଗ୍ରୱାଲ, ଶ୍ରବଣ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ସୁନ୍ଦର ଅଗ୍ରୱାଲ ପ୍ରମୁଖ ନୂତନ ଏସଡ଼ିପିଓ ଶ୍ରୀ ବେହେରାଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ବିଦାୟୀ ଏସଡ଼ିପିଓ ଶ୍ରୀ ଚୋପଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥଲେ। ନୂତନ ଏସଡ଼ିପିଓ ସହରରେ ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ସମସ୍ୟା ଓ ଅସାମାଜିକ କାର୍ଯ୍ୟକଳାପ ରୋକିବା ଉପରେ ଗୁରୁତ୍ୱ ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।



## ପଦ୍ମଶ୍ରୀ ହଳଧର ନାଗଙ୍କୁ ଯାଦବ ସମାଜ ପକ୍ଷରୁ ସମ୍ବର୍ଦ୍ଧନା



**କୋକସରା, ୧୨।୨(ସମିସ):** ଲୋକକବି ପଦ୍ମଶ୍ରୀ ଡଃ ହଳଧର ନାଗଙ୍କୁ କୋକସରା ବ୍ଲକ ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ପଦ୍ମଶ୍ରୀ ଶ୍ରୀ ନାଗ ଡୁଡୁକାଠେଙ୍ଗା ଠାରେ ଆୟୋଜିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରୁ ଫେରିବା ପରେ ଯାଦବ ମହାସଭା ପକ୍ଷରୁ କଳାହାଣ୍ଡିର ଲୋକନୃତ୍ୟ ଘୁମୁରା ଓ ଅନ୍ୟାନ୍ୟ ପାରମ୍ପରିକ ନୃତ୍ୟ ସଙ୍ଗୀତ ସହ ଭବ୍ୟ ସ୍ୱାଗତ କରି ଚିଲିଗୁଡା ସ୍ଥିତ ଯାଦବ ଭବନକୁ ପାଛୋଟି ନେଇଥିଲେ। ଏହା ପରେ ତାଙ୍କୁ ବ୍ଲକ ସଭାପତି ବିନୋଦ ରାଉତଙ୍କ ତତ୍ତ୍ୱାବଧାନରେ ଶ୍ରୀ ନାଗଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ଡଃ ହଳଧର ନାଗ ଭାଷା ସାହିତ୍ୟ, ପୌରାଣିକ କିମ୍ବଦନ୍ତୀ ଓ ଯାଦବ ସମ୍ପ୍ରଦାୟର ବିଭିନ୍ନ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯାଦବ ମହାସଭାର ସମ୍ପାଦକ ଅଲେଖ ଗୋପାଲ, ଧନେଶ୍ୱର ଗୋପାଳ, ବିଦ୍ୟାଧର ଗହୀର, ଅଭିମନ୍ୟୁ ଗୋପାଳ, ପଞ୍ଚକ ପୋଡ଼, ପ୍ରହଲାଦ ଚଣ୍ଡି ସମେତ ଅନେକ ଲୋକ ଉପସ୍ଥିତ ଥିଲେ।

**ସିର୍ଜାପାଲିରେ ପଞ୍ଚାୟତସ୍ତରୀୟ ସଚେତନା ଶିବିର**

## ଗାଆଁ ଗାଆଁରେ ପହଞ୍ଚୁଛି ନବୀନଙ୍କ ବିକାଶର ବାର୍ତ୍ତା

**କେସିଙ୍ଗା, ୧୨।୨(ସମିସ)**

କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାସ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରହ୍ଲାଦ ସୁନାଙ୍କ ନେତୃତ୍ୱରେ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତ ଯୋଗ ଦେଇଥିଲେ। ସେହିପରି ଏହି ଶିବିରରେ ନିମନ୍ତ୍ରଣ ଅତିଥି ଭାବେ କେସିଙ୍ଗା ଜୋନ ୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଦୀପାଞ୍ଜଳି ସାହୁ ଉପସ୍ଥିତ ଥିଲେ। ସ୍ଥାନୀୟ ନାଏକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟସଭ୍ୟା, ଏମବିକେ, ସିଆରପି ଏବଂ ମିଶନ ଶକ୍ତି ଏସଏଚଜି ମହିଳା ପ୍ରମୁଖ ଯୋଗ ଦେଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ପଞ୍ଚାୟତର ପିଇଓ ପ୍ରହ୍ଲାଦ ସୁନା ବିଶେଷ ସହଯୋଗ କରିଥିଲେ। ସେହିପରି ରୋହିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।



## ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘର ଦ୍ୱିତୀୟ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା, ୧୨।୨(ସମିସ):** ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘର ଦ୍ୱିତୀୟ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଭବାନୀପାଟଣାଠାରେ ନିର୍ମାଣଧିନ ଜିଲ୍ଲା ସାମାଜିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଥବିର ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଉପସଭାପତି ଅନିରୁଦ୍ଧ ସାହୁ, ରାଜେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଶେଷଦେବ ସାହୁ, ସହସମ୍ପାଦକ ନୀଳମଣି ସାହୁ ତଥା ବିଭିନ୍ନ ବ୍ଲକ କମିଟିର ପଦାଧିକାରୀ ଓ କଳାହାଣ୍ଡି ଏବଂ ଟିଟିଲାଗଡ଼ ସବଡଭିଜନର ଅଞ୍ଚଳ କମିଟିର ସଦସ୍ୟମାନେ ଯୋଗ ଦେଇ ସମାଜ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅନୁଦାନ ଅର୍ଥରେ ନିର୍ମିତ ହେଉଥିବା ସମାଜ ଭବନର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଭବନ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିଥିବାରୁ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହା ବ୍ୟତୀତ ସମାଜ ଭବନ ନିର୍ମାଣ ପାଇଁ ରାଜ୍ୟସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ ଆର୍ଥିକ ଅନୁଦାନ ଦେଇଥିବାରୁ ସେମାନଙ୍କୁ ମଧ୍ୟ ସମାଜ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମହାସଂଘକୁ ଆହୁରି ସୁଦୃଢ଼ କରିବା ପାଇଁ ଜନଗଣନା ଓ ସଭ୍ୟ ଦେୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା କମିଟିର ଶେଷଦେବ ସାହୁଙ୍କୁ ଭବାନୀପାଟଣା ଟାଉନ ଓ କର୍ଲାମୁଣ୍ଡା ବ୍ଲକ, ଅନିରୁଦ୍ଧ ସାହୁଙ୍କୁ କେସିଙ୍ଗା, ନର୍ଲା ଓ ମଦନପୁର ରାମପୁର ବ୍ଲକ, ରାଜେନ୍ଦ୍ର ସାହୁଙ୍କୁ ଧର୍ମଗଡ଼, ଜୁନାଗଡ଼, କୋକସରା ଓ ଗୋଲାମୁଣ୍ଡା ବ୍ଲକ, ନୀଳମଣି ସାହୁଙ୍କୁ ଜୟପାଟଣା, କଲମପୁର ବ୍ଲକ ଏବଂ ତୁଳସୀ ରାମ ସାହୁଙ୍କୁ ଟିଟିଲାଗଡ଼ ଓ ବଙ୍ଗୋମୁଣ୍ଡା ବ୍ଲକର କୋର୍ଡିନେଟର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ସମ୍ପାଦକ ଗୋପାଳ ସାହୁ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ରାଜେନ୍ଦ୍ର ସାହୁ ସମାଜ ଭବନର ନିର୍ମାଣର ଖର୍ଚ୍ଚର ତଥ୍ୟ ଉପସ୍ଥାପନ କରିଥଲେ। ସହ ସମ୍ପାଦକ ନୀଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ଉପସ୍ଥିତିରେ ୪୧ ଅଭିଯୋଗର ସମାଧାନ

ବିନିକା, ୧୨।୨(ସମିସ)

ବିନିକା ବ୍ଲକ କାର୍ଯ୍ୟାଳୟରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାଶ ଓ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ ଏହି ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ଅଭିଯୋଗ ଗୁଡ଼ିକ ଉପରେ ତର୍ଜମା କରି ସମାଧାନ କରିଥିଲେ। ସର୍ବମୋଟ ୯୩ଟି ଅଭିଯୋଗ ମଧ୍ୟରୁ ୭୫ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିରୁ ୪୧ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥଲା। ଏହି ଅବସରରେ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଜଣେ ଦିବ୍ୟାଙ୍ଗ ନାବାଳକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ସହ ୩ ଚକିଆ ସାଇକେଲ ଓ ଅନ୍ୟ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଜିଲ୍ଲାପାଳ ଶ୍ରୀମତୀ ଦାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀମଲ ବସ୍ ପାସ ପ୍ରଦାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ବିନିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦଚନ୍ଦ୍ର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ, ବିନିକା ବ୍ଲକ ଅଧକ୍ଷା ଦୀପ୍ତିରେଖା ନନ୍ଦ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଉପଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ ମିଶ୍ର, ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ତହସିଲଦାର ସୀତାରାମ ଭୋଇଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ସାମିଲ ହୋଇଥିଲେ।




# ୧୧୩ ଅଭିଯୋଗର ତତ୍କାଳ ସମାଧାନ

**ହରଭଙ୍ଗା, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଓ ଆରକ୍ଷୀ ଅଧିକ୍ଷକ ୨୬୦ ଜଣ ଅଭିଯୋଗକାରୀଙ୍କ ଆପତ୍ତି ଶୁଣିଥିଲେ। ସେଥିମଧ୍ୟରୁ ୨୪୭ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଅଭିଯୋଗ ଆସିଥିଲା। ତେବେ ୧୧୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଏହି ଅବସରରେ ୧୧ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୧୭, ୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ଉପଜିଲ୍ଲାପାଳ ରବୀନ୍ଦ୍ର କଁହର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆରିଯାଂଶ ମିଞ୍ଜ, ପୁରୁଣାକଟକ ଥାନା ଅଧିକାରୀ ସାରଦା ପ୍ରସନ ଦାସ, ବିଡିଓ ସ୍ୱପ୍ନିତା ନାୟକ, ବ୍ଲକ ଉପାଧକ୍ଷ ସରୋଜ ପ୍ରଧା ଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୧୨।୨(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଧନ୍ଦାମୂଳକ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଛି। ଅଧକ୍ଷ ସରୋଜ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ, ସମ୍ମାନିତ ଅତିଥି ଭାବେ ସୋନପୁର ଜିଲ୍ଲା ନୋଡ଼ାଲ ଅଫିସର ଅଧ୍ୟାପକ ମଧୁସୂଦନ ପୁଝାରି ଯୋଗ ଦେଇଥିଲେ। ଅଧ୍ୟାପିକା ସୁଶ୍ରୀ ସୁପ୍ରିୟା ଡୁଙ୍ଗଡୁଙ୍ଗ, ଅଧ୍ୟାପିକା ସୁଶ୍ରୀ ନସୀମା ବାନୋ, ସୁଶ୍ରୀ ଟୁମୁକି ବାଗ୍ ଓ ସୁଶ୍ରୀ ସ୍ନେହଲତା ପାଣ୍ଡେଙ୍କ ତତ୍ତ୍ୱାବଧାନରେ ୧୩୪ ଜଣ ଛାତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ଅଧ୍ୟାପକ ସୁଭାସ ଚନ୍ଦ୍ର ଭୁଏ ସଂଯୋଜନା କରିଥିଲେ।

# ଜିଲ୍ଲାପାଳଙ୍କ ଭୈରବୀ ମନ୍ଦିର ନିର୍ମାଣ କାର୍ଯ୍ୟ ପରିଦର୍ଶନ

**ଚାରିଛକ, ୧୨।୨(ସମିସ):** ବୌଦ୍ଧ ଜିଲ୍ଲାପାଳ ଜେ. ସୋନାଲ ହରଭଙ୍ଗା ବ୍ଲକ ପୁରୁଣାକଟକସ୍ଥିତ ଭୈରବୀ ମନ୍ଦିର ନିର୍ମାଣ କାର୍ଯ୍ୟ ବୁଲି ଦେଖିଛନ୍ତି। ଅଗ୍ରଗତି ଉପରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାତ ଦାସ, ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଏବଂ ଠିକାଦାରଙ୍କ ସହିତ ଆଲୋଚନା କରିଥିଲେ। ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସାହୁ, ମନ୍ଦିର ପରିଚଳନା କମିଟି ସଭାପତି ସୁରେନ କପ୍ରଧାନ, ସମିତି ସଭ୍ୟ ସରୋଜ ପ୍ରଧାନ, ଗରୁଡ଼ ପ୍ରଧାନ, ଶୈଳେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରେଙ୍ଗାଲି-ବାଦିପଡ଼ିଆ ରାସ୍ତା ଉନ୍ନତି ପାଇଁ ଭୂମିପୂଜା

**ସୋନପୁର, ୧୨।୨(ସମିସ):** ସୋନପୁର ସଦର ବ୍ଲକ ରେଙ୍ଗାଲିଠାରୁ ବାଦିପଡ଼ିଆ ରାସ୍ତା ଉନ୍ନତି କାର୍ଯ୍ୟ ଲାଗି ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଦୀର୍ଘ ବର୍ଷ ଧରି ଏହି ରାସ୍ତା ଶୋଚନୀୟ ହୋଇ ପଡ଼ିରହିଥିଲା। ନୂତନ ଭାବେ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାମୋଦ" କୈବର୍ତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୂମିପୂଜା ସମାରୋହରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ଭାବେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ରେଙ୍ଗାଲି ସରପଞ୍ଚ ପ୍ରଦୀପ ବାଘ, ଲଛିପୁର ସରପଞ୍ଚ ଜ୍ୟୋତିରଞ୍ଜନ ନୂଆଁଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ବହୁ ଏମ୍‌ବିକେ, ସିଆରପି ଓ ଅଙ୍ଗନବାଡି କର୍ମୀ ତଥା ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

# ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ ପାଇଁ ତାଲିମ

**ଜହ୍ନାପଙ୍କ, ୧୨।୨(ସମିସ):** ବୌଦ୍ଧ ବ୍ଲକ ମୂର୍ସୁଣ୍ଡି ପଞ୍ଚାୟତ ଗମ୍ଭାରିପଦରରେ ଓଡ଼ିଶା ମିଲେଟ ମିଶନ ଏବଂ ବିଶ୍ୱ ଯୁବ କେନ୍ଦ୍ର ତରଫରୁ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ କରିବା ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ କୃଷି ଅଧିକାରୀ ସତ୍ୟ ପ୍ରକାଶ ଦାସ ଏବଂ ବିଶ୍ୱ ଯୁବ କେନ୍ଦ୍ରର ବ୍ଲକ ସଂଯୋଜକ ସୁମନ ପରିଡ଼ା ଉପସ୍ଥିତ ଚାଷୀଙ୍କୁ ସଘନ ପ୍ରଣାଳୀରେ ତଳି ପକେଇବା ଓ ତଳି ରୋପଣ ବିଷୟରେ ବୁଝାଇବା ସହ ଏହି ପ୍ରଣାଳୀରେ ଚାଷ କଲେ ଅଧିକ ଲାଭ ମିଳିପାରିବ ବୋଲି କହିଥିଲେ। ଆଦର୍ଶ କୃଷି ଉତ୍ପାଦକ ପ୍ରୋଡ୍ୟୁସର କମ୍ପାନୀର ସିଇଓ ପ୍ରଭଞ୍ଜନ କ୍ଷେତି ମାଣ୍ଡିଆ ଚାଷୀଙ୍କୁ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ବିଷୟରେ ବୁଝାଇଥିଲେ। ଏହି ତାଲିମ ଶିବିରରେ ବୌଦ୍ଧ ବ୍ଲକର ବିଭିନ୍ନ ପଞ୍ଚାତର ମାଣ୍ଡିଆ ଚାଷୀ ଏବଂ ଓଡ଼ିଶା ମିଲେଟ୍ ମିଶନ ବୌଦ୍ଧ ବ୍ଲକର ସମସ୍ତ ସିଆରପି ଅଂଶଗ୍ରହଣ କରିଥିଲେ। ଶେଷରେ ବୌଦ୍ଧ ବ୍ଲକ ବିଶ୍ୱ ଯୁବ କେନ୍ଦ୍ରର ସହ ସଂଯୋଜକ ସୁଧୀର ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ, ୧୨।୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ କଙ୍କଲା ଗ୍ରାମର ଡମ୍ବୁରୁଗଡ଼ ପାହାଡ଼ ସ୍ଥିତ ସିଦ୍ଧଗୁରୁ ପୀଠରେ ଏକ ବିଶ୍ୱ ଶାନ୍ତି ଧର୍ମ ମହାଯଜ୍ଞ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଚାରୀ ଆଦିତ୍ୟ ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ମଠର ମହନ୍ତ ସର୍ବେଶ୍ୱର ଦାସ ସଭାପତିତ୍ୱ କରିଥିଲେ। ବୈଠକରେ ହନୁମାନ ମନ୍ଦିର ବରକନିଆ ପୀଠ ତତ୍ତ୍ୱାବଧାରକ ବାବା ଲଛମନ ଦାଶ ମହାରାଜଙ୍କୁ ମାର୍ଗଦର୍ଶକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

# ବ୍ରହ୍ମାକୁମାରୀ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ଡୁଙ୍ଗୁରିପାଲି, ୧୨।୨ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ରହ୍ମାକୁମାରୀ ଉପ-ସେବା କେନ୍ଦ୍ର ପକ୍ଷରୁ ଏକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ ଅଭିଯାନରେ ବ୍ରହ୍ମାକୁମାରୀ ନମିତା, ବ୍ରହ୍ମାକୁମାରୀ ଅଞ୍ଜଳି, ସୁଶ୍ରୀ ଭୁଏ, ବ୍ରହ୍ମକୁମାର ଦିଲ୍ଲୀପ ସେଠୀ, ବ୍ରହ୍ମକୁମାର ମୂରଲିଧର ନାଏକ, ସଞ୍ଜୀବ, ସୁଶୀଲ ମେହେର, ରାମ ମେହେର, ରାଜେନ୍ଦ୍ର, ରାଜୁ, ଭରତ, ଭୁବନେଶ୍ୱର, ଲକ୍ଷଣ, ଅନିରୁଦ୍ଧ ପ୍ରମୁଖ ସାମିଲ ଥିଲେ।

# ଟିକରପଡ଼ାରେ ପୁଲିସର ଜନମୈତ୍ରୀ ଶିବିର

**ବୌଦ୍ଧ, ୧୨।୨(ସମିସ):** ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଟିକରପଡ଼ାରେ ବୌଦ୍ଧ ଜିଲ୍ଲା ପୁଲିସ୍ ପକ୍ଷରୁ ଜନ ମୈତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦ, ବୌଦ୍ଧ ଥାନା ଆଇଆଇସି ରଞ୍ଜିତ ମୁନୀଙ୍କ ସମେତ ବରିଷ୍ଠ ପୁଲିସ୍ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଛନ୍ତି। ମାଓପ୍ରବଣ ଅଞ୍ଚଳରେ ଲୋକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନ କରାଇବା ସହ ହିଂସା ଆଚରଣ ଛାଡି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦ ଆହ୍ୱାନ ଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ବ୍ୟାଗ୍ ଓ ପାଠ୍ୟ ଉପକରଣ ବଣ୍ଟନ ସହ ଅସହାୟଙ୍କୁ ବିଭିନ୍ନ ସହାୟତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଯୁବ ବର୍ଗଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

# ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ସୁବଲୟା, ୧୨।୨(ସମିସ):** ବୀରମହାରାଜପୁର ବ୍ଲକ ସୁବଲୟା ଯୁକ୍ତ ଦୁଇ କଲେଜରେ ଆୟୋଜିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧକ୍ଷ





ଭୋଲାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ମହାବିଦ୍ୟାଳୟ ଅଧକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟ ଅତିଥି ଓ ଧର୍ମଶାଳା କଲେଜର ଓଡିଆ ପ୍ରଧାପକ ପୁରୁଷୋତ୍ତମ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ପ୍ରଜ୍ଞା କଳ୍ପିତା ନାୟକ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ଦେବାଶିଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ରମାକାନ୍ତ ପୁରୋହିତ, ଅନ୍ନଦା ମିଶ୍ର, ଅର୍ପିତା ନାୟକ, ସୁରେନ୍ଦ୍ର ସାହୁ, ଗୋପାଳ ଭୋଇ, ହର ସାହୁ ଓ ଶମ୍ଭୁ ସାହୁ ସହଯୋଗ କରିଥିଲେ।

# MATRIC MATE

BSE ODISHA MATRIC EXAM-2024






SUBJECT : MATH


PROBABLE QUESTION PAPER

## OBJECTIVE


1. cos 110° + sin 20° = କେତେ ?
   (A) 2 cos 110°  (B) 2 sin 20°  (C) 0  (D) 1
2. $\text{cosec}^2 (180° - \theta) - \tan^2 (90° - \theta)$ ର ମାନ କେତେ ?
   (A) 0  (B) 1  (C) – 1  (D) ଅନିର୍ଣ୍ଣେୟ
3. tan 10° × tan 80° = ______ ।
   (A) 0  (B) 1  (C) – 1  (D) ±1
4. $\cos A = \frac{24}{25}$ ହେଲେ $\sec^2 A - \tan^2 A$ = କେତେ ?
   (A) $\frac{7}{24}$  (B) $\frac{24}{25}$  (C) $\frac{25}{7}$  (D) 1
5. କେଉଁ ଯନ୍ତ୍ର ଦ୍ୱାରା ବସ୍ତୁର କୌଣିକ ଉନ୍ନତି ବା ଅବନତି ମପାଯାଇଥାଏ ?
   (A) ପେରିସ୍କୋପ୍  (B) କୋଲାଲାଇଡ଼ସ୍କୋପ୍  (C) ସେକ୍ସଟା  (D) ଟେଲିସ୍କୋପ୍
6. $\tan A = \frac{1}{2}$ ଏବଂ $\tan B = \frac{1}{3}$ ହେଲେ ନିମ୍ନ ସଂପର୍କ ମଧ୍ୟରୁ କେଉଁଟି ଠିକ୍ ।
   (A) A = B  (B) 2A = B  (C) A + B = 45°  (D) A – B = 90°
7. cos (60° – A) – cos (60° + A) ର ମାନ କେତେ ?
   (A) $\sqrt{2}\cos A$  (B) $\sqrt{2}\sin A$  (C) $\sqrt{3}\sin A$  (D) $\sqrt{3}\cos A$
8. sin 0° . sin 1° . sin2° ... sin 89° ର ମୂଲ୍ୟ କେତେ ?
   (A) – 1  (B) 0  (C) 1  (D) 2
9. A + B + C = 180° ହେଲେ, $\sin\left(\frac{B+C}{2}\right)$ ର ମାନ କେତେ ?
   (A) $\cos\frac{A}{2}$  (B) $\sin\frac{A}{2}$  (C) $\sin\frac{B}{2}$  (D) $\cos\frac{C}{2}$
10. sin (50° + θ) – cos (40° – θ) = ______ ?
    (A) 0  (B) – 1  (C) 1  (D) 2
11. A + B = 45° = ହେଲେ (1 + tan A) (1 + tan B) ର ମାନ କେତେ ?
    (A) 1  (B) 2  (C) –2  (D) –1
12. ଏକ ବୃକ୍ଷର ଉଚ୍ଚତା 4cm, ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ 45° । ଗଛର ଛାଇର ଦୈର୍ଘ୍ୟ କେତେ ?
    (A) 3 cm  (B) $4\sqrt{2}$ cm  (C) 4 cm  (D) $4\sqrt{3}$ cm
13. ଏକ ସ୍ତମ୍ଭର ଉଚ୍ଚତା $100\sqrt{3}$ ମି । ଏହାର ପାଦ ଦେଶଠରୁ 100 ମି ଦୂରତାରୁ ସ୍ତମ୍ଭର ଉପରିଭାଗର କୌଣିକ ଉନ୍ନତି କେତେ ?
    (A) 45°  (B) 60°  (C) 90°  (D) 0°
14. ଦ ବୃତ୍ତର କେନ୍ଦ୍ର O । $\overline{PQ}$ ସ୍ପର୍ଶକ ରଶ୍ମି OP = 5cm , ବୃ ର ବ୍ୟାସାର୍ଦ୍ଧ 3cm ହେଲେ PQ କେତେ ସେ.ମି ?
    (A) 10  (B) 6  (C) 4  (D) 8





15. O ବୃ ର କେନ୍ଦ୍ର । OP = 4cm, $\overline{PQ}$ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ । $QP = 2\sqrt{3}$ ସେ.ମି ହେଲେ $m\angle OPQ$ କେତେ ?
    (A) 45°  (B) 30°  (C) 60°  (D) ଏଥିରୁ କୌଣସିଟି ନୁହେଁ





16. ପାର୍ଶ୍ୱସ୍ଥ ଚିତ୍ରରେ ଗୋଟିଏ ବୃତ୍ତ ABC ସମକୋଣୀ ତ୍ରିଭୁଜରେ ଅନ୍ତର୍ଲିଖିତ । AB = 24cm, BC = 10cm ଏବଂ $m\angle B = 90°$ ହେଲେ ବୃ ର ବ୍ୟାସାର୍ଦ୍ଧ କେତେ ?
    (A) 6 cm  (B) 7 cm  (C) 5cm  (D) 4 cm





17. ଦ ଚିତ୍ରରେ O ବୃତ୍ତର କେନ୍ଦ୍ର । $\overline{PQ}$ ବୃ ର A ବିନ୍ଦୁରେ ସ୍ପର୍ଶକ । $m\angle BAQ = 30°$ ହେଲେ $m\angle AOB$ କେତେ ?
    (A) 30°  (B) 60°  (C) 90°  (D) 120°





18. ଦୁଇଟି ବହିଃସ୍ପର୍ଶୀ ବୃତ୍ତର ସର୍ବାଧିକ ସାଧାରଣ ସ୍ପର୍ଶକ ସଂଖ୍ୟା ______ ।
    (A) 1  (B) 2  (C) 3  (D) 4
19. ଦ ବୃ ରେ $\overline{PT}$ ସ୍ପର୍ଶକ ଏବଂ PAB ଛେଦକ, PA = 4cm, PB = 9cm ହେଲେ $\overline{PT}$ ର ଦୈର୍ଘ୍ୟ କେତେ ସେ.ମି ?
    (A) 4  (B) 9  (C) 6  (D) 12




20. ABCD ଚତୁର୍ଭୁଜ ଏକ ବୃତ୍ତରେ ପରିଲିଖିତ । AB + CD = 18cm ହେଲେ ABCD ଚତୁର୍ଭୁଜର ପରିସୀମା କେତେ ସେ,ମି ?
    (A) 18  (B) 24  (C) 36  (D) 48
21. ଗୋଟିଏ ବୃତ୍ତର ଦୁଇଟି ସମାନ୍ତର ସ୍ପର୍ଶକ ମଧ୍ୟରେ ଦୂରତା 10cm ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି ?
    (A) 8  (B) 16  (C) 32  (D) କୌଣସିଟି ନୁହେଁ
22. ଯେଉଁ ସରଳରେଖା ବୃତ୍ତକୁ ଗୋଟିଏ ମାତ୍ର ବିନ୍ଦୁରେ ଛେଦ କରେ ତାହାକୁ ______ କୁହାଯାଏ ?
    (A) ଛେଦକ  (B) ସ୍ପର୍ଶକ  (C) ସ୍ପର୍ଶବିନ୍ଦୁ  (D) ସ୍ପର୍ଶବିନ୍ଦୁ
23. ଦୁଇଟି ବହିଃସ୍ପର୍ଶୀ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟ 5cm ଓ 3cm ହେଲେ, କେନ୍ଦ୍ରଦ୍ୱୟ ମଧ୍ୟରେ ଦୂରତା କେତେ ସେ.ମି ?
    (A) 2  (B) 3  (C) 5  (D) 8
24. ପାର୍ଶ୍ୱସ୍ଥ ଚିତ୍ରରେ $\overline{PQ}$ ଏକ ଜ୍ୟା O । ସ୍ପର୍ଶକ ଖଣ୍ଡ $\overline{RP}$ ସହ ଜ୍ୟା $\overline{PQ}$, 60° ପରିମାଣର ଏକ କୋଣ ଉତ୍ପନ୍ନ କଲେ $m\angle POQ$ କେତେ ?
    (A) 100°  (B) 120°  (C) 60°  (D) 80




25. ପାର୍ଶ୍ୱସ୍ଥ ଚିତ୍ରରେ O ବୃତ୍ତର କେନ୍ଦ୍ର । P ବହିଃସ୍ଥ ବିନ୍ଦୁର ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ $\overline{PT}$ । ପାର୍ଶ୍ୱସ୍ଥ ଚିତ୍ରରୁ x ଓ y ଦ୍ୱାରା ଚିହ୍ନିତ କୋଣମାନଙ୍କର ଦ ପରିମାଣ ସ୍ଥିର କର ଯେତେବେଳେ x = 2y ।
    (A) 75° ଓ 15°  (B) 60° ଓ 30°  (C) 70° ଓ 20°  (D) 50° ଓ 40°




26. ଯଦି $\sin\theta = \frac{3}{5}$ ହୁଏ $(\tan\theta + \sec\theta)^2$ ର ମାନ ସ୍ଥିର କର ।
    (A) $\frac{5}{4}$  (B) 4  (C) 5  (D) $\frac{25}{16}$
27. $\text{cosec}^2 (110° + \alpha) - \cot^2 (70° - \alpha)$ ର ମାନ କେତେ ?
    (A) –1  (B) 0  (C) 1  (D) $\sqrt{2}$
28. sec 135° + tan 60° = ______ ।
    (A) $1 - \sqrt{2}$  (B) $-\sqrt{2}$  (C) $\sqrt{3} - \sqrt{2}$  (D) $\sqrt{3} + 1$
29. cos 45° . cot 60° . sin 60° . cosec 30° . tan 45° . sec 30° ର ମାନ କତେ ?
    (A) $\frac{\sqrt{2}}{3}$  (B) $\frac{\sqrt{2}}{\sqrt{3}}$  (C) $\frac{2}{\sqrt{3}}$  (D) $\frac{2}{3}$
30. $\cos^2 18° + \cos^2 36° + \cos^2 54° + \cos^2 72° + \cos^2 90°$ ର ମାନ କେତେ ?
    (A) 0  (B) 1  (C) 2  (D) – 1
31. $\cos A = \frac{24}{25}$ ହେଲେ $\sec^2 A - \tan^2 A$ = କେତେ ।
    (A) $\frac{7}{24}$  (B) $\frac{24}{25}$  (C) $\frac{25}{7}$  (D) 1
32. tan (45° – θ) ର ମାନ କେତେ ?
    (A) $\frac{\tan\theta+1}{\tan\theta-1}$  (B) $\frac{1+\tan\theta}{1-\tan\theta}$  (C) $\frac{1-\tan\theta}{1+\tan\theta}$  (D) $\frac{\tan\theta-1}{\tan\theta+1}$
33. cos (48° + θ) . cos (12° – θ) – sin (48° + θ) . sin (12° – θ) ର ମାନ କେତେ ?
    (A) 2  (B) –2  (C) $\frac{1}{2}$  (D) $-\frac{1}{2}$
34. sin 50° – sin 70° + sin 10° ର ମାନ କେତେ ?
    (A) 1  (B) 0  (C) $\frac{1}{2}$  (D) 2
35. sin 75° = ?
    (A) $\frac{\sqrt{3}+1}{2}$  (B) $\frac{\sqrt{3}-1}{2}$  (C) $\frac{\sqrt{3}+1}{2\sqrt{2}}$  (D) $\frac{\sqrt{3}+1}{2\sqrt{3}}$

## SUBJECTIVE

1. 6.4 cm ଦୈର୍ଘ୍ୟ ବିଶିଷ୍ଟ $\overline{AB}$ ଅଙ୍କନ କରି ଏହାକୁ 3 : 2 ଅନୁପାତରେ ଅର୍ନ୍ତବିଭାଜନ କରୁଥିବା ବିନ୍ଦୁର ଅବସ୍ଥାନ ନିରୂପଣ କର ।

   କିମ୍ବା ΔABC ରେ BC =6.5cm, $\overline{BY}$ ମଧ୍ୟମାର ଦୈର୍ଘ୍ୟ 6 cm ଓ $\overline{CZ}$ ମଧ୍ୟମାର ଦୈର୍ଘ୍ୟ 5.5cm । Δଟି ଅଙ୍କନ କର ।

2. ପ୍ରମାଣ କର $\cos^2 135° - 2\sin^2 180° + 3\cot^2 150° - 4\tan^2 120° = \frac{-5}{2}$

   କିମ୍ବା ପ୍ରମାଣ କର । $\frac{\sin^2 135° + \cos^2 120° - \sin^2 150° + \text{tam}^2 150°}{\sin^2 120° - \cos^2 150° + \tan^2 120° + \tan^2 135° + \cos 180°} = \frac{5}{18}$

3. ପ୍ରମାଣ କର cos 50° + cos 40° = $\sqrt{2}$ cos 5°

   କିମ୍ବା ପ୍ରମାଣ କର ଯେ $\tan 62° = \frac{\cos 17° + \sin 17°}{\cos 17° - \sin 17°}$

4. ପ୍ରମାଣ କର ଯେ କୌଣସି ବୃତ୍ତର ବର୍ହିସ୍ଥ ଏକ ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ?

5. ABCD ଚତୁର୍ଭୁଜ ଏକ ବୃତ୍ତରେ ପରିଲିଖିତ ହୋଇଛି । ହେଲେ ପ୍ରମାଣ କରଯେ AB + CD = AD + BC

   କିମ୍ବା ଗୋଟିଏ ବୃ ରେ $\overline{AB}$ ଏକ ବ୍ୟାସ । B ବିନ୍ଦୁରେ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଉପରେ C ଏପରି ଏକ ବିନ୍ଦୁ ଯେପରି $\overline{CA}$ ବୃତ୍ତକୁ D ବିନ୍ଦୁରେ ଛେଦ କରେ । ପ୍ରମାଣ କର ଯେ $AB^2 = AC \times AD$

**Answer:** 1. (C), 2. (B), 3. (B), 4. (D), 5. (C), 6. (C), 7. (C), 8. (B), 9.(A), 10. (A), 11. (B), 12. (C), 13. (B), 14. (C), 15. (B), 16. (D), 17. (B), 18. (C), 19. (C), 20. (C), 21. (D), 22. (B), 23. (D), 24. (B), 25. (B), 26. (B), 27. (C), 28. (C), 29. (B), 30. (C), 31. (D), 32. (C), 33. (C), 34. (B), 35. (C)

ePaper : sakalaepaper.com | Twitter : SakalaNews
News Portal : thesakala.in | Instagram : sakalanews
Facebook : SakalaNews | Youtube : @SakalaNews

**Courtesy:**
**SARASWATI VIDYA MANDIR**
Neelakantha Nagar, Berhampur, GM.

# ବିଶ୍ୱ କ୍ରିକେଟରେ ଅଷ୍ଟ୍ରେଲିଆର ଆଧିପତ୍ୟ

**ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି)**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍‌ର ୧୫ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ରବିବାର ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଭାରତକୁ ୭୯ ରନରେ ପରାସ୍ତ କରି ଶକ୍ତିଶାଳୀ ଅଷ୍ଟ୍ରେଲିଆ ୪ର୍ଥ ଥର ଲାଗି ବିଶ୍ୱବିଜେତା ହେବାର ସୌଭାଗ୍ୟ ଲାଭ କରିଛି। ଏଥିସହ ଭାରତର ରେକର୍ଡ ୬ଷ୍ଠଥର ଟାଇଟଲ୍ ଜିତିବା ସ୍ୱପ୍ନ ଚୁର୍‌ମାର ହୋଇଛି। ଚାମ୍ପିଅନ ହେବା ସହ ଅଷ୍ଟ୍ରେଲିଆ ବିଶ୍ୱ କ୍ରିକେଟ୍‌ରେ ଏହାର ଆଧିପତ୍ୟ ଆହୁରି ବିସ୍ତାର କରିଚାଲିଛି। ବର୍ତ୍ତମାନ ପୁରୁଷ, ମହିଳା ଓ ୧୯ ବର୍ଷରୁ କମ୍‌କୁ ମିଶାଇ ଆଇସିସିର ୭ଟି ଟ୍ରଫି ମଧ୍ୟରୁ ଅଷ୍ଟ୍ରେଲିଆ ଏକାକୀ ୫ଟିରେ ଟାଇଟଲ୍ ବଜାୟ ରଖି ବିଶ୍ୱ କ୍ରିକେଟ୍‌ରେ ତାହାର ଦବ୍‌ଦବା ବଜାୟ ରଖିବାରେ ସଫଳ ହୋଇଛି। ଅଷ୍ଟ୍ରେଲିଆ ବର୍ତ୍ତମାନ ବଜାୟ ରଖିଥିବା ଆଇସିସି ଟ୍ରଫିଗୁଡ଼ିକ ଉପରେ ସଂକ୍ଷେପରେ ନଜର ପକାଇବା।

**ମହିଳା ଦିନିକିଆ ବିଶ୍ୱକପ୍ (୨୦୨୨):** ୨୦୨୨ରେ ମହିଳା ଦିନିକିଆ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ନ୍ୟୁଜିଲାଣ୍ଡରେ ଖେଳାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ଚମତ୍କାର ପ୍ରଦର୍ଶନ କରି ରାଉଣ୍ଡ ରବିନରେ ୭ ମ୍ୟାଚରୁ ୭ ବିଜୟ ସହ ନକ୍‌ଆଉଟ୍‌ରେ ପହଞ୍ଚିଥିଲା। ଏହାପରେ ସେମିଫାଇନାଲରେ ୧୫୭ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ଅଷ୍ଟ୍ରେଲିଆ ଫାଇନାଲ ଟିକଟ୍ ହାସଲ କରିଥିଲା। ଫାଇନାଲରେ ଅଷ୍ଟ୍ରେଲିଆର ମୁକାବିଲା ଇଂଲଣ୍ଡ ସହ ହୋଇଥିଲା। ଯେଉଁଥିରେ ଅଷ୍ଟ୍ରେଲିଆ ୭୧ ରନରେ ବିଜୟୀ ହୋଇ ୭ମଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା।

**ମହିଳା ଟି-୨୦ ବିଶ୍ୱକପ୍ (୨୦୨୩):** ମହିଳା ଟି-୨୦ ବିଶ୍ୱକପ୍‌ର ୮ମ ସଂସ୍କରଣ ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ୪ରୁ ୪ ମ୍ୟାଚ୍ ଜିତି ସେମିରେ ପ୍ରବେଶ କରିଥିଲା ଅଷ୍ଟ୍ରେଲିଆ। କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଅଷ୍ଟ୍ରେଲିଆ ମାତ୍ର ୫ ରନରେ ଭାରତକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ଏହାପରେ ଘରୋଇ ଦକ୍ଷିଣ ଆଫ୍ରିକା ସହ ଫାଇନାଲ ମୁକାବିଲା ହୋଇଥିବାବେଳେ ଏଥିରେ ମଧ୍ୟ ୧୯ ରନରେ ବାଜିମାତ୍ କରି ଅଷ୍ଟ୍ରେଲିଆ ମହିଳା ଦଳ ୬ଷ୍ଠଥର ପାଇଁ ଟି-୨୦ ବିଶ୍ୱକପ୍ ଜିତିଥିଲା।

**ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (୨୦୨୩):** ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ୨ୟ ଫାଇନାଲ ଗତବର୍ଷ ଇଂଲଣ୍ଡରେ ଖେଳାଯାଇଥିଲା। ଭାରତ କ୍ରମାଗତ ୨ୟଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପୁଣିଥରେ ଏହି ସମ୍ମାନଜନକ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲା। ଦି ଓଭାଲରେ ଖେଳାଯାଇଥିବା ଫାଇନାଲ ମୁକାବିଲାକୁ ୨୦୯ ରନର ବଡ଼ ବ୍ୟବଧାନରେ ଜିତି ଅଷ୍ଟ୍ରେଲିଆ ପ୍ରଥମଥର ଲାଗି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟ୍ରଫି ହାତେଇଥିଲା।

**ପୁରୁଷ ଦିନିକିଆ ବିଶ୍ୱକପ୍ (୨୦୨୩):** ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱରେ ରେକର୍ଡ ୬ଷ୍ଠ ଥର ଲାଗି ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ୍ ଦଳ ଦିନିକିଆ ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ଘରୋଇ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ପକ୍ଷରୁ ଧାର୍ଯ୍ୟ ୨୪୧ ରନର ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ବ୍ୟାଟିଂରେ ବିରାଟ କୋହଲି (୭୬୫ ରନ) ଓ ବୋଲିଂରେ ମହମ୍ମଦ ସାମି (୨୪) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ୍ୟ ପୁଣିଥରେ ଭାରତର ଚାମ୍ପିଅନ ପଥରେ ଅଷ୍ଟ୍ରେଲିଆ କଣ୍ଟା ସାଜିଥିଲା।

**୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ (୨୦୨୪):** ସଦ୍ୟ ସମାପ୍ତ ୧୯ ବର୍ଷରୁ କମ୍ ପୁରୁଷ ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ଚାମ୍ପିଅନ ହୋଇ ଅଷ୍ଟ୍ରେଲିଆ ବିଶ୍ୱକ୍ରିକେଟ୍‌ରେ ଏହାର ଦବ୍‌ଦବାକୁ ଜାହିର କରିଛି। ରବିବାର ଖେଳାଯାଇଥିବା ଫାଇନାଲରେ ଭାରତକୁ ୭୯ ରନରେ ହରାଇ ଅଷ୍ଟ୍ରେଲିଆ ୪ର୍ଥ ଥର ଲାଗି ଏହି ଟ୍ରଫି କରାୟତ କରିନେଇଛି।

ଉଲ୍ଲେଖଯୋଗ୍ୟ, ଅଷ୍ଟ୍ରେଲିଆ ବର୍ତ୍ତମାନ କେବଳ ୨ଟି ଟ୍ରଫି ବଜାୟ ରଖିପାରି ନାହିଁ। ଏହି ଦୁଇଟି ଟ୍ରଫି ହେଲା ପୁରୁଷ ଟି-୨୦ ବିଶ୍ୱକପ୍ ଓ ୧୯ ବର୍ଷରୁ କମ୍ ମହିଳା ଦିନିକିଆ ବିଶ୍ୱକପ୍। ୨୦୨୨ରେ ଖେଳାଯାଇଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବାଜିମାତ୍ କରିନେଇଥିଲା। ସେହିଭଳି ଗତବର୍ଷ ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ରେ ଭାରତ ବିଶ୍ୱବିଜେତା ହୋଇଥିଲା।


୨୦୨୩ ଦିନିକିଆ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳ

## ଅପିଲ କଲେନି, ବ୍ୟାଟର ଆଉଟ ହେଲେନି

**ଆଡିଲେଡ୍, ୧୨।୨(ଏଜେନ୍ସି):** କ୍ରିକେଟ ଖେଳର ନିୟମ ଯୋଗୁଁ ଏଠାରେ ୱେଷ୍ଟଇଣ୍ଡିଜ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜର ଜଣେ ବ୍ୟାଟର ଅଲଜରି ଯୋଶେଫ ରନ୍ ଆଉଟ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆର ଖେଳାଳିମାନେ ଅପିଲ ବା ଆବେଦନ ନ କରିବାରୁ ତାଙ୍କୁ ଅମ୍ପାୟାର ଆଉଟ ଦେଇ ନଥିଲେ। ଅବଶ୍ୟ ଅମ୍ପାୟାରଙ୍କ ଏହି ନିଷ୍ପତ୍ତି ଅଷ୍ଟ୍ରେଲିଆକୁ ମ୍ୟାଚ୍ ଜିତିବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ନ ଥିଲା। ଯଦି ଅନ୍ୟ ସମୟରେ ଏହା ଘଟିଥାନ୍ତା, ତେବେ ନିଶ୍ଚିତଭାବେ ମ୍ୟାଚ୍‌ର ଫଳାଫଳ ପ୍ରଭାବିତ କରିଥାନ୍ତା।

ଘଟଣା ଥିଲା ଏହିପରି। ୱେଷ୍ଟଇଣ୍ଡିଜ୍‌ର ପାଳିର ୧୯ତମ ଓଭରରେ ଏହି ଘଟଣା ଘଟିଥିଲା। ୱେଷ୍ଟଇଣ୍ଡିଜ୍‌ର ନଂ-୧୧ ବ୍ୟାଟର ଆଲଜରି ଯୋଶେଫ ପ୍ରତିପକ୍ଷ ବୋଲର ସ୍ପେନ୍‌ସର ଜନ୍‌ସନଙ୍କ ବଲ୍‌କୁ କଭର ଅଞ୍ଚଳକୁ ଡ୍ରାଇଭ୍ କରି ରନ୍ ନେବାକୁ ଦୌଡ଼ିଥିଲେ। କିନ୍ତୁ ସେ କ୍ରିଜ୍‌ରେ ପହଞ୍ଚିବା ପୂର୍ବରୁ ଘରୋଇ ଦଳର ଅଧିନାୟକ ମିଚେଲ ମାର୍ଶଙ୍କଠାରୁ ବଲ ପାଇ ଜନ୍‌ସନ ୱିକେଟ ଭାଙ୍ଗିଦେଇଥିଲେ। ଏହାପରେ ଅଷ୍ଟ୍ରେଲିଆର ଖେଳାଳିମାନେ ଯୋଶେଫଙ୍କ ଆଉଟରେ ଆନନ୍ଦ ମନାଇଥିଲେ। ଏହି ସମୟରେ ଅମ୍ପାୟାର ଜେରାର୍ଡ ଅବୁଦ୍ ତାଙ୍କୁ ଆଉଟ ଦେଇ ନଥିଲେ। ଫିଲ୍ଡିଂ କରୁଥିବା ଅଷ୍ଟ୍ରେଲିଆର କୌଣସି ଖେଳାଳି ଆବେଦନ କରି ନ ଥିବାରୁ ଅବୁଦ୍ ଯୋଶେଫଙ୍କୁ ଆଉଟ ଦେଇ ନ ଥିଲେ। ଏ ସମ୍ପର୍କରେ ସେ ସ୍ପଷ୍ଟ ଭାବେ କୌଣସି ଖେଳାଳି ଆବେଦନ କରି ନ ଥିଲେ ବୋଲି କହିଥିଲେ। ଏହା ସତ୍ତ୍ୱେ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ୩୪ ରନ୍‌ରେ ଜିତିନେଇଥିଲା।

ଆଇସିସି ପ୍ଲେଇଂ କଣ୍ଡିସନ ଧାରା ୩୧.୧ ଅନୁଯାୟୀ ଯଦି ଜଣେ ବ୍ୟାଟର ନିୟମ ଅନୁଯାୟୀ ଆଉଟ ହୋଇଥିଲେ ମଧ୍ୟ ଫିଲ୍ଡିଂ କରୁଥିବା ଦଳର ଖେଳାଳିମାନେ ଅପିଲ ବା ଆବେଦନ ନ କଲେ ସମ୍ପୃକ୍ତ ଖେଳାଳିଙ୍କୁ କୌଣସି ଅମ୍ପାୟାର ଆଉଟ ଦେଇ ପାରିବେ ନାହିଁ। ଏହି ମ୍ୟାଚ୍‌ରେ ତାହା ହିଁ ଘଟିଛି। ସ୍ପେନ୍‌ସର ସ୍ପଷ୍ଟ ଭାବେ ଯୋଶେଫଙ୍କୁ ଆଉଟ କରିଥିବା ସ୍କ୍ରିନ୍‌ରୁ ଜଣା ଯାଇଥିଲା। କିନ୍ତୁ ଧାରା ୩୧.୩ରୁ ଜଣାଯାଏ, ଆଉଟ ସମ୍ପର୍କରେ ଖେଳାଳିମାନେ ଅପିଲ କରି ନଥିଲେ ମଧ୍ୟ ବୋଲର ପରବର୍ତ୍ତୀ ବଲ ପକାଇବା ପୂର୍ବରୁ ଆବେଦନ କରିପାରିବେ। କିନ୍ତୁ ସ୍କ୍ରିନ୍‌ରେ ଦେଖିଥିଲେ ମଧ୍ୟ ଅଷ୍ଟ୍ରେଲିଆର ଖେଳାଳିମାନେ ତାହା କରି ନ ଥିଲେ। ଯାହା ଫଳରେ ଯୋଶେଫ ଆଉଟ ହୋଇ ନ ଥିଲେ।

## ମାରାଥନ ବିଶ୍ୱ ଚାମ୍ପିଅନ୍ କେଲଭିନ୍‌ଙ୍କ ଅକାଳ ବିୟୋଗ

**ଏଲଡୋରେଟ୍, ୧୨।୨ (ଏଜେନ୍ସି)**

ମାରାଥନ୍‌ରେ ବିଶ୍ୱଚାମ୍ପିଅନ କେନିଆର କେଲଭିନ୍ କିପଟମ୍ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। କେନିଆର ଏଲଡୋରେଟର ରିଫ୍ଟ ଭ୍ୟାଲୀ ଟାଉନ୍‌ରେ ଗାଡି ଚଳାଇ ଯାଉଥିବା ବେଳେ କିପଟମ୍‌ଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଗାଡ଼ିରେ କିପଟମ୍‌ଙ୍କ ସହ ତାଙ୍କ ପ୍ରଶିକ୍ଷକ ଗେରଭେସ ହାକିଜିମାନା ଥିଲେ। ଦୁର୍ଘଟଣାରେ ଉଭୟ ମୃତ୍ୟୁବରଣ କରିଛନ୍ତି ବୋଲି କେନିଆ ପୁଲିସ୍ ପକ୍ଷରୁ କୁହାଯାଇଛି। ୨୪ ବର୍ଷୀୟ ଏହି ତାରକା ଧାବକ ଜଣଙ୍କ ଏବେ ମାରାଥନରେ ବିଶ୍ୱଚାମ୍ପିଅନ ଅଛନ୍ତି ଓ ତାଙ୍କ ନାମରେ ବିଶ୍ୱରେକର୍ଡ ରହିଛି। ଚଳିତବର୍ଷ ଆମେରିକାର ସିକାଗୋ ସହରରେ ଅନୁଷ୍ଠିତ ମାରାଥନ୍‌ରେ ସେ ଏହି ଦୂରତାକୁ ୨ ଘଣ୍ଟା ୩୫ ସେକେଣ୍ଡରେ ଅତିକ୍ରମ କରି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଥିଲେ। ନିଜ ଦେଶର ଏଲିଉଡ୍ କିପ୍‌ଚୋଜ୍‌ଙ୍କ ନାମରେ ଏହି ରେକର୍ଡ ରହିଥିଲା। ୨୦୧୯ରେ ମାରାଥନକୁ କ୍ୟାରିୟର କରିଥିବା କିପ୍‌ଟମ୍ ୨୦୨୨ ଭାଲେନ୍ସିଆ ମାରାଥନ୍‌ରେ ରେକର୍ଡ ଟାଇମ୍ ସହ ଚତୁର୍ଥ ସ୍ଥାନରେ ରହି ତାଙ୍କ ଉପସ୍ଥିତି ଜାହିର କରିଥିଲେ। କିପ୍‌ଟମ୍ ଶେଷ ଭାଗରେ ଦ୍ରୁତଗତିରେ ଦୌଡ଼ିବା ସହ ବିଶ୍ୱର ସମସ୍ତ ମାରାଥନ ଦୌଡ଼ାଳିଙ୍କୁ ପଛରେ ପକାଇ ଗୋଟିକ ପରେ ଗୋଟିଏ ବିଶ୍ୱରେକର୍ଡ ଭାଙ୍ଗିଦେଇଥିଲେ। ବିଶ୍ୱର ଏହି ଶ୍ରେଷ୍ଠ ଆଥ୍‌ଲେଟ କିପ୍‌ଟମ୍ ଓ ତାଙ୍କ ପ୍ରଶିକ୍ଷକ ହାକିଜିମାନା ବିୟୋଗରେ ୱାର୍ଲ୍ଡ ଆଥଲେଟିକ୍ସର ସଭାପତି ସେବାଷ୍ଟିଏନ କୋ' ଗଭୀର ଦୁଃଖପ୍ରକାଶ କରିଛନ୍ତି ଓ ପରିବାରବର୍ଗ ଓ କେନିଆବାସୀଙ୍କୁ ସାନ୍ତ୍ୱନା ଜଣାଇଛନ୍ତି। କିପ୍‌ଟମ୍‌ଙ୍କ ମ୍ୟାନେଜର ବବ୍ ଭରବିକ୍ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କୁ ଜଣେ ବନ୍ଧୁ ବୋଲି ଅଭିହିତ କରିଛନ୍ତି। କିପଟମ୍‌ଙ୍କ ବିୟୋଗରେ କେନିଆରେ ଶୋକର ଛାୟା ଖେଳିଯାଇଛି।



କେଲଭିନ୍ କିପଟମ୍

**● ଟେନିସବଲ କ୍ରିକେଟ ମହାସଂଘ**

## ଓଡ଼ିଶାର ଶିଥିଳ ଉପସଭାପତି




**ଭୁବନେଶ୍ୱର, ୧୨।୨ (ସମିସ):** ସର୍ବଭାରତୀୟ ଟେନିସବଲ ମହାସଂଘର ଆସନ୍ତା ୪ବର୍ଷ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିନବନାଥ ତିୱାରୀ ସଭାପତି, ଇମ୍ରାନ ଅହମ୍ମଦ୍ ଲାରୀ ସମ୍ପାଦକ ଓ ଚନ୍ଦ୍ରକାନ୍ତ ଝା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ୫ଜଣ ଉପସଭାପତି ଓ ୫ଜଣ ଯୁଗ୍ମ ସମ୍ପାଦକ ମଧ୍ୟ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶା ଟେନିସ ବଲ ସଂଘର ସାଧାରଣ ସମ୍ପାଦକ ଥିବା ଶିଥିଳ କୁମାର ପଣ୍ଡା ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ଲାଗି ଶ୍ରୀ ପଣ୍ଡାଙ୍କୁ ଓଡ଼ିଶା ସଂଘର କର୍ମକର୍ତ୍ତା ଓ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

**ଜାତୀୟ କାନୋଏ ସ୍ପ୍ରିଣ୍ଟ୍ ଚାମ୍ପିଅନ୍‌ସିପ**

## ଓଡ଼ିଶାକୁ ୩ଟି ଚାମ୍ପିଅନ ଟ୍ରଫି

**କଟକ,୧୨।୨(ସମିସ)**




ମଧ୍ୟପ୍ରଦେଶ ଭୋପାଳର ଲୋୟର ଲେକ୍‌ରେ ଅନୁଷ୍ଠିତ କନିଷ୍ଠ ଏବଂ ଉପକନିଷ୍ଠ ୩୪ତମ ଜାତୀୟ କାନୋଏ ସ୍ପ୍ରିଣ୍ଟ ପ୍ରତିଯୋଗିତାରେ ଓଡ଼ିଶା ଦଳଗତ ଭାବେ ଚାମ୍ପିଅନ ହୋଇଛି। ଏତଦବ୍ୟତୀତ ଉପକନିଷ୍ଠ ବାଳକ ଏବଂ ବାଳିକା ଇଭେଣ୍ଟରେ ମଧ୍ୟ ଓଡ଼ିଶାକୁ ଚାମ୍ପିଅନ ଟ୍ରଫି ମିଳିଛି। କନିଷ୍ଠ ବାଳକ ଏବଂ ବାଳିକା ଇଭେଣ୍ଟରେ ଓଡ଼ିଶା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛି। ତେବେ ଏହି ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୪୦ଟି ପଦକ ଜିତିଛି। ଏହା ଭିତରେ ୨୫ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି। ସୋମବାର ତଥା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ୨୦୦ମିଟର ବିଶିଷ୍ଟ ଇଭେଣ୍ଟ ସବୁ ଖେଳାଯାଇଥିଲା। ଉପକନିଷ୍ଠ ବାଳକ କାୟାକିଂ-୧ରେ ଦେବ ଚୌଧୁରୀ ସ୍ୱର୍ଣ୍ଣ ପଦକ, କାୟାକିଂ-୨ରେ ଡାଏମଣ୍ଡ ଏବଂ ସନ୍ତୋଷ ରୌପ୍ୟ ପଦକ, କାୟାକିଂ-୪ରେ ଦେବ ଚୌଧୁରୀ, ସନ୍ତୋଷ, ଡାଏମଣ୍ଡ ଏବଂ ମୁକେଶ ସ୍ୱର୍ଣ୍ଣ ପଦକ, ଉପକନିଷ୍ଠ ବାଳିକା କାୟାକିଂ-୧ରେ ଧନମଞ୍ଜରୀ ସ୍ୱର୍ଣ୍ଣ ପଦକ, କାୟାକିଂ-୨ରେ ଆଞ୍ଚଲ ଏବଂ ଯାଇଫାତୋମ୍ବି ସ୍ୱର୍ଣ୍ଣ ପଦକ, କାୟାକିଂ-୪ରେ ଆଞ୍ଚଲ, ଯାଇଫାତୋମ୍ବି, ସୋନିଆ ଏବଂ ଧନମଞ୍ଜରୀ ସ୍ୱର୍ଣ୍ଣ ପଦକ, ଉପକନିଷ୍ଠ ବାଳକ କାନୋଇଂ-୨ରେ ବିଶନ ଏବଂ ନିର୍ଭୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ଶୁଭେଚ୍ଛା ଜଣାଇଛନ୍ତି।

## ପଡ଼ିଆରେ ବଜ୍ରପାତ ଫୁଟ୍‌ବଲ ଖେଳାଳିଙ୍କ ବିୟୋଗ

**ଜାକର୍ତ୍ତା, ୧୨।୨ (ଏଜେନ୍ସି):** ଇଣ୍ଡୋନେସିଆରେ ଏକ ଫୁଟ୍‌ବଲ ମ୍ୟାଚ୍ ସମୟରେ ଚକିତ କଲା ଭଳି ଘଟଣା ଦେଖିବାକୁ ମିଳିଛି। ପଶ୍ଚିମ ଜାଭାର ଏକ ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ସମୟରେ ହଠାତ୍ ଜଣେ ଖେଳାଳିଙ୍କ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ୩୫ ବର୍ଷୀୟ ଜଣେ ଖେଳାଳିଙ୍କ ବିୟୋଗ ଘଟିଛି। ଶନିବାର ଅପରାହ୍ଣ ୪ଟାରେ ସିଲିୱାଙ୍ଗି ଷ୍ଟାଡିୟମରେ ଏଫ୍‌ଏଲ୍‌ଓ ଏଫ୍‌ସି ବନଡୁଙ୍ଗ ଓ ଏଫ୍‌ବିଆଇ ସୁବାଙ୍ଗ ମଧ୍ୟରେ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ୪ଟା ୨୦ରେ ମ୍ୟାଚ୍ ଚାଲିଥିବାବେଳେ ଏହି ଖେଳାଳିଙ୍କ ଉପରେ ବଜ୍ରପାତ ହୋଇଥିଲା।

**● ୧୮ରୁ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ବାସ୍କେଟବଲ୍‌ରେ ସଂଗ୍ରାମ ନାୟକଙ୍କୁ ରେଫ୍‌ରୀ ଦାୟିତ୍ୱ



**ଭୁବନେଶ୍ୱର, ୧୨।୨ (ସମିସ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣ ଚଳିତ ମାସ ୧୮ରୁ ଆସାମର ଗୌହାଟୀଠାରେ ଆରମ୍ଭ ହେବାକୁ ଯାଉଛି। ଚାରି ଦିନ ଧରି ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର ବାସ୍କେଟବଲ୍ କ୍ରୀଡ଼ାରେ ମ୍ୟାଚ୍ ପରିଚାଳନା ଲାଗି ଓଡ଼ିଶାରୁ ଏକମାତ୍ର ରେଫରୀ ଭାବେ ସଂଗ୍ରାମ ନାୟକ ମନୋନୀତ ହୋଇଛନ୍ତି। ସେ ଟେକନିକାଲ ଅଫିସିଆଲ୍ ଦାୟିତ୍ୱ ତୁଲାଇବେ। କଟକ କମିସନରେଟ୍ ପୋଲିସରେ କାର୍ଯ୍ୟରତ ସଂଗ୍ରାମ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଶେଷ ହୋଇଥିବା ଜାତୀୟ କନିଷ୍ଠ ବାସ୍କେଟବଲ୍ ପ୍ରତିଯୋଗିତାର ୭୩ତମ ସଂସ୍କରଣରେ ମଧ୍ୟ ରେଫରୀ ଦାୟିତ୍ୱ ସଫଳତାର ସହ ସମ୍ପନ୍ନ କରିଥିଲେ। ୪୭ ବର୍ଷୀୟ ସଂଗ୍ରାମ ବର୍ତ୍ତମାନ ସୁଦ୍ଧା ୫ ଅନ୍ତର୍ଜାତୀୟ ମ୍ୟାଚ୍, ୧୦୦ ଜାତୀୟ ମ୍ୟାଚ୍ ଓ ୮ ଖେଲୋ ଇଣ୍ଡିଆ ମ୍ୟାଚ୍ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିସାରିଛନ୍ତି। ଏହି ଅବସରରେ ସଂଗ୍ରାମଙ୍କୁ ଓଡ଼ିଶା ବାସ୍କେଟବଲ୍ ସଂଘ ପକ୍ଷରୁ ସଭାପତି ଜ୍ଞାନ ରଞ୍ଜନ ପରିଡ଼ା ଓ ସମ୍ପାଦକ ଅଶୋକ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ସିକେ ନାଇଡୁ ଟ୍ରଫି; ଓଡ଼ିଶା ଅଗ୍ରଣୀ

**କଟକ,୧୨।୨(ସମିସ):** ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପାଳି ଅଗ୍ରଣୀ ହାସଲ କରିଛି। ଘରୋଇ ଆସାମର ପ୍ରଥମ ପାଳି ୨୨୩ ରନରେ ସୀମିତ ରହିବା ପରେ ସୋମବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୪ ୱିକେଟ ବିନିମୟରେ ୨୫୮ ରନ ସଂଗ୍ରହ କରିଛି। ଅଧିନାୟକ ଅନିଲ ପରିଡ଼ା ୮୫ ଏବଂ ଶାଶ୍ୱତ ମହାନ୍ତି ୨୦ ରନରେ ଅପରାଜିତ ରହିଛନ୍ତି। ପ୍ରକାଶଥାଉକି, ଅସମାପ୍ତ ପ୍ରଥମ ପାଳି ୨୧୭/୯ରୁ ସୋମବାରର ଖେଳ ଆରମ୍ଭ କରିଥିଲା ଆସାମ। ଦଳୀୟ ସ୍କୋରରେ ଆଉ ୬ ରନ ଯୋଡ଼ି ହେବା ସହ ଅନ୍ତିମ ୱିକେଟର ପତନ ଘଟିଥିଲା। ଅବଶିଷ୍ଟ ଗୋଟିଏ ୱିକେଟ ଦଖଲ କରି ବାଦଲ ବିଶ୍ୱାଳ ପାଞ୍ଚ ୱିକେଟ ସଫଳତା ପାଇଥିଲେ। ଏହାପରେ ଅଧିନାୟକ ଅନିଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ସମେତ ଓପନର ଓମ୍.ଟି ମୁଣ୍ଡେଙ୍କ ୪୯, ୱିକେଟକିପର ସାୱନ ପହରିୟାଙ୍କ ୫୧ ରନର ଉପଯୋଗୀ ପାଳି ବଳରେ ଓଡ଼ିଶା ଅଗ୍ରଣୀ ହାସଲ କରିବାରେ ସମର୍ଥ ହୋଇଛି।

## ପ୍ୟାରିସ୍ ଅଲିମ୍ପିକ୍ସ: ବ୍ରାଜିଲ ନିରାଶ

**କାରାକାସ୍, ୧୨।୨(ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ବ୍ରାଜିଲ ଚଳିତବର୍ଷ ପ୍ୟାରିସରେ ହେବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଦକ୍ଷିଣ ଆମେରିକୀୟ କୋଟାରେ ଦୁଇ ଶ୍ରେଷ୍ଠ ଦଳ ଅଲିମ୍ପିକ୍ସରେ ଖେଳିବାର ନିୟମ ରହିଛି। କିନ୍ତୁ ରବିବାର ଖେଳାଯାଇଥିବା ରାଉଣ୍ଡ ରବିନ ଲିଗ୍‌ର ଶେଷ ମୁକାବିଲାରେ ବ୍ରାଜିଲ ୦-୧ ଗୋଲ୍‌ରେ ଆର୍ଜେଣ୍ଟିନାଠାରୁ ପରାଜିତ ହୋଇଥିଲା। ଫଳରେ ଦଳ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏହି ମ୍ୟାଚ୍ ପରେ ଆର୍ଜେଣ୍ଟିନା ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲାବେଳେ ପାରାଗୁଏ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ଫଳରେ ବ୍ରାଜିଲ ତୃତୀୟ ସ୍ଥାନରେ ରହି ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ଅଲିମ୍ପିକ୍ସ ଫୁଟବଲରେ ୨୩ ବର୍ଷରୁ କମ୍ ଦଳ ଅଂଶଗ୍ରହଣ କରିଥାଏ। ବ୍ରାଜିଲର ଟିମ୍ ଗତ ୪ ବର୍ଷରେ ପଦକ ଜିତିଆସୁଥିଲା। କିନ୍ତୁ ଏହି ପରାଜୟ ଫଳରେ ଦଳର ଅଲିମ୍ପିକ୍ସରେ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା।

**ରଣଜୀ ଟ୍ରଫି: ଉତ୍ତରାଖଣ୍ଡ ୧୬୨ ରନ୍‌ରେ ବିଜୟୀ, ଧାପୋଲା ଶ୍ରେଷ୍ଠ ଖେଳାଳି**

# ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା ଧୂଳିସାତ୍

**କଟକ,୧୨।୨(ସମିସ)**



ଉତ୍ତରାଖଣ୍ଡଠାରୁ ଶୋଚନୀୟଭାବେ ପରାସ୍ତ ହେବା ସହିତ ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର କ୍ୱାର୍ଟରଫାଇନାଲ ଆଶା ଧୂଳିସାତ ହୋଇଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶାକୁ ୧୬୨ରନରେ ଉତ୍ତରାଖଣ୍ଡ ହରାଇଛି। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ନିମନ୍ତେ ଏହି ମ୍ୟାଚ୍‌ରେ ବିଜୟ ପଏଣ୍ଟ ହାସଲ କରିବା ଓଡ଼ିଶା ନିମନ୍ତେ ଜରୁରୀ ରହିଥିଲା। ମାତ୍ର ଦଳ ଡ୍ର ପଏଣ୍ଟ ହାତେଇବାରେ ମଧ୍ୟ ସକ୍ଷମ ହୋଇପାରିଲା ନାହିଁ। ଚଳିତ ସଂସ୍କରଣର ଲିଗ ପର୍ଯ୍ୟାୟରେ ଓଡ଼ିଶାର ଏହା ୩ୟ ପରାଜୟ। ୬ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୩ଟି ପରାଜୟ ଏବଂ ୨ଟି ଅମୀମାଂସିତ ବଳରେ ଦଳ ୧୨ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଡି' ଟେବୁଲର ୭ମ ସ୍ଥାନରେ ରହିଛି। ଏହି ମ୍ୟାଚର ଫଳାଫଳ ଓଡ଼ିଶା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏହି ମ୍ୟାଚ୍‌ରେ ୮ଟି ୱିକେଟ ନେଇ ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଥିବା ଉତ୍ତରାଖଣ୍ଡର ଫାଷ୍ଟ ବୋଲର ଦୀପକ ଧାପୋଲାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ହାତରେ ୮ ୱିକେଟ ବଳକା ରଖି ଶେଷ ଦିନରେ ୩୬୦ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ମୋଟ୍ ୨୧୪ରନରେ ଅଲଆଉଟ ହୋଇଛି। ଅସମାପ୍ତ ଦ୍ୱିତୀୟ ପାଳି ୧୭/୨ରୁ ସୋମବାର ତଥା ମ୍ୟାଚ୍‌ର ଅନ୍ତିମ ଦିବସ ଖେଳ ଓଡ଼ିଶା ଆରମ୍ଭ କରିଥିଲା। ସନ୍ଦୀପ ପଟ୍ଟନାୟକ ୮ରନ ଏବଂ ନାଇଟ ୱାଚମ୍ୟାନ ଦେବବ୍ରତ ପ୍ରଧାନ ୧ରନରେ ଅପରାଜିତ ଥିଲେ। ଖେଳର ଦ୍ୱିତୀୟ ଓଭରରେ ସନ୍ଦୀପଙ୍କ ୱିକେଟ ପତନ ଘଟିଥିଲା। ବ୍ୟକ୍ତିଗତ ସ୍କୋରରେ କୌଣସି ରନ ଯୋଡ଼ିବା ପୂର୍ବରୁ ଡାହାଣହାତୀ ମିଡିୟମ ପେସର ଦୀପକ ଧାପୋଲାଙ୍କ ଶିକାର ହୋଇଥିଲେ। ଏହି ୱିକେଟ ପତନ ପରେ ମ୍ୟାଚକୁ ବଞ୍ଚାଇବା ଦିଗରେ ଓଡ଼ିଶା ଖେଳାଳିମାନେ ଉଦ୍ୟମ କରିଥିଲେ। ଦଳର ସ୍କୋରବୋର୍ଡ ଧୀମା ଗତିରେ ବୃଦ୍ଧି ଘଟୁଥିଲେ ସତ୍ତ୍ୱେ ଉତ୍ତରାଖଣ୍ଡକୁ ୱିକେଟ ସଂଗ୍ରହ କରିବାକୁ ଦେଇନଥିଲେ। ମାତ୍ର ଉତ୍ତରାଖଣ୍ଡର ଶାଣିତ ବୋଲିଂ ଆଟାକ୍ ସମ୍ମୁଖରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ବିଫଳ ସାବ୍ୟସ୍ତ ହୋଇଥିଲା। ଶୁଭ୍ରାଂଶୁ ଶେଖର ସେନାପତି ୧୫୧ବଲରୁ ୬୧ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଦେବବ୍ରତ ପ୍ରଧାନ ୩୭ରନରେ ଆଉଟ ହୋଇଥିବା ବେଳେ ଗୋବିନ୍ଦ ପୋଦ୍ଦାର ୭୦ ବଲରୁ ୧୯ରନ, ବିପ୍ଳବ ସାମନ୍ତରାୟ ୫୪ବଲରୁ ୧୫ରନ, ପ୍ରୟାସ ସିଂହ ୪୧ବଲରୁ ୯ରନ କରି ଆଉଟ ହୋଇଥିଲେ। ୧୭୬ରନରେ ୮ଟି ୱିକେଟ ହରାଇ ସାରିଥିବା ଓଡ଼ିଶା ସମ୍ମୁଖରେ ପରାଜୟବାଟ ଉନ୍ମୁକ୍ତ ହୋଇ ସାରିଥିଲା। ନିମ୍ନକ୍ରମରେ ରାଜେଶ ମହାନ୍ତି(୬୧ବଲରୁ ୧୯ରନ) ଏବଂ ହର୍ଷିତ ରାଥୋଡ(୪୧ବଲରୁ ୧୬ରନ) ଦୀର୍ଘ ସମୟ କ୍ରିଜରେ ତିଷ୍ଠି ରହିଥିଲେ ସୁଦ୍ଧା ଦଳକୁ ପରାଜୟରୁ ବର୍ତ୍ତାଇ ପାରିନଥିଲେ। ଚଳିତ ସଂସ୍କରଣରେ ଉତ୍ତରାଖଣ୍ଡ ନିମନ୍ତେ ସର୍ବାଧିକ ୱିକେଟ ଦଖଲ କରିଥିବା ଦୀପକ ଧାପୋଲା ୫ ୱିକେଟ ଦଖଲ କରି ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଲିଗ ପର୍ଯ୍ୟାୟରେ ଦୀପକଙ୍କର ଏହା ୩ୟ ପାଞ୍ଚ ୱିକେଟ ସଫଳତା। ମୟଙ୍କ ମିଶ୍ର ୨ଟି, ସ୍ୱପ୍ନିଲ ସିଂହ ୨ଟି ଏବଂ କୁନାଲ ଚାଣ୍ଡେଲା ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

ଏହି ମ୍ୟାଚ୍ ପରେ ଦୁଇ ଦଳ ମଧ୍ୟରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହା ମଧ୍ୟରୁ ଓଡ଼ିଶା ଗୋଟିକରେ ଜିତିଥିଲାବେଳେ ଉତ୍ତରାଖଣ୍ଡ ୨ଟି ମ୍ୟାଚ୍‌ରେ ଜିତିଛି। ଡ୍ରିମ୍ସରେ ଉଭୟ ଦଳ ପରସ୍ପର ସହ ଥରେ ଲେଖାଏଁ ଖେଳିଛନ୍ତି। ଏଠାରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଘରୋଇ ଦଳ ଏଠାରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଜିତିଥିଲାବେଳେ ୨ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଓଡ଼ିଶା ତାହାର ଶେଷ ଲିଗ୍ ମ୍ୟାଚ୍ ଦିଲ୍ଲୀ ସହ ଦିଲ୍ଲୀରେ ଖେଳିବ। ଏହି ମ୍ୟାଚ୍‌ଟି ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଫେବୃଆରୀ ୧୬ରୁ ୧୯ ଯାଏ ଖେଳାଯିବ।

ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍

# ବିର୍ସା ମୁଣ୍ଡାରେ ହକି; ପଦାର୍ପଣରେ ହାରିଲା ଭାରତ

**ରାଉରକେଲା/ଭୁବନେଶ୍ୱର, ୧୨।୨ (ସମିସ)**

ଐତିହାସିକ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ନିଜର ପଦାର୍ପଣ ମ୍ୟାଚରେ ଘରୋଇ ଭାରତୀୟ ମହିଳା ଦଳ ପରାଜୟର ସ୍ୱାଦ ଚାଖିଛି। ସୋମବାର ଏଠାରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍ ମ୍ୟାଚରେ ଘରୋଇ ଭାରତ ୧-୨ ଗୋଲରେ ଚୀନ ନିକଟରୁ ପରାସ୍ତ ହୋଇଛି। ଚଳିତ ପ୍ରୋ ଲିଗ୍‌ରେ ଭାରତ ୨ୟଥର ଲାଗି ଚୀନ ନିକଟରୁ ହାରିଛି। ଏଥିପୂର୍ବରୁ ଗତ ସପ୍ତାହରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଚୀନ ସମାନ ୨-୧ ଗୋଲ ବ୍ୟବଧାନରେ ଭାରତକୁ ହରାଇଥିଲା। ଚଳିତ ପ୍ରୋ ଲିଗ୍‌ରେ ଚୀନ ୫ମ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ୨ୟ ସ୍ଥାନକୁ ଆହୁରି ମଜଭୁତ କରିଛି। ସେହିଭଳି ସବିତା ପୁନିଆଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ୫ମ ମ୍ୟାଚରୁ ୪ର୍ଥ ପରାଜୟ ସହ ମାତ୍ର ୩ ପଏଣ୍ଟ ପାଇ ୫ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଭାରତୀୟ ମହିଳା ଦଳ ପରବର୍ତ୍ତୀ ମ୍ୟାଚରେ ବୁଧବାର ଏଠାରେ ଶକ୍ତିଶାଳୀ ନେଦରଲାଣ୍ଡସକୁ ଭେଟିବ। ନେଦରଲାଣ୍ଡସ ବର୍ତ୍ତମାନ ସୁଦ୍ଧା ୯ ମ୍ୟାଚ ଖେଳି ୯ ବିଜୟ ସହ ୨୭ ପଏଣ୍ଟ ପାଇ ଶୀର୍ଷରେ ରହିଛି।



ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଭାରତୀୟ ମହିଳା ଦଳ ପ୍ରଥମଥର ଲାଗି ଖେଳିବାକୁ ସୋମବାର ସନ୍ଧ୍ୟାରେ ଓହ୍ଲାଇଥିଲା। ମ୍ୟାଚର ୭ମ ମିନିଟ୍‌ରେ ସଙ୍ଗୀତା କୁମାରୀ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ୭ ମିନିଟ୍ ପରେ ଭ୍ରମଣକାରୀ ଦଳର ଗୁ ବିଙ୍ଗଫେଙ୍ଗ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରି ମ୍ୟାଚକୁ ୧-୧'ର ବରାବର୍ ସ୍ଥିତିକୁ ଆଣିଥିଲେ। ଏହାପରେ ୨ୟ ଓ ୩ୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଚୀନ ମ୍ୟାଚକୁ ନିଜ ସପକ୍ଷରେ ନେବାରେ ସଫଳ ହୋଇଥିଲା। ୫୩ତମ ମିନିଟ୍‌ରେ ଡି ଏରିଆରେ ତ୍ରୁଟି କାରଣରୁ ଚୀନ ଖେଳାଳିଙ୍କୁ ଏକ ପେନାଲ୍ଟି ଷ୍ଟୋକ୍ ମିଳିଥିଲା। ଏଥିରେ କୌଣସି ତ୍ରୁଟି ନ କରି ବିଙ୍ଗଫେଙ୍ଗ ବଲ୍‌କୁ ସଫଳତାର ସହ ଭାରତୀୟ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଚୀନ ୨-୧ରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ବଳକା ୭ ମିନିଟ୍‌ରେ ଭାରତୀୟ ଖେଳାଳି ମ୍ୟାଚକୁ ଫେରିବା ଲାଗି ଉଦ୍ୟମ କରି ବିଫଳ ହୋଇଥିଲେ। ଉଭୟ ଭାରତ ଓ ଚୀନ ଦଳ ମଧ୍ୟରେ ଏହା ୨୬ତମ ମ୍ୟାଚ୍ ଥିଲା। ଯେଉଁଥିରେ ଉଭୟ ଦଳ ୧୨ଟି ଲେଖାଏ ବିଜୟ ହାସଲ କରିଥିବାବେଳେ ୨ଟି ମୁକାବିଲା ଅମୀମାଂସିତ ରହିଥିଲା।

### ଅପରାଜେୟ ନେଦରଲାଣ୍ଡସ

ଏଥିପୂର୍ବରୁ ସନ୍ଧ୍ୟାରେ ଖେଳାଯାଇଥିବା ଏକ ମ୍ୟାଚରେ ନେଦରଲାଣ୍ଡସ ମହିଳା ହକି ଦଳ ୪-୦ ଗୋଲରେ ଏକପାଖିଆ ଭାବେ ଆମେରିକାକୁ ପରାସ୍ତ କରିଛି। ବିଜୟୀ ନେଦରଲାଣ୍ଡସର ଭାନ ଡର୍ ଏଲଷ୍ଟ ଫାଏ ୨ଟି ଗୋଲ୍ ଦେଇଥିଲେ। ଏଥିସହ ନେଦରଲାଣ୍ଡସ ୯ମ ମ୍ୟାଚ୍‌ରୁ ୯ମ ବିଜୟ ସହ ପ୍ରତିଯୋଗିତାରେ ଏହାର ବିଜୟ ଧାରାକୁ ଜାରି ରଖିବାରେ ସଫଳ ହୋଇଛି। ଆମରିକାର ଏହାର ୫ମ ମ୍ୟାଚରୁ ୫ମ ପରାଜୟ ଥିଲା।

● ଭାରତ-ଇଂଲଣ୍ଡ ତୃତୀୟ କ୍ରିକେଟ ଟେଷ୍ଟ ୧୫ରୁ

# ରାହୁଲ ବାଦ୍, ପାଡିକଲ ସାମିଲ



**ରାଜକୋଟ, ୧୨।୨ (ଏଜେନ୍ସି):** ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସଂଘର୍ଷ କରୁଥିବା ଭାରତୀୟ ଦଳକୁ ଆଉ ଏକ ଧକ୍କା ଲାଗିଛି। ଭାରତୀୟ ଦଳର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ଲୋକେଶ ରାହୁଲ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ କର୍ଣ୍ଣାଟକର ଅନ୍ୟତମ ବ୍ୟାଟର ଦେବଦତ୍ତ ପାଡ଼ିକଲଙ୍କୁ ସାମିଲ କରାଯାଇଛି। ତୃତୀୟ ଟେଷ୍ଟ ଲାଗି ଚୟନ କମିଟି ଖେଳାଳି ଚୟନ କଲାବେଳେ ରାହୁଲ ଓ ରବୀନ୍ଦ୍ର ଜାଡେଜା ଫିଟ୍‌ନେସ ଟେଷ୍ଟରେ ପାସ୍ ହେଲେ ଦଳରେ ସାମିଲ ହେବେ। କିନ୍ତୁ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଚିକିତ୍ସିତ ହେଉଥିବା ରାହୁଲ ସୋମବାର ହୋଇଥିବା ଫିଟ୍‌ନେସ ଟେଷ୍ଟରେ ବିଫଳ ହୋଇଛନ୍ତି। ଏଣୁ ତାଙ୍କୁ ରାଜକୋଟରେ ଆସନ୍ତା ୧୫ରୁ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟରୁ ବାଦ୍ ଦିଆଯାଇଛି। କିନ୍ତୁ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଫିଟ୍ ଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇଛି। ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଏବେ ୧-୧ରେ ସମାନସ୍ତରରେ ରହିଛି। ଅନ୍ୟତମ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ମତରେ ଏବେଠାରୁ ଇଂଲଣ୍ଡ ବିପକ୍ଷରେ ପ୍ରକୃତ ଲଢ଼େଇ ଆରମ୍ଭ ହେବ।

### ପଦାର୍ପଣ କରିପାରନ୍ତି ଧ୍ରୁବ ଜୁରେଲ



ଅନ୍ୟପକ୍ଷରେ ଭାରତୀୟ ଦଳର ଟିମ୍ ମ୍ୟାନେଜମେଣ୍ଟ ୱିକେଟରକ୍ଷକ ଶ୍ରୀକର ଭରତଙ୍କ ପ୍ରଦର୍ଶନ ଉପରେ ସନ୍ତୁଷ୍ଟ ନାହାନ୍ତି। ବ୍ୟାଟିଂ ହେଉ କିମ୍ବା କିପିଙ୍ଗ୍‌ରେ ତାଙ୍କ ପ୍ରଦର୍ଶନ ଆଦୌ ଉତ୍ସାହଜନକ ହେଉନାହିଁ। ମିଳିଥିବା ସୂଚନା ଅନୁଯାୟୀ ଭରତଙ୍କୁ ତୃତୀୟ ଟେଷ୍ଟରେ ଖେଳିବାର ସୁଯୋଗ ମିଳି ନପାରେ। ରାହୁଲ ବାଦ୍ ପଡ଼ିବା ପରେ ଯୁବ ଖେଳାଳି ଧ୍ରୁବ ଜୁରେଲଙ୍କୁ ଟେଷ୍ଟ ଜୀବନ ଆରମ୍ଭ କରିବାର ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ୧୯ ବର୍ଷରୁ କମ୍ ଦଳ ଓ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳି ଜୁରେଲ ତାଙ୍କ ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ଭାରତ-ଏ' ପକ୍ଷରୁ ସେ ଦକ୍ଷିଣ ଆଫ୍ରିକା-ଏ' ଓ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଖେଳି ଉତ୍ସାହଜନକ ଖେଳ ପ୍ରଦର୍ଶନ କରିଛନ୍ତି। ଏଣୁ ଏଠାରେ ତାଙ୍କର ଖେଳିବା ଆଶା ଉତ୍ସାହଜନକ।

### ବିଶ୍ରାମ ନେବେ ଯଶପ୍ରୀତ ବୁମ୍‌ରା

ତୃତୀୟ ଟେଷ୍ଟରେ ଭାରତ ପକ୍ଷରୁ ଦୁଇ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ଖେଳିବେ। କିନ୍ତୁ ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରେ ତାଙ୍କୁ ବିଶ୍ରାମ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଆଭେଶ ଖାନ୍‌ଙ୍କୁ ସୁଯୋଗ ଦିଆ ନ ଯାଇ ଦଳରୁ ବାଦ୍ ଦେବା ପରେ ଚୟନକର୍ତ୍ତା ସମାଲୋଚିତ ହୋଇଛନ୍ତି। ସେ କିମ୍ବା ଆକାଶଦୀପ ରାଞ୍ଚିରେ ସିରାଜଙ୍କ ପାର୍ଟନର ହେବେ ବୋଲି ଆଶା କରାଯାଉଛି।

## କିଟ୍-କିସ୍, ବିଡ଼ାନାସୀ, ଫାଓ ବିଜୟୀ

**କଟକ,୧୨।୨(ସମିସ):** କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ (୧୩ବର୍ଷରୁ କମ୍ ବୟସ ବର୍ଗ)ରେ ସୋମବାର ୩ଟି ମ୍ୟାଚ୍ ଖେଳାଯାଇଛି। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କିଟ-କିସ୍ ୧-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଥିଲା। କିଟ-କିସର ସଞ୍ଚିତା ବୁଦୁଲା ଏକମାତ୍ର ବିଜୟୀ ସୂଚକ ଗୋଲ ଦେଇଥିଲେ। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବିଡାନାସୀ କ୍ଲବ ୮-୦ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରିଛି। ବର୍ଷାରାଣୀ ନାଏକ ଓ ପ୍ରୀତି ସାମଲ ୪ଟି ଲେଖାଏ ଗୋଲ ଦେଇଥିଲେ। ଫାଓ ଏକାଡେମୀ ୭-୦ ଗୋଲରେ ପପୁଲାର କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ଆଦ୍ରିଜା ଜେନା ୩ଟି, ସାକ୍ଷୀ ପଟେଲ ୨ଟି, ମନୀଷା ଦାସ ଏବଂ ଅନ୍ତରା ଦଉଳି ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

## କ୍ରିକେଟ୍‌ରୁ ଅବସର ନେବେ ଦୁଇ ତିୱାରୀ

**କୋଲକାତା, ୧୨।୨ (ଏଜେନ୍ସି):** ଭାରତୀୟ ଦଳର ଦୁଇ ପ୍ରାକ୍ତନ ଖେଳାଳି ମନୋଜ ତିୱାରୀ ଓ ସୌରଭ ତିୱାରୀ କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ନେବାକୁ ଘୋଷଣା କରିଛନ୍ତି। ଚଳିତ ରଣ୍ଜୀ ଟ୍ରଫିର ରାଉଣ୍ଡ-୭ ଫେବୃଆରୀ ୧୬ରୁ ଆରମ୍ଭ ହେବ। ଏହାପରେ ଦୁଇ ତିୱାରୀ କ୍ରିକେଟ୍‌କୁ ଅଲ୍‌ବିଦା କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଉଭୟ ମନୋଜ ଓ ସୌରଭ ବର୍ତ୍ତମାନ ରଣ୍ଜୀ ଟ୍ରଫିରେ ଯଥାକ୍ରମେ ବେଙ୍ଗଲ ଓ ଝାଡ଼ଖଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ରଣ୍ଜୀ ଟ୍ରଫିର ଅନ୍ତିମ ତଥା ୭ମ ରାଉଣ୍ଡରେ ବେଙ୍ଗଲ ଘରୋଇ ଇଡେନ ଗାର୍ଡେନ୍ସରେ ବିହାରକୁ ଭେଟିବ। ସେହିଭଳି ଜାମସେଦପୁରରେ ରାଜସ୍ଥାନ ସହ ଖେଳିବ ଝାଡ଼ଖଣ୍ଡ। ଏହି ମ୍ୟାଚ୍ ହିଁ ଉଭୟ ଖେଳାଳିଙ୍କ ଶେଷ ମ୍ୟାଚ୍ ହେବ। ଭାରତ ପାଇଁ ୧୨ଟି ଦିନିକିଆ ଓ ୩ଟି ଟି-୨୦ ଖେଳିଥିବା ମନୋଜ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ ମଧ୍ୟ ଘରୋଇ କ୍ରିକେଟ୍‌ରେ ସକ୍ରିୟ ଥିଲେ। ସେ ୧୧୯ ପ୍ରଥମ ଶ୍ରେଣୀ ଓ ୧୬୩ ଲିଷ୍ଟ-ଏ ମ୍ୟାଚ୍ ଖେଳି ଯଥାକ୍ରମେ ୮୭୫୨ ଓ ୫୪୬୬ ରନ ସଂଗ୍ରହ କରିଛନ୍ତି। ଅପରପକ୍ଷରେ ୩୪ ବର୍ଷୀୟ ବାମହାତୀ ବ୍ୟାଟର୍ ସୌରଭ ୧୧୫ ପ୍ରଥମ ଶ୍ରେଣୀ ଓ ୧୧୬ ଲିଷ୍ଟ-ଏ ମ୍ୟାଚ୍ ଖେଳିଯଥାକ୍ରମେ ୮୦୩୦ ଓ ୪୦୫୦ ରନ କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୩ • ପାଉଣ୍ଡ ୧୦୫.୧୫
- ୟୁରୋ ୮୯.୮୪ • ୟେନ୍ ୦.୫୫

### ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୭୦୦ (ନୂଆଦିଲ୍ଲୀ)
- ରୁପା : ୭୫,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୦୭୨.୦୦
- ନିଫ୍ଟି ୨୧,୬୧୬.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



**ଇଏସ୍ଆଇସି ନିୟମରେ ବଡ଼ ପରିବର୍ତ୍ତନ**

# ଅଧିକ ବେତନଧାରୀ ପୂର୍ବତନ କର୍ମଚାରୀ ପାଇବେ ଚିକିତ୍ସା ସେବା

ନୂଆଦିଲ୍ଲୀ,୧୨।୨(ସମିସ)

ରାଜ୍ୟ କର୍ମଚାରୀ ବୀମା ନିଗମ (ଇଏସଆଇସି) ନିୟମରେ ହୋଇଛି ବଡ଼ ପରିବର୍ତ୍ତନ। ଏହା ଜରିଆରେ ନିଗମ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛି। ଏହା ଅଧୀନରେ ବର୍ତ୍ତମାନ ପାଇଁ ଉପଲବ୍ଧ ହେବ ଯେଉଁମାନେ ୧ ଏପ୍ରିଲ୍ ୨୦୧୨ ପରେ ଅତି କମରେ ପାଞ୍ଚ ବର୍ଷ ପାଇଁ ଇଏସଆଇସି ସ୍କିମ୍ ଅଧୀନରେ ରହିଥିବେ। ନିକଟରେ ଅନୁଷ୍ଠିତ ଇଏସଆଇସି ବୈଠକରେ ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି।

ଏହାଛଡା ଇଏସଆଇସି ନିୟମ

## ବୈଠକରେ ପ୍ରସ୍ତାବକୁ ଅନୁମୋଦନ




ସେହି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମଧ ଚିକିତ୍ସା ସେବାର ଲାଭ ମିଳିବ, ଯେଉଁମାନେ ବେତନ ସୀମା ଅଧିକ ହେତୁ ଇଏସଆଇସି ଯୋଜନାରୁ ବଞ୍ଚିତ ହେଉଥିଲେ। ନିୟମ ଅନୁଯାୟୀ, ଏହାର ଲାଭ ସେହି କର୍ମଚାରୀଙ୍କ ଅନୁଯାୟୀ, ୨୦୧୭ ଏପ୍ରିଲ୍ ପହିଲା କିମ୍ବା ପରେ ଯଦି କର୍ମଚାରୀ ଜଣକ ମାସକୁ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବେତନ ସହିତ ଅବସର ନେଇଥିବେ କିମ୍ବା ସ୍ୱେଚ୍ଛାକୃତ ଅବସର ନେଇଥିବେ ସେ ଇଏସଆଇସି ଯୋଜନାରେ ସାମିଲ ହୋଇପାରିବେ। ପ୍ରଚଳିତ ନିୟମାନୁଯାୟୀ, ସେହି କର୍ମଚାରୀଙ୍କ ପାଇଁ ଇଏସଆଇସି ଯୋଜନାର ଲାଭ ଉପଲବ୍ଧ, ଯେଉଁମାନଙ୍କର ମାସିକ ଆୟ ୨୧ ହଜାର କିମ୍ବା ତା'ଠାରୁ କମ୍। ଯେତେବେଳେ କି ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ସର୍ବନିମ୍ନ ବେତନର ସୀମା ହେଉଛି ମାସକୁ ୨୫,୦୦୦ ଟଙ୍କା। ଏହି ଯୋଜନାରେ ଉଭୟ କର୍ମଚାରୀ ଏବଂ ନିଯୁକ୍ତିଦାତା ଯୋଗଦାନ ଦେଇଥାନ୍ତି।

ଅବସରପ୍ରାପ୍ତ କର୍ମଚାରୀ ଏବଂ ସ୍ଥାୟୀ ଭାବେ ଅକ୍ଷମ ବୀମାଭୁକ୍ତ ବ୍ୟକ୍ତି ଏବଂ ସେମାନଙ୍କ ପତି-ପତ୍ନୀ ବାର୍ଷିକ ୧୨୦ ଟଙ୍କା ପ୍ରିମିୟମରେ ଚିକିତ୍ସା ସେବା ପାଇବେ। ବୀମାଭୁକ୍ତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ ଉପରେ କୌଣସି ସୀମା ନାହିଁ। ଏହି ଯୋଜନା ଅଧୀନରେ କର୍ମଚାରୀମାନଙ୍କୁ ଇଏସଆଇ କାର୍ଡ ଦିଆଯାଉଛି। କର୍ମଚାରୀମାନେ ଇଏସଆଇ ଡିସପେନସାରି କିମ୍ବା ଡାକ୍ତରଖାନାରେ ମାଗଣା ଚିକିତ୍ସା ପାଇପାରିବେ। ଏଠାରେ ଇଏସଆଇସିର ଦେଶରେ ୧୫୦ରୁ ଅଧିକ ଡାକ୍ତରଖାନା ରହିଛି, ଯେଉଁଠାରେ ସାଧାରଣଠାରୁ ବଡ଼ ରୋଗର ଚିକିତ୍ସା ସୁବିଧା ଉପଲବ୍ଧ।

## ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ପାଇଁ ସବୁ ରାସ୍ତା ବନ୍ଦ !

**ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି):** ପେଟିଏମ୍ ପେମେଣ୍ଟ୍ସ ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ସମୀକ୍ଷାର କୌଣସି ସମ୍ଭାବନା ଦେଖାଯାଉନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୋମବାର କହିଛନ୍ତି। ଆଇବିଆଇ ଫିନଟେକ୍ କ୍ଷେତ୍ରକୁ ସମର୍ଥନ କରୁଛି, ଏହାସହ ସେ ଗ୍ରାହକଙ୍କ ହିତର ରକ୍ଷା ସହ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମଧ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଅନୁମାନ କରାଯାଉଛି ଯେ କେନ୍ଦ୍ରୀୟ ବ୍ୟାଙ୍କ ଖୁବଶୀଘ୍ର ପେଟିଏମ୍ ମାମଲାରେ ଏଫଏକ୍ୟୁ ଜାରି କରିବ।

## ୫୯, ୧୦୦ ଭାରତୀୟଙ୍କୁ ମିଳିଛି ଆମେରିକା ନାଗରିକତା

**ୱାଶିଂଟନ, ୧୨।୨ (ଏଜେନ୍ସି):** ଗତ ବର୍ଷ ଆମେରିକା ୫୯,୧୦୦ ଭାରତୀୟଙ୍କୁ ନାଗରିକତା ପ୍ରଦାନ କରିଛି। ଆମେରିକା ନାଗରକିତା ଏବଂ ଇମିଗ୍ରେସନ ସେବା (ୟୁଏସ୍‌ସିଆଇଏସ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଆମେରିକା ୨୦୨୩ରେ ୮.୭ ଲକ୍ଷ ବିଦେଶୀ ନାଗରିକଙ୍କୁ ନାଗରିକତା ଦେଇଥିଲା। ଏହା ମଧରେ ୬.୭ ପ୍ରତିଶତ ଭାରତୀୟ ସାମିଲ ଥିଲେ। ଏହି ଅବଧିରେ ଆମେରିକା ସର୍ବାଧିକ ୧.୧ ଲକ୍ଷ ମେକ୍ସିକାନ ନାଗରିକ, ଫିଲିପାଇନ୍ସର ୪୪, ୮୦୦, ଡୋମିନିକାର ୩୫,୨୦୦ ନାଗରିକଙ୍କୁ ନାଗରିକତା ପ୍ରଦାନ କରିଥିଲା। ସୂଚନାଯୋଗ୍ୟ ଯେ ଆମେରିକାରେ ଏସିଆର ୨.୩୫ କୋଟି ଲୋକ ରହୁଛନ୍ତି। ଏମାନଙ୍କ ମଧ୍ୟରେ ୫୨ ଲକ୍ଷ ଚୀନ୍ ଏବଂ ୪୮ ଲକ୍ଷ ଭାରତୀୟ ବଂଶୋଦ୍ଭବ ସାମିଲ ଅଛନ୍ତି।

## ଏଏସିସିଆଇର ୩ ଦିନିଆ ସମ୍ମିଳନୀ ଆରମ୍ଭ





**ଭୁବନେଶ୍ୱର,୧୨।୨(ସମିସ):** ଏସିଆନ୍ ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ) ଓଡିଶା ଚାପ୍ଟରର ଆନ୍ତର୍ଜାତୀୟ ବ୍ୟବସାୟିକ ସମ୍ମିଳନୀ ଏବଂ ଏକ୍ସପୋ ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନ୍ ବାଟିକାଠାରେ ଆରମ୍ଭ ହୋଇଛି। ଇଥିଓପିଆର ଆମ୍ବାସାଡାର ଦେମେକେ ଆଟ୍‌ନାଫୁ ଆମ୍ବୁଲୋ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, କେନିଆର ବୋର୍ଡ ଅଫ୍ ଚେୟାରମ୍ୟାନ୍ ଜେମ୍ସ ମ୍ୟୁର୍ୟୁ ଏମ୍‌ଏସ୍‌ଏମ୍‌ଇର ଯୁଗ୍ମ ନିର୍ଦ୍ଦେଶକ ପବନ କୁମାର ଗୁପ୍ତା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏସିସିଆଇ ଓଡିଶାର ସଭାପତି ଡଃ ଲିତା ମହାପାତ୍ର, ଏଏସିସିଆଇ ପ୍ରତିଷ୍ଠାତା ତଥା ଅଧକ୍ଷ ଜି ଡି ସିଂ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଷ୍ଟାର୍ଟ ଅପ୍ ଓଡିଶାର କାର୍ଯ୍ୟନିର୍ବାହୀ ଅଧକ୍ଷ ଓମ୍‌କାର ରାଏ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମିଳନୀ ଆସନ୍ତା ତିନି ଦିନ ଧରି ଚାଲୁ ରହିବ।

## ରେରା ଆଇନ ଉପରେ ଆଲୋଚନାଚକ୍ର




**ଭୁବନେଶ୍ୱର,୧୨।୨(ସମିସ):** ଗତକାଲି ଚାର୍ଟାଡ ଏକାଉଣ୍ଟାଣ୍ଟ ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ ଥର ପାଇଁ ରେରା ଆଇନ ଉପରେ ଏକ ଆଲୋଚନାଚକ୍ର ଏହାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ପ୍ରଦୀପ କୁମାର ସାହଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରେରା ଅଧକ୍ଷ ସିଦ୍ଧାନ୍ତ ଦାସ ଉଦ୍‌ଘାଟନ କରି ଚାର୍ଟାର୍ଡ ଏକାଉଣ୍ଟାଣ୍ଟମାନେ ରେରା ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରଦୀପ କୁମାର ବିଶ୍ୱାଳ ରେରା ଆଇନରେ ସିଏମାନଙ୍କର ଦାୟିତ୍ୱ ଓ କର୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ବିଶିଷ୍ଟ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ ପ୍ରତିଷ୍ଠାନର ସଦସ୍ୟମାନେ ରେରା ଆଇନର ସଫଳ ଉପଯୋଗ ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର କେନ୍ଦ୍ରୀୟ କମିଟି ସଦସ୍ୟ ବିନୟ ତ୍ୟାଗରାଜ ଆଇନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ଆଇଆଇଟି ଭୁବନେଶ୍ୱର ସହ ବୁଝାମଣା ସ୍ୱାକ୍ଷରିତ




**ଭୁବନେଶ୍ୱର,୧୨।୨(ସମିସ):** ନବସୃଜନ, ଗବେଷଣା ଓ ଉଦ୍ୟମିତାକୁ ସୁଦୃଢ଼ କରିବା ଲାଗି ଟାଟା ଷ୍ଟିଲ ପକ୍ଷରୁ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟ୍ରପ୍ରିନ୍ୟୋରସିପ୍ ପାର୍କ (ଆଇଆଇଟି ଭୁବନେଶ୍ୱର ଆରଇପି) ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଏହି ଏମ୍‌ଓୟୁ ଅଧୀନରେ ଟାଟା ଷ୍ଟିଲ୍ ଏବଂ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍ଥାପନ କରାଯାଇଥିବା କମ୍ପାନୀ, ଆଇଆଇଟି ଭୁବନେଶ୍ୱର ଆରଇପି ପରସ୍ପର ସହ ହାତ ମିଳାଇ ମାଟେରିଆଲ୍ସ ପ୍ରୋସେସିଂ ଓ ମଡେଲିଂ, ଶକ୍ତି ଓ ପରିବେଶ ଏବଂ ଲୋ କାର୍ବନ ଇସ୍ପାତ ଉତ୍ପାଦନ ଓ ସର୍କୁଲାର ଇକୋନୋମି ଭଳି ବିଭିନ୍ନ କ୍ଷେତ୍ରରେ ସହଯୋଗିତାର ଅନ୍ୱେଷଣ କରିବେ। ଆଇଆଇଟି ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ୍ ଅବସରରେ କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଟାଟା ଷ୍ଟିଲର ଏମ୍‌ଡି ଓ ସିଇଓ ଟି.ଭି. ନରେନ୍ଦ୍ରନ ଓ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ଆରଇପିର ଅଧକ୍ଷ ପ୍ରଫେସର ଶ୍ରୀପଦ କର୍ମାଲକରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଅବସରରେ ନରେନ୍ଦ୍ରନ କହିଛନ୍ତି ଯେ, ଦୀର୍ଘସ୍ଥାୟୀ ଇସ୍ପାତ ପ୍ରସ୍ତୁତି ଓ ଉନ୍ନତ କଞ୍ଚାମାଲ ପାଇଁ ମିଳିତ ଭାବେ ସମାଧାନ ସୃଷ୍ଟି କରିବା ଲାଗି ଆମେ କାମ କରୁଥିବାବେଳେ ଏହି ଏମ୍‌ଓୟୁ ଆଇଆଇଟି ଭୁବନେଶ୍ୱର ସହିତ ଆମ ସହଯୋଗିତାକୁ ସୁଦୃଢ଼ କରିଛି।

**କଳିଙ୍ଗ ମାରିଟାଇମ୍ ଏକ୍ସପୋ**

# 'ଓଡ଼ିଶାରେ ସୁବର୍ଣ୍ଣ ଯୁଗ ଚାଲିଛି'

**କଟକ,୧୨।୨(ସମିସ):** ବର୍ତ୍ତମାନର ଯୁବପିଢ଼ି ନିଜ ଦକ୍ଷତାର ବିକାଶ ବଳରେ ଓଡ଼ିଶାର ବିକାଶର କଥାକୁ ଅର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇପାରିବେ। ଏ ଦିଗରେ ଚିନ୍ତନ କରାଯାଉ। ନୂଆ ଯୋଜନାକୁ ସାମିଲ କରି ଏମଏସ୍‌ଏମଇର ଦକ୍ଷତାକୁ ଆହୁରି ବିକଶିତ କରାଯାଉ ବୋଲି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଉପର ବାଲିଯାତ୍ରା ପଡ଼ିଆରେ ଚାଲିଥିବା କଳିଙ୍ଗ ମାରିଟାଇମ୍ ଏକ୍ସପୋର ସୋମବାର କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ମିଶ୍ର ଉପରୋକ୍ତ ମତ ଦେଇଥିଲେ।



ଅନ୍ୟତମ ଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ ଯେ, ଯୁବକମାନେ ଆଉ ଚାକିରି ପଛରେ ଗୋଡାଉନାହାନ୍ତି। ସମସ୍ତଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଏହି ବିକାଶର ମଙ୍ଗ ଧରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯୁବକଯୁବତୀଙ୍କୁ ଚାକିରି ପାଇଁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟର ମାନଚିତ୍ର ବଦଳିଛି। ବିଧାୟକ ସୌଭିକ ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପକୁ ପ୍ରାଧାନ୍ୟ ଦେଉଛନ୍ତି, ଯାହା ଅନ୍ୟ ରାଜ୍ୟ ଗୁଡିକରେ ଦେଖିବାକୁ ମିଳୁନାହିଁ। ଚୌଦ୍ୱାର ଓଟିଏମ୍ ମିଲ୍ ସ୍ଥାନରେ ରାଜ୍ୟ ସରକାର ଏକ ବୃହତ ଶିଳ୍ପ ସ୍ଥାପନ କରିବାକୁ ଯାଉଛନ୍ତି। ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୩ହଜାର କୋଟି ଟଙ୍କା ବ୍ୟୟରେ ଟେକ୍ସଟାଇଲ ଶିଳ୍ପ ସ୍ଥାପନ ହେବ। ୨୦ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ସେ ମତ ଦେଇଥିଲେ। ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧକ୍ଷ ଚିନ୍ମୟ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ସୁବର୍ଣ୍ଣ ଯୁଗ ଚାଲିଛି ବୋଲି ମତ ଦେଇଛନ୍ତି। କୋଭିଡ ମହାମାରୀ ସମୟରେ ସମଗ୍ର ବିଶ୍ୱ ଆର୍ଥିକ ସଙ୍କଟରେ ପଡ଼ିଥିଲା। ମାତ୍ର ଆମ ରାଜ୍ୟ ସରକାର ପୁଞ୍ଜି ନିବେଶ କରିବା ସହ ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନର ଅଧକ୍ଷ ଅବନୀ କାନୁନଗୋ ଅଧକ୍ଷତା କରିଥିବାବେଳେ ସଭାପତି ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ମେନ୍ ଅଫ ପ୍ଲାଟିନମ୍ ଦ୍ୱାରା ୨୦୨୪ ଲୁକ୍‌ବୁକ୍

**ଭୁବନେଶ୍ୱର,୧୨।୨(ସମିସ):** ପ୍ଲାଟିନମ୍ ଜୁଏଲାରୀର ଅନ୍ତର୍ନିହିତ ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟର ଏକ ଚିହ୍ନ, ଏହି ସମସ୍ତ ୨୦୨୪ ପୁରୁଷଙ୍କ ଜୁଏଲାରୀ ଟ୍ରେଣ୍ଡ ସହିତ ସମ୍ମିଶ୍ରଣରେ ତତ୍‌କ୍ଷଣାତ୍ ଆପଣଙ୍କୁ ଭିନ୍ନ ଭାବରେ ସ୍ଥାନିତ କରିବ, ଯାହା ଆପଣଙ୍କୁ ଆପଣଙ୍କ ନିଜସ୍ୱ ବର୍ଗରେ ରଖିବ। ଏହି ନବ ବର୍ଷ ଆପଣଙ୍କ ଜୁଏଲାରୀକୁ ଏଭଳି ଏକ ଫିନିଶିଂ ସ୍ପର୍ଶ ଦେଉ, ଯାହା ଆପଣଙ୍କୁ ଉଭୟ ବୃତ୍ତିଗତ ଓ ବ୍ୟକ୍ତିଗତ ସ୍ତରରେ ଭିନ୍ନ ଭାବରେ ଅବସ୍ଥାପିତ କରିବ। ମେନ୍ ଅଫ ପ୍ଲାଟିନମ୍‌ର ଅଧୁନାତମ କଲେକ୍ସନ ନେକ୍‌ୱିଅର, ରିଷ୍ଟୱିଅର ଏବଂ ରିଙ୍ଗ ଆଦିର ବିବିଧ ପିସ୍ ଯୋଗାଇ ଦେଉଛି ଯାହା ପୁରୁଷଙ୍କ ଜୁଏଲାରୀରେ ବୈଶ୍ୱିକ ଧାରାରୁ ପ୍ରେରଣା ଲାଭ କରୁଛି। ୯୫% ଶୁଦ୍ଧ ଏବଂ ବିରଳ ପ୍ଲାଟିନମ୍‌ରୁ ନିଖୁଣ ଭାବରେ ତିଆରି ପ୍ରତିଟି ଡିଜାଇନକୁ ବହୁବିଧ ପୋଷାକ ସହିତ ପରିଧାନ କରାଯାଇପାରିବ ଏବଂ ବହୁ ଉପାୟରେ ଷ୍ଟାଇଲ କରାଯାଇପାରିବ। ଏ ସମ୍ପର୍କରେ ପିଜିଆଇ ଇଣ୍ଡିଆର ବିଜିନେସ୍ ଡାଇରେକ୍ଟର ପଲ୍ଲବୀ ଶର୍ମା କହିଛନ୍ତି, ୨୦୨୪ରେ ପୁରୁଷ ଜୁଏଲାରୀ ଦୃଶ୍ୟପଟ୍ଟର ଧାରା ପାରମ୍ପରିକ ପରିସୀମାର ଊର୍ଦ୍ଧ୍ୱକୁ ଉତ୍‌ଥିତ ହେଉଛି, ଏହା ଏକ ସାଦା ବିବାହକାଳୀନ ବ୍ୟାଣ୍ଡ ଅଥବା ଘଣ୍ଟାର ସରହଦରୁ ଊର୍ଦ୍ଧ୍ୱ ପରିବ୍ୟାପ୍ତ ହେଉଛି।

## ଲେକ୍ଟ୍ରିକ୍ସ ଇଭି ପକ୍ଷରୁ ୨ଡବ୍ଲ୍ୟୁ ଇଭିର ଶୁଭାରମ୍ଭ

**ଭୁବନେଶ୍ୱର,୧୨।୨(ସମିସ):** ଇଭି ସେଗମେଣ୍ଟରେ ଶୀର୍ଷ ୧୦ଟି ଓଇଏମ୍ ମଧ୍ୟରୁ ଅନ୍ୟତମ ଲେକ୍ଟ୍ରିକ୍ସ ଇଭି ପକ୍ଷରୁ ୭୯,୯୯୯ ଟଙ୍କାର ଏଲ୍‌ଏକ୍ସଏସ୍୨.୦ର ଉନ୍ମୋଚନ କରାଯାଇଛି। ଏହା ୨.୩ କେଡବ୍ଲ୍ୟୁ ବ୍ୟାଟେରୀରେ ୯୮ କିମିର ଏକ ରେଞ୍ଜ ଏବଂ ୧.୨୫ଏଲ୍ କିମି ସହ ଅତୁଳନୀୟ ଗୁଣବତ୍ତା ସହିତ ଆସୁଛି। ଏଲ୍‌ଏକ୍ସଏସ୍ ୨.୦ ହେଉଛି ୨ଡବ୍ଲ୍ୟୁ ବର୍ଗରେ ଏକମାତ୍ର ଇଭି ଯାହା ଉପଭୋକ୍ତାଙ୍କ ପାଇଁ ୩ଟି ପ୍ରମୁଖ ସମସ୍ୟାର ସମାଧାନ କରୁଛି। ଏଥିରେ ସଠିକ୍ ରେଞ୍ଜ୍, ସଠିକ୍ ଗୁଣବତ୍ତା ଓ ସଠିକ ମୂଲ୍ୟ ରହିଛି। ଏଲ୍‌ଏକ୍ସଏସ୍ ୨.୦ ଚମତ୍କାର ପ୍ରତିକ୍ରିୟା ସହ ନିଜର ବୁକିଙ୍ଗ୍ ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ଏହାର ୧୦,୦୦୦ ୟୁନିଟ୍ ବିକ୍ରି ହୋଇସାରିଛି। ଏହାର ପ୍ରିବୁକିଙ୍ଗ୍ ଖୋଲା ରହିଥିବା ବେଳେ ଡେଲିଭରି ଆସନ୍ତା ମାର୍ଚ୍ଚ ୨୦୨୪ରୁ ଆରମ୍ଭ ହେବ। ଏହି ନୂଆ ଇଭି ସମ୍ପର୍କରେ ଏସ୍‌ଏଆର୍ ଇଲେକ୍ଟ୍ରିକ୍ ମୋବିଲିଟିର ଏମ୍ଡି ଓ ସିଇଓ କେ ବିଜୟ କୁମାର କହିଛନ୍ତି, ଏହା ହେଉଛି ୭୯,୯୯୯ ଟଙ୍କା ମୂଲ୍ୟରେ ୨.୩ କେଡବ୍ଲ୍ୟୁ ବ୍ୟାଟେରୀରେ ୯୮ କିମି ରେଞ୍ଜ୍ ସହିତ ଉପଲବ୍ଧ ହେଉଥିବା ଏକମାତ୍ର ୨ଡବ୍ଲ୍ୟୁ ଇଭି।



## ସ୍କିଲ୍ ଇଣ୍ଡିଆରୁ ସଫଳ ଛତୁ ଚାଷୀ ଲକ୍ଷ୍ମୀପ୍ରିୟା

ଭୁବନେଶ୍ୱର,୧୨।୨(ସମିସ): ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ (ଏମଏସଡିଏ) ଅଧୀନରେ ଥିବା ଜାତୀୟ ଦକ୍ଷତା ବିକାଶ ନିଗମ ବିଭିନ୍ନ ଶିଳ୍ପରେ ମହିଳା ସଶକ୍ତିକରଣ ଦିଗରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛି। ସ୍କିଲ୍ ଇଣ୍ଡିଆ ମିଶନ୍ ଜରିଆରେ ୧.୪କୋଟି ମହିଳାଙ୍କୁ ତାଲିମ ଦିଆଯାଇଛି। ଏହି ପରିବର୍ତ୍ତନଶୀଳ ଯାତ୍ରାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଢ଼େଙ୍କାନାଳ ଜିଲ୍ଲାର ଜଗନ୍ନାଥପୁରର ଲକ୍ଷ୍ମୀପ୍ରିୟା ସାହୁ। ଲକ୍ଷ୍ମୀପ୍ରିୟା ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର (ପିଏମକେକେ)ରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ଛତୁ ଚାଷ ଉଦ୍ୟୋଗୀ ପାଠ୍ୟକ୍ରମରେ ନାମ ଲେଖାଇ ଛତୁ ଚାଷ ଉପରେ ତାଲିମ ନେଇଥିଲେ। ଏହା ତାଙ୍କର ବୈଷୟିକ କୌଶଳକୁ ବଢ଼ାଇବା ସହ ପ୍ରଭାବଶାଳୀ ଉତ୍ପାଦ ମାର୍କେଟିଂ ବିଷୟରେ ଜ୍ଞାନ ଦେଇଥିଲା। ଜଣେ ସଫଳ ଉଦ୍ୟୋଗୀ ଭାବରେ ସେ ଛତୁ ଚାଷ ବ୍ୟବସାୟ କରି ପରିବାର ଚଳାଇବା ସହ ଜୈବିକ ପୁଷ୍ଟିକର ଖାଦ୍ୟ ଯୋଗାଇ ସମାଜକୁ ଯୋଗଦାନ ଦେଉଛନ୍ତି। ତାଙ୍କ ଯାତ୍ରା ମହିଳା ସଶକ୍ତିକରଣର ଏକ ଉଦାହରଣ, ଯେଉଁଥିରେ ଦକ୍ଷତା ବିକାଶ କିପରି ପ୍ରତିବନ୍ଧକକୁ ଭାଙ୍ଗିପାରିବ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବାଟ ଖୋଲିବ ତାହା ଦେଖାଯାଇଛି।




**୫୨୩ ପଏଣ୍ଟ ଖସିଲା ସେନସେକ୍ସ**

# ନିବେଶକଙ୍କ ୭ ଲକ୍ଷ କୋଟି ସ୍ୱାହା

ମୁମ୍ବଇ,୧୨।୨(ଏଜେନ୍ସି)

ଖସିଛି ଘରୋଇ ପୁଞ୍ଜିବଜାର। ବଜାର କାରବାରରେ ଲାଗି ରହିଥିବା ଉତ୍ସାହ ଧାରା ଆଉ ନାହିଁ। ସପ୍ତାହର ପ୍ରଥମ କାରବାର ଦିନରେ ଧରାଶାୟୀ ହୋଇଛି ସେୟାର ବଜାର। ବିଭିନ୍ନ ବୈଶ୍ୱିକ କାରଣ ଯୋଗୁ ପୁଞ୍ଜି ବଜାର ନିମ୍ନଗାମୀ ହୋଇଛି। ସୋମବାର କାରବାର ମଧ୍ୟରେ ସେନସେକ୍ସରେ ୫୨୩ ପଏଣ୍ଟ ଓ ନିଫ୍ଟିରେ ୧୭୦ ପଏଣ୍ଟ ହ୍ରାସ ଘଟିଛି। ଆଜିର କାରବାରରେ ନିଫ୍ଟି ୫୦ ଏକ ପ୍ରତିଶତରୁ ଅଧିକ ତଳକୁ ଖସିଥିଲା। ଆଜି ମିଡକ୍ୟାପ୍ ଏବଂ ସ୍ମଲକ୍ୟାପ ସେୟାର ମଧ ବେଶ ଚାପରେ ରହିଥିଲା। ଆଇଟି ଏବଂ ଫାର୍ମା ସେୟାର କିଛି ସମୟ ଯାଏ ବଜାର କାରବାରକୁ ସମ୍ଭାଳିବାକୁ ପ୍ରୟାସ କରିଥିଲେ, କିନ୍ତୁ କିଛି ସଫଳ ମିଳିପାରି ନ ଥିଲା। ସବୁଆଡ଼େ ବିକ୍ରିର ଚାପରେ ଆଜି ବିଏସଇରେ ଲିଷ୍ଟିଂ କମ୍ପାନିଗୀଡିକର ବଜାର ପୁଞ୍ଜିରେ ୭.୫୧ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି।



ଦିନର କାରବାର ଶେଷରେ ନିଫ୍ଟିରେ ୧୭୦.୦୫ ପଏଣ୍ଟ ବା ୦.୭୮% ହ୍ରାସ ଘଟି ୨୧୬୧୬.୦୫ ପଏଣ୍ଟ ଏବଂ ସେନସେକ୍ସ ୫୨୩ ପଏଣ୍ଟ ବା ୦.୭୩% ହ୍ରାସ ଘଟି ୭୧୦୭୨.୪୯ ସ୍ତରରେ ବନ୍ଦ ହୋଇଛି। ନିଫ୍ଟିର କେବଳ ଆଇଟି ଏବଂ ଫାର୍ମା ସୂଚକାଙ୍କରେ ବୃଦ୍ଧି ଦେଖିବାକୁ ମିଳିଛି। ନିଫ୍ଟି ବ୍ୟାଙ୍କ ସେୟାରେରୋ ୧.୬୫% ହ୍ରାସ ହୋଇଛି। ଫଳରେ ଆଜି ଗୋଟିଏ ଦିନରେ ଆଜି ନିବେଶକମାନେ ୭.୫୧ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

## ଖୁଚୁରା ମୁଦ୍ରାସ୍ଫୀତି ୫.୧୦%କୁ ହ୍ରାସ

ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ଗତ ଜାନୁଆରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ହୋଇ ୫.୧୦% ରହିଛି, ଯାହା ଗତବର୍ଷ ଡିସେମ୍ବରରେ ୫.୬୯ ପ୍ରତିଶତ ରହିଥିଲା। ତେବେ ବଜାରରେ ସାମଗ୍ରୀର ଦରଦାମରେ ସେତେଟା ବଡ଼ ପରିବର୍ତ୍ତନ ହୋଇନାହିଁ। ଡିସେମ୍ବର ୨୦୨୩ ତୁଳନାରେ ଜାନୁଆରୀ ୨୦୨୪ରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ମଧ ହ୍ରାସ ପାଇଛି। ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୩୦ ପ୍ରତିଶତ ହୋଇଛି, ଯାହା ଡିସେମ୍ବର ୨୦୨୩ରେ ୯.୫୩ ପ୍ରତିଶତ ରହିଥିଲା। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ସୋମବାର(ଫେବ୍ରୁଆରୀ ୧୨) ଏହି ତଥ୍ୟ ଜାରି କରାଯାଇଛି। ମହଙ୍ଗା ସ୍ଥିତି ଯଦିଓ ସାମାନ୍ୟ ହ୍ରାସ ପାଇଛି, ହେଲେ ପନିପରିବାର ଉପରେ ଦରବୃଦ୍ଧି ଏବେ ବି ଚିନ୍ତାର କାରଣ ପାଲଟିଛି।

